ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, August 30/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 275 | ମୂଲ୍ୟ ₹୭/-



## ସ୍ୱପ୍ତିଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର ମହିଳା ସାଇକ୍ଲିଷ୍ଟ ସ୍ୱପ୍ତି ସିଂ ଚଳିତ ବର୍ଷର ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି।

୧୪

୧୩

## ମିସ୍ ଦିଭା ୟୁନିଭର୍ସ ଚଣ୍ଡିଗଡ଼ର 'ଶ୍ୱେତା'

ଚଣ୍ଡିଗଡ଼ର ଝିଅ ୨୨ ବର୍ଷୀୟା ଶ୍ୱେତା ଶ୍ରଦ୍ଧା ମିସ୍ ଦିଭା ୟୁନିଭର୍ସ ୨୦୨୩ ବ୍ୟୁଟି ପିଜାଣ୍ଟର ବିଜେତା ହୋଇଛନ୍ତି।



# ଚାଇନା ମାନଚିତ୍ରରେ ଅରୁଣାଚଳ, ଅକ୍ସାଇ ଚୀନ

**ଆସନ୍ତା ୮ରୁ ୧୦ ତାରିଖ ଯାଏ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି ଜି୨୦ ସମ୍ମିଳନୀ। ଏଥିରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଚାଇନା ଚିରାଚରିତ ଭାବେ ଔଦ୍ଧତ୍ୟ ଦେଖାଇଛି। ଭାରତର ଅରୁଣାଚଳ ପ୍ରଦେଶ ଏବଂ ଲଦାଖର ଅକ୍ସାଇ ଚୀନକୁ ଚାଇନା ନିଜର ଭୂଖଣ୍ଡ ଦର୍ଶାଇ ସୋମବାର ନୂଆ ମ୍ୟାପ ଜାରି କରିଛି। ଏହାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଉଥିବାବେଳେ ବେଜିଂ ଜି୨୦ ସମ୍ମିଳନୀ ପୂର୍ବରୁ ନୂଆଦିଲ୍ଲୀକୁ ଏକପ୍ରକାର ଚ୍ୟାଲେଞ୍ଜ ଦେଇଛି।**

ବେଜିଂ/ନୂଆଦିଲ୍ଲୀ,୨୯।୮

ଚାଇନା ସୋମବାର ଆନୁଷ୍ଠାନିକ ଭାବେ ଏହାର 'ଷ୍ଟାଣ୍ଡାର୍ଡ ମ୍ୟାପ୍' ୨୦୨୩ ସଂସ୍କରଣ ଜାରି କରିଛି। ଏଥିରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇକୁ ନିଜ ଭୂଖଣ୍ଡର ଅଂଶ ବୋଲି ଦାବି କରିଛି। ୧୯୬୨ରେ ଦଖଲ କରିଥିବା ଅକ୍ସାଇ ଚୀନକୁ ମଧ୍ୟ ବେଜିଂ ଚାଇନା ଭୂଖଣ୍ଡରେ ଥିବା ଦର୍ଶାଇଛି। କେବଳ ଏତିକି ନୁହେଁ, ତାଇୱାନ ଓ ବିବାଦୀୟ ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)କୁ ମଧ୍ୟ ଏହି ମାନଚିତ୍ରରେ ସ୍ଥାନିତ କରାଯାଇଛି। ଏସ୍‌ସିଏସ୍‌ର ବିସ୍ତୃତ ଜଳରାଶି ମଧ୍ୟରୁ କିଛି ଅଂଶ ଉପରେ ଭିଏତ୍‌ନାମ, ଫିଲିପାଇନ୍ସ, ମାଲେସିଆ, ବ୍ରୁନେଇ ନିଜ ଅଧିକାର ଦାବି କରୁଥିବାବେଳେ ଚାଇନା ଏହାକୁ ନିଜ ମ୍ୟାପ୍‌ରେ ଅନ୍ତର୍ଭୁକ୍ତ କରିବା ନୂଆ ବିବାଦକୁ ଜନ୍ମ ଦେଇଛି।

ଚାଇନା ସୀମା ସଂଲଗ୍ନ ଦେଶଗୁଡ଼ିକଠାରୁ ଅଧିକ ରାଷ୍ଟ୍ର ସହ ଏହାର ସୀମା ବିବାଦ ଲାଗି ରହିଛି। ଚାଇନା କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ତଥା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିଜ ଭୂଖଣ୍ଡକୁ ବଢ଼ାଇବା ପାଇଁ ସବୁବେଳେ ଚାଲାକି କରି ଅନ୍ୟ ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ଜାଗା ମାଡ଼ିବସିଥାଆନ୍ତି। ଅଧିକ ଅଞ୍ଚଳ ଉପରେ ନିଜ କର୍ତ୍ତୃତ୍ୱ ଜାହିର କରିବା ପାଇଁ ବିସ୍ତାରବାଦୀ ବେଜିଂ ସମସ୍ତ ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ କରିଆସିଛି। ଏହି କ୍ରମରେ ଚାଇନା ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶ ଉପରେ କର୍ତ୍ତୃତ୍ୱ ଜାହିର କରିଛି। ଗତ ଏପ୍ରିଲରେ ବେଜିଂ ଅରୁଣାଚଳ ପ୍ରଦେଶକୁ 'ଦକ୍ଷିଣ ଚାଇନା' ରୂପେ ଅଭିହିତ କରି ଏକତରଫା ଭାବେ ସେଠାକାର ଗିରିଶୃଙ୍ଗ, ନଦୀ ଓ ଆବାସିକ ଅଞ୍ଚଳ ସମେତ ୧୧ଟି ସ୍ଥାନର ନୂଆ ନାମକରଣ କରିଥିଲା। ଚାଇନା ପ୍ରଥମ ଥର ପାଇଁ ଏଭଳି କୌଶଳ ଆପଣାଇନାହିଁ। ପୂର୍ବରୁ ୨୦୧୭ ଓ ୨୦୨୧ରେ ମଧ୍ୟ ଚାଇନାର ନାଗରିକ ବ୍ୟାପାର ମନ୍ତ୍ରଣାଳୟ ଭାରତର ଅନ୍ୟ କେତେକ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲା। ଏହାକୁ ନେଇ ବେଜିଂ ଓ ନୂଆଦିଲ୍ଲୀ ମୁହାଁମୁହିଁ ହୋଇଥିଲେ।

ପ୍ରକାଶ ଯେ, ଚାଇନାର ସର୍ଭେଇଙ୍ଗ୍ ଆଣ୍ଡ ମ୍ୟାପିଙ୍ଗ୍ ପବ୍ଲିସିଟି ଡେ' ଏବଂ ନ୍ୟାଶନାଲ ମ୍ୟାପିଙ୍ଗ୍ ଆୱାରନେସ୍ ପବ୍ଲିସିଟି ୱିକ୍ ସୋମବାର ଝେଜିଆଙ୍ଗ୍ ପ୍ରଦେଶର ଡେକିଙ୍ଗ୍ କାଉଣ୍ଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ☞ପୃଷ୍ଠା-୪



ଚାଇନା ପକ୍ଷରୁ ଜାରି ହୋଇଥିବା ନୂଆ ମ୍ୟାପ୍।

### ଏଭଳି ମ୍ୟାପ୍ ଜାରି କରିବା ଚାଇନାର ପୁରୁଣା ଅଭ୍ୟାସ: ଜୟଶଙ୍କର

ଚାଇନା ପକ୍ଷରୁ ଜାରି ନୂଆ ମାନଚିତ୍ରରେ ଭାରତୀୟ ଭୂଖଣ୍ଡକୁ ନିଜର ଦାବି କରିବା ବିଷୟକୁ ମଙ୍ଗଳବାର ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଏଭଳି ମ୍ୟାପ୍ ଜାରି କରିବା ଚାଇନାର ପୁରୁଣା ଅଭ୍ୟାସ। ଅନ୍ୟ ଦେଶଗୁଡ଼ିକର ଭୂଖଣ୍ଡକୁ ନିଜ ମାନଚିତ୍ରରେ ସାମିଲ କରିଦେଲେ ତାହା ଚାଇନାର ହୋଇଯିବ ନାହିଁ। ଆମ ଦେଶର ଅଞ୍ଚଳକୁ ନେଇ ଆମ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ରହିଛି। ନିକଟରେ ଦକ୍ଷିଣର ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପରସ୍ପରକୁ ଭେଟିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ଆଗରେ ମୋଦି ଭାରତ-ଚାଇନା ସୀମାନ୍ତ ୱେଷ୍ଟର୍ନ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଅମୀମାଂସୀତ ବିବାଦ ପ୍ରସଙ୍ଗ ଉଠାଇଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବାକୁ ହେଲେ ଏଲ୍‌ଏସିରୁ ଯୁଦ୍ଧକାଳୀନ ଭିତ୍ତିରେ ସୈନ୍ୟ ପ୍ରତ୍ୟାହାର ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ଏହାସତ୍ତ୍ୱେ ଚାଇନା ନୂଆ ମାନଚିତ୍ର ଜାରି କରି ବିବାଦୀୟ ସ୍ଥିତି ଉପୁଜାଇବା ଦୁର୍ଭାଗ୍ୟଜନକ ବୋଲି ଜୟଶଙ୍କର କହିଛନ୍ତି।

## ୫ରୁ ୧୮ ବର୍ଷର ପିଲା ପାଇବେ ବିଏସ୍‌କେୱାଇ ଚିକିତ୍ସା ସେବା

ଭୁବନେଶ୍ୱର, ୨୯।୮(ଅସମାପିକା ସାହୁ)

ଏଣିକି ୫ରୁ ୧୮ବର୍ଷ ବୟସର ପିଲାମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡରେ ଚିକିତ୍ସା ସେବା ପାଇପାରିବେ। ରାଶନ କାର୍ଡରେ ନାଁ ନ ଥିଲେ ମଧ୍ୟ ସେମାନେ ଚିକିତ୍ସାରୁ ବଞ୍ଚିତ ହେବେନାହିଁ। ଯେଉଁମାନଙ୍କର ନାଁ ଏନ୍‌ଏଫ୍‌ଏସ୍‌ଏ/ଏସ୍‌ଏଫ୍‌ଏସ୍‌ଏସ୍ ଡାଟାବେସ୍‌ରେ ନାହିଁ, ସେମାନଙ୍କ ଚିକିତ୍ସା ମଧ୍ୟ ସୁରୁଖୁରୁରେ ହୋଇପାରିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ମଙ୍ଗଳବାର ବିଏସ୍‌କେୱାଇ ସହ ଜଡ଼ିତ ହୋଇଥିବା ସମସ୍ତ ହସ୍ପିଟାଲକୁ ଚିଠି ଲେଖି ଅବଗତ କରାଇଛନ୍ତି। ଉପଯୁକ୍ତ ତଥ୍ୟ ପ୍ରଦାନ କରି ଅଭିଭାବକମାନେ ନିଜ ପିଲାଙ୍କ ନାଁ ସାମିଲ କରିପାରିବେ। ଗତ କିଛିଦିନ ହେବ ଏଭଳି ସମସ୍ୟା ଦେଖାଦେଇଥିବା ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଥିଲା। ପିଲାଙ୍କ ନାମ ରାଶନ କାର୍ଡରେ ପଞ୍ଜୀକୃତ ହୋଇ ନ ଥିବାରୁ ବିଏସ୍‌କେୱାଇରେ ଚିକିତ୍ସା ସେବା ମିଳିପାରୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ରୁ ୧୮ବର୍ଷ ବୟସର ପିଲାଙ୍କୁ ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ କରିଛନ୍ତି। ଏଣିକି ଏହି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କୋଟାରେ ଚାପ

# ୨୦୦ ଟଙ୍କା ଶସ୍ତା ହେଲା ଏଲ୍‌ପିଜି

ନୂଆଦିଲ୍ଲୀ, ୨୯।୮



ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପ୍ରତି ଦର ୨୦୦ ଟଙ୍କା କମାଇବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଘୋଷଣା କରିଛନ୍ତି। ଆଗକୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଭଳିସ୍ଥଳେ କଂଗ୍ରେସ ଏଲ୍‌ପିଜି ଶସ୍ତାରେ ଯୋଗାଇବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରନ୍ଧନ ଗ୍ୟାସ୍ ଦର ହ୍ରାସ ଲାଗି ନିଷ୍ପତ୍ତି ହୋଇଛି। ଏବେ ଦିଲ୍ଲୀରେ ୧୪.୨ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ୧,୧୦୩ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ବୁଧବାରଠାରୁ ଏହା ୯୦୩ ଟଙ୍କାରେ ମିଳିବ। ଉଜ୍ଜ୍ୱଳା ହିତାଧିକାରୀମାନେ ଏଲ୍‌ପିଜି ଉପରେ ୨୦୦ ଟଙ୍କା ସବ୍‌ସିଡି ପାଇଆସୁଥିବାବେଳେ ଏଣିକି ସେମାନେ ୭୦୩ ଟଙ୍କାରେ ଗ୍ୟାସ୍ ପାଇବେ। ଗରିବ ପରିବାରଗୁଡ଼ିକୁ ସହାୟତା ଲକ୍ଷ୍ୟରେ କ୍ୟାବିନେଟ୍ ଉପରୋକ୍ତ ନିଷ୍ପତ୍ତି ନେଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଆଉ ୭୫ ଲକ୍ଷ ସଂଯୋଗ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ମିଶାଇ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ସଂଖ୍ୟା ୧୦.୩୫ କୋଟିରେ ପହଞ୍ଚିବ। ଗତ ଦୁଇବର୍ଷରେ ରନ୍ଧନ ଗ୍ୟାସ୍ ଦର ବହୁତ ବଢ଼ିଥିବାରୁ ଏହା ଏକ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ପାଲଟିଥିଲା। ଦରଦାମ୍ ଆକାଶଛୁଆଁ ହୋଇଥିବାବେଳେ ଏଲ୍‌ପିଜି ଦରବୃଦ୍ଧି ଯୋଗୁ ଗରିବ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କଂଗ୍ରେସ ଅଭିଯୋଗ କରିଆସୁଥିଲା। କର୍ନାଟକ ବିଧାନସଭା ନିର୍ବାଚନବେଳେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ କ୍ଷମତାକୁ ଆସିଥିଲା। ମଧ୍ୟପ୍ରଦେଶରେ ଦଳ କ୍ଷମତାକୁ ଆସିଲେ ୫୦୦ ଟଙ୍କାରେ ଏଲ୍‌ପିଜି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ରାଜସ୍ଥାନରେ ମଧ୍ୟ କଂଗ୍ରେସ ସରକାର ଶସ୍ତାରେ ରନ୍ଧନ ଗ୍ୟାସ ଯୋଗାଉଛନ୍ତି। ତେବେ ଏଲ୍‌ପିଜିଦର ହ୍ରାସକୁ ନିର୍ବାଚନ ସହ ଯୋଡ଼ା ନ ଯାଉ। ଓନମ୍ ଏବଂ ରକ୍ଷାବନ୍ଧନ ଅବସରରେ ଦେଶର ମହିଳାମାନଙ୍କୁ ଏହା ନରେନ୍ଦ୍ର ମୋଦି ସରକାରଙ୍କ ଭେଟି ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ କହିଛନ୍ତି।

## ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମ୍

କଟକ,୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୨ ପ୍ରିଲିମିନାରି ପରୀକ୍ଷା ଆସନ୍ତା ଅକ୍ଟୋବର ୧୫ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଓପିଏସ୍‌ସି ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷାର ବିସ୍ତୃତ ବିବରଣୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ପରୀକ୍ଷାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟକୁ ନିୟମିତ ଭାବେ ଯାଞ୍ଚ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ସରକାରୀ ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ବଢ଼ିଲା

ଭୁବନେଶ୍ୱର, ୨୯।୮(ଅସମାପିକା ସାହୁ)

ସରକାରୀ ମେଡିକାଲ କଲେଜର ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହି ଷ୍ଟାଇପେଣ୍ଡରେ ୫୦ ପ୍ରତିଶତ ବୃଦ୍ଧି କରିଛି ସ୍ୱାସ୍ଥ୍ୟ ବିଭାଗ। ଏହା ତତ୍କାଳ ଲାଗୁ ହେବ। ଏ ନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୧ ଜାନୁୟାରୀରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ହାଉସ ସର୍ଜନମାନେ ଷ୍ଟାଇପେଣ୍ଡ ପାଉଥିଲେ। ପରେ ସେମାନଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସରକାର ଏହାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଅର୍ଥ ବିଭାଗକୁ ମଧ୍ୟ ଅବଗତ କରାଯାଇଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ମାଟ୍ରିକ ପରୀକ୍ଷା-୨୦୨୫ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଅବଧି ବୃଦ୍ଧି

କଟକ,୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ମାଟ୍ରିକ-୨୦୨୫ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ ପାଇଁ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ହୋଇପାରିବ। ସମସ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପଞ୍ଜୀକରଣ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉକି, ଅଗଷ୍ଟ ୧୮ରୁ ୨୮ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ନବମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମାଟ୍ରିକ ପରୀକ୍ଷା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ହୋଇଥିଲା। ☞ପୃଷ୍ଠା-୪

# ଲିପୋପ୍ରୋଟିନ୍(ଏ) ଚିକିତ୍ସା ପାଇଁ ପ୍ରଥମ ଔଷଧ

ଆମଷ୍ଟରଡାମ୍,୨୯।୮

ଲିପୋପ୍ରୋଟିନ୍(ଏ) ହେଉଛି ଅଠାଳିଆ କୋଲେଷ୍ଟରଲର ମୁଖ୍ୟତଃ ଏକ ଆନୁବଂଶିକ ରୂପ। ଏହା ହୃଦ୍‌ରୋଗ ଓ ହୃଦ୍‌ଘାତଜନିତ ବିପଦ ବଢ଼ାଇଥାଏ। ବିଶ୍ୱରେ ପ୍ରଥମ ଥର ପାଇଁ ଲିପୋପ୍ରୋଟିନ୍(ଏ)ର ଚିକିତ୍ସା ଏକ ନୂଆ ଔଷଧରେ କରାଯାଇପାରିବ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଉଚ୍ଚସ୍ତରର ଲିପୋପ୍ରୋଟିନ୍(ଏ) ହେଉଛି ଏଲ୍‌ଡିଏଲ୍ କୋଲେଷ୍ଟରଲ ସହ ସମାନ। ଏହାକୁ ବେଳେବେଳେ ବ୍ୟାଡ୍ କୋଲେଷ୍ଟରଲ କୁହାଯାଇଥାଏ। ଏହା ଅଧିକ ଅଠାଳିଆ ହୋଇଥିବାରୁ ଧମନୀରେ ରକ୍ତ ପ୍ରବାହକୁ ଅବରୋଧ ଆଶଙ୍କା ବଢ଼ାଇଥାଏ। ବିଶ୍ୱରେ ପ୍ରତି ୫ ଜଣରେ ଜଣକଠାରେ ଏହାର ପ୍ରଭାବ ପଡ଼ିଥାଏ, ଯାହାର ଏପର୍ଯ୍ୟନ୍ତ କୌଣସି ଅନୁମୋଦିତ ଚିକିତ୍ସା ଉପଲବ୍ଧ ନ ଥିଲା। ଅଷ୍ଟ୍ରେଲିଆର ମୋନାଶ୍ ୟୁନିଭର୍ସିଟିରେ 'ମୁଭାଲାପ୍ଲିନ୍' ନାମକ ଔଷଧର ପ୍ରଥମ ପରୀକ୍ଷା ମାନବ ଦେହରେ ସଫଳତାର ସହ କରାଯାଇଛି। ଲିପୋପ୍ରୋଟିନ୍(ଏ)ର ଚିକିତ୍ସା ପାଇଁ ଏହା ପ୍ରଥମ ଔଷଧ। ଏହା ଲିପୋପ୍ରୋଟିନ୍(ଏ)ର ସ୍ତରକୁ ସଫଳତାର ସହ ୬୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିବ। ଉକ୍ତ ଔଷଧ ଶରୀରରେ ଲିପୋପ୍ରୋଟିନ୍(ଏ) ସୃଷ୍ଟିକୁ ରୋକିଥାଏ। ଉକ୍ତ ଗବେଷଣାକୁ ଆମଷ୍ଟରଡାମ୍‌ସ୍ଥିତ ☞ପୃଷ୍ଠା-୪

**କୋଲେଷ୍ଟରଲ ଚିକିତ୍ସାରେ ନୂଆ ମୋଡ଼**





## ସଂକ୍ଷେପରେ

### ଇମ୍ରାନ୍‌ଙ୍କ ଦଣ୍ଡାଦେଶ ହାଇକୋର୍ଟରେ ସ୍ଥଗିତ

#### ଜେଲରୁ ବାହାରିବା ପରେ ପୁଣି ଗିରଫ



**ଇସ୍‌ଲାମାବାଦ,୨୯।୮ (ପି.ଟି.):** ତୋଷାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ୩ ବର୍ଷ ଦଣ୍ଡାଦେଶକୁ ମଙ୍ଗଳବାର ଇସ୍‌ଲାମାବାଦ ହାଇକୋର୍ଟ ସ୍ଥଗିତ ରଖିଛନ୍ତି। ଏଥିସହିତ ୧ ଲକ୍ଷ ଟଙ୍କା ସିଓରିଟିବଣ୍ଡ୍ ଦାଖଲ ପରେ ଇମ୍ରାନ୍‌ଙ୍କୁ ଜେଲ୍‌ରୁ ମୁକ୍ତ କରିଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ପାର୍ଟି ମୁଖ୍ୟଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଆମିର ଫାରୁକ୍ ଏବଂ ଜଷ୍ଟିସ ତାରିକ୍ ମହମ୍ମଦ ଜାହାଙ୍ଗୀରଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସୋମବାର ଶୁଣାଣି ପରେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ। ଜିଲା ଅଦାଲତଙ୍କ ରାୟକୁ ସ୍ଥଗିତ ରଖାଯାଇଥିବା ଇମ୍ରାନ୍‌ଙ୍କ ଦଳ ପକ୍ଷରୁ କୁହାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଇମ୍ରାନ୍ ଜାମିନରେ ଜେଲରୁ ବାହାରିବାର କିଛି ସମୟ ପରେ ତାଙ୍କୁ ପୁଣିଥରେ ଗିରଫ କରାଯାଇଛି। ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖାଯିବା ସହ ବୁଧବାର କୋର୍ଟରେ ହାଜର କରାଯିବ। ସିଫର ମାମଲାରେ ତାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଇମ୍ରାନ୍ କ୍ଷମତାରେ ଥିବାବେଳେ ଗୋପନୀୟ କୂଟନୈତିକ ତଥ୍ୟ (ସିଫର)କୁ ରାଜନୈତିକ ଉଦ୍ଦେଶ୍ୟରେ ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା।

### ମଣିପୁର ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

**ଇମ୍ଫାଲ, ୨୯।୮:** ମଣିପୁର ବିଧାନସଭାର ଦିନିକିଆ ଅଧିବେଶନ ମଙ୍ଗଳବାର ଆରମ୍ଭ ହେବାର ଘଣ୍ଟାଏ ମଧ୍ୟରେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଅଧିବେଶନକୁ ୫ ଦିନ ବଢ଼ାଇବା ଦାବିରେ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିଥିଲେ। ରାଜ୍ୟର ଜାତିଆଲ ହିଂସା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ଗୋଟିଏ ଦିନ ଯଥେଷ୍ଟ ନୁହେଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବିଙ୍କ ନେତୃତ୍ୱରେ ବିରୋଧୀ ବିଧାୟକମାନେ ଦାବି କରିଥିଲେ। ୧୦ ଜଣ କୁକି ବିଧାୟକ ଅଧିବେଶନରେ ଯୋଗଦେଇ ନ ଥିଲେ। ମଣିପୁର ଜାତିଆଣ ହିଂସା ଘଟି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବିଧାନସଭା ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ମୃତକମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଆଲୋଚନା ଆରମ୍ଭ କରି ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ହଟ୍ଟଗୋଳ ଲାଗିରହିବାରୁ ବାଚସ୍ପତି ସତ୍ୟବ୍ରତ ସିଂ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।



ରକ୍ଷାବନ୍ଧନ ଅବସରରେ ଜମ୍ମୁ-କଶ୍ମୀରର ପୁଞ୍ଛଠାରେ ସ୍କୁଲ ଛାତ୍ରୀମାନେ ଯବାନଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# କଶ୍ମୀରକୁ କେବେ ଫେରାଇବ ରାଜ୍ୟ ମାନ୍ୟତା

## କେନ୍ଦ୍ରକୁ ସାମ୍ବିଧାନିକ ପୀଠଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୯।୮

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା କେବେ ଫେରାଇବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏଥିସହ ଏ ସଂକ୍ରାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୧ ସୁଦ୍ଧା ଏହା ଉପରେ ବିସ୍ତୃତ ବିବରଣୀ ଦେବାକୁ ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀରକୁ ଏହା ବଳରେ ମିଳିଆସୁଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରିଥିଲେ। ସେବେଠୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇରହିଛି। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୨୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଉକ୍ତ ଆବେଦନଗୁଡ଼ିକର ଶୁଣାଣି ସାମ୍ବିଧାନିକ




ବାମରୁ ଜଷ୍ଟିସ୍ ବି.ଆର୍. ଗଭାଇ, ଜଷ୍ଟିସ୍ ଏସ୍.କେ. କୌଲ, ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତ।

ପୀଠରେ ଚାଲିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠରେ ଏହି ପ୍ରସଙ୍ଗରେ ମଙ୍ଗଳବାର ଥିଲା ଶୁଣାଣିର ଦ୍ୱାଦଶ ଦିନ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା ୨୦୧୯ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାର୍ଲାମେଣ୍ଟରେ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଧେୟକ ଆଗତ ବେଳେ ଦେଇଥିବା ସୂଚନାର ଅବତାରଣା କରିଥିଲେ। ଏସ୍‌ଜି ମେହେଟ୍ଟା କହିଥିଲେ, କଶ୍ମୀରକୁ ରାଜ୍ୟ ମାନ୍ୟତା ଉପଯୁକ୍ତ ସମୟରେ ଫେରାଇ ଦିଆଯିବ। କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ସ୍ଥାୟୀ ନୁହେଁ ବୋଲି ମେହେଟ୍ଟା କହିବା ପରେ ସିଜେଆଇ ସମୟକୁ ନେଇ ପ୍ରଶ୍ନ କରିଥିଲେ, ଏହା କିପରି ଅସ୍ଥାୟୀ? ସରକାର ଜମ୍ମୁ-କଶ୍ମୀରରେ କେବେ ନିର୍ବାଚନ କରାଇବାକୁ ଯାଉଛନ୍ତି? ମେହେଟ୍ଟା କହିଥିଲେ, ଏହି ପ୍ରସଙ୍ଗରେ କେନ୍ଦ୍ରକୁ ପଚାରି ଜଣାଇବେ। ରାଜ୍ୟ ମାନ୍ୟତା ପୁନଃ ଅବସ୍ଥାପିତ କରିବା ପ୍ରକ୍ରିୟା ଚାଲିଛି। ଏହି ପରିପେକ୍ଷୀରେ ସିଜେଆଇ କହିଥିଲେ, କେନ୍ଦ୍ର ଜାତୀୟ ନିରାପତ୍ତା ଆଳରେ ଏକ ରାଜ୍ୟକୁ ଅସ୍ଥାୟୀ କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତିତ କରିପାରିବ କି? କେନ୍ଦ୍ର ପାଖରେ ଯଦି ଏପରି କ୍ଷମତା ରହିଛି, ତେବେ ସରକାର ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ କେନ୍ଦ୍ରଶାସିତ ଅଞ୍ଚଳ କରିଦେବେ, ଯାହାକି ଜଣେ ଆବେଦନକାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଉପତ୍ୟକାରେ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସିଜେଆଇ କହିଥିଲେ।

ପ୍ରକାଶ ଯେ, ୨୦୨୦ ମାର୍ଚ୍ଚରେ ୩୭୦ ଉଚ୍ଛେଦ ପ୍ରସଙ୍ଗ ତାଲିକାଭୁକ୍ତ ହେବା ପରେ ସେତେବେଳର ୫ ଜଣିଆ ସାମ୍ବିଧାନିକ ପୀଠ ଏହାକୁ ୭ ଜଣିଆ ସାମ୍ବିଧାନକ ପୀଠକୁ ପଠାଇବାକୁ ମନା କରିଦେଇଥିଲେ। ଗତ ୨ରେ ଶୀର୍ଷ ଅଦାଲତରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ ହୋଇଥିଲା। ମୂଳ ପ୍ରଶ୍ନ ଥିଲା, ସମ୍ବିଧାନ ପ୍ରଣେତାମାନେ ଅନୁଚ୍ଛେଦ ୩୭୦କୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ରଖିବା ପାଇଁ ପ୍ରଣୟନ କରିଥିଲେ।

# ଚନ୍ଦ୍ରରେ ଉଦ୍‌ଜାନ ସନ୍ଧାନରେ ରୋଭର

ନୂଆଦିଲ୍ଲୀ, ୨୯।୮

ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନରେ ଲାଗିଥିବା ଲେସର-ଇଣ୍ଡ୍ୟୁସ୍‌ଡ୍ ବ୍ରେକ୍‌ଡାଉନ ସ୍ପେକ୍ଟ୍ରୋସ୍କୋପି (ଏଲ୍‌ଆଇବିଏସ୍) ଯନ୍ତ୍ର ଚନ୍ଦ୍ରପୃଷ୍ଠ ଦକ୍ଷିଣ ମେରୁ ନିକଟରେ ଥିବା ଉପାଦାନ ଗଠନର ପ୍ରଥମ ଅନୁଧ୍ୟାନ କରିଛି। ଉକ୍ତ ଅଞ୍ଚଳରେ ଗନ୍ଧକ ରହିଥିବା ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିବା ମଙ୍ଗଳବାର ଇସ୍ରୋ କହିଛି। ଚନ୍ଦ୍ରପୃଷ୍ଠରେ ଆଲୁମିନିୟମ, ଗନ୍ଧକ, କାଲ୍‌ସିୟମ, ଲୌହ, କ୍ରୋମିଅନମ୍ ଏବଂ ଟିଟାନିୟମ ଥିବା ପ୍ରାଥମିକ ଅନୁଧ୍ୟାନର ଗ୍ରାଫିକ୍ସରୁ ଜଣାପଡ଼ିଛି। ଅଧିକ ଅନୁଧ୍ୟାନ ପରେ ମାଙ୍ଗାନିଜ, ସିଲିକନ୍ ଓ ଅମ୍ଳଜାନ ଉପସ୍ଥିତି ସମ୍ପର୍କରେ ଜଣାପଡ଼ିବ।



ଚନ୍ଦ୍ରରେ ଉଦ୍‌ଜାନ ରହିଛି କି ନାହିଁ, ସେନେଇ ଅନୁଧ୍ୟାନ ଜାରିରହିଥିବା ଇସ୍ରୋ କହିଛି। ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟଲ୍ୟାଣ୍ଡିଂ ପରେ ଚନ୍ଦ୍ରୟାନ-୩ ମିଶନ ଇତିମଧ୍ୟରେ ସେଠାରେ ଗୋଟିଏ ସପ୍ତାହ ଅତିକ୍ରମ କରିଛି। ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଥିବାବେଳେ ଦକ୍ଷିଣ ମେରୁରେ ଅବତରଣ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର। ସେଠାରେ ଲ୍ୟାଣ୍ଡର ଏବଂ ରୋଭର ଗୋଟିଏ ଲୁନାର ଡେ' ବା ୧୪ ଦିନ କାର୍ଯ୍ୟ କରିବ।

# ଇନ୍ଦିରା ଗାନ୍ଧୀ ଚନ୍ଦ୍ରକୁ ଯାଇଥିଲେ କହି ମମତା ସମାଲୋଚିତ

କୋଲକାତା, ୨୯।୮

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପରେ ଇସ୍ରୋ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିବା ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୁଲ୍‌ବଶତଃ ପ୍ରଥମ ଭାରତୀୟ ମହାକାଶଚାରୀଙ୍କ ନାଁ ରାକେଶ ଶର୍ମା ବଦଳରେ ଚଳଚ୍ଚିତ୍ର ନିର୍ମାତା ରାକେଶ ରୋଶନ କହି ସମାଲୋଚିତ ହୋଇଥିଲେ। ସୋମବାର ତୃଣମୂଳ କଂଗ୍ରେସ ଛାତ୍ର ପରିଷଦ ପ୍ରତିଷ୍ଠା ଦିବସ ରାଲିକୁ ଉଦ୍‌ବୋଧନ ଦେବାବେଳେ ଟିଏମ୍‌ସି ନେତ୍ରୀ ଆଉ ଏକ ବିଚିତ୍ର ମନ୍ତବ୍ୟ ଦେଇଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚନ୍ଦ୍ରକୁ ଯାଇଥିଲେ ବୋଲି ସେ କହିଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ସରକାର ସମୟରେ ଭାରତର ପ୍ରଥମ ମହାକାଶ ଯାତ୍ରାକୁ ମନେ ପକାଇ ମମତା କହିଥିଲେ, ଯେତେବେଳେ ଇନ୍ଦିରା ଚନ୍ଦ୍ରରେ ପହଞ୍ଚିଲେ ସେତେବେଳେ ରାକେଶଙ୍କୁ ପଚାରିଥିଲେ, ସେଠାରୁ ହିନ୍ଦୁସ୍ଥାନ କିପରି ଦେଖାଯାଉଛି। ରାକେଶ 'ସାରେ ଜହାଁ ସେ ଅଚ୍ଛା' ବୋଲି ଉତ୍ତର ରଖିଥିବା ମମତା କହିଥିଲେ।

## ଦଳିତ ହୋଇଥିବାରୁ ନିର୍ଯାତିତ

### ଜମ୍ମୁ-କଶ୍ମୀର ଆଇଏଏସ୍ ଅଫିସରଙ୍କ ଅଭିଯୋଗ



ଶ୍ରୀନଗର, ୨୯।୮

ଦଳିତ ହୋଇଥିବାରୁ ନିର୍ଯାତନା ଏବଂ ପକ୍ଷପାତର ସମ୍ମୁଖୀନ ହେଉଥିବା ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଜଣେ ବରିଷ୍ଠ ଆଇଏଏସ୍ ଅଫିସର ଅଭିଯୋଗ କରିଛନ୍ତି। ପ୍ରମୁଖ ସଚିବ ଥିବା ୧୯୯୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅଶୋକ ପାର୍ମାର ଗତ ବର୍ଷକ ମଧ୍ୟରେ ୫ ଥର ବଦଳି ହେଲେଣି। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଥିବା ସେ ଅଭିଯୋଗ କରିଥିବାବେଳେ ଏହାର ନିରପେକ୍ଷ ତଦନ୍ତ ଲାଗି ବିରୋଧୀ ଦଳ ଦାବି କରିଛି। ପାର୍ମାର ଜାତୀୟ ଅନୁସୂଚିତ ଜାତି ଆୟୋଗ ନିକଟରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସେ ଜଳଶକ୍ତି ବିଭାଗର ଅନିୟମିତତାର ପର୍ଦ୍ଦାଫାଶ କରିବାରୁ ଜମ୍ମୁ-କଶ୍ମୀର ପ୍ରଶାସନ ତାଙ୍କୁ ନିର୍ଯାତନା ଦେବା ସହ ଧମକ ଦେଉଛି। ସେ ସ୍ୱରାଷ୍ଟ୍ର ସଚିବଙ୍କ ନିକଟରେ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ପ୍ରଶାସନ ତାଙ୍କୁ ମିଛ ଅଭିଯୋଗରେ ଅଭିଯୁକ୍ତ କରିପାରେ ବୋଲି ଆଇଏଏସ୍ ଅଫିସର ଆଶଙ୍କା ବ୍ୟକ୍ତ କରିଛନ୍ତି।

## ସ୍କୁଲରେ ଯୌନ ନିର୍ଯାତନା

### ଯୋଗୀଙ୍କୁ ରକ୍ତରେ ଚିଠି ଲେଖିଲେ ଛାତ୍ରୀ

ଗାଜିଆବାଦ,୨୯।୮

ଉତ୍ତରପ୍ରଦେଶର ଗାଜିଆବାଦ ଅଞ୍ଚଳରେ ଥିବା ଏକ ସ୍କୁଲର ଅଧ୍ୟକ୍ଷ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ଅଧ୍ୟକ୍ଷ ଡ. ରାଜୀବ ପାଣ୍ଡେ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ତାଙ୍କ ଦପ୍ତରକୁ ଡାକିବା ସହ ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କ ଶରୀରକୁ ଛୁଉଁଥିଲେ। ବାରମ୍ବାର ଏଭଳି ଘଟଣା ଘଟିବାରୁ ସେମାନେ ଅଭିଭାବକଙ୍କୁ ଜଣାଇଥିଲେ। ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିବା ସହ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଭାବକମାନେ ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କୁ ତାଗିଦ କରିବାରୁ ସେ ଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ମାଡ଼ ମାରିଥିଲେ। ଅଧ୍ୟକ୍ଷଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଆମକୁ ଥାନାରେ ପ୍ରାୟ ୪ ଘଣ୍ଟା ଧରି ପୋଲିସ ଅଟକ ରଖିଥିଲା ଏବଂ ସ୍କୁଲ କର୍ତ୍ତୃପକ୍ଷ ଆମକୁ ଶ୍ରେଣୀକକ୍ଷରେ ପ୍ରବେଶ କରିବାକୁ ବାରଣ କରିଥିଲେ ବୋଲି ଛାତ୍ରୀମାନେ ଏହି ରକ୍ତଭିଜା ଚିଠିରେ ଲେଖିଛନ୍ତି। ଅଧ୍ୟକ୍ଷ ଜଣକ ଆର୍‌ଏସ୍‌ଏସ୍ ସଦସ୍ୟ ବୋଲି କୁହାଯାଉଛି।

# ବିକାଶ ନିଶାରୁ ଧ୍ୱଂସାଭିମୁଖୀ ହିମାଳୟ

ପ୍ରସ୍ତୁତି: ଜିତେନ୍ଦ୍ର କୁମାର ନାୟକ

ହିମାଳୟ। ଭାରତୀୟ ପରିବେଶ ପରିସଂସ୍ଥାନକୁ ଜାବୁଡ଼ି ଧରିବାରେ ଏହାକୁ ପ୍ରକୃତିର ଏକ ଅନନ୍ୟ ଅବଦାନ ଭାବେ ବିବେଚନା କରାଯାଇଥାଏ। କିନ୍ତୁ ଗତ କିଛି ଦଶନ୍ଧି ହେବ ଏହାର ବକ୍ଷ ବିଦୀର୍ଣ୍ଣ ହେବାରେ ଲାଗିଛି। ବରଫାବୃତ ଏହାର ଶୃଙ୍ଗର ଉଚ୍ଚତା ଦିନକୁ ଦିନ କମୁଛି। ବିକାଶ ନାମରେ ହିମାଳୟ ପାଦଦେଶରେ ନିଆଯାଉଥିବା ପରିବେଶ ପ୍ରତିକୂଳଜନିତ ପଦକ୍ଷେପ ପାହାଡ଼ିଆ ରାଜ୍ୟ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ବ୍ୟାପକ କ୍ଷତି ଘଟାଇ ଚାଲିଛି। କେଉଁଠି ପୋଲ ଭୁଶୁଡ଼ିପଡୁଛି ତ ଅନ୍ୟ କେଉଁଠି ରାସ୍ତା ଧୋଇ ହୋଇଯାଉଛି। ବାଦଲଫଟା ବର୍ଷା ଯୋଗୁ ସୃଷ୍ଟ ବନ୍ୟାରେ ବଡ଼ କୋଠା ନଦୀରେ ଭାସି ଯାଉଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ଏହି ଭଙ୍ଗୁର ପରିବେଶ ଭୂଖଣ୍ଡ ସହ ତାଳଦେଇ ଚାଲିବା ଅପେକ୍ଷା ମଣିଷ ଆକାଂକ୍ଷିତ ବିକାଶମୂଳକ ପ୍ରକଳ୍ପ ଗଢୁଥିବାରୁ ପ୍ରକୃତି ତାହାକୁ ସହିପାରୁ ନାହିଁ। ଉତ୍ତରାଖଣ୍ଡର ଚାମୋଲିରେ ଭୂସ୍ଖଳନ ଓ ଜୋଶୀମଠ ଦବିବା ଏବଂ ହିମାଚଳ ପ୍ରଦେଶର ସଡ଼କରେ ବଡ଼ ଗର୍ତ୍ତ ସୃଷ୍ଟି ହେବା, ଚାରଧାମ ରାସ୍ତାରେ କ୍ରମାଗତ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯିବାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଦେବଭୂମିରେ ଘଟୁଥିବା ବିପର୍ଯ୍ୟୟ ପ୍ରାୟ ନିତିଦିନିଆ ହୋଇଗଲାଣି ।

୨୦୧୬ରେ ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳ ଓ କୁମାଉନ ମଧ୍ୟରେ ୯୦୦ କିଲୋମିଟର ବ୍ୟାପ୍ତ ଦୁଇ ଲେନ୍ ବିଶିଷ୍ଟ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ 'ଚାରଧାମ ମହାମାର୍ଗ ବିକାଶ ପରିଯୋଜନା' କାର୍ଯ୍ୟକାରୀ କରାଯାଇଥିଲା। ଏଥିପାଇଁ ଅନେକ ଲକ୍ଷ ଗଛ ଓ ବହୁ ଜଙ୍ଗଲ ଅଞ୍ଚଳ ବଳିପଡ଼ିଥିଲା। କେବଳ ସେତିକି ନୁହେଁ, ଏହି ଭିତ୍ତିଭୂମି ବିକାଶ କରାଯିବା ବେଳେ ଅନେକ ମଣିଷ ଓ ଜୀବଜନ୍ତୁଙ୍କ ଜୀବନ ମଧ୍ୟ ଯାଇଥିଲା। ଏହି କାର୍ଯ୍ୟ ଯୋଗୁ ଉତ୍ପନ୍ନ ଅନେକ ଟନ୍ ବର୍ଜ୍ୟ ମିଶିଯିବାରୁ ତାହା ଜଳ ଉତ୍ସକୁ ରୋଧି ଦେଇଛି। ବିଡ଼ମ୍ବନାର ବିଷୟ ଯେ, ହିମାଳୟ ଅଞ୍ଚଳରେ ବିକଶିତ ଅନେକ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ (ଇଆଇଏ) ବା ପରିବେଶଗତ ମଞ୍ଜୁରୀକୁ ଅଣଦେଖା କରି ଗଢ଼ିଉଠିଛି। ସେଥିପାଇଁ ଦେବଭୂମିର ଚମ୍ବା, ଶିବପୁରି, ରୁଦ୍ରପ୍ରୟାଗ, ଚାମୋଲି, ଅଗୁଷ୍ଟମୁନି, କର୍ଣ୍ଣପ୍ରୟାଗ ଓ କୁଣ୍ଡ (ସବୁ ଉତ୍ତରାଖଣ୍ଡର)ଏବଂ ଅନ୍ୟାନ୍ୟ ରସାଳ ସବୁଜ ଅଞ୍ଚଳ ଉଭାନ ହେବାରେ ଲାଗିଛି। ଚାରଧାମ ମହାମାର୍ଗ ବିକାଶ ପରିଯୋଜନା ଯୋଗୁ ଲୁଣ୍ଠିତ ପ୍ରକୃତି କୋଳରେ କେବଳ ଭାଗୀରଥି ଇକୋ ସେନ୍‌ସିଟିଭ୍ ଜୋନ୍ (ବିଇଏସ୍‌ଜେଡ୍) ଅକ୍ଷୁଣ୍ଣ ରହିଯାଇଛି। ବିଇଏସ୍‌ଜେଡ୍‌କୁ ଗଙ୍ଗାର ଏକ ପ୍ରାକୃତିକ ପ୍ରବହମାନ ଅଞ୍ଚଳ ଭାବେ ଅଭିହିତ କରାଯାଇ ଏନ୍‌ଭାଇରନ୍‌ମେଣ୍ଟ ପ୍ରୋଟେକ୍‌ଶନ ଆକ୍ଟ-୧୯୮୬ ଅଧୀନରେ ଏହାକୁ ଡିସେମ୍ବର ୨୦୧୨ରେ ସୁରକ୍ଷିତ କ୍ଷେତ୍ର କରାଯାଇଥିଲା।

ବିକାଶ ନାମରେ ପ୍ରକୃତିକୁ ଧ୍ୱଂସ କରିବାର ଯେଉଁ ପଦକ୍ଷେପ ନିଆଯାଉଛି, ତାହା ମଣିଷର ବିନାଶକୁ ଡାକିଆଣୁଛି। ପରିବେଶକୁ କ୍ଷତି ପହଞ୍ଚାଇଲା ଭଳି ସ୍ଥାନ ଦେଇ ସଡ଼କ ଭିତ୍ତିଭୂମି ଉନ୍ନତି କରାଯିବ ନାହିଁ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ କହିଆସିଥାଏ। ହେଲେ ବିନା ଆବଶ୍ୟକତାରେ ରାସ୍ତାଗୁଡ଼ିକୁ ପ୍ରଶସ୍ତ କରାଯିବା ଲାଗି ସମ୍ପୃକ୍ତ ମନ୍ତ୍ରଣାଳୟ ଅନୁମତି ଦେବା ନିଜେ ନିଜ ବିଜ୍ଞପ୍ତିକୁ ଅସ୍ୱୀକାର କଲା ଭଳି ପ୍ରତୀୟମାନ ହେଉଛି। ଏମିତି ଦେଖାଯାଉଛି, ଯେଉଁଠାରେ ରାସ୍ତା ପ୍ରଶସ୍ତୀର ଆବଶ୍ୟକତା ନାହିଁ ସେଠାରେ ବିକାଶ ନାମରେ ଲେନ୍ ସଂଖ୍ୟା ବଢ଼ାଇ ଦିଆଯାଉଛି। ବିଇଏସ୍‌ଜେଡ୍‌ରେ ଡବଲ୍ ଲେନ୍ ରୋଡ୍ କରିବା ଲାଗି ସଡ଼କ ପରିବହନ ମନ୍ତ୍ରଣାଳୟ ପ୍ରଥମେ ଅନୁମତି ଦେଇଥିଲା। କିନ୍ତୁ ଏହି ପ୍ରସ୍ତାବର ଦୁଇ ମାସ ପରେ ସେଥିରେ ପରିବର୍ତ୍ତନ ଆଣିଥିଲା। ଇଏଆଇର ବିନା ଅନୁମତିରେ କିଭଳି ରାସ୍ତା ପ୍ରଶସ୍ତୀକରଣକୁ ଅନୁମତି ଦିଆଯାଉଥିଲା, ତାହା ଏବେ ହିମାଳୟସମ ପ୍ରଶ୍ନବାଚୀ ହୋଇରହିଛି।

ଗଙ୍ଗୋତ୍ରୀ ପୀଠକୁ ଯିବା ଲାଗି ବିଇଏସ୍‌ଜେଡ୍ ବିଜ୍ଞପ୍ତି ଅନୁଯାୟୀ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ ଭିତରେ ରଖାଯାଇଥିଲା। ହେଲେ ମୌସୁମୀ ପୂର୍ବରୁ ଉତ୍ତରାଖଣ୍ଡ ସରକାର ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବାକୁ ଯାଇ ଚାରଧାମ ରାସ୍ତାରେ ଦୈନିକ ୯,୦୦୦ ଯାତ୍ରୀ ଯିବା ଲାଗି ବ୍ୟବସ୍ଥା କରିଦେବା ସାଧାରଣ ନିୟମର ଉଲ୍ଲଂଘନ। ଏଥିରୁ ସ୍ପଷ୍ଟ ବୁଝିହେଉଛି ଯେ, ସରକାର ଅତ୍ୟଧିକ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ନେଇ ଅଧିକ ପର୍ଯ୍ୟଟକଙ୍କ ଯିବାଆସିବା ସକାଶେ ରାସ୍ତାଗୁଡ଼ିକୁ ପ୍ରଶସ୍ତ କରିବା ନିଶାରେ ପଡ଼ିଛନ୍ତି। ସେଥିପାଇଁ ହିମାଳୟର ନରମା ଅଞ୍ଚଳରେ ମଧ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖାଯାଇଛି। ପ୍ରକୃତି ତା'ର କୋପ ଦେଖାଇଥିଲେ ମଧ୍ୟ ଉଭୟ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ସରକାର ପର୍ଯ୍ୟଟନ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ମଧ୍ୟ ଏକ କମିଟି ଗଠନ କରିଛନ୍ତି। କିନ୍ତୁ ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, ଏଭଳି ସୁପାରିସ କାର୍ଯ୍ୟକାରୀ କରାଯିବ ନା ନାହିଁ।

ଗଙ୍ଗା ପୁନରୁଦ୍ଧାର ପାଇଁ ପ୍ରମୁଖ ଆହ୍ୱାନ ଭାବେ ଗଙ୍ଗୋତ୍ରୀ ଗ୍ଲେସିୟରର ସଂରକ୍ଷଣ ନିତାନ୍ତ ଆବଶ୍ୟକ। କାରଣ ଏଠାକାର ହିମବାହ କ୍ଷୀପ୍ର ଗତିରେ ତରଳିବାରେ ଲାଗିଛି। ଅତ୍ୟଧିକ ଯାନବାହନ ଚଳାଚଳ, ଜଙ୍ଗଲ ନିଆଁ, ଅଳନ୍ଧୁମିଶା ଅଙ୍ଗାରକାମ୍ଳ ବୃଦ୍ଧି ଗ୍ଲେସିୟର ଉପରେ ପ୍ରଭାବ ପକାଉଛି। ରାଜନେତା, ଅମଲାତନ୍ତ୍ରୀ ଓ ରିୟଲ ଇଷ୍ଟେଟ୍ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ହିମାଳୟ ଜଙ୍ଗଲ, ନଦୀ ଓ ବାସିନ୍ଦାଙ୍କ କ୍ଷତି ଘଟି ଚାଲିଛି। ଅନ୍ୟପଟେ ତଥାକଥିତ 'ପରିବେଶ ବନାମ ବିକାଶ' ବିତର୍କ ଜାରି ରହିଛି। ବିକାଶ ନାମରେ ଗଢ଼ାଯାଉଥିବା ଭିତ୍ତିଭୂମି ଓ ପ୍ରକଳ୍ପ ସଂଖ୍ୟାକୁ ହ୍ରାସ କରାଯାଇପାରିଲେ ବିନାଶକୁ ରୋକିବାରେ କିଛିଟା ସାମାଧାନର ସୂତ୍ର ବାହାରିପାରନ୍ତା। ଆମେ ଏବେ ଏକ ଜଟିଳ ସ୍ଥିତି ଦେଇ ଗତି କରୁଛେ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତିରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ସହ ମଣିଷ ଦହଗଞ୍ଜ ହୋଇଚାଲିଛି। ଭବିଷ୍ୟତ ବଂଶଧର ଓ ଅନେକ ନିୟୁତ ଲୋକଙ୍କ ଜୀବନରେଖା ପାଲଟିଥିବା ହିମାଳୟ ଅଞ୍ଚଳକୁ ନଷ୍ଟ କରିଦିଆଗଲେ କଦାପି କୌଣସି ବିକାଶ ଘଟିପାରିବ ନାହିଁ। ('ଦି ହିନ୍ଦୁ'ରୁ ସଂଗୃହୀତ ତଥ୍ୟ)



# 'ପରିବାରର ଉନ୍ନତି ହେଲେ ରାଜ୍ୟର ବିକାଶ ସମ୍ଭବ'




ମିଶନ ଶକ୍ତି ସମାବେଶରେ ମହିଳାମାନେ ୫-ଟି ସଚିବଙ୍କୁ ଫୁଲ ପକାଇ ସ୍ୱାଗତ କରୁଛନ୍ତି। ସମାବେଶରେ ଉପସ୍ଥିତ ମିଶନଶକ୍ତିର ସଦସ୍ୟାମାନେ।

## ୫-ଟି ସଚିବଙ୍କ ଯାଜପୁର ଜିଲା ଗସ୍ତ

- ମିଶନ ଶକ୍ତି ଗ୍ରୁପ୍‌ଗୁଡ଼ିକୁ ଗାଡ଼ି ପ୍ରଦାନ କରାଯିବ
- ଯାଜପୁର ଜିଲା ମିଶନ ଶକ୍ତି ମହିଳା ୫୪୦ କୋଟି ଟଙ୍କା ଋଣ ଉଠାଇଛନ୍ତି

ଯାଜପୁର/ଯାଜପୁର ରୋଡ,୨୯।୮ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)

ଘରେ ବାନ୍ଧି ହୋଇ ରହିଥିବା ମହିଳାମାନେ ଘରୁ ପାଦ କାଢି ପାରିଲେ ଓଡ଼ିଶା ଏକ ସଶକ୍ତ ରାଜ୍ୟ ହୋଇ ପାରିବ। ମହିଳାମାନଙ୍କୁ ଆବଶ୍ୟକ ତାଲିମ ନେବାକୁ ପଡ଼ିବ। ମହାଜନ ପାଖକୁ ନ ଯାଇ ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରି ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପଡ଼ିବ। ଏହି କ୍ରମରେ ମହିଳାମାନଙ୍କ ଦ୍ୱାରା ପରିବାରର ଉନ୍ନତି ହେଲେ ରାଜ୍ୟର ବିକାଶ ସମ୍ଭବ ହେବ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚାନ୍ଦମା ଖେଳପଡ଼ିଆରେ ମଙ୍ଗଳବାର ମିଶନ ଶକ୍ତି ସମାବେଶରେ ଯୋଗଦେଇ ୫-ଟି ସଚିବ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେତେବେଳେ ଓଡ଼ିଶାର ଦାୟିତ୍ୱ ନେଇଥିଲେ, ସେତେବେଳେ ମହିଳାମାନଙ୍କ ବିକାଶ କଥା ଚିନ୍ତା କରିଥିଲେ। ତେଣୁ ୨୦୦୧ରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି କାର୍ଯ୍ୟକୁ ହାତକୁ ନେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଏଥିରେ ରାଜ୍ୟରେ ୭୦ ଲକ୍ଷ ମହିଳା ସାମିଲ ଅଛନ୍ତି। ଗତ ଏକ ବର୍ଷରେ ରାଜ୍ୟର ମହିଳାମାନେ ୧୧,୩୦୦ କୋଟି ଟଙ୍କା ବ୍ୟାଙ୍କରୁ ଋଣ ନେଇ ପାରିଛନ୍ତି। ସେଥିମଧ୍ୟରୁ କେବଳ ଯାଜପୁର ଜିଲାର ୭୦ ହଜାର ମିଶନ ଶକ୍ତି ଦଳର ମହିଳା ୫୪୦ କୋଟି ଟଙ୍କା ଋଣ ଉଠାଇଛନ୍ତି। ଏହାବାଦ୍ ମହିଳାମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ଏହି ଋଣ ପରିମାଣ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଲକ୍ଷ୍ୟ ରହିଛି। ମହିଳାମାନଙ୍କୁ ପ୍ରାୟ ପ୍ରତ୍ୟେକ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ୩୨୦ଟି ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୨୬୦ଟି ଗୃହ ମିଶନ ଶକ୍ତିକୁ ହସ୍ତାନ୍ତର ହୋଇଛି। ଏହାସହ ବିଭିନ୍ନ ଗ୍ରାମରେ ପଡ଼ି ରହିଥିବା ପୁରୁଣା ସରକାରୀ ଗୃହଗୁଡ଼ିକୁ ମରାମତି କରି ମିଶନ ଶକ୍ତି ମହିଳାମାନଙ୍କୁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ତେଣୁ ମହିଳାମାନେ ସେଭଳି ଗୃହଗୁଡ଼ିକୁ ଚିହ୍ନଟ କରି ବିଡିଓଙ୍କୁ ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ସେମାନେ ବିଭିନ୍ନ ବ୍ୟବସାୟ କରିବା ସହ ଅଫିସ ଗୃହ ଭାବେ ବ୍ୟବହାର କରିପାରିବେ। ମହିଳାମାନଙ୍କ ପକ୍ଷରୁ ୧୭୦୦ ସ୍କୁଟି ପ୍ରଦାନ କରିବାକୁ ଆବେଦନ ହୋଇଛି। ତେଣୁ ଏନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଯେମିତି ବିଡିଓ, ସିଡିପିଓ ପ୍ରମୁଖଙ୍କ ପାଖରେ ସରକାରୀ ଗାଡ଼ି ରହିଛି ସେଭଳି ଭାବେ ବ୍ଲକସ୍ତରରେ ମିଶନ ଶକ୍ତି ଗ୍ରୁପମାନଙ୍କୁ ଗାଡ଼ି ପ୍ରଦାନ କରଯିବ। ମହିଳାମାନଙ୍କୁ ଲକ୍ଷପତି କରିବାକୁ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ସେହିଭଳି ମିଶନଶକ୍ତିର ସକ୍ରିୟ ମହିଳାମାନଙ୍କୁ ଦରମା ଦେବାର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ମିଶନ ଶକ୍ତିରେ ସଂପୃକ୍ତ ମହିଳା କର୍ମଚାରୀମାନଙ୍କୁ ୬ ମାସ ମ୍ୟାଟରନିଟି ଛୁଟି ଦେବାର ବ୍ୟବସ୍ଥା କରାଯାଇଛି। ଏହି ଛୁଟି ସମୟରେ ସେମାନେ ସମ୍ମାନର ସହ ସମ୍ପୂର୍ଣ୍ଣ ଦରମା ପାଇବେ। ନୂଆ ଓଡ଼ିଶା ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୂଚନା ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନ ସଭାସ୍ଥଳକୁ ପୂର୍ବାହ୍ନ ସାଢେ ୧୦ଟାରେ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ। ପ୍ରଥମେ ସଭାସ୍ଥଳରେ ଉପସ୍ଥିତ ମିଶନ ଶକ୍ତିର ମହିଳାମାନଙ୍କ ନିକଟକୁ ଯାଇ ସେମାନଙ୍କ ସହ ହାତ ମିଳାଇଥିଲେ। ମହିଳାମାନେ ୫-ଟି ସଚିବଙ୍କ ଉପରେ ପୁଷ୍ପ ବୃଷ୍ଟି କରିବା ସହ କେତେଜଣ ମହିଳା ତାଙ୍କ ହାତରେ ରାଖୀ ବାନ୍ଧିଥିଲେ । ଏହାପରେ ସଚିବ ମଞ୍ଚ ଉପରକୁ ଯାଇ ଜୟ ଜଗନ୍ନାଥ ଓ ଜୟ ମା' ବିରଜା କହି ସମସ୍ତଙ୍କୁ ପ୍ରଣାମ ଜଣାଇଥିଲେ । ତାଙ୍କ ବକ୍ତବ୍ୟ ଶେଷରେ ରାଖୀ ବାନ୍ଧିଥିବା ମହିଳାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ଭିନିତ ଅଗ୍ରୱାଲ, କଳିଙ୍ଗନଗର ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସିଲଭାରୀୟସ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ସମେତ ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରାୟ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏହି ସମବେଶରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ରମାନେ '୩ ଏସ୍'କୁ ହାସଲ କରନ୍ତୁ: ଧର୍ମେନ୍ଦ୍ର



### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ

- ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶର ଏକାଡେମିକ ଲିଡର ହେବେ: କୁଳପତି

କୋରାପୁଟ,୨୯।୮ (ଅମିତାଭ ବେହେରା )

କୋରାପୁଟ ଲାଣ୍ଡିଗୁଡା କ୍ୟାମ୍ପସ୍‌ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବିକାଶର '୩ ଏସ୍' ସ୍କିଲ, ସ୍କେଲ ଓ ସ୍ପିଡ୍‌କୁ ହାସଲ କରନ୍ତୁ। ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ ସଫଳତା ହାସଲ ଦିଗରେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ଦକ୍ଷତା ହାସଲ କରିବା, ନୂତନ ସ୍ତରରେ ପହଞ୍ଚିବା ଏବଂ ବିଶ୍ୱ ସହିତ ଦ୍ରୁତ ଗତିରେ ଯିବା ଉଚିତ। ଏହା ହେଲେ ସେମାନେ ଭବିଷ୍ୟତରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ସେ ଆହୁରି କହିଥିଲେ, କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ବାଜରା, ପନିପରିବା ଏବଂ ବିଶେଷ କରି ଏଠାକାର କଫିର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏଠାରେ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱ ବଜାରକୁ ନେବାକୁ ପଡିବ। କୁଇ ଏବଂ ଦେଶିଆ ଭାଷାରେ ଦୁଇଟି ବର୍ଣ୍ଣମାଳା ପ୍ରାଇମର ଆଣିଥିବାରୁ ସେ ସିୟୁଓ ଏବଂ ଏନ୍‌ସିଇଆରଟିର ପ୍ରୟାସକୁ ପ୍ରଶଂସା କରିଥିଲେ। କୋରାପୁଟ ହେଉଛି ଶହୀଦ ଲକ୍ଷ୍ମଣ ନାୟକଙ୍କ ଭୂମି। ପାପଡାହାଣ୍ଡିର ଶହୀଦ ଭୂମିରୁ ମାଟି ସଂଗ୍ରହ କରି କେନ୍ଦ୍ର ସରକାରଙ୍କ ଯୋଜନା ମୋ ମାଟି, ମୋ ଦେଶ ସହ ସାମିଲ ହେବାକୁ ଧର୍ମେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଆହ୍ୱାନ ଦେଇଥିଲେ।

କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏଏମ୍‌ବି ଭାଗଲପୁର ଟିଏମ୍‌ବି ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ବିଭାଷ ଚନ୍ଦ୍ର ଝା ଅଭିଭାଷଣ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍‌ସି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଶାନ୍ତ ମେଶ୍ରାମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

କୁଳପତି ପ୍ରଫେସର ତ୍ରିପାଠୀ ସଭାପତିତ୍ୱ ଅଭିଭାଷଣ ରଖି ୧୪ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇ ଏହାର ସଫଳତା କାମନା କରିଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟରେ କୃଷି, ଜଙ୍ଗଲ ପରିଚାଳନା, ପ୍ରାଣୀ ପାଳନ ଓ ଦୁଗ୍ଧ ଚାଷ କ୍ଷେତ୍ରରେ ୩ଟି ନୂତନ ବିଜ୍ଞାନରେ ସ୍ନାତକ ଏବଂ ଲଜିଷ୍ଟିକ ଓ ଯୋଗାଣ ଶୃଙ୍ଖଳା ପରିଚାଳନାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିଥିବା ନେଇ ସେ ସୂଚନା ଦେଇଥିଲେ। ମାତୃଭାଷାରେ ଅଧ୍ୟୟନ ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ନୁହେଁ, ଆଦିବାସୀ ସଂସ୍କୃତି, ନୂତନ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ସମଗ୍ର ସଂସ୍କୃତିର ପ୍ରତିଷ୍ଠା ଦିବସ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ହିନ୍ଦୀ ଓ ଜାପାନୀ ଭାଷାରେ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଚଳନ କରିବ। ଏହା ଛାତ୍ରୀଛାତ୍ରଙ୍କ ଭାଷା ଦକ୍ଷତାକୁ ସୁଦୃଢ଼ କରିବ ବୋଲି କୁଳପତି ଆଶା ପ୍ରକଟ କରିଥିଲେ ।

ସେହିପରି ଭାଗଲପୁର ଟିଏମ୍‌ବି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଝା 'ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସିୟୁଓର ଭୂମିକା' ଶୀର୍ଷକ ପ୍ରତିଷ୍ଠା ଦିବସର ଅଭିଭାଷଣ ରଖିଥିଲେ । ସେ ଲୋକାଲ ଟୁ ଗ୍ଲୋବାଲ ଏବଂ ଭୋକାଲ ଫର ଲୋକାଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସମୟ ଅନୁଯାୟୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଶେଷ କରି ଜିଓ ସ୍ପେସାଲ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେଇଥିଲେ।

ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ଅଧିକାରୀ ପ୍ରଫେସର ଏନ୍‌ସି ପଣ୍ଡା ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏଟ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆସୋସିଏଟ ପ୍ରଫେସର ଡ. ନିର୍ଝରିଣୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ସିୟୁଓ ଏକାଡେମିକ ପରାମର୍ଶଦାତା ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ସମ୍ପାଦିତ ବିଶ୍ୱବିଦ୍ୟାଳୟର 'ବିଜ୍ଞାନ ଓ ସଂସ୍କୃତି' ପତ୍ରିକାର ଦୁଇଟି ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସିୟୁଓର ବରିଷ୍ଠ ପ୍ରଫେସର, ଅଧ୍ୟାପକ, କର୍ମଚାରୀ, ଗବେଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ହାତୀ ନେଲା ୨ ଜଣଙ୍କ ଜୀବନ | ବନ୍ତଲାରେ ମହିଳା, ସାତମାଇଲରେ ପୁରୁଷ ମୃତ

ଅନୁଗୋଳ, ୨୯।୮ (ଅମିତ କୁମାର ସାମଲ)/ ସାତମାଇଲ (ସୁଶାନ୍ତ ପତି)

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ମଙ୍ଗଳବାର ହାତୀ ନେଇଛି ୨ ଜଣଙ୍କ ଜୀବନ। ମୃତକ ହେଲେ ବନ୍ତଲା ତଳଗଡ଼ ଗ୍ରାମର ସୁଲୋଚନା ବିଶ୍ୱାଳ(୫୩) ଓ ଏହି ରେଞ୍ଜ ଅନ୍ତର୍ଗତ ଢେଙ୍କାନାଳ ଜିଲା ଜିଲା ହିନ୍ଦୋଳ ଥାନା ବରଡ଼ାପାଳ ହରିଜନ ସାହିର ଚୈତନ ନାୟକ (୫୫)। ମୃତ ସୁଲୋଚନାଙ୍କ ସ୍ୱାମୀ ଛବୀନ୍ଦ୍ର ବିଶ୍ୱାଳ(୬୦) ମଧ୍ୟ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉପରୋକ୍ତ ୨ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ବନ୍ତଲା ତଳଗଡ଼ର ଛବୀନ୍ଦ୍ର ଓ ସୁଲୋଚନା ସକାଳେ ବାଇଗଣ ଜମିକୁ ଯାଉଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ଉକ୍ତ ଦନ୍ତା ସୁଲୋଚନାଙ୍କୁ ଗୋଡ଼ରେ ଦଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଛବୀନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ଜଣାପଡ଼ିବା ପରେ ତଳଗଡ଼ରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ସୁଲୋଚନାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବିକରି ବନ୍ତଲା ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଖବରପାଇ ଅନୁଗୋଳ ବନଖଣ୍ଡ ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ବନାଞ୍ଚଳ ଅଧିକାରୀ ନୀଳାଦ୍ରୀନାଥ ସାହୁ, ଫରେଷ୍ଟର, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ସାଢ଼େ ୫ଟାରେ ରାସ୍ତା ଅବରୋଧ ହଟିଥିଲା। ସେହିପରି ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ ବରଡ଼ାପାଳ ହରିଜନ ସାହିର ଚୈତନ ନିତ୍ୟକର୍ମ ସାରିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହକୁ ନାଳ ଅପରପାର୍ଶ୍ୱ ଜମିରୁ ଠାବ କରିଥିଲେ। ଖବରପାଇ ହିନ୍ଦୋଳ ବନ ବିଭାଗ ସହ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ହେଁ ଘଟଣା ଘଟିଥିବା ସ୍ଥାନ ବନ୍ତଲା ରେଞ୍ଜ ଅଧୀନରେ ଆସୁଥିବା ଜାଣି ଫେରି ଯାଇଥିଲା। ତେବେ ବନ୍ତଲା ବନ ବିଭଗ ବିଳମ୍ବରେ ପହଞ୍ଚିବାରୁ ବରଡ଼ାପାଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଝାଶୁଝା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## ୧୧ରେ ହାଇକୋର୍ଟରେ ବସିବ ବୈଠକ

### ରାଜ୍ୟରେ ହାତୀ ସୁରକ୍ଷା ମାମଲା

କଟକ ୨୯।୮ (କାର୍ତ୍ତିକ ସାହୁ)

ଆସନ୍ତା ସେପ୍ଟେମ୍ବର ୧୧ରେ ହାଇକୋର୍ଟରେ ହାତୀ ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ରାଜ୍ୟରେ ହାତୀଙ୍କ ସୁରକ୍ଷା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କ'ଣ ସବୁ ଯୋଜନା କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତରେ ଆଲୋଚନା କରାଯିବ। ପ୍ରଶ୍ନ ଉତ୍ତର ମାଧ୍ୟମରେ ସମାଧାନ ବାଟ ବାହାର କରାଯିବ। ହାତୀଙ୍କ ସୁରକ୍ଷା ନିମନ୍ତେ ଗଠିତ ହୋଇଥିବା ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍)ର ସଦସ୍ୟ, ବିଚାରପତି ଓ ଆଇନଜୀବୀ ଉପସ୍ଥିତ ରହିବେ। ହାତୀଙ୍କ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାତୀଙ୍କ ସୁରକ୍ଷା ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ଆବେଦନକାରୀ ଗୀତା ରାଉତ ଓ ଅନ୍ୟମାନେ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଅଦାଲତ ମାମଲାର ଏକତ୍ର ଶୁଣାଣି କରିବା ସହ ହାତୀ ସୁରକ୍ଷା ନେଇ ପ୍ରସ୍ତୁତ କରାଯାଇଥିବା 'ଆକ୍ସନ ପ୍ଲାନ' ଆଧାରରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବା ଲାଗି ଜଏଣ୍ଟ ଟାସ୍କ ଫୋର୍ସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ।


ବୈଦ୍ୟନାଥ
ଘରେ
ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ଔଷଧ



| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ୍, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳା ସମସ୍ୟା | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ:
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097






An Unique Scheme for the Girls
CHANDRIKA SCHOLARSHIP
UPTO 30%* Scholarship on B.Tech(Non CSE), Health Science B.Sc Applied Sc., Diploma, B.Com, B.Sc Animation
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY

**PARAMEDICS & ALLIED HEALTH COURSES :** B.Sc (MLT | MRT | Operation Theatre Technology | Emergency Medicine Technology | Physiotherapy | Optometry | Clinical Microbiology | Anesthesia) | M.Sc (MLT | Optometry | Applied & Clinical Microbiology) | Nursing

**B.TECH COURSES :** Aerospace | Mining | CSE (ML & Data Science, Cloud Tech, Cyber Security, Software Tech, AR/VR, Gaming) | Mechanical (Manufacturing - Conventional, CNC and Additive, Automobile, Welding) | Civil (Aerial Survey and Remote Sensing Applications, Construction Planning Monitoring and Project Management, Architectural and Structural Design) | Electrical & Electronics (Industrial Automation, Operation and Maintenance of Electrical Grid System & Transformers) | ECE (Embedded System and Design, Communication Systems, Chip Design and Fabrication using VLSI) Dairy Technology (Food & Dairy Processing) | Agriculture (Smart Machinery, Food Processing, Soil & Vertical Agriculture) Biotechnology | Phytopharmaceuticals (Nutraceuticals)

**B.SC COURSES :** Forensic Science | Agriculture (Smart Ag, Vertical Ag, Organic Ag, Phytopharma, Food Processing) Fishery Sciences (Aquaculture) | Physics (Laser & New Materials) | Botany (Genetics & Genomics, Nutraceuticals, Smart Ag, Food Processing) | Zoology (Aquaculture)

**OTHER COURSES :** BCA | MCA | B.A.LL.B (Hons.) | BBA. LLB (Hons.) | LLM in Maritime Law | LLM in Commercial Law | BBA | Diploma | B.Com | MBA (Marketing | HR | Finance | Pharmaceutical Mgmt | Agri Business Mgmt | Data Analytics | Rural & Urban Development Mgmt) | M.Sc (Botany | Zoology | Forensic Science | Cyber Security & Digital Forensic | Geoinformatics Genomics | Nutraceuticals) | M.Tech (Data Science | Embedded Systems | Power System & Control Renewable Energy | Structural Engineering | Transportation Eng | Design & Manufacturing) | B.Pharm D.Pharm | M.Pharm (Industrial Pharmacy, Pharmaceutics) | M.Sc Ag | Ph.D

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE

**ଆଜିର ମନ୍ତବ୍ୟ**

"ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ପ୍ରଭାବ ଯୋଗୁ କେନ୍ଦ୍ର ରନ୍ଧନ ଗ୍ୟାସ୍ ମୂଲ୍ୟ ହ୍ରାସ କରିଛି। ମଧ୍ୟପ୍ରଦେଶ ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ଏଲ୍‌ପିଜି ସିଲିଣ୍ଡର ଶସ୍ତା ହେବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଥିବାରୁ ଏହି ପଦକ୍ଷେପ ନିଆଯାଇଛି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ବୋହୂଙ୍କର ଲାଗଇ କଳି;**
**ନିତି ପଡ଼ୁଥାଏ ଘରେ ବୋବାଳି।**

ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ କଳହ ଉପୁଜେ, ସେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ। ଏଭଳି ନଣନ୍ଦ ଭାଉଜଙ୍କ କଳି ଝଗଡ଼ାରେ ପରିବାରର ଅନ୍ୟ ସଦସ୍ୟମାନେ ବ୍ୟତିବ୍ୟସ୍ତ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁମ୍ପାଲଗା ଖୋଳି କାଠି**
**ନ ଦେଖିଲେ ମୁହଁ କରିବେ ଏଡ଼େ**
**ନ ଦେଖିଲେ ଦେବେ କେତେ ଗଞ୍ଜଣା**
**ବୋଲିବେ ନିମୁଣ୍ଡି ଖୁଣ୍ଟି।**

ସାଧାରଣତଃ ବିବାହ ସମୟରେ ବାପଘର ଲୋକେ ଝିଅକୁ ନିଜ ସାଧ ଅନୁଯାୟୀ ଯାନି ଯୌତୁକ ଦେଇ ବିବାହ କରାଇଥାନ୍ତି। ତେବେ ଏଥିରୁ ଟିକେ ଊଣା ହୋଇଗଲେ ବିଚାରୀ ଝିଅଟିକୁ ଶାଶୁଘରେ ନାନା କଥା ଶୁଣିବାକୁ ପଡ଼େ। ବାପଘରୁ ବହୁ ଯାନି ଯୌତୁକ ନ ଆଣିଲେ ଶାଶୁ ଓ ନଣନ୍ଦମାନେ ଖୁଣ୍ଟା ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଉକ୍କେଲାରୁ ଟ୍ରାଏଲ ରନ୍ ସରିଲା



**ଭୁବନେଶ୍ୱର, ୨୯।୮ (ଅସମାପିକା ସାହୁ)**

କଳାହାଣ୍ଡି ଜିଲାର ଉକ୍କେଲା ଏବଂ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ପାଇଁ ମଙ୍ଗଳବାର ଟ୍ରାଏଲ ରନ୍ ସଫଳ ହୋଇଛି। ଆସନ୍ତା ୩୧ ତାରିଖରୁ ଉକ୍କେଲା ବିମାନବନ୍ଦରରୁ ବିମାନ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିବେ। ଇଣ୍ଡିଆୱାନ୍ ଏୟାର ଏହି ବିମାନ ସେବା ଯୋଗାଇବ। ୯ ସିଟ୍ ବିଶିଷ୍ଟ ଏହି ବିମାନରେ ଟିକେଟର ଦାମ୍ ୯୯୯ ଟଙ୍କା ରହିଛି। ଭୁବନେଶ୍ୱରରୁ ସକାଳ ୭ଟା ୧୫ରେ ବିମାନ ବାହାରି ୮ଟା ୨୫ରେ ଉକ୍କେଲାରେ ପହଞ୍ଚିବ। ସେଠାରୁ ପୁଣି ସକାଳ ୮ଟା ୫୦ରେ ବାହାରି ୧୦ଟାରେ ଭୁବନେଶ୍ୱରରେ ପହଞ୍ଚିବ। ସୂଚନାଯୋଗ୍ୟ, ବିମାନ ଚଳାଚଳ ପାଇଁ ଅଗଷ୍ଟ ୭ ତାରିଖରେ ଉକ୍କେଲା ବିମାନବନ୍ଦରକୁ ଡିଜିସିଏ ଅନୁମତି ପ୍ରଦାନ କରିଥିଲା। ଏହା ରାଜ୍ୟର ପଞ୍ଚମ ବିମାନବନ୍ଦର। ଏହା ସପ୍ତାହର ୭ ଦିନ ଯାକ ବିମାନସେବା ଯୋଗାଇବ। ତେବେ ଯାତ୍ରୀଙ୍କ ବୁକିଂ ଉପରେ ଏହା ନିର୍ଭର କରୁଛି।

## ଚାଇନା ମାନଚିତ୍ରରେ...

ପ୍ରଥମ ପୃଷ୍ଠାରୁ...

ପ୍ରାକୃତିକ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଦେଶର ନୂଆ ମାନଚିତ୍ର ଜାରି କରାଯାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ ପ୍ରୋପାଗଣ୍ଡା ବିଭାଗ ଦ୍ୱାରା ପରିଚାଳିତ ଇଂଲିଶ୍ ଖବରକାଗଜ 'ଚାଇନା ଡେଲି'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ମନ୍ତ୍ରଣାଳୟର ଚିଫ୍ ପ୍ଲାନର ୱୁ ୱେନ୍‌ଝୋଙ୍ଗ୍ କହିଛନ୍ତି, ସର୍ବେକ୍ଷଣ, ମାନଚିତ୍ର ପ୍ରସ୍ତୁତି ଓ ଭୌଗୋଳିକ ସୂଚନା ରାଷ୍ଟ୍ରର ବିକାଶକୁ ଗତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହାକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇବା ପରବର୍ତ୍ତୀ ପଦକ୍ଷେପ ହେବ।

### ଅରୁଣାଚଳ, ଅକ୍ସାଇ ଚୀନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ଖାର୍ଗେ

ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଚାଇନା ଏକତରଫା ଭାବେ ନିଜ ମାନଚିତ୍ରରେ ଏହାକୁ ଅନ୍ତର୍ଭୁକ୍ତ କରିବା ବେଆଇନ। ଭାରତ ଆସନ୍ତା ଜି୨୦ ସମ୍ମିଳନୀରେ ଚାଇନାର ଅତିକ୍ରମଣ ପ୍ରସଙ୍ଗ ଉଠାଇ ଏହାର ମୁଖା ଖୋଲିବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କୌଣସି ଏକତରଫା ମ୍ୟାପ ଅରୁଣାଚଳ ଓ ଅକ୍ସାଇ ଚୀନ ଉପରେ ଭାରତର ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ମୋଦି ଭାରତକୁ ସୁରକ୍ଷା ଦେଇ ନ ପାରିଲେ ଇସ୍ତଫା ଦିଅନ୍ତୁ: ସୁବ୍ରମଣ୍ୟମ୍ ସ୍ୱାମୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସ୍ୱୀକାର କରିଆସୁଥିବା ନିଜ 'ମଜବୁରି' ପାଇଁ ଭାରତ ମାତାର ଅଖଣ୍ଡତାକୁ ଯଦି ସୁରକ୍ଷା ଦେଇପାରୁ ନାହାନ୍ତି, ତା'ହେଲେ ସେ ଇସ୍ତଫା ଦେଇ ମାର୍ଗଦର୍ଶନ ମଣ୍ଡଳରେ ସାମିଲ ହୁଅନ୍ତୁ। ଭାରତକୁ ମିଛ ଦ୍ୱାରା ସୁରକ୍ଷିତ ରଖାଯାଇପାରିବ ନାହିଁ। ଭାରତ ଆଉ ଜଣେ ନେହେରୁଙ୍କୁ ବରଦାସ୍ତ କରିପାରିବ ନାହିଁ ବୋଲି ପୂର୍ବତନ ଏମ୍‌ପି ତଥା ବିରାଟ ହିନ୍ଦୁସ୍ଥାନ ସଙ୍ଗମ ଅଧ୍ୟକ୍ଷ ସୁବ୍ରମଣ୍ୟମ ସ୍ୱାମୀ ଏକ୍ସ'ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଅଖଣ୍ଡ ଭାରତର ମାନଚିତ୍ର ସଂଲଗ୍ନ କରିଛନ୍ତି।

## ୫ରୁ ୧୮ ବର୍ଷର ପିଲା...

ବର୍ଗର ପିଲାଙ୍କ ଚିକିତ୍ସାରେ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଉଲ୍ଲେଖଯୋଗ୍ୟ, ୫ବର୍ଷରୁ କମ୍ ବୟସ୍କ ପିଲା ଏହି ଯୋଜନାରେ ପୂର୍ବରୁ ଚିକିତ୍ସା ସେବା ପାଉଛନ୍ତି। ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟ ୧୫ ତାରିଖରେ ବିଏସ୍‌କେୱାଇ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ମହିଳାଙ୍କ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ଲକ୍ଷ ଟଙ୍କା ଚିକିତ୍ସା ଖର୍ଚ୍ଚ ମିଳୁଛି। ବର୍ତ୍ତମାନ ୯୯, ୯୦୦ ପରିବାରର ୩କୋଟି ୫୬ଲକ୍ଷ ହିତାଧିକାରୀଙ୍କ ପାଖରେ ବିଏସ୍‌କେୱାଇ ସ୍ମାର୍ଟକାର୍ଡ ପହଞ୍ଚିଛି।

## ମାଟ୍ରିକ ପରୀକ୍ଷା-୨୦୨୫...

ପ୍ରଧାନଶିକ୍ଷକମାନେ ସ୍କୁଲର ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ସ୍କୁଲର ସମସ୍ତ ତଥ୍ୟ, ଛାତ୍ରୀଛାତ୍ରଙ୍କ ତଥ୍ୟ ଓ ରୋଲ ନମ୍ବର ଆଦି ଦାଖଲ କରି ନାମ ପଞ୍ଜୀକରଣ କରାଇଥିଲେ। ମାତ୍ର ଏହି ସମୟରେ ବହୁ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜିକୃତ ହୋଇପାରି ନ ଥିବାରୁ ଅବଧି ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

## ଲିପୋପ୍ରୋଟିନ୍(ଏ) ଚିକିତ୍ସା...

ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜି କଂଗ୍ରେସରେ ଉପସ୍ଥାପନ କରାଯିବା ସହ ଜେଏଏମ୍‌ଏ (ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ)ରେ ପ୍ରକାଶ ପାଇଛି। ଏହି ଔଷଧ କୋଲେଷ୍ଟେରଲ ଚିକିତ୍ସାରେ ନୂଆ ମୋଡ଼ ଦେବାକୁ ଯାଉଛି। ଏହା ଖାଇବା ଔଷଧ ହୋଇଥିବାରୁ ରୋଗୀଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହେବ ବୋଲି ଅଧ୍ୟୟନର ମୁଖ୍ୟ ତଥା ମୋନାଶ ୟୁନିଭର୍ସିଟିର ଭିକ୍ଟୋରିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ଭିକ୍ଟୋରିଆନ୍ ହାର୍ଟ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଷ୍ଟିଫେନ୍ ନିକୋଲ୍ସ କହିଛନ୍ତି। ଏଲ୍‌ଡିଏଲ୍ କମାଇବା ପାଇଁ ସାଧାରଣ ଭାବେ ଉପଲବ୍ଧ ହେଉଥିବା ଔଷଧ ଲିପୋପ୍ରୋଟିନ୍(ଏ)କୁ ସମାନ ସ୍ତରକୁ ହ୍ରାସ କରିପାରି ନ ଥାଏ। ଆନୁବଂଶିକ ହୋଇଥିବାରୁ ପଥ୍ୟ, ବ୍ୟାୟାମ କିମ୍ବା ଜୀବନ ଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହାକୁ ନିୟନ୍ତ୍ରଣ କରିହୁଏ ନାହିଁ। ୬୦ ବର୍ଷ ପୂର୍ବରୁ ଲିପୋପ୍ରୋଟିନ୍(ଏ) ଠାବ ହୋଇଥିଲେ ମଧ୍ୟ ଏହାକୁ କମାଇବା ନିମନ୍ତେ ଔଷଧ ଏପର୍ଯ୍ୟନ୍ତ ଉପଲବ୍ଧ ନ ଥିଲା।

# ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ୍ ଫ୍ଲେକ୍ସ ଇନ୍ଧନ ଯାନ ଉନ୍ମୋଚିତ

**ନୂଆଦିଲ୍ଲୀ, ୨୯।୮**




ବିଏସ୍-୬ ନିୟମକୁ ଅନୁପାଳନ କରୁଥିବା ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ୍ ଫ୍ଲେକ୍ସ ଫୁଏଲ୍ ଯାନର ମଡେଲକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ମଙ୍ଗଳବାର ଉନ୍ମୋଚନ କରିଛନ୍ତି। ଏହି ନୂଆ ଟୟୋଟା ଇନୋଭା ହାଇକ୍ରସ୍ ୧୦୦ ପ୍ରତିଶତ ଇଥାନୋଲରେ ଚାଲିବ। ବିକଳ୍ପ ଇନ୍ଧନ ଦିଗରେ ଅଗ୍ରସର ହେବା ଓ ବାୟୁ ପ୍ରଦୂଷଣ କମାଇବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏବଂ ମହେନ୍ଦ୍ର ନାଥ ପାଣ୍ଡେ ଉପସ୍ଥିତ ଥିଲେ। ଫ୍ଲେକ୍ସ ଫୁଏଲ୍ ହେଉଛି ଏକ ପ୍ରଯୁକ୍ତି, ଯାହା ଇଞ୍ଜିନ୍‌କୁ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ଇଥାନୋଲ ବ୍ଲେଣ୍ଡେଡ୍ ପେଟ୍ରୋଲରେ ଚାଲିବାକୁ ସକ୍ଷମ କରିଥାଏ। ଏହି ଷ୍ଟ୍ରଙ୍ଗ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଭେହିକ୍‌ଲ (ଏସ୍‌ଏଚ୍‌ଇଭି)ରେ ପେଟ୍ରୋଲ ଇଞ୍ଜିନ୍‌କୁ ବନ୍ଦ କରି ଦୂରତାର ୪୦ % ଏବଂ ସମୟର ୬୦% ଇଲେକ୍ଟ୍ରିକ୍ ମୋଡ୍‌ରେ ଚଳାଯାଇପାରିବ। ୨୦୨୫-୨୬ ସୁଦ୍ଧା ପେଟ୍ରୋଲରେ ଇଥାନୋଲ ବ୍ଲେଣ୍ଡିଂକୁ ୨୦ ପ୍ରତିଶତକୁ ବଢ଼ାଇବା ଲାଗି ଭାରତ ଲକ୍ଷ୍ୟ ରଖିଛି। ଏହାପୂର୍ବରୁ ଉପରୋକ୍ତ ୨୦% ଇଥାନୋଲ ବ୍ଲେଣ୍ଡେଡ୍ ପେଟ୍ରୋଲ ଚାଳିତ ଗାଡ଼ି ଭାରତରେ ଉନ୍ମୋଚିତ କରାଯାଇଛି। ୨୦୧୯ରେ ବ୍ରାଜିଲ ଇଲେକ୍ଟ୍ରିଫାଏଡ୍ ଫ୍ଲେକ୍ସ ଫୁଏଲ୍ ଯାନ ପ୍ରଯୁକ୍ତି ଆପଣାଇଥିଲା। ସେଠାର ଅଙ୍ଗାରକାମ୍ଳ ନିର୍ଗମନ ନିୟମାବଳୀ ଭାରତର ବିଏସ୍-୬ଠାରୁ କମ୍।

# ଆଜିଠୁ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ସମସ୍ତ ରେକ୍‌ରେ ତେଜସ୍ କୋଚ୍

**ଭୁବନେଶ୍ୱର, ୨୯।୮**

ଅଗଷ୍ଟ ୩୦ରୁ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସର ସମସ୍ତ ରେକ୍ ତେଜସ୍ କୋଚ୍ ସହ ଚଳାଚଳ କରିବ। ରାଜଧାନୀ ଏକ୍ସପ୍ରେସରେ ଉନ୍ନତ ଟ୍ରେନ୍ ଯାତ୍ରା ଅଭିଜ୍ଞତା ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି। ଗତ ୧୯ତାରିଖରୁ ରାଜଧାନୀ ଏକ୍ସପ୍ରେସରେ ତେଜସ୍‌ର କିଛି କୋଚ୍ ଲାଗି ଭୁବନେଶ୍ୱର ରେଳ ଷ୍ଟେଶନରୁ ସମ୍ବଲପୁର ମାର୍ଗ ଦେଇ ନିୟମିତ ଚଳାଚଳ କରୁଥିବାବେଳେ ବୁଧବାରଠାରୁ ସମସ୍ତ ରେକ୍ ତେଜସ୍ କୋଚ୍ ସହ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୪ତାରିଖରେ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସକୁ ଭୁବନେଶ୍ୱର ରେଳ ଷ୍ଟେଶନଠାରୁ ତେଜସ୍ କୋଚ ସହ ଚଳାଚଳକୁ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଥିଲେ। ବୁଧବାର ଏବଂ ରବିବାର ଭୁବନେଶ୍ୱରରୁ ଏବଂ ସୋମବାର ଓ ଶୁକ୍ରବାର ନୂଆଦିଲ୍ଲୀରୁ ଛାଡୁଥିବା ୨୨୮୧୧/୨୨୮୧୨ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ତେଜସ୍ କୋଚ୍ ସହିତ ୩୦ ଅଗଷ୍ଟରୁ ଭୁବନେଶ୍ୱର ଠାରୁ ଏବଂ ନୂଆଦିଲ୍ଲୀରୁ ୧ ସେପ୍ଟେମ୍ବରରୁ ଚଳାଚଳ କରିବ।

ସେହିଭଳି ସୋମବାର, ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଭୁବନେଶ୍ୱରରୁ ଛାଡୁଥିବା ଏବଂ ମଙ୍ଗଳବାର, ବୁଧବାର, ଗୁରୁବାର ଏବଂ ରବିବାର ନୂଆଦିଲ୍ଲୀରୁ ଛାଡୁଥିବା ୨୨୮୨୩/୨୨୮୨୪ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ତେଜସ୍ କୋଚ୍ ସହିତ ଉଭୟ ପାର୍ଶ୍ୱରୁ ୩୧ଅଗଷ୍ଟଠାରୁ ଚଳାଚଳ କରିବ। ବର୍ତ୍ତମାନ ଭୁବନେଶ୍ୱରରୁ ସମସ୍ତ ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ ଭାବେ ଚଳାଚଳ କରିବ। ତେଜସ୍ କୋଚ୍‌ଗୁଡ଼ିକରେ ଇଲେକ୍ଟ୍ରୋ-ନିଓମାଟିକ ସହାୟକ ହୋଇଥିବା ବ୍ରେକ୍ ଆଦି ସୁବିଧା ରହିଛି। ଏହା ଯାତ୍ରୀମାନଙ୍କୁ ଉନ୍ନତମାନର ଯାତ୍ରା ଉପଲବ୍ଧି ପ୍ରଦାନ କରାଇବାବେ ବିଶେଷ ସହାୟକ ହେବ।

## ତାଳଚେରରେ ନିର୍ମାଣ କାର୍ଯ୍ୟର ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୯।୮**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ମଙ୍ଗଳବାର ତାଳଚେର ଅଞ୍ଚଳ ପରିଦର୍ଶନ କରି ରେଳ ଭିତ୍ତିଭୂମି ସମ୍ବନ୍ଧୀୟ ସମସ୍ୟାର ସମୀକ୍ଷା ଏବଂ ନିର୍ମାଣ କାର୍ଯ୍ୟଗୁଡିକର ନିରୀକ୍ଷଣ କରିଛନ୍ତି। ଏଥିସହିତ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ନିଶ୍ଚିତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉନ୍ନତ ରେଳ ଚଳାଚଳ ପାଇଁ ତାଳଚେର ଅଞ୍ଚଳର ରେଳ ସାଇଡିଂ ନିରୀକ୍ଷଣ କରିବା ସହ ସହଭାଗୀ ଏବଂ ଶିଳ୍ପସଂସ୍ଥାଗଡ଼ିକ ହିତ ପାଇଁ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଟ୍ରାଫିକ ସୁବିଧା କାର୍ଯ୍ୟ ସମୀକ୍ଷା କରି ମହାପ୍ରବନ୍ଧକ ଏହି ଅଞ୍ଚଳରେ ରେଳ ଚଳାଚଳ କ୍ଷେତ୍ରରେ ବ୍ୟାଘାତ ନ ହେବା ସୁନିଶ୍ଚିତ କରାଇବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ.ଏସ. ବାଜୱା ମଧ୍ୟ ଉପସ୍ଥିତ ଥିଲେ।

# ୫ ଦଫା ଦାବି ନେଇ ରାସ୍ତାରେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର, ୨୯।୮ (ଅନୁରାଧା ମହାରଣା)**




ଲୋୟର ପିଏମ୍‌ଜିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ୫ଦଫା ଦାବି ନେଇ ସୋମବାର ରାଜରାସ୍ତାକୁ ଓହ୍ଲାଇଛି। ରାଜ୍ୟ ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସହସ୍ରାଧିକ ଶିକ୍ଷକ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦରମା ବୃଦ୍ଧି ସହ ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା ୩୦ ହଜାର ଗଣଶିକ୍ଷକଙ୍କୁ ନିୟମିତ କରାଯିବା ଆଦି ୫ଟି ଦାବି ଉପସ୍ଥାପନ କରାଯାଇଛି।

ଇଜିଏସ୍ ଯୋଜନା ବନ୍ଦ ହେବା ପରେ ଛଟେଇ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ରାଜ୍ୟ ସରକାର ୨୦୦୮ ମସିହାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗଣଶିକ୍ଷକ ଭାବେ ନିୟୋଜିତ କରିଥିଲେ। ପରବର୍ତ୍ତୀ ସମୟରେ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଯେଉଁମାନେ ୮ବର୍ଷ ପୂରଣ କରିଥିଲେ, ସେମାନେ ନିୟମିତ ଶିକ୍ଷକ ହେଲେ। ମାତ୍ର ବିଭିନ୍ନ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୩୦ ହଜାର ଗଣଶିକ୍ଷକ ନିୟମିତ ହେବାରୁ ବାଦ୍ ପଡ଼ିଛନ୍ତି। ଗଣଶିକ୍ଷକ ନିୟୋଜିତ ବର୍ଷ ୨୦୦୮ରୁ ୮ବର୍ଷ ଅବଧି ଗଣନା କରାଯାଇଥିବାରୁ ୨୦୧୨ ମସିହାରୁ ଓଡ଼ିଶାରେ ଲାଗୁ କରାଯାଇଥିବା ଓଟିଇଟି ସେମାନଙ୍କ ପାଇଁ ଆବଶ୍ୟକ ନାହିଁ ବୋଲି ସଭାପତି ନାୟକ କହିଛନ୍ତି। ଏଣୁ ଓଟିଇଟି ଉଚ୍ଛେଦ କରି ଯୋଗ୍ୟ ଗଣଶିକ୍ଷକଙ୍କୁ ନିୟମିତ କରିବା ସହ ଅବଶିଷ୍ଟ ଗଣଶିକ୍ଷକମାନଙ୍କ ଦରମା ବୃଦ୍ଧି କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ଡେପୁଟେଶନ ବାତିଲ କରି ଏକ୍ସ-କ୍ୟାଡର ବ୍ୟବସ୍ଥା ଉଚ୍ଛେଦ, ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ ବ୍ୟବସ୍ଥା (ଓପିଏସ୍) ଲାଗୁ, ମୃତ ଗଣଶିକ୍ଷକମାନଙ୍କୁ ଏକ୍ସ-ଗ୍ରାସିଆ ପ୍ରଦାନ କରିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସମାଧାନ ନ କରିବା ପର୍ଯ୍ୟନ୍ତ ବିକ୍ଷୋଭ ଓ ପ୍ରତିବାଦ ଜାରି ରହିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଖମାରୀ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚତୁର୍ଥସ୍ଥ ବିଳାସକାରକ ଶୁକ୍ରଙ୍କ ପ୍ରଭାବରେ ବନ୍ଧୁମିଳନ ସାଙ୍ଗକୁ ହସ, ଖୁସି ଓ ଆନନ୍ଦରେ ସମୟ ଅତିବାହିତ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**ବୃଷ**
ଭାଗ୍ୟଭାବସ୍ଥ ଚନ୍ଦ୍ର ପ୍ରଭାବରେ ଘର ସକାଶେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ବନ୍ଧୁ କିମ୍ବା ପିଲାମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ କିନ୍ତୁ ଏହା ହିଁ ପରକ୍ଷଣରେ ସମସ୍ୟାକୁ ବୃଦ୍ଧି କରିବ। ସମସ୍ୟା ସମାଧାନ କ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବେ।

**ମିଥୁନ**
ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯାଇପାରେ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ବିବାଦୀୟ କ୍ଷେତ୍ରରେ, ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ପୂଜା ପାର୍ବଣକୁ ନେଇ ବନ୍ଧୁ ମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ**
ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହିପାରିଲେ ହିଁ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ସହକର୍ମୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହା କି ଅଶାନ୍ତି ସୃଷ୍ଟି କରିବ। ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ**
ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଯୁକ୍ତିଯୁକ୍ତ ବାର୍ତ୍ତାଳାପରୁ ବିଜୟ ଲାଭ ଅବଶ୍ୟମ୍ଭାବୀ। ଆପଣ ବହୁତ ପୂର୍ବରୁ ଯେଉଁ ପ୍ରାପ୍ୟ ପାଇବାର ଥିଲା ଆଜି ହିଁ ତାହା ପାଇବାର ସୂଚନା ମିଳିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବ୍ୟବସାୟ କ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**କନ୍ୟା**
ଆଜି ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିବ। ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ନେଇ ଚାଳନାରେ ସତର୍କ ରହିବା ଭଲ ନତୁବା ହଇରାଣ ହୋଇପାରନ୍ତି। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ଜଣେ ହିତାକାଂକ୍ଷୀଙ୍କ ସହୃଦୟତାରୁ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ତୁଳା**
ସବୁ କଥାରେ ନୀରବଦ୍ରଷ୍ଟା ସାଜିବା ଦ୍ୱାରା ଆଗାମୀ ସମୟରେ ହଇରାଣରେ ପଡିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟ ନିରୁତ୍ସାହିତ ରହିବେ। ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। କଚେରି ମାମଲା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ଗବେଷଣା, ଆଲୋଚନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ।

**ଧନୁ**
ଆଜି ପଡ଼ୋଶୀ, ସହକର୍ମୀ କିମ୍ବା ଭାଇ, ଭଉଣୀଙ୍କ କ୍ଷେତ୍ରରୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ କେତେକ ନୂତନ କାମର ପରିକଳ୍ପନା କରିବା ସଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, କ୍ଷେତ୍ର ଭଲ ରହିବ।

**ମକର**
ଆଜି ବାହାର ଦୁନିଆରୁ ଯେତିକି ସ୍ନେହ, ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ ନିଜ ଘରୁ ସେହି ଅନୁପାତରେ ଗାଳି ଖାଇପାରନ୍ତି। କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ ସଙ୍ଗକୁ ସାମାଜିକ କାମରୁ ଖୁସି ରହିବେ। ଅପରାହ୍ନରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**କୁମ୍ଭ**
ଆଜି ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରିପାରନ୍ତି। ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟାକୁ କେନ୍ଦ୍ରକରି ନିଜ ପରିସରରେ ସମାଲୋଚିତ ହେବେ।

**ମୀନ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଂକୁଚିତ ମନେକରିବେ। ମନ ଭଲ ନ ଥିବା କାରଣରୁ କାହାର ଭଲ କଥା ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ଅବଶ୍ୟ ଚେଷ୍ଟା କରୁଥିବା କାମ ହୋଇଯିବ ଓ ପାଇବା ଜିନିଷଟି ନିଶ୍ଚିତ ପାଇବେ। ଗୃହକାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ବୁଧବାର, ଅଗଷ୍ଟ ୩୦ ତାରିଖ, ଗହ୍ମାପର୍ବ, ଶ୍ରୀବଳଦେବ ପୂଜା, ରକ୍ଷାବନ୍ଧନ, ବିଶ୍ୱ ସଂସ୍କୃତ ଦିବସ, ଲଘୁ ଉଦ୍ୟୋଗ ଦିବସ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୦.୧୮ମି. ଗତେ, କୁମ୍ଭ ଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୪ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

Government of India

Azadi Ka Amrit Mahotsav

G20 भारत 2023 INDIA वसुधैव कुटुम्बकम् ONE EARTH • ONE FAMILY • ONE FUTURE

# ରକ୍ଷା ବନ୍ଧନ

## ର ହାର୍ଦ୍ଦିକ ଶୁଭକାମନା

"ରକ୍ଷାବନ୍ଧନର ପର୍ବ ନିଜ ପରିବାରରେ ଖୁସିକୁ ବୃଦ୍ଧି କରିବାର ଦିନ ହୋଇଥାଏ । ଗ୍ୟାସ୍ ଦର ହ୍ରାସ ହେବା କାରଣରୁ ମୋ ପରିବାରର ଭଉଣୀମାନଙ୍କୁ ତାହା ଖୁବ୍ ସୁହାଇବ ଏବଂ ସେମାନଙ୍କ ଜୀବନ ଆହୁରି ସହଜ ହୋଇଯିବ । ମୋର ସମସ୍ତ ଭଉଣୀ ଖୁସିରେ ରହନ୍ତୁ, ସୁସ୍ଥ ରହନ୍ତୁ, ସୁଖୀ ରୁହନ୍ତୁ, ଈଶ୍ୱରଙ୍କ ନିକଟରେ ଏତିକି କାମନା କରୁଛି ।"

- ନରେନ୍ଦ୍ର ମୋଦି

# ରୋଷେଇ ଗ୍ୟାସ୍ ସିଲିଣ୍ଡର ଆଜିଠାରୁ 200 ଟଙ୍କା ଶସ୍ତା

## 75 ଲକ୍ଷ ନୂଆ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ



## ମୋଦିଜୀଙ୍କ ନେତୃତ୍ୱରେ ନାରୀଶକ୍ତିର ଗରିମା ଓ ସମ୍ମାନ, ହୋଇଛି ଦେଶର ଅଭିମାନ

- **4 କୋଟି ଘର** ଦେଇ ବଢ଼ାଇଛନ୍ତି ଭଉଣୀ ଓ ଝିଅମାନଙ୍କ ସ୍ୱାଭିମାନ
- **9.6 କୋଟି ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ୍** ଦ୍ୱାରା ଭଉଣୀ ଓ ଝିଅମାନଙ୍କ ଜୀବନ ହୋଇଛି ଧୂଆଁମୁକ୍ତ
- **11 କୋଟିରୁ ଅଧିକ ଶୌଚାଳୟ** ମାଧ୍ୟମରେ ଭଉଣୀ ଓ ଝିଅମାନଙ୍କ ଗରିମା ହୋଇଛି ସୁନିଶ୍ଚିତ
- **₹11 ଲକ୍ଷ କୋଟି** ପରିମାଣର **ପାଖାପାଖି 30 କୋଟି ମୁଦ୍ରା ଲୋନ୍** ଦ୍ୱାରା ଭଉଣୀ ଓ ଝିଅଙ୍କୁ ମିଳିଛି ଉଦ୍ୟମିତାର ଡେଣା
- **10 କୋଟି ଭଉଣୀ ଓ ଝିଅ,** ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି
- **3.6 କୋଟିରୁ ଅଧିକ ସୁକନ୍ୟା ସମୃଦ୍ଧି ଖାତା,** ଯେଉଁଥିରେ **₹2 ଲକ୍ଷ କୋଟିର** ଜମା
- **13 କୋଟି** ଘରେ ପହଞ୍ଚିଛି **ନଳ ମାଧ୍ୟମରେ ସ୍ୱଚ୍ଛ ଜଳ**
- **ସବୈତନିକ ମାତୃତ୍ୱ ଛୁଟିକୁ 12ରୁ 26 ସପ୍ତାହକୁ ବୃଦ୍ଧି କରାଯାଇଛି**
- **ତିନ୍ ତଲାକ୍‌ର ପ୍ରଥାକୁ ସମାପ୍ତ କରାଯାଇ** ମୁସ୍‌ଲିମ୍ ଭଉଣୀ ଓ ଝିଅମାନଙ୍କ ଗରିମାକୁ ସୁନିଶ୍ଚିତ କରାଯାଇଛି

cbc 33101/13/0001/2324

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହିଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। **–ଶ୍ରୀମା**



# କୋଟାରେ ଚାପ

ରାଗିଂ ହେତୁ ପଶ୍ଚିମବଙ୍ଗ ଯାଦବପୁର ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ମୃତ୍ୟୁ ହେବା ପରେ ରାଜସ୍ଥାନ କୋଟାରେ ଦୁଇ ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଛି। କୋଚିଂ ହବ୍ ଭାବେ ଜଣାଶୁଣା କୋଟାରେ ଅଗଷ୍ଟ ୨୭ଦିନ ୬ ଘଣ୍ଟା ମଧ୍ୟରେ ୨ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ। କୋଚିଂ ସେଣ୍ଟର ଦ୍ୱାରା କରାଯାଉଥିବା ସପ୍ତାହାନ୍ତ ପରୀକ୍ଷା ଶେଷ ହେବା ପରେ ସେମାନେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ମହାରାଷ୍ଟ୍ର ଲାତୁରର ଆବିଷ୍କାର କାସ୍‌ଲେ ପରୀକ୍ଷା ଦେଇ ସାରି କୋଚିଂ ସେଣ୍ଟରର ୬ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାର କିଛି ଘଣ୍ଟା ବ୍ୟବଧାନରେ ଭଡ଼ା ଘରେ ରହୁଥିବା ବିହାରର ଆଦର୍ଶ ରାଜ ଫ୍ୟାନ୍‌ରେ ଝୁଲିପଡ଼ି ଜୀବନ ହାରିଥିଲେ। ଏହି ଘଟଣା ପରେ କୋଟାର ଜିଲାପାଳ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ କୌଣସି ପରୀକ୍ଷା ନ କରିବା ଲାଗି କୋଚିଂ ସେଣ୍ଟରଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ବେଳେ ସମସ୍ତ ରୁମ୍‌ରେ ସ୍ପ୍ରିଙ୍ଗ ଲଗା ଫ୍ୟାନ୍ (ଆଣ୍ଟି ସୁଇସାଇଡ ଡିଭାଇସ) ରଖିବାକୁ କହିଛନ୍ତି। ଏହା ବ୍ୟତୀତ ପରୀକ୍ଷା କିମ୍ବା କ୍ଲାସ୍ ନ ଥିବା ସମୟରେ ଅତିକମ୍‌ରେ ଗୋଟିଏ ଦିନ ପିଲାଙ୍କୁ ଫାଙ୍କା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କୋଟାର ପ୍ରଶାସନ ଏବେ ଯେଉଁ ଅଦ୍ଭୁତ ପ୍ରତିକ୍ରିୟା ପ୍ରକାଶ କରିଛି ଓ ଫ୍ୟାନରେ ସେନସର ଲଗାଇବା ଲାଗି ଯାହା କହିଛନ୍ତି ତାହା ଅଦୂରଦର୍ଶୀ ମନେହୁଏ। ଗତ ବର୍ଷ ସାପ୍ତାହିକ ଅପ୍‌ଡେଟ ଏବଂ ପିଲା ଓ ଶିକ୍ଷକମାନଙ୍କ ମନସ୍ତାତ୍ତ୍ୱିକ ସ୍ଥିତିର ଆକଳନ କରାଯିବା ଲାଗି ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହା ଏବେ ନାଲିଫିତା ତଳେ ରହିଛି। ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ମାନସିକ ସ୍ଥିତି ପ୍ରତି ନଜର ନ ଦେଇ ଚୁପ ବସିଯାଉଛନ୍ତି। ଅନ୍ୟପକ୍ଷରେ ନିୟମିତ କାଉନସେଲିଂ ଉପରେ କୋଚିଂ ସେଣ୍ଟର ମାଲିକ କିମ୍ବା ଅଭିଭାବକମାନଙ୍କର କୌଣସି ଗୁରୁତ୍ୱ ନ ଥିବା ମନେହେଉଛି, ଯାହାର ପରିଣାମ ସ୍ୱରୂପ ଆତ୍ମହତ୍ୟା ବଢ଼ିଚାଲିଛି।

> **ଭାରତରେ ଅଭିଭାବକମାନଙ୍କର ଅଯଥା ଚାପ ଯୋଗୁ ପିଲାଙ୍କ ମନରେ ଆଶଙ୍କା ଜନ୍ମ ନେଇଥାଏ। ହାରିଯିବାର ଭୟ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ଠେଲିଦିଏ। ଏଭଳି ପରିସ୍ଥିତିରେ କୌଣସି ଜିଲା ପ୍ରଶାସକ, ପୋଲିସ କିମ୍ବା ଶିକ୍ଷା ଓ କୋଚିଂ ଅନୁଷ୍ଠାନ ସାହାଯ୍ୟ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।**

ଦେଶର ବିଭିନ୍ନ ଅଞ୍ଚଳରୁ ମେଡ଼ିକାଲ ପାଇଁ ନିଟ୍ ଓ ଇଞ୍ଜିନିୟରିଂ ଲାଗି ଜେଇଇ ଏବଂ ଅନ୍ୟାନ୍ୟ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ସକାଶେ କୋଚିଂ ନେବା ପାଇଁ ଛାତ୍ରୀଛାତ୍ରମାନେ କୋଟା ଆସିଥାଆନ୍ତି। ଏବେ ପାଖାପାଖି ୩ ଲକ୍ଷ ଆଶାୟୀ କୋଟାର କୋଚିଂ ସେଣ୍ଟରଗୁଡ଼ିକରେ ନାମ ଲେଖାଇଛନ୍ତି। ଏମାନଙ୍କ ମଧ୍ୟରେ ସିଂହଭାଗ ହେଉଛନ୍ତି ନିଟ୍ ଆଶାୟୀ। ତେବେ ଏଭଳି ଏକ ଶୈକ୍ଷିକ ପରିବେଶରେ ପିଲାମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ପ୍ରକାଶ ପାଇବା ଉଦ୍‌ବେଗର ବିଷୟ। ପ୍ରଶାସନିକ ଅବହେଳା ଓ ଅଭିଭାବକଙ୍କ ଅଣଦେଖା ମନୋଭାବ ଆଶାୟୀଙ୍କ ଆତ୍ମହତ୍ୟା ଉପରେ ଅଙ୍କୁଶ ଆଣିପାରୁନାହିଁ। ଚଳିତ ବର୍ଷ ଏବେ ସୁଦ୍ଧା ମୋଟ ୨୪ ଜଣ ଆଶାୟୀ ଆତ୍ମହତ୍ୟା କରଛନ୍ତି। ଅର୍ଥାତ୍ ମାସକୁ ହାରାହାରି ୩ ଜଣ ଜୀବନ ହାରୁଛନ୍ତି। ବିଗତ ୮ ବର୍ଷରେ ଏହି ସଂଖ୍ୟା ସର୍ବାଧିକ। କେବଳ ଚଳିତ ମାସରେ କୋଟାରେ ୬ ଜଣ ଆତ୍ମହତ୍ୟା କରିସାରିଲେଣି। ଏହିସବୁ ତଥ୍ୟ ସାଧାରଣରେ ଦେଶବାସୀଙ୍କୁ ବିଚଳିତ କରିବା କଥା। ମନେରଖିବାକୁ ହେବ ଯେ, ଉଚ୍ଚକୋଟୀର ଛାତ୍ରୀଛାତ୍ର ଏହିଭଳି ପରୀକ୍ଷା ଦେବା ପାଇଁ ନିଜେ ଇଚ୍ଛାପ୍ରକାଶ କରିଥାନ୍ତି ନଚେତ ତାଙ୍କର ପରିବାର ତରଫରୁ ପ୍ରବଳ ଚାପ ପଡ଼ିଥାଏ। ଆତ୍ମହତ୍ୟା କରିବା ଏକ ସହଜ କାର୍ଯ୍ୟ ନୁହେଁ। ସେଭଳି ମାନସିକ ଶକ୍ତି ସହିତ ଅପୂର୍ବ ଭୟ ସୃଷ୍ଟି ହେଲେ ମଣିଷ ଆତ୍ମହତ୍ୟା କରିଥାଏ। ସମ୍ଭବତଃ ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଆତ୍ମହତ୍ୟା କରନ୍ତି ନାହିଁ। ତେବେ ଭାରତରେ ଅଭିଭାବକମାନଙ୍କର ଅଯଥା ଚାପ ଯୋଗୁ ପିଲାଙ୍କ ମନରେ ଆଶଙ୍କା ଜନ୍ମ ନେଇଥାଏ। ହାରିଯିବାର ଭୟ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ଠେଲିଦିଏ। ଏଭଳି ପରିସ୍ଥିତିରେ କୌଣସି ଜିଲା ପ୍ରଶାସକ, ପୋଲିସ କିମ୍ବା ଶିକ୍ଷା ଓ କୋଚିଂ ଅନୁଷ୍ଠାନ ସାହାଯ୍ୟ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

ଏହି ସମସ୍ୟାର ଗୋଟିଏ ମାତ୍ର ସମାଧାନ ରହୁଛି ଛାତ୍ରୀଛାତ୍ରଙ୍କ ପରିବାର ସହିତ। ଯଦି ମାତାପିତା କିମ୍ବା ପରିବାରର ଅନ୍ୟମାନଙ୍କ ଚାପ ହ୍ରାସ ହୋଇପାରନ୍ତା, ତେବେ ସମ୍ଭବତଃ, ଏତେ ଜୀବନ ହାନି ଘଟିବା ରୋକାଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ହେଉଛି ସାମାଜିକ ପରିବର୍ତ୍ତନ। ତାହା କେତେଦୂର ସମ୍ଭବପର ସେ ସମ୍ପର୍କରେ ଆମେ ସମସ୍ତେ ନିଜ ଭିତରକୁ ଦେଖିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | | 8 | | | 2 | | | |
| | | | | 3 | 9 | | 7 | 5 |
| | | 7 | | | 1 | | 2 | |
| | | 2 | | 7 | | 8 | | |
| | | | 5 | | | | | 1 |
| | | 6 | 9 | | 5 | | | 8 |
| 2 | | | | | | | 6 | |
| | 4 | | | 8 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 3 | 1 | 6 | 2 | 7 | 8 |
| 7 | 8 | 1 | 5 | 2 | 9 | 3 | 6 | 4 |
| 6 | 3 | 2 | 7 | 4 | 8 | 1 | 5 | 9 |
| 5 | 1 | 6 | 9 | 8 | 4 | 7 | 3 | 2 |
| 8 | 2 | 4 | 1 | 3 | 7 | 6 | 9 | 5 |
| 9 | 7 | 3 | 2 | 6 | 5 | 4 | 8 | 1 |
| 3 | 4 | 5 | 6 | 9 | 1 | 8 | 2 | 7 |
| 2 | 9 | 8 | 4 | 7 | 3 | 5 | 1 | 6 |
| 1 | 6 | 7 | 8 | 5 | 2 | 9 | 4 | 3 |

ଗତକାଲିର ଉତ୍ତର

# ଜି-୨୦ ଓ ଜଳବାୟୁ ପ୍ରସଙ୍ଗ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଂଶ ରାଷ୍ଟ୍ରଗୋଷ୍ଠୀ (ଜି-୨୦) ହେଉଛି ଅନ୍ତର୍ଜାତୀୟ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ଏକ ପ୍ରମୁଖ ଫୋରମ ବା ମଞ୍ଚ। ଜି-୨୦ ପ୍ରାରମ୍ଭରେ ସମଷ୍ଟିଗତ ଅର୍ଥନୈତିକ ପ୍ରସଙ୍ଗ ସବୁ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଥିଲା। ପରବର୍ତ୍ତୀ ସମୟରେ ଏହା ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷି, ଶକ୍ତି, ପରିବେଶ, ନିରନ୍ତର ବିକାଶ, ଜଳବାୟୁ ପରିବର୍ତ୍ତନ ଏବଂ ଦୁର୍ନୀତି ନିବାରଣ ଆଦିକୁ ଅନ୍ତର୍ଭୁକ୍ତ କରିଛି। ପ୍ରତିବର୍ଷ ଏକ ପରିବର୍ତ୍ତିତ ସଦସ୍ୟ ରାଷ୍ଟ୍ରର ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀ ସେହି ଦେଶରେ ଅନୁଷ୍ଠିତ ହୁଏ। ସମ୍ପ୍ରତି ଭାରତବର୍ଷ ୨୦୨୩ ବର୍ଷ ନିମନ୍ତେ ଜି-୨୦ଗୋଷ୍ଠୀର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛି। ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କ ସହ ପରାମର୍ଶ କରି ଜି-୨୦ର ଏଜେଣ୍ଡାକୁ କାର୍ଯ୍ୟକାରୀ କରିବା ଏହାର ଅଧ୍ୟକ୍ଷତାକାରୀ ରାଷ୍ଟ୍ରର ଦାୟିତ୍ୱ।

ତେବେ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ପରିବେଶ ସମ୍ପର୍କିତ ପ୍ରସଙ୍ଗ, ବିଶେଷରୂପେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଆହ୍ୱାନ ସୃଷ୍ଟିକାରୀ ରୂପେ ଗଣ୍ୟ ହୋଇ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଆଲୋଚନାର ପ୍ରମୁଖ ବିଷୟବସ୍ତୁ ପାଲଟିଛି। ଏହି ପରିପ୍ରେକ୍ଷୀରେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଏହା ଉପରେ ଫଳପ୍ରଦ ଆଲୋଚନା, କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ ଏବଂ ପଦକ୍ଷେପ ଗ୍ରହଣ ହେବା ବିଶ୍ୱ ସମ୍ପ୍ରଦାୟ ଆଶାପ୍ରକଟ କରେ। ତେବେ ଭାରତ ସମ୍ମୁଖରେ କେତେକ ଅନ୍ତର୍ନିହିତ ପ୍ରତିବନ୍ଧକ ରହିଛି, ଯାହା ଭାରତର ଅଧ୍ୟକ୍ଷତା କାଳରେ ଯଥେଷ୍ଟ ସଫଳତା ଅର୍ଜନର ସମ୍ଭାବନାକୁ କ୍ଷୀଣ କରେ। ପୃଥିବୀର ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ କ୍ରମେ ଗମ୍ଭୀର ରୂପ ଧାରଣ କରିଚାଲିଛି। ଏହାର ମୁଖ୍ୟ କାରଣ ଶକ୍ତି ଉତ୍ପାଦନ କ୍ଷେତ୍ରରୁ, ବିଶେଷରୂପେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସର ବହୁଳ ବ୍ୟବହାରରୁ ସୃଷ୍ଟ ସବୁଜ ଗୃହ ବାଷ୍ପମାନଙ୍କର ବର୍ଦ୍ଧିତ ନିର୍ଗମନ, ଯାହାର ହ୍ରାସନ ଉପରେ ବିଶ୍ୱବାସୀଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଏସବୁ ଉତ୍ସର ବ୍ୟବହାରରେ ଯଥେଷ୍ଟ ହ୍ରାସ ଘଟାଇ ସୂର୍ଯ୍ୟାଲୋକ, ପବନ, ବର୍ଷା, ସମୁଦ୍ରଢେଉ, ଭୂଉତ୍ତାପ, ଜୈବଶକ୍ତି, ଉଦ୍‌ଜାନ ଏବଂ ନାଭିକୀୟ ଶକ୍ତି ପରି ବିକଳ୍ପ ସ୍ୱଚ୍ଛ, ସବୁଜ ଓ ଅକ୍ଷୟ ଶକ୍ତିର ଉତ୍ସ ଉପରେ ଆତ୍ମନିର୍ଭରଶୀଳତାରେ ବୃଦ୍ଧି ଘଟାଇବା ହେଉଛି ଆଜିର ଆହ୍ୱାନ। ଏହାକୁ ଦୃଷ୍ଟିରେ ରଖି ଜାତିସଂଘର ୨୦୧୫ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ସ୍ୱାକ୍ଷରିତ ଚୁକ୍ତିନାମାର ଇପ୍ସିତ ଲକ୍ଷ୍ୟ ଥିଲା ପୃଥିବୀର ତାପମାତ୍ରା ବୃଦ୍ଧିକୁ ଶିଳ୍ପବିପ୍ଳବ-ପୂର୍ବ ତୁଳନାରେ ୨ଡିଗ୍ରୀ ସେଲ୍ସିଅସରୁ ନିମ୍ନରେ, ଆଦର୍ଶ ଭାବେ ୧.୫ ଡିଗ୍ରୀ ସେଲ୍ସିଅସ ମଧ୍ୟରେ ସୀମିତ ରଖିବା।



ଏଥିନିମନ୍ତେ ବିଶ୍ୱର ଶକ୍ତି ଉତ୍ପାଦନ କ୍ଷେତ୍ରରେ ବ୍ୟବହୃତ ପ୍ରଦୂଷଣ ସୃଷ୍ଟିକାରୀ ପାରମ୍ପରିକ, ଅନବୀକରଣୀୟ ଉତ୍ସରେ ପୂର୍ଣ୍ଣଚ୍ଛେଦ ପକାଇ ସୁଦୂରପ୍ରଭାବୀ ନବୀକରଣୀୟ, ସ୍ୱଚ୍ଛ ଉତ୍ସକୁ ପରିବର୍ତ୍ତିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ରାଷ୍ଟ୍ର ପ୍ରତିବଦ୍ଧ ହେବା ଏକାନ୍ତ ବାଞ୍ଛନୀୟ। ନିର୍ଦ୍ଦିଷ୍ଟ ଭାବେ ବିଦ୍ୟୁତ୍ ଶକ୍ତିର ସର୍ବାଧିକ ପ୍ରଦୂଷଣକାରୀ ଉତ୍ସ ରୂପେ କୋଇଲାର ବ୍ୟବହାରକୁ ନିଷିଦ୍ଧ କରିବା ଏକାନ୍ତ ଅପରିହାର୍ଯ୍ୟ। ମାତ୍ର ଭାରତରେ କୋଇଲାର ଉପଲବ୍ଧି ଯଥେଷ୍ଟ ଥିବା, ଶକ୍ତି ଉତ୍ପାଦନରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନୂତନ ପ୍ରଯୁକ୍ତିର ବିଶେଷ ଅଗ୍ରଗତି ସାଧିତ ହୋଇ ନ ଥିବା ଦୃଷ୍ଟିରୁ ଆମ ଦେଶ ଏକ ଅପ୍ରସ୍ତୁତ ପରିସ୍ଥିତିରେ ଦଣ୍ଡାୟମାନ ରହିଛି। ୨୦୨୧ରେ ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀ (କୋପ୨୬)ରେ ରାଷ୍ଟ୍ରମାନଙ୍କୁ ସେମାନଙ୍କର ୨୦୩୦ ଲକ୍ଷ୍ୟ ହାସଲକୁ ସୁଦୃଢ଼ କରିବା ନିମନ୍ତେ ଚେଷ୍ଟିତ ହେବାକୁ ଅନୁରୋଧ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ୨୦୭୦ ସୁଦ୍ଧା ଭାରତ ନେଟ-ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ କରିବ ବୋଲି ଘୋଷଣା କରିଥିଲେ, ଯେତେବେଳେ କି ଆମେରିକା ଓ ୟୁରୋପ ୨୦୫୦ ଏବଂ ଚାଇନା ୨୦୬୦ ସୁଦ୍ଧା ଏହି ଲକ୍ଷ୍ୟ ହାସଲର ପ୍ରତିଶ୍ରୁତି ଦେଇଥିଲେ। ତେବେ ବୈଜ୍ଞାନିକମାନଙ୍କର ପ୍ରତ୍ୟାଶା ତୁଳନାରେ ବିଗତ ୮ବର୍ଷରେ ଅଙ୍ଗାରକ ନିର୍ଗମନରେ ଆବଶ୍ୟକ ହ୍ରାସନ ସଂଘଟିତ ହୋଇନାହିଁ, ଯାହା ଚିନ୍ତାର କାରଣ ପାଲଟିଛି। ଜି-୨୦ ପରିପ୍ରେକ୍ଷୀରେ ଶକ୍ତିକ୍ଷେତ୍ର ନିର୍ଗମନ ଲକ୍ଷ୍ୟ ହାସଲ, ଜୀବାଶ୍ମ ଇନ୍ଧନର ହ୍ରାସ ଏବଂ ଜଳବାୟୁ ଆର୍ଥିକ ପ୍ରୋତ୍ସାହନ ପରି ଅନେକ ମୁଖ୍ୟ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରେ, ଯାହା ଭାରତ ଏହାର ନେତୃତ୍ୱାବଧିରେ ଉଭୟ ବିକଶିତ ତଥା ବିକାଶଶୀଳ ରାଷ୍ଟ୍ରମାନଙ୍କରେ ତ୍ୱରାନ୍ୱିତ ହେବାର ଆଶା ପୋଷଣ କରେ।

ଅଭିଯୋଗ ହେଉଛି ଯେ ବୈଜ୍ଞାନିକମାନଙ୍କର ଗମ୍ଭୀର ଚେତାବନୀ ଏବଂ ସବୁଜ ଗୃହବାଷ୍ପ ନିର୍ଗମନକୁ ରୋକିବା ନିମନ୍ତେ ଜାତିସଂଘ ମହାସଚିବଙ୍କ ଆବେଦନ ସତ୍ତ୍ୱେ ଭାରତ ସରକାର ଏ ପର୍ଯ୍ୟନ୍ତ ଜି-୨୦ କାର୍ଯ୍ୟସୂଚୀରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ବିଷୟରେ ଆଲୋଚନାକୁ ସ୍ଥାନ ଦେଇନାହାନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ୨୦ଟି ବୃହତ୍ ଅର୍ଥନୀତିର ସମ୍ମିଳିତ ଏହି ଗୋଷ୍ଠୀ ସାମୂହିକ ଭାବରେ ପୃଥିବୀର ସବୁଜ ଗୃହ ବାଷ୍ପ ନିର୍ଗମନର ୭୫-୮୦% ନିମନ୍ତେ ଦାୟୀ। ଇଣ୍ଡୋନେସିଆଠାରୁ ଭାରତକୁ ଅଧ୍ୟକ୍ଷ ପଦ ହସ୍ତାନ୍ତର ସମୟରେ ପ୍ରଧାନମନ୍ତ୍ରୀ ମୋଦି ବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ମହାମାରୀ ପରି ଆହ୍ୱାନର ଦମନ ପରସ୍ପର ସହ ଲଢ଼ିବା ଦ୍ୱାରା ନୁହେଁ, ବରଂ ଏକତ୍ର ସମ୍ମିଳିତ କାର୍ଯ୍ୟ ଦ୍ୱାରା ହିଁ ସାଧିତ ହୋଇପାରିବ। ଏବେ ବିକଶିତ ରାଷ୍ଟ୍ରମାନଙ୍କର ଚାପ ରହିଛି ଭାରତ ନେଟ୍-ଶୂନ୍ୟ ନିର୍ଗମନ ଲକ୍ଷ୍ୟକୁ ୨୦୫୦କୁ ଘୁଞ୍ଚାଇ ଆଣିବାର ପ୍ରଚେଷ୍ଟାରେ କାର୍ଯ୍ୟ ସମ୍ପାଦନ କରୁ ଏବଂ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ହେବାକୁ ଥିବା ଜି-୨୦ ନେତୃତ୍ୱ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏହି ସମ୍ଭାବନା ସମ୍ପର୍କରେ ଘୋଷଣା କରନ୍ତୁ। କିନ୍ତୁ ଭାରତୀୟ ଦୃଷ୍ଟିଭଙ୍ଗୀ ହେଉଛି ଯେ ଏହି ବିଷୟରେ ଜି-୨୦ରେ ନୁହେଁ, ବରଂ ବର୍ଷ ସମାପ୍ତି ବେଳକୁ ୟୁଏଇରେ ଅନୁଷ୍ଠିତ ହେବାକୁଥିବା ଜାତିସଙ୍ଘ ଜଳବାୟୁ ସମ୍ମିଳନୀ (କୋପ୨୮)ରେ ବିଶ୍ୱସ୍ତରୀୟ ସମୀକ୍ଷା ଅବସରରେ, ଯେଉଁଠାରେ କି ଜାତୀୟ ପ୍ରତିବଦ୍ଧତାକୁ ଉଭୟ ସ୍ୱଳ୍ପ ସମୟ (୨୦୩୦) ଏବଂ ଦୀର୍ଘ ସମୟ (୨୦୫୦) ଭିତ୍ତିରେ ବିବେଚିତ ହେବ, ଭାରତ ସେଠାରେ ହିଁ ଉପସ୍ଥାପନ କରିବ।

ତେବେ ଜଳବାୟୁ ନିୟନ୍ତ୍ରଣ କ୍ଷେତ୍ରକୁ ଭାରତର ଅବଦାନ ବିଷୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସବୁକୁ ଜି-୨୦ ଆଲୋଚନାର ପରିସରକୁ ଅଣାଯାଇପାରେ। ଏଥିରେ ଅନ୍ତର୍ଭୁକ୍ତ ହେବାକୁ ଅଛି 'ଲାଇଫ' ସଂକଳ୍ପ (ପରିବେଶ ପାଇଁ ଜୀବନଶୈଳୀ), ଯାହାକୁ ମୋଦି ପୂର୍ବରୁ ଅନ୍ତର୍ଜାତୀୟ ମଞ୍ଚରେ ଗୁରୁତ୍ୱର ସହ ଉପସ୍ଥାପନ କରିଛନ୍ତି । ଅଧିକ ତାତ୍ପର୍ଯ୍ୟ ବହନକାରୀ ପ୍ରସଙ୍ଗ ହେଉଛି କିପରି ନେଟ୍-ଶୂନ୍ୟ ଉତ୍ସର୍ଜନ ହାସଲ ସହ ସବୁଜ ଅର୍ଥ ବ୍ୟବସ୍ଥା ସୁଦୃଢ଼ହେବା ଦିଗରେ ତ୍ୱରିତ ପରିବର୍ତ୍ତନ ଘଟାଇ ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ଅର୍ଥନୈତିକ ନିରାପତ୍ତାରେ ଉନ୍ନତ ଫଳାଫଳ ହାସଲ କରିବା। ଏବେ ଅକ୍ଷୟଶକ୍ତି ପ୍ରସ୍ତୁତି କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ଏହାକୁ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଶକ୍ତି ଉତ୍ପାଦନର ଘୋଷଣା କରିବାକୁ ଆତ୍ମବିଶ୍ୱାସ ଦେଇଛି। କିନ୍ତୁ ଏହି ପ୍ରସଙ୍ଗରେ ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ଦେଶମାନଙ୍କୁ ଆର୍ଥିକ ସହାୟତା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଆଶାନୁରୂପ ସଫଳତା ହାସଲରୁ ଦୂରରେ ରହିଛି, ଯାହା ଦୀର୍ଘକାଳୀନ ପ୍ରତିବଦ୍ଧତା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି,**
**ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ଜଘନ୍ୟ ଅପରାଧ ମାନବ ଚାଲାଣ



ରବିନାରାୟଣ ସାମଲ

ସମୀରା। ପଶ୍ଚିମବଙ୍ଗର ୧୪ ବର୍ଷ ବୟସର ସ୍କୁଲ ଛାତ୍ରୀ। ପାଠ ପଢ଼ିବାକୁ ପ୍ରବଳ ଆଗ୍ରହ। ମାତ୍ର ଦାରିଦ୍ର୍ୟ ଯୋଗୁ ବାପମାଆ ବନ୍ଦକରିଦେଲେ ତା'ର ପାଠପଢ଼ା। ମନ ବୁଝିଲା ନାହିଁ। ପାଠ ପଢ଼ିବା ଆଶାରେ ସମୀରା ପଳାଇଲା ମୁମ୍ବାଇରେ ରହୁଥିବା ତା'ର ଭିଣୋଇଙ୍କ ପାଖକୁ। ଦୁଃଖ ଆରମ୍ଭ ହୋଇଗଲା ସେଇଠି। ଭିଣୋଇ ବିଶ୍ୱାସରେ ବିଷ ପକାଇଲେ। ମାତ୍ର କେଇ ହଜାର ଟଙ୍କା ବିନିମୟରେ ତାକୁ ବିକ୍ରି କରିଦେଲେ ଜଣେ ଯୌନ ବ୍ୟବସାୟୀକୁ। କାମାଥିପୁରା ରେଡ୍ ଲାଇଟ୍ ଏରିଆ ହୋଇଗଲା ତା'ର ନୂଆ ଠିକଣା। ବିନିମୟରେ ମିଳୁଥିଲା ଦିନକୁ ଦୁଇଓଳି କିଛି ଖାଇବାକୁ ଆଉ ନିର୍ଯାତନା। ସାଥି ଝିଅମାନଙ୍କ ସହିତ ଥରେ ସେମାନଙ୍କୁ ନିଆଯାଇଥିଲା ଗୋଟିଏ ପଞ୍ଚତାରକା ହୋଟେଲକୁ। ସୌଭାଗ୍ୟକୁ ସେଦିନ ପୋଲିସ ଚଢ଼ାଉ କଲା ସେହି ହୋଟେଲ ଉପରେ। ସାଥି ଝିଅମାନେ ପୋଲିସ ଭୟରେ ଲୁଚିଗଲା ବେଳେ ସମୀରା ମନରେ ସାହସ ବାନ୍ଧିଲା। ଉଦ୍ଧାର ପାଇବା ଆଶାରେ ପୋଲିସ ହାତରେ ଧରାଦେଲା। ସେହିଠାରୁ ତା'ର ଦୁଃଖଭରା କାହାଣୀର ଅନ୍ତ ଘଟିଥିଲା। ଏହି ଘଟଣାଟି ଥିଲା ୨୦୨୧ ଫେବୃୟାରୀ ମାସର କଥା।

ସେହିପରି ସହରରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଦାର୍ଜିଲିଂର ଗୋଟିଏ ଝିଅକୁ ଜଣୈକ ସ୍ଥାନୀୟ ବ୍ୟକ୍ତି ନେଇଯାଇଥିଲା ଦିଲ୍ଲୀ। ଦୀର୍ଘଦିନ ଧରି ଝିଅର ଖୋଜଖବର କିଛି ନ ମିଳିବାରୁ ତା' ବାପମାଆ ଆଶ୍ରୟ ନେଇଥିଲେ ସ୍ୱେଚ୍ଛାସେବୀ ସଙ୍ଗଠନ 'ମାର୍ଗ'ର। ମାର୍ଗର ବହୁ ଉଦ୍ୟମ ପରେ ଝିଅଟି ଉଦ୍ଧାର ହୋଇଥିଲା ଅତ୍ୟନ୍ତ ନିର୍ଯାତିତ ଅବସ୍ଥାରେ। ପଞ୍ଜାବର ଜଣୈକା ମହିଳାଙ୍କୁ ଅପହରଣ କରି ସୁଦୂର ଓମାନ୍‌ରେ ବିକ୍ରି କରାଯାଇଥିଲା। ସେଠାରେ ସେ ବଳାତ୍କାରର ଶିକାର ହେଲେ। ଶେଷକୁ ପଞ୍ଜାବ ପୋଲିସ ଉଦ୍ଧାର କରିଥିଲା ତାଙ୍କୁ। ବାଂଲାଦେଶର ଜଣେ ଆଠବର୍ଷର ବାଳକକୁ ସାଉଦି ଆରବରେ ଓଟଶାଳାରୁ ଉଦ୍ଧାର କରିଥିଲା ସେ ଦେଶର ପୋଲିସ। ରୋଜଗାର କରିବା ଆଶାକରି ଘର ଛାଡ଼ି ଚାଲିଯାଉଥିବା କେଉଁ ଯୁବକର ଶବ ଗାଁକୁ ଫେରିଲାଣି ତ ଆଉ କେଉଁ ଦାଦନ ହାତ କି ଗୋଡ଼ ହରାଇ ଫେରୁଛି ନିଜ ଭିଟାମାଟିକୁ। ଆଉ କେତେକ ନିର୍ଯାତନା ସହି ନ ପାରି ମୁକ୍ତ ହେବାକୁ ସରକାରଙ୍କୁ କାକୁତିମିନତି ହେଉଛନ୍ତି ସାମାଜିକ ଗଣମାଧ୍ୟମରେ। ଇଏ ତ ଗଲା କେତେକ ଉଦ୍ଧାର ପାଇଥିବା ନିର୍ଯାତିତଙ୍କ ଘଟଣା। ଆହୁରି ବହୁତ ନିଖୋଜ ନିରୁଦ୍ଦିଷ୍ଟ ହୋଇଯାଉଛନ୍ତି, ଯେଉଁମାନଙ୍କ ପତ୍ତା ଆଦୌ ମିଳିପାରୁନାହିଁ। ଏହି ଲେଖକର ଜଣେ ସମ୍ପର୍କୀୟ ଭାଇ ୩୦ ବର୍ଷ ହେଲା ନିଖୋଜ ହୋଇଯାଇଛି କଲେଜ ଯିବା ରାସ୍ତାରୁ। ଯାଜପୁର ଅଞ୍ଚଳର ପିହୁ ନାମ୍ନୀ ଅଢ଼େଇ ବର୍ଷର ଶିଶୁ ନିଖୋଜ ହେଲାଣି ୩ ବର୍ଷ ହେଲା। ତା'ର ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଏମିତି ଅନେକ ଦୃଷ୍ଟାନ୍ତ।

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଦେଶରେ ୨୦୧୯-୨୧ ତିନି ବର୍ଷ ମଧ୍ୟରେ ୧୩ ଲକ୍ଷ ୧୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ବାଳିକା ନିଖୋଜ ହୋଇଯାଇଛନ୍ତି। ଏ କ୍ଷେତ୍ରରେ ମଧ୍ୟପ୍ରଦେଶ ପ୍ରଥମ ସ୍ଥାନରେ ରହିଛି। ସେଠାରେ ୧ ଲକ୍ଷ ୯୮ ହଜାର ୪୧୪ ଜଣ ନିଖୋଜ ହୋଇଛନ୍ତି। ଆମ ଓଡ଼ିଶାର ସ୍ଥାନ ହେଉଛି ୪ର୍ଥ। ଏଠାରୁ ୭୦ ହଜାର ୨୨୨ ଜଣ ମହିଳା ଓ ୧୬ ହଜାର



୬୪୯ ବାଳିକା ନିଖୋଜ ହୋଇଯାଇଛନ୍ତି। ଶିଶୁ ଅପହରଣ କ୍ଷେତ୍ରରେ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ଥିଲା ବେଳେ ଓଡ଼ିଶା ମଧ୍ୟ ରହିଛି ୪ର୍ଥ ସ୍ଥାନରେ। ମହାରାଷ୍ଟ୍ରରେ ୯ ହଜାର ୪୧୬ ଜଣ ଶିଶୁ ଅପହୃତ ହୋଇଥିଲା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୫ ହଜାର ୧୩୫। ଓଡ଼ିଶାରେ ଦିନକୁ ୧୨ ଶିଶୁ ନିଖୋଜ ହେଉଛନ୍ତି। ଦେଶରେ ମୋଟ୍ ନିଖୋଜଙ୍କ ମଧ୍ୟରୁ ଶତକଡ଼ା ୨୭ ଭାଗ ହେଉଛନ୍ତି ଶିଶୁ ଏବଂ ପ୍ରତି ୩ ଶିଶୁଙ୍କ ମଧ୍ୟରେ ୨ ଜଣ ହେଉଛନ୍ତି ବାଳିକା।

ଜାତିସଂଘର ସର୍ବେକ୍ଷଣ ଅନୁଯାୟୀ, ନିଖୋଜ ବା ଅପହୃତ ହେଉଥିବା ପୀଡ଼ିତମାନଙ୍କୁ ମୁଖ୍ୟତଃ ୩ଟି କ୍ଷେତ୍ରରେ ନିୟୋଜିତ କରାଯାଇଥାଏ। ସେଗୁଡ଼ିକ ହେଉଛି – ଯୌନ ବ୍ୟବସାୟ, ଶ୍ରମ ବଜାର ଓ ଅଙ୍ଗ ପ୍ରତିରୋପଣ। ବାଳିକା ଓ ମହିଳାମାନଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଯାଉଥିବା ବେଳେ ଆଉ କେତେକ ବାଳିକାଙ୍କୁ ବିବାହ ଉଦ୍ଦେଶ୍ୟରେ କେଉଁଠି ବିକ୍ରି କରାଯାଇଥାଏ। କେତେକ ବାଳିକା ଡ୍ୟାନ୍ସବାର୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିଥା'ନ୍ତି, ଆଉ କେତେକ ଅଶ୍ଳୀଳ ଚିତ୍ର ଓ ଭିଡିଓ ଉତ୍ତୋଳନରେ ନିୟୋଜିତ ହୋଇଥା'ନ୍ତି। ବାଳକମାନଙ୍କୁ ଭିକ୍ଷାବୃତ୍ତି, ଘରୋଇ ଚାକର, କୃଷି ଶ୍ରମିକ, ଇଟାଭାଟି ଶ୍ରମିକ, ନିଶା କାରବାର, ଓଟ ଦୌଡ଼ ଓ ସର୍କସ୍ ଆଦିରେ କାମ କରିବାକୁ ପଡ଼ିଥାଏ। ବଜାର ସହରରେ ଶହ ଶହ ସଂଖ୍ୟାରେ ଶିଶୁ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ମିଳେ। ଏହା ପଛରେ ଏକ ସ୍ୱତନ୍ତ୍ର ର୍‍ୟାକେଟ୍ କାମ କରୁଥାଏ। ସେମାନଙ୍କୁ ଗଣ୍ଡାଏ ଖାଇବାକୁ ଦେଇ ସେମାନଙ୍କ ଦୈନିକ ଆୟକୁ ମାଲିକମାନେ ହାତେଇଥା'ନ୍ତି। ଅଧିକ ଆୟ ପାଇଁ ମାଲିକମାନେ ପିଲାମାନଙ୍କୁ ମଧ୍ୟ ବିକଳାଙ୍ଗ କରିବାକୁ ପଛାନ୍ତିନାହିଁ। ଉପସାଗରୀୟ ଦେଶରେ ଓଟ ଦୌଡ଼ ଗୋଟିଏ ଜନପ୍ରିୟ କ୍ରୀଡ଼ା। ଓଟ ପିଠିରେ ସାଧାରଣତଃ ୮-୧୦ ବର୍ଷର ପିଲାଙ୍କୁ ବାନ୍ଧି ଦିଆଯାଇଥାଏ। ଦୌଡ଼ବେଳେ ଓଟ ପିଠିରୁ ପିଲାଟି ଖସି ତଳେପଡ଼ି ମରିଗଲେ ବା ବିକଳାଙ୍ଗ ହୋଇଗଲେ ମାଲିକର କିଛି ଯାଏଆସେ ନାହିଁ। ଏହି ପିଲାମାନଙ୍କର ଓଜନ କମ୍ ରଖିବାକୁ ସେମାନଙ୍କୁ ଅର୍ଦ୍ଧାହାରରେ ରଖାଯାଏ କିମ୍ବା ଇଲେକ୍ଟ୍ରିକ୍ ସକ୍ ଦେଇ ଓଜନ ହ୍ରାସ କରାଯାଇଥାଏ। ଭାରତ, ପାକିସ୍ତାନ, ବାଂଲାଦେଶରୁ ପିଲାମାନଙ୍କୁ ଖର୍ଦ୍ଦି କିମ୍ବା ଅପହରଣ କରି ଓଟ ମାଲିକମାନଙ୍କୁ ବିକ୍ରି କରାଯାଇଥାଏ। ୟୁନିସେଫ୍‌ର ରିପୋର୍ଟ ଅନୁଯାୟୀ, ୨୦୦୫ରେ ୩ ହଜାରରୁ ଉର୍ଦ୍ଧ୍ୱ ପିଲା ଏହି ଓଟ ଦୌଡ଼ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଜାତିସଂଘର ହସ୍ତକ୍ଷେପ ଫଳରେ ଏବେ ବାଳକମାନଙ୍କ ପରିବର୍ତ୍ତେ ରୋବଟ୍‌ର ବ୍ୟବହାର ପାଇଁ ଆଇନ ହୋଇଥିଲେ ମଧ୍ୟ କୌଣସି ଦେଶ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି।

ସାରା ବିଶ୍ୱରେ ଏହି ମାନବ ଚାଲାଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି ଏକ ଜଘନ୍ୟ ଅପରାଧକୁ ରୋକିବାକୁ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ଆମ ଦେଶରେ 'ଦି ଇମୋରାଲ ଟ୍ରାଫିକ୍ (ପ୍ରିଭେନ୍‌ସନ୍)ଆକ୍ଟ-୧୯୫୬' ଅନୁଯାୟୀ ଜଣେ ଚାଲାଣକାରୀକୁ ୧୦ ବର୍ଷ ଜେଲଦଣ୍ଡ ସହିତ ଜରିମାନା ଦେବାର ଆଇନ ଅଛି। ମାତ୍ର ତାହା ମାନବ ଚାଲାଣକୁ ବନ୍ଦ କରିପାରିନାହିଁ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତରଙ୍କ ପାଖକୁ ଯାଆନ୍ତି, କିନ୍ତୁ ଡାକ୍ତର ଲୋକଙ୍କ ଘରକୁ ଯିବା କେବେ ଦେଖିଛନ୍ତି। ଏଭଳି ବ୍ୟବସ୍ଥା ଦେଖିବାକୁ ମିଳିଛି ତାମିଲନାଡୁ ମଦୁରାଇରେ। ସେଠାକାର ଡାକ୍ତର ଡ.ସ୍ୱାମୀନାଥନ ସି ଗାଡ଼ିରେ ଲୋକମାନଙ୍କ ଘରେ ପହଞ୍ଚି ବରିଷ୍ଠ ନାଗରିକମାନଙ୍କୁ ଶସ୍ତାରେ ଚିକିତ୍ସା କରୁଛନ୍ତି। ଏବେ ସୁଦ୍ଧା ୨୫,୦୦୦ ବରିଷ୍ଠ ନାଗରିକଙ୍କୁ ସେ ସେବା ଯୋଗାଇ ସାରିଲେଣି। 'ଡକ୍ଟର୍ସ ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ମାଧ୍ୟମରେ ଏଭଳି ସେବା ଜାରି ରହିଛି। ୨୦୧୯ରେ ଏହାକୁ ଆରମ୍ଭ କରାଯାଇଥିଲା। ୨୦୧୫ରେ ସ୍ୱାମୀନାଥନ ଡାକ୍ତରୀ ଶିକ୍ଷା ଶେଷ କରି ଏକ ଘରୋଇ ଡାକ୍ତରଖାନାରେ ଚାକିରି କରିଥିଲେ। ପରେ ତାହାକୁ ଛାଡ଼ି ୫ ବର୍ଷ ହେଲା ଏଭଳି ଚିକିତ୍ସା ଯୋଗାଇ ଚାଲିଛନ୍ତି। ତାଙ୍କ ଟିମ୍‌ରେ ଅଛନ୍ତି ଜଣେ ଡାକ୍ତର, ଫିଜିଓଥେରାପିଷ୍ଟ, ରେଡିଓଲୋଜିଷ୍ଟ, ନର୍ସ ଏବଂ ଜଣେ ଡ୍ରାଇଭର। ପୂରା ଟିମ୍ ଦିନକୁ ୧୪ ଘଣ୍ଟା କାମ କରୁଛନ୍ତି। ଆବଶ୍ୟକ ହେଲେ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ପସନ୍ଦର ହସ୍ପିଟାଲରେ ଆଡ୍‌ମିଶନ କରି ମାଗଣାରେ ଚିକିତ୍ସା କରାଯାଉଛି। ଦିନକୁ ସ୍ୱାମୀନାଥନଙ୍କୁ ୨୫ଟି କଲ ମିଳୁଛି ଓ ସେ ସେମାନଙ୍କ ଘରେ ପହଞ୍ଚୁଛନ୍ତି। ଦୂରତାକୁ ନେଇ ପୀଡ଼ିତଙ୍କଠାରୁ ୩୦୦ରୁ ୮୦୦ ଟଙ୍କା ନିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଅଗଷ୍ଟ ୧୯୯୮**

- ବାଂଲାଦେଶରେ ବନ୍ୟା ଯୋଗୁ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯିବା ସହ ୧୮ ଜଣଙ୍କର ମୃତ୍ୟୁ।
- ପ୍ରସାରଭାରତୀ ଆଇନକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରାଷ୍ଟ୍ରପତି କେ. ଆର୍. ନାରାୟଣନ୍‌ଙ୍କ ଅଧ୍ୟାଦେଶ ଜାରି।
- ରାଜ୍ୟରେ ଖୋଲା ସୋରିଷତେଲ ଏବଂ ଲେବୁଲ ନ ଥିବା ସୋରିଷତେଲ ବିକ୍ରି ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଜ୍ଞା ଜାରି।
- ସଚିନ ତେନ୍ଦୁଲକରଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଓ ଅନ୍ୟ ୨୧ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ ଶିକ୍ଷା ବିଭାଗର ବିକଳ ଚିତ୍ର

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରୁ ୧୧ ଉଚ୍ଚ ଉଚ୍ଚବିଦ୍ୟାଳୟର ମୋଟ ୨୧୪ ମଞ୍ଜୁରୀପ୍ରାପ୍ତ ପ୍ରଫେସର କାଡରର ପଦବୀ ମଧ୍ୟରୁ ୧୬୨ ପଦବୀ ଖାଲିପଡ଼ିଛି। ସେହିପରି ୪୧୪ ଆସୋସିଏଟ୍ ପ୍ରଫେସର ପଦବୀ ମଧ୍ୟରୁ ୧୪୩ ଏବଂ ୬୯୧ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ମଧ୍ୟରୁ ୨୫୪ ପଦବୀ ଖାଲି ପଡ଼ିଛି। ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ପାଖାପାଖି ୫୨ ପ୍ରତିଶତ ପଦବୀ ଖାଲିପଡ଼ିଛି। ଏହାଛଡ଼ା ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, କୋରାପୁଟର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ କୌଣସି ପଦବୀ ପୂରଣ ହୋଇନାହିଁ। ଏହି ତଥ୍ୟ ସତ୍ୟ ହୋଇଥିଲେ ସାଂଘାତିକ। ଏହା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବିକଳ ଚିତ୍ରକୁ ପ୍ରତିପାଦନ କରୁଛି। ଶିକ୍ଷକ ଅଭାବ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି।ଅଥଚ ପଦବୀଗୁଡ଼ିକ ଦୀର୍ଘଦିନ ଧରି ପୂରଣ ହେଉନାହିଁ। ଏହା ଉଚ୍ଚଶିକ୍ଷା ବିଭାଗର ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି।

**–ଅକ୍ଷୟ କୁମାର ମହାନ୍ତି,ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ !
(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀଠାରେ ହେବାକୁ ଥିବା ଜି-୨୦ ସମିଟ୍‌ର ପ୍ରସ୍ତୁତି ତଦାରଖପାଇଁ ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଓ ମେୟର ଶେଲୀ ଓବେରୟ ଚାନ୍ଦିନୀଚୌକ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ଇସିଆଇ ଟିମ୍ ଗସ୍ତକୁ ନେଇ ବଢ଼ିଲା ଆଗୁଆ ନିର୍ବାଚନ ଚର୍ଚ୍ଚା

ଭୁବନେଶ୍ୱର,୨୯।୮ (ଅନିଲ ଦାସ)

## ସେପ୍ଟେମ୍ବର ୧୩ରେ ଜିଲାପାଳଙ୍କ ସହ କରିବେ ସମୀକ୍ଷା ବୈଠକ

ଆଗୁଆ ସାଧାରଣ ନିର୍ବାଚନକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଏକ ଟିମ୍ ରାଜ୍ୟର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଆସନ୍ତା ସେପ୍ଟେମ୍ବର ୧୩ରେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଗୁଆ ନିର୍ବାଚନ ନେଇ ଭବିଷ୍ୟବାଣୀ କରିବା ପରେ ରାଜ୍ୟରେ ଆଗୁଆ ନିର୍ବାଚନ ନେଇ ଚର୍ଚ୍ଚା ପୁଣି ଆରମ୍ଭ ହୋଇଯାଇଛି। ତେବେ ନିର୍ବାଚନ କମିଶନ ଟିମ୍‌ଙ୍କ ଗସ୍ତ ସହିତ ଆଗୁଆ ନିର୍ବାଚନର କୌଣସି ସମ୍ପର୍କ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ପୂର୍ବରୁ ସଙ୍କେତ ଦେଇସାରିଛନ୍ତି। ଇସିଆଇଙ୍କ ଟିମ୍ ସେପ୍ଟେମ୍ବର ୧୩ରେ ଜିଲାପାଳମାନଙ୍କ ସହ ଆଲୋଚନା କରିବେ। ଆସନ୍ତା ଅକ୍ଟୋବରରେ ଇଭିଏମ୍ ଓ ଭିଭିପାଟ୍‌ଗୁଡ଼ିକ ଯାଞ୍ଚ କରାଯିବ। ନଭେମ୍ବର ୧୫ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ । ତେବେ ଇସିଆଇ ଟିମ୍‌ଙ୍କ ଓଡ଼ିଶା ଗସ୍ତ ସହିତ ଆଗୁଆ ନିର୍ବାଚନର କୌଣସି ସମ୍ପର୍କ ନାହିଁ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ହେବ ବୋଲି ସିଇଓ କହିଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ଅନ୍ୟ ୫ ରାଜ୍ୟ ସହ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେବ ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ସମୟରେ ପୂର୍ବାନୁମାନ କରାଯାଇ ଆସୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଆଗୁଆ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ ହେଉଥିବା କଥା ପୂର୍ବରୁ ଅନେକ ଥର ଗଣମାଧ୍ୟମକୁ କହିଛନ୍ତି। ତେବେ ଆଗୁଆ ନିର୍ବାଚନ ନେଇ ବିଜେଡି ପକ୍ଷରୁ କୌଣସି ଆକଳନ କରାଯାଇ ନ ଥିବା ଦଳ ପକ୍ଷରୁ କୁହାଯାଇଛି। ଯଦି ଆଗୁଆ ନିର୍ବାଚନ ନେଇ କେନ୍ଦ୍ରରୁ ସଙ୍କେତ ମିଳିବ ସେ ନେଇ ଦଳ ପ୍ରସ୍ତୁତ ରହିଛି ବୋଲି ବିଜେଡି ନେତା କହୁଛନ୍ତି। ୨୦୦୪ରେ ଆଗୁଆ ନିର୍ବାଚନ କରାଯାଇଥିଲା। ଏହା ପରଠାରୁ କେବେ ଆଗୁଆ ନିର୍ବାଚନ ହୋଇ ନାହିଁ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରି ସାରିଲେଣି। ନିର୍ବାଚନ ଯେତେବେଳେ ବି ହେଉ ରାଜ୍ୟବାସୀଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀ ନବୀନଙ୍କ ଉପରେ ରହିଛି। ଏଥିପାଇଁ ଭୟ କରିବାର କିଛି ନାହିଁ ବୋଲି ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଆଗୁଆ ନିର୍ବାଚନ ପାଇଁ ଦଳ ସବୁବେଳେ ପ୍ରସ୍ତୁତ ରହିଛି। ରାଜ୍ୟବାସୀ ଜାଣି ସାରିଛନ୍ତି ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସେହିପରି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ନିର୍ବାଚନ ଯେତେବେଳେ ହେଲେ ବି ଦଳ ପ୍ରସ୍ତୁତରେ ରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପୃଥକ୍ ଭାବେ କରାଗଲେ ନିର୍ବାଚନ ଖର୍ଚ୍ଚ ଦୁଇଗୁଣା ବଢ଼ିଯିବ। ରାଜ୍ୟର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ବର୍ଷ ଜୁନ୍ ମାସ ପୂର୍ବରୁ ବିଧାନସଭା ନିର୍ବାଚନ ଶେଷ ହେବ ବୋଲି ସେ କହିଛନ୍ତି।

# ଯେକୌଣସି ସମୟରେ ଲୋକ ସଭା ନିର୍ବାଚନ ହୋଇପାରେ: ନୀତୀଶ

ନୂଆଦିଲ୍ଲୀ, ୨୯।୮ : ଦେଶର ପରବର୍ତ୍ତୀ ଲୋକ ସଭା ନିର୍ବାଚନ ନିର୍ଦ୍ଧାରିତ ସମୟ ୨୦୨୪ ପୂର୍ବରୁ ଯେକୌଣସି ସମୟରେ ହୋଇପାରେ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ପୁନର୍ବାର ଦାବି କରିଛନ୍ତି। ଏହା ପ୍ରକୃତ କାର୍ଯ୍ୟସୂଚୀ ଅନୁଯାୟୀ ହେବ ବୋଲି କୌଣସି ଗ୍ୟାରେଣ୍ଟି ନ ଥିବା ସେ କହିଛନ୍ତି। ମିଳିତ ବିରୋଧୀ ଦଳର ବୈଠକ ପୂର୍ବରୁ ଗତ ଜୁନ୍‌ରେ ନୀତୀଶ ଆଗୁଆ ନିର୍ବାଚନ ସମ୍ଭାବନା ଥିବା କହିଥିଲେ। ତେବେ ସାଧାରଣ ନିର୍ବାଚନ ଆଗୁଆ ହେବା ନେଇ ପୂର୍ବାନୁମାନ କରିବାରେ ନୀତୀଶ ଏକମାତ୍ର ବିରୋଧୀ ନେତା ନୁହନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସୋମବାର ଏକ ରାଲିରେ ଅନୁରୂପ ଦାବି କରିଥିଲେ। ଭାଜପା ଆଗାମୀ ଡିସେମ୍ବର କିମ୍ବା ଜାନୁୟାରୀରେ ଲୋକ ସଭା ନିର୍ବାଚନ କରିପାରେ ବୋଲି ସେ ସନ୍ଦେହ କରୁଥିବା କହିଥିଲେ। ଅନ୍ୟ ଦଳଗୁଡ଼ିକ ଯେପରି କୌଣସି ହେଲିକପ୍ଟର ନ ପାଇବେ, ସେଥିପାଇଁ ପାର୍ଲାମେଣ୍ଟ ନିର୍ବାଚନର ବହୁ ପୂର୍ବରୁ ଭାଜପା ସବୁ ହେଲିକପ୍ଟର ବୁକ୍ କରିସାରିଲାଣି।

ଶାସକ ଏନ୍‌ଡିଏର କେତୋଟି ଦଳ ବିରୋଧୀ ମେଣ୍ଟ ଇଣ୍ଡିଆରେ ସାମିଲ ହେବା ସମ୍ଭାବନା ଥିବା ନୀତୀଶ କୁମାର ସୂଚନା ଦେଇଛନ୍ତି। ଏବେ ସେହି ଦଳଗୁଡ଼ିକ ସମ୍ପର୍କରେ କହିହେବ ନାହିଁ। କିଛିଦିନ ଅପେକ୍ଷା କରନ୍ତୁ ସବୁ ଜାଣିପାରିବେ ବୋଲି ଜେଡିୟୁ ନେତା କହିଥିଲେ।

# ରାଜ୍ୟବାସୀ ସତର୍କ ନ ହେଲେ କୌରବ ଅବସ୍ଥା ଭୋଗିବାକୁ ପଡ଼ିବ: କଂଗ୍ରେସ

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)

ବର୍ତ୍ତମାନ ଓଡ଼ିଶାରେ ଗୋଟିଏ ନୂଆ ପ୍ରଥା ଦେଖିବାକୁ ମିଳୁଛି। ସରକାରୀ ଅଧିକାରୀ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ସ୍ଥାନକୁ ଗସ୍ତ କରୁଛନ୍ତି। ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା କଲେଜ ପିଲାଙ୍କୁ ଶାସକ ଦଳକୁ ଆକୃଷ୍ଟ କରିବାକୁ ଆପ୍ରାଣ ଉଦ୍ୟମ ଅଧିକାରୀଙ୍କ ସ୍ତରରେ କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ପିଲାଙ୍କୁ ଯୋଗ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିୟମର ଅନୁପାଳନ ହେଉନାହିଁ। କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ପଞ୍ଚାନନ ଦାଶ ଏହି ଅଭିଯୋଗ ଆଣିଛନ୍ତି। ଏବେ ଓଡ଼ିଶାର ଲୋକେ ସତର୍କ ନ ହୋଇ ବାହାର ଲୋକଙ୍କୁ ଯଦି ଏମିତି ପ୍ରଶ୍ରୟ ଦିଅନ୍ତି ଆଗାମୀ ଦିନରେ ରାଜ୍ୟବାସୀଙ୍କୁ କୌରବ ଅବସ୍ଥା ଭୋଗିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ବିଜେଡି, ଭାଜପା ବିରୋଧରେ ଏକାକୀ ଲଢ଼ିବ କଂଗ୍ରେସ: ଶରତ

ନୂଆପଡ଼ା,୨୯।୮(ମକାରୁ ବେମାଲ)

ନୂଆପଡ଼ା ଜିଲା ପଟ୍ଟନାୟକ ଫାର୍ମ ହାଉସଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଜିଲା କଂଗ୍ରେସ୍ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଥିଲା। ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡ଼ା ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାମାନଙ୍କୁ ନେଇ ଆଲୋଚନା କରାଯାଇଥିଲା। ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପାର କଳାକାରନାମା ବିରୋଧରେ କଂଗ୍ରେସ ଏକ ହୋଇ ଲଢ଼ିବ, ଆଉ ନିଶ୍ଚିତ ବିଜୟ ଲାଭ କରିବ ବୋଲି ପିସିସି ସଭାପତି କହିଥିଲେ। ଓଡ଼ିଶା ସରକାରଙ୍କୁ ସମାଲୋଚନା କରି ଭାଜପା ବଳରେ ବିଜେଡି ବଳୀୟାନ, ଦୁଇ ଦଳ ଓଡ଼ିଶାକୁ ଗରିବ ରାଜ୍ୟରେ ପରିଗଣିତ କରିଦେଇଛନ୍ତି କହି ଉଭୟ ଦଳକୁ କଡା ସମାଲୋଚନା କରିଛନ୍ତି। ଆପଣମାନଙ୍କ ସହଯୋଗ ନେଇ ତୃଣମୂଳସ୍ତରରୁ ସଙ୍ଗଠିତ ହୋଇ ଏ ଦୁର୍ନୀତି ଖୋର୍ ସରକାରଙ୍କୁ ବିଦା କରିବା ପାଇଁ ସମୟ ଆସିଛି ବୋଲି ଶରତ କହିଛନ୍ତି। ଏହି ସଭାରେ ଜିଲା ପ୍ରଭାରୀ ତଥା କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ନୂଆପଡାବାସୀଙ୍କ ପାଇଁ ସାହାଯ୍ୟ ସହଯୋଗ ସଦାସର୍ବଦା କରି ଆସୁଛି ବୋଲି କହିଥିଲେ। ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ସବୁବେଳେ ଯୁବ, ଛାତ୍ର, ସମାଜ ଓ ଲୋକଙ୍କ ହିତ କାର୍ଯ୍ୟ କରି ଆସୁଛି। ଜିଲାବାସୀଙ୍କ ପାଇଁ ସବୁବେଳେ ଦୁଆର ଖୋଲା ରହିଛି। ରାଜ୍ୟ ସାଧାରଣ ସମ୍ପାଦକ ଘାସିରାମ ମାଝି, ନୂଆପଡା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦ, ଜିଲା ପରିଷଦ ସଭ୍ୟ ଭାରତ ଲାଲ ରାଉତ, ନୂଆପଡା ବ୍ଲକ ସଭାପତି ଚୁନିଲାଲ ଶବର, ନୂଆପଡା ଏନ୍‌ଏସି ସଭାପତି କୁଲଦୀପ ସୂର୍କୋଆଜ, କୋମନା ବ୍ଲକ ସଭାପତି ପିଲେଶ୍‌ର ସାହୁ, ଜିଲା ସାଧାରଣ ସମ୍ପାଦକ ଅଭୟ ଶଙ୍କର ଜୋଷୀ, ସବୁ ନେତାଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା।



ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

# ଗ୍ୟାସ୍ ଦର ହ୍ରାସ ପ୍ରଧାନମନ୍ତ୍ରୀଙ୍କ ରାଖୀ ଉପହାର: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ହ୍ରାସ ଓ ଅତିରିକ୍ତ ଉଜ୍ଜ୍ୱଳା ହିତାଧିକାରୀ ଯୋଡ଼ିବା ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ମାତୃଶକ୍ତି ତଥା ଦେଶର ମା'ଭଉଣୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ରାଖୀ ଉପହାର ବୋଲି ସେ କହିଛନ୍ତି ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶରେ ଥିବା ୩୩ କୋଟି ଏଲ୍‌ପିଜି ହିତାଧିକାରୀଙ୍କୁ ଗ୍ୟାସ୍ ସିଲିଣ୍ଡର ପିଛା ନିର୍ଦ୍ଧାରିତ ମୂଲ୍ୟଠାରୁ ୨୦୦ ଟଙ୍କା କମ୍ କରିବା ସଂକ୍ରାନ୍ତୀୟ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ସେହିପରି 'ଆଜାଦୀ କା ଅମୃତ' ମହୋତ୍ସବ ଅନ୍ତର୍ଗତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'ରେ ଅତିରିକ୍ତ ୭୫ ଲକ୍ଷଙ୍କୁ ମାଗଣାରେ ଏଲ୍‌ପିଜି ଗ୍ୟାସ୍ ପ୍ରଦାନ କରିବାର ଆଉ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି । ପୂର୍ବ ସରକାରରେ ୨୦୧୪ ସୁଦ୍ଧା ଦେଶରେ ବାସ୍ତବିକ ୧୪ କୋଟି ଏଲ୍‌ପିଜି ହିତାଧିକାରୀ ଥିବା ବେଳେ ଗତ ୯ ବର୍ଷରେ ମୋଦି ସରକାରରେ ଏହି ସଂଖ୍ୟା ବୃଦ୍ଧି ପାଇଁ ୩୩ କୋଟିରେ ପହଞ୍ଚିଛି। ଦେଶରେ ୯ କୋଟି ୬୦ ଲକ୍ଷ ଉଜ୍ଜ୍ୱଳା ଯୋଜନାର ଲାଭାର୍ଥୀ ଥିବାବେଳେ ବର୍ତ୍ତମାନର କ୍ୟାବିନେଟ ନିଷ୍ପତ୍ତି ଦ୍ୱାରା ଉଜ୍ଜ୍ୱଳା ହିତାଧିକାରୀଙ୍କ ସଂଖ୍ୟା ୧୦ କୋଟି ୩୫ ଲକ୍ଷରେ ପହଞ୍ଚିବ। ସାଢେ ୪ ହଜାର କୋଟି ଟଙ୍କାର ଦାୟିତ୍ୱ କେନ୍ଦ୍ର ସରକାର ନେବେ ବୋଲି ସେ କହିଛନ୍ତି। ଗ୍ୟାସ୍ ଦର ହ୍ରାସ ନିଷ୍ପତ୍ତି ଲାଗି ପ୍ରଧାନମନ୍ତ୍ରୀଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ୪ରୁ ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସର ପ୍ରତିବାଦ

## ୨ ମାସବ୍ୟାପୀ ଚାଲିବ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' କାର୍ଯ୍ୟକ୍ରମ



କଂଗ୍ରେସ ଭବନଠାରେ ମଙ୍ଗଳବାର 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' ଲୋଗୋ ଉନ୍ମୋଚନ କରାଯାଉଛି। (ଫଟୋ : ମୌସମ ନନ୍ଦ)

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର) : ଓଡ଼ିଶା ଛାତ୍ର କଂଗ୍ରେସ ତରଫରୁ ଏକ କର୍ମଶାଳା ସହ ନୂତନ କାର୍ଯ୍ୟକ୍ରମ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' ଲୋଗୋ ମଙ୍ଗଳବାର କଂଗ୍ରେସ ଭବନଠାରେ ଉନ୍ମୋଚନ କରାଯାଇଛି। ବିଭିନ୍ନ ଦାବି ନେଇ ରାଜ୍ୟର ସବୁ ମହାବିଦ୍ୟାଳୟରେ ଆସନ୍ତା ୪ରୁ 'ଘଣ୍ଟ ବାଡ଼େଇ' ଛାତ୍ର କଂଗ୍ରେସ ପ୍ରତିବାଦ କରିବ। ଆସନ୍ତା ୨ ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଏ ନ୍ ଏ ସ୍ ୟୁ ଆ । ଇ ର ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା, ଶିକ୍ଷା ବ୍ୟବସ୍ଥାରେ ସୁଧାର, ଛାତ୍ର ସଂସଦ ନିର୍ବାଚନ ଆଦି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ ପାଇଁ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' କାର୍ଯ୍ୟକ୍ରମ ଚାଲିବ। ଓଡ଼ିଶାରେ ଶାସକ ଦଳ ଅଗଣତାନ୍ତ୍ରିକ ଉପାୟରେ ଛାତ୍ର ସଂସଦ ନିର୍ବାଚନକୁ ଗତ ୮ ବର୍ଷ ଧରି ବନ୍ଦ କରି ରଖିଛନ୍ତି। ଛାତ୍ରମାନଙ୍କ ସ୍ୱରକୁ ଦବାଇ ରଖି ଏକଛତ୍ରବାଦ ନୀତିରେ ସମଗ୍ର ଛାତ୍ର ସମାଜକୁ ଉପେକ୍ଷିତ କରିଆସୁଛି। ଏଥିଯୋଗୁ ଛାତ୍ରମାନେ ନିଜର ସମସ୍ୟା ନେଇ ପ୍ରତିବାଦ କରିପାରୁନାହାନ୍ତି। ଛାତ୍ରମାନଙ୍କ ପ୍ରତିଭା ବା ଦକ୍ଷତା ବିକାଶ ପାଇଁ କୌଣସି କାର୍ଯ୍ୟକ୍ରମ ତଥା ଭିତ୍ତିଭୂମି ଦିଆଯାଉନାହିଁ। ଛାତ୍ରମାନଙ୍କ ଶିକ୍ଷାର ମାନ କ୍ରମାଗତ ଦୁର୍ବଳ ହେଉଛି ବୋଲି ୟାସିର କହିଛନ୍ତି।

**Pharmaceuticals & Medical Devices Bureau of India (PMBI)**
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Tel.: 011- 49431800

**WALK – IN – INTERVIEWS IN SALES & MARKETING**

**Advt. No. 04/2023**

**Pharmaceuticals & Medical Devices Bureau of India (PMBI)** is the implementing agency for **Pradhan Mantri Bhartiya Janaushadhi Pariyojana** of **Department of Pharmaceuticals, Ministry of Chemicals & Fertilizers, Government of India.** The objective of the scheme is to make available quality generic medicines at affordable prices to all. PMBI is expanding it's operations and has urgent requirement in Sales & Marketing department. Walk-in-Interviews for such positions shall be held as follows:

| Name of Posts | Total Posts | Place of Posting | Date and Time of Interviews | Venue (Place/ Address) of Walk-in-Interviews |
|---|---|---|---|---|
| Assistant Manager (Sales & Marketing) | 6 | Uttar Pradesh, Madhya Pradesh, Rajasthan, Chhattisgarh, Odisha, West Bengal, Tamil Nadu, Karnataka, Kerala | 12.09.2023 (TUESDAY) (10:00 AM to 01:00 PM) | Pharmaceuticals & Medical Devices Bureau of India (PMBI), E-1, 8th Floor, Videocon Tower, Jhandewalan Extn., New Delhi–110055 |
| Senior Marketing Officer (Sales & Marketing) | 6 | | 12.09.2023 (TUESDAY) (01:30 PM to 04:30 PM | |

Eligible candidates may appear for Walk-in-Interviews on the above-mentioned date on given venue. For the eligibility criteria, application form, salary structure and detailed terms & conditions visit at our website: **janaushadhi.gov.in.**

CEO, PMBI

**ADMISSION NOTICE**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
(Department of Empowerment of Persons with Disabilities (DIVYANGJAN)
Ministry of Social Justice & Empowerment, Government of India)
Olatpur, P.O: Bairoi, Dist- Cuttack-754010 (Odisha)
Tel. 0671-2805347, Mob: 9438568953, 9937755426
Website: https://svnirtar.nic.in
E-Mail: dasvnirtar@gmail.com

**Applications are invited from the eligible candidates in the prescribed form for admission into:**

**Certificate Course in Bench Skills (CBS)-2023-24**

**ELIGIBILITY**
**Passed 10th class with at least 50% marks in regular schooling mode from a recognized Indian board.**
DURATION OF THE COURSE: 01 Year

**Date of available of Application Form in website & Department of Academics, SVNIRTAR: 29.08.2023**
**Closing date of Receipt of Application form: 11.09.2023 (05.00 PM)**

For more details log on to https://svnirtar.nic.in

Sd/-
Director

**SALESMAN REQUIRED**
Required 6 Nos. of Sales Personals for Jewellery Showrooms with minimum experience of 5 year in same field. Candidates may email their CVs on given email id or drop at our showroom in personal.
**BISHANDAYAL JEWELLERS**
501, Janpath
Sriya Square-757001 (BBSR)
Email Id:bdj.bbsr@gmail.com
Salary 20000 & above plus commission on sales ext.

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
1. FARM MANAGER TO DEVELOP HORTICULTURE FARM.
2. FIELD DEMONSTRATOR CUM SALES PROMOTER.
3. PART TIME TALLY OPERATOR.
Apply: **KAMAL TRADERS**
Mobile:9778184106

**ZENITH INSTITUTE OF SCIENCE AND TECHNOLOGY**
**STAFF REQUIREMENT**

| SL. No. | POST | NO. OF VACANCIES | MINIMUM QUALIFICATION | EXPERIENCE |
|---|---|---|---|---|
| 1 | LECTURER IN MECH. ENGG. | 3 | B.TECH OR ABOVE | 0 to 3 Years |
| 2 | LECTURER IN ELEC. ENGG. | 2 | B.TECH OR ABOVE | 0 to 3 Years |
| 3 | LECTURER IN CIVIL ENGG. | 2 | B.TECH OR ABOVE | 0 to 3 Years |
| 4 | LECTURER IN MINING ENGG. | 1 | B.TECH OR ABOVE | 0 to 3 Years |
| 5 | LECTURER IN COMP.SC ENGG. | 4 | B.TECH OR ABOVE | 0 to 3 Years |
| 6 | LAB ASST. IN ALL DEPARTMENTS | 1 FOR EACH DEPARTMENT | DIPLOMA | 0 to 3 Years |
| 7 | FACULTIES IN (PHYSICS, ENGLISH, MATHEMATICS) | 1 FOR EACH | B.Sc. OR ABOVE | 0 to 3 Years |

Date of Interview: 01.09.2023 (Friday) 11.00 AM onwards.
ZENITH INSTITUTE OF SCIENCE AND TECHNOLOGY
Pitapalli, Khordha, Odisha-752057
E-mail:zistorissa@gmail.com, Mob: (+91) 8908018083/85

**ZENITH SCHOOL OF MANAGEMENT**
**STAFF REQUIREMENT**

| SL. No. | POST | NO. OF VACANCIES | MINIMUM QUALIFICATION | EXPERIENCE |
|---|---|---|---|---|
| 1 | PRINCIPAL | 1 | Ph.D & Above | 3 to 5 Years |
| 2 | ASSOCIATE PROFESSOR (FINANCE, MARKETING, HR, OPERATIONAL MANAGEMENT, IT) | 1 FOR EACH SPECIALISATION | Ph.D. or Above | 0 to 3 Years |
| 3 | ASSISTANT PROFESSOR (FINANCE, MARKETING, HR, OPERATIONAL MANAGEMENT, IT) | 1 FOR EACH SPECIALISATION | MBA or Above | 0 to 3 Years |
| 4 | ADMINISTRATIVE OFFICER | 1 | ANY POST GRADUATE | 3 to 5 Years |
| 5 | RECEPTIONIST | 1 | GRADUATE | 0-3 Years |

Date of Interview: 02.09.2023 (Saturday) 11.00 AM onwards.
ZENITH INSTITUTE OF SCIENCE AND TECHNOLOGY
Pitapalli, Khordha, Odisha-752057
E-mail:zsomodisha@gmail.com, Mob: (+91)8908018083/85

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
-TRADE APPRENTICES (Designated/Optional): 152
-TECHNICIAN APPRENTICES: 136
-GRADUATE APPRENTICES: 48

AGE CRITERIA: Minimum 18 years and maximum 28 years as on date 30th September, 2023.

STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.

RESERVATION: As per the guidelines of Govt. of Odisha, shall be followed with applicable age relaxation.

SELECTION: Selection for engagement of Apprentices for training would be on merit basis, considering their percentage (%) of marks obtained in the basic prescribed qualifications as applicable to respective branch/ trade.

Last date for applying in the portal: 30th September, 2023.

REQUIREMENT BEFORE FILLING ON-LINE REGISTRATION

I. Before applying for above apprentices positions, candidates have to first register themselves in online portals of the following agencies of Govt. of India:
(a) For Trade Apprentices: In the link https://apprenticeshipindia.gov.in
(b) For Graduate/Technician Apprentices: National Apprenticeship Training Scheme (NATS) in the link https://portal.mhrdnats.gov.in

II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.

III. The candidate must ascertain the correctness of all information before filling in the online registration and its final submission.

IV. The candidate shall be wholly/exclusively responsible for the information provided in his/her online registration.

V. After successfully registration/apply online, the candidate must take a print out of the filled-in online application for future reference.

HOW TO APPLY:

A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity then click search by Establishments Name (SAIL ROURKELA STEEL PLANT) to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal.

B) For Degree/Diploma: Candidates are advised to register as a student online on https://portal.mhrdnats.gov.in. After registering oneself, one can login into the home page of NATS portal as candidate then go to Establishments Requests then click Find Establishments. Candidate should select STEEL AUTHORITY OF INDIA LIMITED, Rourkela Steel Plant, Rourkela apply in passed out branch of engineering appearing on the portal.

Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.

Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/ discipline. The vacancies in each apprenticeship trade are indicative and may vary during selection process.

RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

ବଲାଙ୍ଗୀର,୨୯।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ମାମଲାର ରାୟ ପ୍ରକାଶ ପାଇଛି। ଏକ ବଳାତ୍କାର ମାମଲାର ବିଚାର କରି ପୋକ୍‌ସୋ କୋର୍ଟ ବିଚାରପତି ଗୋପବନ୍ଧୁ ଗଡନାୟକ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କଳାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ଆହୁରି ଦୁଇ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ସିନ୍‌ଭାଡି ଗାଁର ବରୁଣ ଝାଙ୍କର (୬୮)। ଗତ ୨୦୧୫ ମସିହା ଫେବୃୟାରୀ ମାସରେ ସେ ଜଣେ ୧୭ ବର୍ଷ ବୟସ୍କା ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା (୧୮/୨୫)ରେ ଅଭିଯୁକ୍ତ ବରୁଣଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନର ୩୬୩, ୩୬୬, ୩୭୬, ୧୦୯ ଏବଂ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ବିଚାରପତି ଗଡନାୟକ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଥିଲେ। ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ବିଚାରପତି ଗଡନାୟକ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ଆଡଭୋକେଟ୍ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

### ଚାଷୀଙ୍କୁ ଫଳଚାରା ବଣ୍ଟନ

ଲୋଇସିଂହା,୨୯।୮(ସୁଶାନ୍ତ ବାରିକ)

ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ପାଠାଗାର ପରିସରରେ ଚାଷୀଙ୍କୁ ଫଳ ଚାରା ମଙ୍ଗଳବାର ବଣ୍ଟନ କରାଯାଇଛି । ଆଗଲପୁର ଓ ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମର ୪ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ବିଭୀନ୍ନ ପ୍ରକାର ଫଳ ଚାରା ପ୍ରଦାନ କରାଯାଇଥିଲା । ପଲ୍ଲୀ ଆଲୋକ ପାଠାଗାର ଏବଂ କେତେକ ଅନୁଷ୍ଠାନର ସମ୍ମିଶ୍ରଣରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପର୍ତ୍ତୁଶ ପଣ୍ଡା, ଭଜମନ ସାହୁ, ସ୍ଥାନୀୟ ସମିତି ସଭ୍ୟ ଦେବଦତ୍ତ ଦଣ୍ଡସେନା, ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ହୀରାଲାଲ ମିଶ୍ର ଉପସ୍ଥିତ ଥିଲେ । ବର୍ତ୍ତମାନ ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ ଯୋଗୁ ବନ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି । ଚଳିତବର୍ଷ ଅନିୟମିତତା ବର୍ଷା ଯୋଗୁ ଖରିଫ ଚାଷ ପ୍ରଭାବିତ ହେବାରେ ଲାଗିଛି । ଏହାକୁ ଆଖି ଆଗରେ ରଖି ପଡିଆ ଜମିରେ ବିଭିନ୍ନ ପ୍ରକାର ଫଳଚାରା ରୋପଣ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି । ଚାଷୀମାନେ ସଚେତନ ହୋଇ ଆଗଭର ହେଲେ ପରିବେଶ ସନ୍ତୁଳନ ରଖା ଯାଇପାରିବ । ୨ରୁ ୩ ବର୍ଷ ମଧ୍ୟରେ ଗଛରୁ ଫଳ ବିକ୍ରି କରି ଲାଭାନ୍ୱିତ ହୋଇପାରିବା ବୋଲି ଅତିଥିମାନେ ମତପୋଷଣ କରିଥିଲେ ।

### ବରିଷ୍ଠ ନାଗରିକଙ୍କ ସାକ୍ଷାତ ସମାବେଶ

ବଲାଙ୍ଗୀର, ୨୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବରିଷ୍ଠ ଭାଜପା ନେତା ତଥା ବଲାଙ୍ଗୀର ଆହ୍ୱାନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମ ସ୍ଥାନୀୟ ଅମଲା ଭବନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବଲାଙ୍ଗୀର ସହରର ବହୁ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅର୍ଥନୈତିକ କ୍ଷେତ୍ରରେ ହେଉ କିମ୍ବା ମହାକାଶ କ୍ଷେତ୍ରରେ ଆଜି ଭାରତ ବିଶ୍ୱଶକ୍ତି ଭାବେ ଉଭା ବୋଲି ଆଲୋଚନା କରାଯାଇଥିଲା। ବଲାଙ୍ଗୀର ଜିଲା ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଦେଶର ପଛୁଆ ଜିଲାର ଅପବାଦ ବହନ କରୁଛି। ଏଠାରେ ଜନସାଧାରଣଙ୍କ ଛୋଟ ଛୋଟ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିବାକୁ ମଧ୍ୟ ଆନ୍ଦୋଳନର ଆବଶ୍ୟକ ପଡୁଛି। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ଥିବା ବରିଷ୍ଠ ବୁଦ୍ଧିଜୀବୀ ମତ ରଖିଥିଲେ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବି ବିସ୍ଥାପିତଙ୍କ ଉଚିତ କ୍ଷତିପୂରଣ ଦେବାରେ ଏବଂ ଥଇଥାନ କରିବାରେ ପ୍ରଶାସନ ବିଫଳ ହେବା, ନିର୍ବାଚନକୁ ଆଖିରେ ରଖି ତରବରିଆ ଭାବେ କେନାଲ କାମ ସରି ନ ଥିଲେ ମଧ୍ୟ ଗ୍ରାମବାସୀଙ୍କୁ ଜବରଦସ୍ତ ବିସ୍ଥାପନ କରିବାକୁ ନିନ୍ଦା କରାଯାଇଥିଲା।

# ପଶ୍ଚିମ ଓଡ଼ିଶାବାସୀଙ୍କ ମାତୃଭାଷାକୁ ମାନ୍ୟତା ଦିଅ

ବଲାଙ୍ଗୀର,୨୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

- ଆମର ବର୍ଣ୍ଣମାଳା ବହି ବଣ୍ଟନ ହେଉନାହିଁ
- ପଶ୍ଚିମାଞ୍ଚଳର ଭାଷା ଷଡ଼ଯନ୍ତ୍ରର ଶିକାର ଅଭିଯୋଗ

ପଶ୍ଚିମ ଓଡ଼ିଶାବାସୀଙ୍କ ବ୍ୟବହାରିକ ଭାଷା ଆଜି ପର୍ଯ୍ୟନ୍ତ ସାମ୍ବିଧାନିକ ମାନ୍ୟତା ପାଇନାହିଁ। ୨୦୨୦ ନୂତନ ଶିକ୍ଷାନୀତି ଅନୁସାରେ ପଶ୍ଚିମ ଓଡିଶାର ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାଥମିକସ୍ତରରେ ଶିକ୍ଷା ଦିଆଯିବା କଥା। ମାତ୍ର ତାହା ନକରି ଅତି ଚତୁରତାର ସହିତ ସେମାନଙ୍କ ଉପରେ ମାତୃଭାଷା ନାମରେ ଓଡ଼ିଆ ଭାଷାକୁ ଲଦିଦେଇ ଏବେ ମାଷ୍ଟର ଟ୍ରେନରମାନେ ସରକାରୀ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ଏହା ପଛରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରଚ୍ଛନ୍ନ କାରସାଦି ଥିବା କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ୱର୍ଗତ କିଶୋର ମହାନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିଲାବେଳେ ତାଙ୍କ ନେତୃତ୍ୱରେ ପଶ୍ଚିମ ଓଡିଶାର ଶିଶୁମାନଙ୍କୁ ପ୍ରାଥମିକସ୍ତରରେ ପାଠ ପଢାଇବା ପାଇଁ ପଦ୍ମଶ୍ରୀ ନରସିଂହ ଗୁରୁଙ୍କ ରଚିତ କୋଶଲୀ ଭାଷାରେ ଆମର ବର୍ଣ୍ଣମାଳା ବହି ଛପା ଯାଇଛି। ଯହିଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ହେଲା ପଶ୍ଚିମ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟମାନଙ୍କୁ ଉକ୍ତ ପୁସ୍ତକ ବଣ୍ଟାଯିବ ଏବଂ ଶିଶୁମାନେ ସେ ପୁସ୍ତକ ମାଧମରେ ନିଜ ମାତୃଭାଷାରେ ପ୍ରାଥମିକସ୍ତରରେ ପାଠ ପଢିବେ। ଏହାଦ୍ୱାରା ସେମାନଙ୍କ ହ୍ରାସ ପାଉଥିବା ବୌଦ୍ଧିକ ବିକାଶ ହେବ। ମାତ୍ର କ୍ଷୋଭର କଥାଯେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ଛପା ହୋଇଥିବା ପୁସ୍ତକ ଆମର ବର୍ଣ୍ଣମାଳା ବଣ୍ଟା ନ ଯାଇ ପଶ୍ଚିମ ଓଡିଶା ବିକାଶ ପରିଷଦରେ ଏବେ ଖତ ଖାଉଛି। ଏପ୍ରକାର ରାଜନୈତିକ ଚକ୍ରାନ୍ତ ଓ ଅଗଣତାନ୍ତ୍ରିକ ପଦକ୍ଷେପର ତୀବ୍ର ବିରୋଧ ସକାଶେ ଜନମତ ପ୍ରକାଶ ପାଉଛି। ଏକ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ରାଜନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି। ମା, ମାଟି ମାତୃଭାଷା ଓ ମାତୃ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ସକାଶେ କୋଶଲ ସାହିତ୍ୟ ସଂସ୍କୃତି ଏକଡେମୀ ଦୀର୍ଘ ୧୨ ବର୍ଷ ହେଲା ଲଢେଇ କରିଆସିଛି। ଭାଷା ମରିଗଲେ ସଂସ୍କୃତି ମରିଯିବ ଓ ସଂସ୍କୃତି ମରିଗଲେ ଏକ ଅଞ୍ଚଳବାସୀଙ୍କ ପରିଚିତି ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ। ଏଣୁ ତାର ସୁରକ୍ଷା ଓ ସମୃଦ୍ଧି ସକାଶେ କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ପଶ୍ଚିମ ଓଡିଶାର ସମସ୍ତ ନେତା, ଚେତା ଓ ବୁଦ୍ଧିଜୀବୀମାନେ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଛି। କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ସକାଶେ ଏକାଡେମୀ ପକ୍ଷରୁ ପ୍ରତିନିଧି ଦଳରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର, ଗୃହମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ଏମ୍‌ପି ସୁରେଶ ଚନ୍ଦ୍ର ପୂଜାରୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠୀଙ୍କୁ ଭେଟି ଦାବି ଉପସ୍ଥାପିତ କରାଯାଇଛି। ଏନେଇ ଗୃହମନ୍ତ୍ରୀ ଅମିତ ଶାହା ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲିଖିତ ଭାବେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ଏକାଡମୀ ପକ୍ଷରୁ ସମ୍ପାଦକ ଗୋରେଖନାଥ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇ ପଶ୍ଚିମ ଓଡିଶାର ପିଲାମାନଙ୍କୁ ତାଙ୍କ ମାତୃଭାଷାରେ ଶୀଘ୍ର ପାଠପଢ଼ା ବ୍ୟବସ୍ଥା କରି କୋସଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବାକୁ ଦାବି କରିଛନ୍ତି।

# ସୁକ୍‌ତେଲ ଥଇଥାନ କଲୋନିକୁ ବିରାଜିଲେ କନ୍ଧେନବୁଢ଼ୀ



ଖୁଣ୍ଟପାଲି ଗ୍ରାମବାସୀ ଖୁଣ୍ଟପାଲି ଗ୍ରାମରୁ ଗ୍ରାମଦେବୀ କନ୍ଧେନବୁଢ଼ୀଙ୍କୁ ପୁନର୍ବାସ କଲୋନୀକୁ ପାଛୋଟି ଆଣୁଛନ୍ତି।

ବଲାଙ୍ଗୀର ଅଫିସ,୨୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ଭିଟାମାଟି ଛାଡିଥିବା ଖୁଣ୍ଟପାଲି ଗ୍ରାମବାସୀଙ୍କୁ ବଲାଙ୍ଗୀର ସହର ସନ୍ନିକଟ ଲର୍କିପାଲି-ସଦାଇପାଲିଠାରେ ନିର୍ମିତ ପୁନର୍ବାସ କଲୋନୀରେ ଥଇଥାନ କରାଯାଇଛି। ୨୦୨୧ ମସିହାରୁ ଏମାନେ ଗାଁ ଛାଡି ପୁନର୍ବାସ କଲୋନୀରେ ଆସି ରହିଥିଲେ ମଧ୍ୟ ଗ୍ରାମଦେବୀ କନ୍ଧେନବୁଢ଼ୀଙ୍କୁ ଅଣାଯାଇ ନ ଥିଲା। ସୋମବାର ପୁନର୍ବାସ କଲୋନୀରେ ଗ୍ରାମଦେବୀଙ୍କ ମନ୍ଦିର ପ୍ରତିଷ୍ଠା ସମାରୋହ ସମାପନ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ, ଏଡିଏମ୍ ତଥା ପୁନର୍ବାନ ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ମହାପାତ୍ର ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରିଥିଲେ। ବିସ୍ଥାପିତ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସହ ସମସ୍ତ ସୁବିଧା ପାଇଁ ପ୍ରଶାସନ କିଭଳି ଉଦ୍ୟମ ଜାରି ରଖିଛି ଜିଲାପାଳ ରାଣା କହିଥିଲେ। ମନ୍ଦିର ପ୍ରତିଷ୍ଠା ବେଳେ ବିସ୍ଥାପିତଙ୍କୁ ସେମାନଙ୍କ ବଳିଦାନ ଏବଂ ତ୍ୟାଗ ପାଇଁ କୃତଜ୍ଞତା ଜଣାଇବା ସହ ବଲାଙ୍ଗୀର ଜିଲାର ବିକାଶ ଦିଗରେ ସେମାନଙ୍କ ବଳିଷ୍ଠ ଯୋଗଦାନ ସମ୍ପର୍କରେ କହିଥିଲେ। ଏହା ସହିତ ବିସ୍ଥାପିତ କଲୋନୀକୁ ଖୁଣ୍ଟପାଲି ନାମରେ ନାମିତ କରାଯିବ ବୋଲି କହିଥିଲେ। ଏଠାରେ ଅଙ୍ଗନୱାଡି ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ମଙ୍ଗଳବାର ଖୁଣ୍ଟପାଲି ଗ୍ରାମବାସୀ ସମ୍ମିଳିତ ହୋଇ ଗାଁକୁ ଯାଇ ପାରମ୍ପରିକ ନୀତିକାନ୍ତି, ପୂଜାର୍ଚ୍ଚନା ପରେ ଗ୍ରାମଦେବୀ କନ୍ଧେନବୁଢ଼ୀଙ୍କୁ ପୁନର୍ବାସ କଲୋନୀକୁ ଆଣିଥିଲେ। ପାରମ୍ପରିକ ବାଜା ବଜାଇ ଗ୍ରାମଦେବୀଙ୍କୁ ଆଣିଲାବେଳେ ଗ୍ରାମବାସୀ ଅଶ୍ରୁସିକ୍ତ ହୋଇପଡିଥିଲେ। ଗ୍ରାମଦେବୀ କନ୍ଧେନବୁଢ଼ୀଙ୍କୁ ପୁନର୍ବାସ କଲୋନୀକୁ ଆଣିବା ପରେ ଏଠାରେ ମଧ୍ୟ ପାରମ୍ପରିକ ପୂଜାର୍ଚ୍ଚନା ପରେ ମନ୍ଦିରରେ ବିରାଜମାନ୍ କରାଯାଇଥିଲା। ଗ୍ରାମବାସୀ ଦେବୀଙ୍କୁ ମୁଣ୍ଡିଆ ମାରି ସର୍ବକୁଶଳ ପାଇଁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୁଣ୍ଟପାଲି ଗ୍ରାମର ପୂଜକ ରାମକିଶୋର ଖୁଆସ, ମୁକେଶ ଖୁଆସ ପୂଜାର୍ଚ୍ଚନା କରିଥିଲେ। ଝାଙ୍କର ଅର୍ଜୁନ ନାଏକ ଉପସ୍ଥିତ ଥିଲେ। କର୍ତ୍ତାଭାବେ ନୀଳମଣି ମେହେର ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ଖୁଆସ, ସୁଧୀର ଖୁଆସ, ଲମ୍ବୋଦର ପ୍ରଧାନ ଉପସ୍ଥିତ ଥିଲେ।

# ହାତୀସରା ଠାକୁରଦେଓ ମନ୍ଦିରର ଉନ୍ନତୀକରଣ ଦାବି

ଦେଓଗାଁ,୨୯।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତୀସରା ଗ୍ରାମରେ ଥିବା ବହୁପୁରାତନ ଠାକୁରଦେଓ ମନ୍ଦିରର ଉନ୍ନତିକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ଦଶନ୍ଧି ଧରି ଏହି ମନ୍ଦିରର ଦେବାଦେବୀ ଗାଁରେ ପୂଜା ପାଇଆସୁଛନ୍ତି। ହେଲେ ମନ୍ଦିର ଅବହେଳିତ ଅବସ୍ଥାରେ ପଡିଛି। ଗ୍ରାମବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଉନ୍ନତିକରଣ ଦିଗରେ ପଦକ୍ଷେପ ନେବାକୁ କହି ଆସୁଥିଲେ ହେଁ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି। ମଙ୍ଗଳବାର ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ସ୍ଥାନୀୟ ସରପଞ୍ଚ କେଲୋ ଡାଙ୍ଗ ଓ କୁତୁର୍ଲା ପାକ୍ସ ନିର୍ଦ୍ଦେଶକ ବୁଦ୍ଧଦେବ ପରୁଆ ଗାଁକୁ ଯାଇଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ଉକ୍ତ ମନ୍ଦିର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ପ୍ରସ୍ତାବ ଦିଆଯାଇଛି, ଅତିଶୀଘ୍ର ଅର୍ଥ ମଞ୍ଜୁର ହୋଇ ଏହି ମନ୍ଦିରର ପୁନରୁଦ୍ଧାର କାମ ଆରମ୍ଭ ହେବ ବୋଲି ବିଜେଡି ନେତୃବୃନ୍ଦ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ମୁରିବାହାଲ,୨୯।୮(ଶ୍ରୀବତ୍ସ ବେହେରା)

ମୁରିବାହାଲ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣୀ ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜବକାର୍ଡ ଧାରୀ, ଗାଁ ସାଥୀ, ଜିଆରଏସ୍, ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ସାମାଜିକ ସୁରକ୍ଷା ଜନଶୁଣାଣୀ ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ଜନଶୁଣାଣିକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବନାଞ୍ଚଳ ଅଧିକାରୀ ନୀଳେନ୍ଦ୍ରୀ ଭୋଇ, ସହକାରୀ ଯନ୍ତ୍ରୀ ଅବିନାଶ ମୋଡି, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି ପ୍ରମୁଖ ଉପସ୍ଥିତ ରହି ବ୍ଲକରେ ଚାଲିଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ କିପରି ଜବକାର୍ଡଧାରୀ କାମ ପାଇପାରିବେ ସେ ଉପରେ ଆଲୋକପାତ କରିଥିଲେ। ଏପିଓ ବସନ୍ତ କୁମାର ବାଲିଆର ସିଂ ବ୍ଲକରେ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୫୫୭ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୫୭୫ଟି ଶେଷ ହୋଇଛି। ଏଥିରେ ୪୦ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହା ସହ ୪୩,୬୦୬ ଜଣ ଶ୍ରମିକଙ୍କ ମଧ୍ୟରୁ ୩୫୨୯ ଜଣ ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି। ୧୦ ଲକ୍ଷ ୧୭ ହଜାର ୫୩ ଶ୍ରମ ଦିବସ ହୋଇଥିବା ବିଷୟ ସେ ସୂଚନା ଦେଇଛନ୍ତି । ଜଙ୍ଗଲ ବିଭାଗ ତରଫରୁ ଚଳିତ ବର୍ଷ ୯୦ ହଜାର ଚାରା ରୋପଣ କରାଯାଇଛି ବୋଲି ରେଞ୍ଜର ଭୋଇ କହିଥିଲେ। କନିଷ୍ଠ ଯନ୍ତ୍ରୀ ଟି.ଏସ.କେ. ପାତ୍ର, ଦାଶରଥି ଶବର, ଜିପିଓ ଏ.ଯେ.ଥିଓଫିଲ, ସୁବାସ ସାହ ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

ଟିଟିଲାଗଡ଼, ୨୯।୮ (ଶରତ ମିଶ୍ର)

ଟିଟିଲାଗଡ ସହରରେ ମଙ୍ଗଳବାର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏବଂ ଅନୁସୂଚିତ ଜାତି ତଥା ଜନଜାତି, ସଂଖ୍ୟାଲଘୁ ବିକାଶ ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ପ୍ରସାଦ ସାରକା ଅନେକ ପ୍ରକଳ୍ପର ଲୋକାର୍ପଣ ସହ ଶିଳାନ୍ୟାସ କରିଛନ୍ତି। ଲଣ୍ଡା କୁମୁଡା ପାହାଡରେ ଶିଶୁ ଉଦ୍ୟାନକୁ ଉଭୟ ମନ୍ତ୍ରୀ ଜିଲାପାଳ ଚଞ୍ଚଳ ରାଣା, ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ବୁର୍ଡିପଡା ନିକଟରେ ପ୍ରତିଷ୍ଠିତ ନଗରବନରେ ଉଭୟ ମନ୍ତ୍ରୀ ଚାରାରୋପଣ ସହ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଜେୱାଇ ସଂଯୋଜକ ଅଜୟ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ ରେଞ୍ଜ ଅଧିକାରୀ ଲିଙ୍ଗରାଜ ଭୋଇ, ବନପାଳ ସୁରେନ୍ଦ୍ର ମହାରଣା, ପରିବେଶବିତ ଡ. ଦୋଳଗୋବିନ୍ଦ ବିଶି, ଟିକେଲାଲ ବେହେରା, ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ ପ୍ରକାଶ ପୁରୋହିତ, ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ସିରଭଟା ପଡା ଏବଂ ଶିଶୁମନ୍ଦିର ନିକଟରେ ୩ ଲକ୍ଷ ଲିଟର ବିଶିଷ୍ଟ ଦୁଇଟି ଭୂତଳ ଜଳଭଣ୍ଡାରକୁ ମନ୍ତ୍ରୀଦ୍ୱୟ ଉଦ୍‌ଘାଟନ କରିଥିଲେ। ଗୋପବନ୍ଧୁ ପାର୍କ ଠାରେ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଦ୍ୱୟ ବିଭିନ୍ନ ଯୋଜନା ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। ଗୋପବନ୍ଧୁ ପାର୍କ, ପାର୍କ ନିକଟରେ ନୂତନ ଟ୍ୟାକ୍ସି ଷ୍ଟାଣ୍ଡ ଉଦ୍‌ଘାଟନ, ୧୦ ନମ୍ବର ୱାର୍ଡରେ କଲ୍ୟାଣ ମଣ୍ଡପ, ମିଶନ ଶକ୍ତି ଗୃହ, ୱାର୍ଡ ନମ୍ବର ୧ରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ, ସ୍ୱାଧିନପଡା ପାଠାଗାର ଉଦ୍‌ଘାଟିତ ହୋଇଥିଲା। ନଗର ଉନ୍ନୟନ ସଂସ୍ଥା ପିଡି ସୁରେନ୍ଦ୍ର ସାଏ, ଉପଜିଲାପାଳ ଦୟାମୟ ପାଢ଼ି, ତହସିଲଦାର ଡ. ଲଳିତ ବାଗ, ଏସ୍‌ଡିପିଆରଓ ରାଜେନ୍ଦ୍ର ମାଝି, ପୌରାଧ୍ୟକ୍ଷା ମମତା ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ପଦ୍ଧତିରେ ଚାଷକରି ଲାଭବାନ୍ ହୁଅ




କର୍ମଶାଳାରେ ମଞ୍ଚାସୀନ କୃଷ ବିଜ୍ଞାନୀଓ ଅତିଥି।

ଖପ୍ରାଖୋଲ, ୨୮।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଭଟଲି ଗ୍ରାମରେ ଉଦ୍ୟାନ କୃଷି ବିଭାଗ ଓ ଏମ ୧୧ ଅଏଲ ପାମଶିଳ୍ପ ପ୍ରାଇଭେଟ କମ୍ପାନୀର ମିଳିତ ଉଦ୍ୟମରେ ଅଏଲ ପାମ (ତାଳତେଲ) ଚାଷ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏମ୧୧ ଇନ୍ଦ୍ରଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ସଂଯୋଜକ ଶମ୍ଭୁପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ, ସମ୍ମାନୀତ ଅତିଥି ଜିଲା ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, କୃଷି ବୈଜ୍ଞାନିକ ଡ.ବିଜୟଲକ୍ଷ୍ମୀ ମହନ୍ତ, ପାଟଣାଗଡ ଏଡିଏଚ ପ୍ରମୋଦ କୁମାର ସେଠୀ, ଏମ୧୧ ଇନ୍ଦ୍ରଷ୍ଟ୍ରିଜର ଉପଦେଷ୍ଟା ନସିମ ଅଲି, ଲୁହାସିଂହା ସରପଞ୍ଚ ସୀମାଞ୍ଚଳ ପୁରୋହିତ, ସମିତି ସଭ୍ୟ ରମେଷ ପାଢ଼ି, ଶୋଭାକର ପାଥର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାଷୀ ନିବାସ ସାହୁଙ୍କ ଜମିରେ ଅଏଲ ପାମ ବୃକ୍ଷ ରୋପଣ କରି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନୂତନ ପଦ୍ଧତିରେ ଚାଷୀ ଅଏଲ ପାମ ଚାଷ କଲେ ଲାଭବାନ ହୋଇପାରିବ ବୋଲି ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ଭଞ୍ଜ କହିଥିଲେ। ଚାଷ ପାଇଁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ ଅଧିକାରୀ ବଜାର ସହିତ ଚାଷ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଳପଡ଼ା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପଟନାୟକ, ଖପ୍ରାଖୋଲ ସହକାରୀ ଉଦ୍ୟାନ କୃଷି ଅଧିକାରି ଜିନିତା ବରୁଆ, ଅଏଲ ପାମ ସହକାରୀ ଉନ୍ନୟନ ଅଧିକାରୀ ଡିଲେଶର ମହାନନ୍ଦ, ଅଏଲ ପାମର ସିନିୟର ବୈଜ୍ଞାନିକ ସତ୍ୟମ ଶତପଥୀ, ଶେଷଦେବ ମାଝି ଓ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନର ୧୨ତମ ଦିନରେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର,୨୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୧୨ ଦିନରେ ପହଞ୍ଚିଛି। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଗତ ୧୮ ତାରିଖରୁ ଦୁଇ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ସେମାନଙ୍କ କହିବା ହେଲା ଏମ୍‌ଜିଏନ୍‌ଆରଇଜିଏସ୍, ଗ୍ରାମୀଣ ଆବାସ ଯୋଜନା, ମୋ ଘର, ପିଡିଏସ୍ ବଣ୍ଟନ, ସାମାଜିକ ସୁରକ୍ଷା ସହାୟତା କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା, ପାନୀୟ ଜଳ ଯୋଗାଣ ସହ ଅନେକ ଯୋଜନାର ସଫଳ ରୂପାୟନ ପାଇଁ କାମ କରୁଛନ୍ତି। ଏହା ସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏନେଇ ଉତ୍ତରଦାୟୀ ମଧ୍ୟ କରାଯାଉଛି। ଏହାସତ୍ତ୍ୱେ ସରକାର ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ ପଦକ୍ଷେପ ନେଉନାହାନ୍ତି। ଦୁଇ ଦଫା ଦାବିରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଶିକ୍ଷଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ କରିବା ସହ ଦରମା ହାର ଲେବୁଲ ୫ରୁ ଲେବୁଲ ୯ କରିବା ଏବଂ ସମସ୍ତ ପିଇଓଙ୍କୁ ପଦୋନ୍ନତି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଛି। ସଂଘ ପକ୍ଷରୁ ବାରମ୍ବାର ଦାବି କରାଗଲେ ମଧ୍ୟ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ୧୨ ଦିନ ହେଲା ଧାରଣାରେ ବସିବା ସହ କାର୍ଯ୍ୟ ବନ୍ଦ କରଥିବାରୁ ପଞ୍ଚାୟତ ଅଫିସରେ ବିଭିନ୍ନ ସରକାରୀ ଯୋଜନା ସଂକ୍ରାନ୍ତୀୟ କାମ ବ୍ୟାହତ ହୋଇପଡିଛି। ଲୋକେ ପଞ୍ଚାୟତକୁ ଆସି ନିରାଶରେ ଫେରୁଛନ୍ତି। ଶୀଘ୍ର ଦାବି ପୂରଣ ହେଲେ ସେମାନେ ଧାରଣା ଛାଡି କାର୍ଯ୍ୟରେ ଯୋଗେଦେବେ ଏବଂ ଲୋକଙ୍କୁ ସେବା ଯୋଗାଇବେ ବୋଲି କହିଛନ୍ତି। ସଂଘ ସାଧାରଣ ସମ୍ପାଦକ ଭିକାରୀ ଚରଣ କର୍ମୀ ଓ ଉପସଭାପତି ସୁମନ୍ତ ନାଏକଙ୍କ ସହ ଜିଲାର ବହୁ ପଞ୍ଚାୟତ ଅଧିକାରୀ ଉପସ୍ଥିତ ଥିଲେ।

# ତୁଷୁରାବାହାଲ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ

ବଲାଙ୍ଗୀର,୨୯।୮
(ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ର ତୁଷୁରାବାହାଲ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ତୁଷୁରାବାହାଲ ଗ୍ରାମପଞ୍ଚାୟତର ତୁଷାରାବାହାଲଠାରେ ଥିବା ସକଜୁରୀ ନାଳରେ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଜନ ଅଧିନରେ ଥିବା ଏହି ପ୍ରକଳ୍ପ ପାଇଁ ୫୨.୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ଜିରାଟମାଲ, ତୁଷୁରାବାହାଲ ଏବଂ ଦାଉପାଲି ଅଞ୍ଚଳର ୬୦ରୁ ୭୦ ଏକର ଚାଷଜମିରେ ଜଳସେଚନ ସୁବିଧା ହୋଇପାରିବ। ଏହି ପ୍ରକଳ୍ପ ପାଇଁ ପଞ୍ଚାୟତର କ୍ଷୁଦ୍ର ଚାଷୀମାନେ ବହୁଦିନରୁ ବିଧାୟକ ମିଶ୍ରଙ୍କ ନିକଟରେ ଦାବି କରି ଆସୁଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଳେଇ ଉପସ୍ଥିତ ରହି ପ୍ରକଳ୍ପର ସବିଶେଷ ରୂପରେଖ ଉପରେ ବୁଝାଇଥିଲେ। ଏହି ପ୍ରକଳ୍ପ ଯେପରି ଠିକ୍ ସମୟରେ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ଭିତରେ ସରିବ ସେ ଉପରେ ଧ୍ୟାନ ଦେବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ କାମ ହେବାବେଳେ ପ୍ରକଳ୍ପର ଜଳଧାରଣ କ୍ଷମତା, କାମର ଗୁଣବତ୍ତା ଉପରେ ଯେପରି କୌଣସି ସାଲିସ କରାଯିବ ନାହିଁ ସେ ଉପରେ ଉପସ୍ଥିତ ଯନ୍ତ୍ରୀ ଏବଂ ଗାଁର ଚାଷୀମାନେ ଯତ୍ନବାନ ହେବେ ବୋଲି ବିଧାୟକ ମିଶ୍ର କହିଥିଲେ। ପରେ ତୁଷୁରାବାହାଲ ପଞ୍ଚାୟତକୁ ଯାଇ ସରପଞ୍ଚ ଜନାର୍ଦ୍ଦନ ମହାପାତ୍ରଙ୍କ ଅନୁରୋଧ କ୍ରମେ ସେ ଅଞ୍ଚଳର ହରିଶ୍ଚନ୍ଦ୍ର ଯୋଜନା ଅନ୍ତର୍ଗତ ୮ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ବିଧାୟକ ମିଶ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ପରିସରରେ ପଞ୍ଚାୟତର ଅନ୍ୟାନ୍ୟ ସମସ୍ୟା ଯଥା ପାଣି, ବିଜୁଳି ଓ ରାସ୍ତା, ବିକଳାଙ୍ଗ ବାର୍ଦ୍ଧକ୍ୟ ଭତ୍ତା ତଥା ବୁଡି ଅଞ୍ଚଳର କିଛି ସମସ୍ୟାକୁ ନେଇ ଉପସ୍ଥିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଚେତନାନନ୍ଦ ପଣ୍ଡା, ଲୋକନାଥ କୁମୁରା, ଘାସିରାମ ବେହେରା, ଶ୍ରୀଧର ବାରିକ, ସୁଶୀଳ ବେହେରା, କୀର୍ତ୍ତନ ସାହୁ, ମୁରଲି ମଲ୍ଲିକ, ମନୀଷ ମିଶ୍ର, ଲୁଲୁ ପଟ୍ଟନାୟକ ଏବଂ ବୁଲୁ ଦାନି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲୋକନାଥ ମନ୍ଦିରରେ ଜଳାଭିଷେକ

**ବରପାଲି, ୨୯।୮ (ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ବ୍ଲକ କଦଳୀପାଲିର ଲୋକନାଥ ମନ୍ଦିରରେ ସୋମବାର ମହା ଜଳାଭିଷେକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ରାଜ୍ୟ କୋପେରେଟିଭ ୟୁନିୟନ ଲିମିଟେଡ ଉପସଭାପତି ବିରୋସନ ସାହୁ ଓ ତାଙ୍କ ସ୍ତ୍ରୀ ରଶ୍ମିତା ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ବିଜେଡି ସଭାପତି ପ୍ରଭାସ ସିଂ, ବିଜେପୁର ଏନ୍‌ଏସି ଚେୟାରମେନ ସୀତା ବାରିକ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ଏପିକଲ ଚେୟାରମେନ ପ୍ରଭାତ ଆଦିତ୍ୟ ମିଶ୍ର, ଓଡ଼ିଶା ମୋ ପରିବାର ବରଗଡ଼ ଜିଲା ସଂଯୋଜକ ଗୌରହରି ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ବରପାଲି ପାକ୍ସ ସଭାପତି ଗୁରୁ ମେହେର, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି କରନ ସିକନ୍ଦର, ବରପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, ଆଗଲପୁର ଜିଲା ପରିଷଦ ଜୋନ ସଦସ୍ୟ ଅନନ୍ତ ସେଠ୍, ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ଅକ୍ଷୟ ଗଡତିଆ, ବିଜୁ କୃଷକ ଜନତା ଦଳ ବ୍ଲକ ସଭାପତି ତରଣୀ ଦେବତା, ବିଜୁ ମହିଳା ଜନତା ଦଳର ସକୁନ୍ତଳା ମହାପାତ୍ର, ଝରଣା ମେହେର, ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଭକ୍ତମାନେ ଉପସ୍ଥିତ ଥିଲେ।

### ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ



**ପଦ୍ମପୁର, ୨୯।୮ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ ଉପଜିଲ୍ଲାପାଳ ସଦାକର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସରୋଜ ସେଠ ଗତ ବୈଠକ ପ୍ରସ୍ତାବର କାର୍ଯ୍ୟକାରିତା ଉପରେ ସୂଚନା ପ୍ରଦାନ କରିଥିଲେ। ଏପ୍ରିଲରୁ ଅଗଷ୍ଟ ୨୫ ତାରିଖ ମଧ୍ୟରେ ବିଭିନ୍ନ ସୂତ୍ରରୁ ୨୧,୫୦,୭୧୨ ଟଙ୍କା ସଂଗୃହୀତ ହୋଇଥିବା ସ୍ଥଳେ ୬,୬୬,୨୩୩ ଟଙ୍କା ଖର୍ଚ୍ଚ ହୋଇଛି। ଜୁଲାଇ ୨୩ ମଧ୍ୟରେ ୩୬୪୪୦ ଜଣ ରୋଗୀ ପଞ୍ଜୀକୃତ ସହ ଚିକିତ୍ସିତ ହୋଇଥିଲେ। ଚିକିତ୍ସାଳୟ ପରିସରରେ ଶୌଚାଳୟ ନିର୍ମାଣ, ଏମ୍‌ସିଏଲ ବିଲ୍ଡିଂରେ ପାନୀୟ ଜଳ ବ୍ୟବସ୍ଥା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା। ଡା. ଯଦୁମଣି ସାହୁ, ଏନ୍‌ଏସି ନିର୍ବାହୀ ରାମଚନ୍ଦ୍ର ମାଝି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନାକ୍ଷି ରାଜ, ଆର୍‌ଏଣ୍ଡବି ସହକାରୀ ଯନ୍ତ୍ରୀ ଯଶୋବନ୍ତ ବେହେରା, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନବକିଶୋର ବରିହା, ମନୋରମା ମହାପାତ୍ର, ସମାଜସେବୀ ନିରୋଜ ଦୋରା, ରୁତ ସୁନା, ଲଳିତ ନାଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଡାକ୍ତରଖାନା ପରିଚାଳକ ଦିବ୍ୟ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବିରରେ ୧୧୮ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୨୯।୮ (ପ୍ରେମାନନ୍ଦ ଖମାରୀ):** ଶହୀଦ ନୀଳାଚଳ ପଟେଲ ଏବଂ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ସ୍ମୃତିରେ ବରଗଡ଼ ବ୍ଲକ ଗାଇସିମାସ୍ଥିତ ଶ୍ରୀ ଶ୍ରୀ ବାବା ବରାଡ଼ ବାଲୁଙ୍କେଶ୍ୱର ମନ୍ଦିର, ସରସରା, ରେଙ୍ଗାଲପାଲିର ଶ୍ରୀ ଶ୍ରୀ ଝାଡ଼େଶ୍ୱର ଶିବ ମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ଏବଂ ନିଷ୍ଠା ପରିବାର ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୧୧୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଗାଇସିମା ରକ୍ତଦାନ ଶିବିରକୁ ସରପଞ୍ଚ ଧୀରେନ ମହାପାତ୍ର ଏବଂ ରେଙ୍ଗାଲପାଲିରେ ପୂର୍ବତନ ସେନା ଅଧିକାରୀ ରାମଚନ୍ଦ୍ର ଧର ଉଦ୍‌ଘାଟନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୫୬ ଏବଂ ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ନିଷ୍ଠା ପରିବାର ଏବଂ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଜରୁରୀ








ବିକାଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ (ବାମ)। ରାଣାପ୍ରତାପ ସ୍କୁଲରେ ଅନ୍ତର୍ଜାତୀୟ ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା (ମଝି)। ଜିଲା କ୍ରୀଡ଼ା ସଂସଦ, ଜିଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ।

**ବରଗଡ଼, ୨୯।୮ (ପ୍ରେମାନନ୍ଦ ଖମାରୀ)**

ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବୌଦ୍ଧିକ ଶକ୍ତି କ୍ରୀଡ଼ା ମାଧ୍ୟମରେ ବୃଦ୍ଧି ହେବା ସହିତ ଶରୀରକୁ ସୁସ୍ଥ ରଖିଥାଏ। ଫଳରେ ସୁସ୍ଥତା ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମଙ୍ଗଳବାର ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଟ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଆଚିଭର୍ସ ଫାଉଣ୍ଡେଶନର ଅଧ୍ୟକ୍ଷ ଦିବାକର ମାଝୀ, ସମ୍ପାଦକ ଭଗବାନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୃଦୁଳାରାଣୀ କୋଶଲା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପର୍ବତାରୋହୀ ସେଟ୍‌ଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସହର ଉପକଣ୍ଠ ବରାହଗୋଡ଼ା ବିକାଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ାକ୍ଷେତ୍ରରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ ଉପରେ ସେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଲ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଫାଷ୍ଟଷ୍ଟେପ୍ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରୁ ବିଦ୍ୟାଳୟ ପର୍ଯ୍ୟନ୍ତ ମାରାଥନ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିକାଶ ଡିଗ୍ରୀ କଲେଜର ରୋଶନ ମାଝୀ ପ୍ରଥମ, ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଶିଶୁ ବିଭାଗରେ ବିକାଶ ଫାଷ୍ଟଷ୍ଟେପ୍‌ର ଶିବାଂଶୁ ଭୋଇ ପ୍ରଥମ ଏବଂ ସ୍ନିଗ୍ଧା ସୌଜନ୍ୟା ମିଶ୍ର ଦ୍ୱିତୀୟ ହୋଇଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଅନ୍ୱେଷା ଗୁପ୍ତା ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସିମ୍ରନ ମାଠାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଲିମ୍ପିଆଡ୍‌ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ବରଗଡ଼ରେ ଜାତୀୟ କ୍ରୀଡ଼ା ଦିବସ ପାଳନ**

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂ ସଭାପତିତ୍ୱ କରିଥିଲେ। ସମ୍ପାଦକ କିଶୋର କୁମାର ମିଶ୍ର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ ଓ ଜିଲା କ୍ରିକେଟ୍ ଆସୋସିଏଶନର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପଜିଲାପାଳ ଲଲାଟ କୁମାର ଲୁହା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ଜିଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଇନଡ଼ୋର୍ ଗେମ୍ସ ସମ୍ପାଦକ ରବି ପଣ୍ଡା, କ୍ରିକେଟ ସମ୍ପାଦକ ଅମୀୟ ଭୂଷଣ ସାହୁ, ଆଉଟ୍‌ଡୋର୍ ଗେମ୍ସ ସମ୍ପାଦକ ସୁରେଶ ଦାଶ, ଆଥଲେଟିକ୍ କୋଚ୍ ଶିବ ମିଶ୍ର, ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ମାରାଥନ ଦୌଡ଼ ହେବା ସହିତ ଭୋଟର୍ ସଚେତନତା କରାଯାଇଥିଲା।

## ବ୍ଲକସ୍ତରୀୟ ସମୂହ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**ବରପାଲି, ୨୯।୮ (ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ କଦଳୀପାଲି ଓ ଲେଣ୍ଡା ଖେଳ ପଡିଆରେ ୧୪ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକ୍‌ର ଉଚ୍ଚପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆଦି ୪୦ଟି ଶିକ୍ଷାନୁଷ୍ଠାନରୁ ୨୪୩ ଜଣ ଛାତ୍ରୀଛାତ୍ର ମଧ୍ୟରେ ୧୬୫ ଜଣ ଛାତ୍ର ଓ ୭୮ ଜଣ ଛାତ୍ରୀ କବାଡି, ଖୋଖୋ ଓ ଫୁଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଫୁଟବଲ୍‌ରେ ୩୨ଜଣ, ଖୋଖୋରେ ୬୦ଜଣ ଓ କବାଡିରେ ୪୮ଜଣଙ୍କୁ ଜିଲାସ୍ତରରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଛି। ପ୍ରତିଯୋଗିତାରେ ବରପାଲି ବ୍ଲକର ସହ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ସହ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇ ମୁଖ୍ୟ ଅତିଥି, ଲେଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ତେଜଙ୍ଗ କ୍ଲଷ୍ଟର ସିଆର୍‌ସିସି ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବରପାଲି ବ୍ଲକ କ୍ରୀଡ଼ା ସମ୍ପାଦକ ସୁନୀଲ କୁମାର ନାଏକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ କୌସ୍ତୁଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ ଅଫିସରେ ବିଏସ୍‌ପିର ବିକ୍ଷୋଭ

**ବରଗଡ଼, ୨୯।୮ (ପ୍ରେମାନନ୍ଦ ଖମାରୀ)**




ଜିଲାପାଳ ଅଫିସରେ ବିଏସ୍‌ପିର ବିକ୍ଷୋଭ ପ୍ରଦର୍ଶନ।

ସମ୍ବିଧାନକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ ଦେଇଥିବା ମନ୍ତବ୍ୟକୁ ନେଇ ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି) ଅସନ୍ତୋଷ ପ୍ରକାଶ କରିଛି। ଦେବରାୟଙ୍କ ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ବିଏସ୍‌ପିର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଦେବରାୟଙ୍କ ମନ୍ତବ୍ୟକୁ ସମ୍ବିଧାନ ବିରୋଧୀ ବୋଲି ଅଭିଯୋଗ କରି ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏସ୍‌ପି ରାଷ୍ଟ୍ରପତିଙ୍କୁ ନିବେଦନ କରିଛି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ଭାରତୀୟ ସମ୍ବିଧାନକୁ ପୁରୁଣା କହି ନୂତନ ସମ୍ବିଧାନର ଆବଶ୍ୟକତା ରହିଥିବା ନେଇ ମନ୍ତବ୍ୟ ଦେଇଛନ୍ତି। ଏହା ଦେଶର ଅଗଣିତ ଜନତାଙ୍କ ଭାବନାକୁ ଗଭୀର ଆଘାତ ଦେଇଛି ବୋଲି ବିଏସ୍‌ପି ଅଭିଯୋଗ କରିଛି। ଏହାଦ୍ୱାରା ଭାରତୀୟ ସମ୍ବିଧାନ ଦେଶର ୧୪୦ କୋଟି ଜନତାଙ୍କ ମେରୁଦଣ୍ଡ। ଅଗଣିତ ଗରିବ, ଖଟିଖିଆ ତଥା ସବୁବର୍ଗର ଲୋକେ ଉପକୃତ ହେଉଥିବାବେଳେ ଦେବରାୟଙ୍କ ସେଭଳି ମନ୍ତବ୍ୟକୁ ବିଏସ୍‌ପି ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଏସପିର ଜିଲା ସଭାପତି ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ବରଗଡ଼ ଲୋକସଭା ପ୍ରଭାରୀ ତାରାଚାନ୍ଦ କଣ୍ଡା, ସମ୍ବଲପୁର ଜିଲା ପ୍ରଭାରୀ ରାଜୁ ନନ୍ଦ, ବରଗଡ଼ ଜିଲା ପ୍ରଭାରୀ ଚୈତନ୍ୟ ବାଗ, ପୂର୍ବତନ ଜିଲା ସଭାପତି ଜୟରାମ ବାଘ, ସରୋଜ କୁମ୍ଭାର, ଦେବ କୁମାର, ଚୁଡ଼ାମଣି ତାଣ୍ଡି, ଜ୍ୟୋତିରଞ୍ଜନ କଲେତ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଆଶାକର୍ମୀ ସିଡିଏମ୍‌ଓଙ୍କୁ ଫେରାଦ

**ବରଗଡ଼, ୨୯।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ବିଭିନ୍ନ ସମୟରେ କିଛି ନିର୍ଦ୍ଦିଷ୍ଟ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଭଳି ଅଭିଯୋଗ ନେଇ ସେମାନେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଡା. ଜିତେନ୍ଦ୍ର କୁମାର ବେବର୍ତ୍ତାଙ୍କୁ ଫେରାଦ ହୋଇଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଶାକର୍ମୀମାନେ ସିଡ଼ିଏମଓଙ୍କୁ ନିବେଦନ କରିଛନ୍ତି। ନଚେତ୍ ସେମାନେ ଇନ୍ଦ୍ରଧନୁ ସର୍ଭେ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ସିଡ଼ିଏମଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଆଶାକର୍ମୀମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ନିର୍ଦ୍ଦିଷ୍ଟ ଡାକ୍ତର ସେମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଗତ ୨୬ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ କାର୍ଯ୍ୟରତ ଆଶାକର୍ମୀଙ୍କୁ ସେଠାରେ ଉପସ୍ଥିତ ଜନୈକ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ତେବେ ଆଶାକର୍ମୀଙ୍କ ପ୍ରତି ଡାକ୍ତରଙ୍କ ଏଭଳି ଖରାପ ବ୍ୟବହାର ପ୍ରଦର୍ଶନ ବାରମ୍ବାର ଘଟୁଥିବାବେଳେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଆଶାକର୍ମୀ ରୀତା ବେହେରା, ଭୂମିସୂତା ମହାନନ୍ଦ, ବାସନ୍ତୀ ମେହେରଙ୍କ ସମେତ ଅନେକ ଆଶାକର୍ମୀ ଅଭିଯୋଗ କରିଛନ୍ତି।



ସିଡିଏମ୍‌ଓଙ୍କୁ ଫେରାଦ ହୋଇଥିବା ଆଶାକର୍ମୀମାନେ।

# ପୁଟପୁଟପାଲିକୁ ହରାଇ ପତ୍ରାପାଲି ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଭେଡ଼େନ, ୨୯।୮ (ସୁଦନ ମହାକୁର)**

ବରଗଡ଼ ଜିଲା ଭେନେନ ବ୍ଲକ ଅନ୍ତର୍ଗତ ଟିହିକିପାଲି ଫରୱାର୍ଡ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପୁଟପୁଟପାଲିକୁ ହରାଇ ପତ୍ରାପାଲି ଦଳ ଚାମ୍ପିୟନ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ଯଥାକ୍ରମେ ଗଣ୍ଡତୁରୁମ ମା ବାଉତି ଏଫ୍‌ସି ଏବଂ ବାର୍ଙ୍କିଘିଡ଼ି ଦଳକୁ ହରାଇ ପୁଟପୁଟପାଲି ଓ ପତ୍ରାପାଲି ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଫଳାଫଳ ଅମୀମାଂସିତ ହେବାରୁ ପେନାଲଟିକ୍ ସୁଟ୍‌ଆଉଟରେ ପତ୍ରାପାଲି ଦଳ ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଘୋଷିତ ହୋଇଥିଲା। ଏହି ଅବସରରେ ବାବୁଲୁ ସାଲମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ମୁଖ୍ୟ ଅତିଥି, ରକ୍ଷୁଡ଼ା ପାକ୍ସ ସଭାପତି ସୁରେନ୍ଦ୍ର କର୍ମୀ, ଯୁବନେତା ହୃଷୀକେଶ ଧର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। କଳିଙ୍ଗ ଭୋଇ, ଆନନ୍ଦ ରାଉତ, ନୀଳରଞ୍ଜନ ପଣ୍ଡା, ବଷ୍ଟି ପଧାନ ଖେଳ ପରିଚାଳନା ଏବଂ ରାଧେଶ୍ୟାମ ପଧାନ, ଆଲୋକ ପଧାନ, ବୁଲୁ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ନବୋଦୟ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

**ପାଇକମାଳ, ୨୯।୮ (ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ଧ୍ୟାନଚାନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ସୁରେଶ କୁମାର ମିଶ୍ର ଓ ନବମ ଶ୍ରେଣୀ ଛାତ୍ରୀ ସୋନାଲି ସାହୁ ଧ୍ୟାନଚାନ୍ଦଙ୍କ ହକି ଖେଳ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ନବୋଦୟ ବିଦ୍ୟାଳୟ ଓ ପାଇକମାଳ ହାଇସ୍କୁଲର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ହେଇଥିଲା। ନାରାୟଣ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର, ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ଝାଙ୍କର, ଖେଳ ଶିକ୍ଷିକା ଗୀତାଞ୍ଜଳି ପଟେଲ, ମଳୟ ବିଶ୍ୱାଳ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ଅତାବିରା, ୨୯।୮ (ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଟୋପ ଖଲିଆପାଲି କୁତୁରୀଟିକ୍ରା ଆନ୍ଧ୍ରପଡ଼ାରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଞ୍ଚି ପଲାମୁ ଗ୍ରାମର ମୂଳବାସିନ୍ଦା ମୁନୁ କୁମାର (୨୭)। ଅତାବିରା ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଲାଇଛି। ପ୍ରକାଶ ଯେ, ମୁନୁ ଅତାବିରା ଅଟୋ ଷ୍ଟାଣ୍ଡ ପାଖରେ ଏକ ଦୋକାନ ଦେଇ ଇଲେକ୍ଟ୍ରି କାମ କରୁଥିଲେ। ସୋମବାର ସେ ଟୋପ୍ ଖଲିଆପାଲି କୁତୁରୀଟିକ୍ରା ଆନ୍ଧ୍ରପଡ଼ାରେ ଏକ ୱେଲ୍‌ଡିଂ ମେଶିନ ମରାମତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

## ମିଶନ ଇନ୍ଦ୍ରଧନୁଷ ଟାସ୍କଫୋର୍ସ ବୈଠକ

**ପାଇକମାଳ, ୨୯।୮ (ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ସଭାଗୃହରେ ବିଡ଼ିଓ ସୁରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ମିଶନ ଇନ୍ଦ୍ରଧନୁଷ ଟିକାକରଣ ପାଇଁ ଦ୍ୱିତୀୟ ବ୍ଲକସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅତିଶ କୁମାର ପୁଞ୍ଜି, ସିଡିପିଓ ଅନିତା ପାଣିଗ୍ରାହୀ, ଏବିଇଓ ଶିବପ୍ରସାଦ ଯୋଶୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରେବତୀ ମୋହନ ଜେନା, ଡବ୍ଲ୍ୟୁଏଚ୍‌ଓରୁ ଅଶ୍ୱିନୀ ବିଶ୍ୱାଳ, ଗୋଷ୍ଠୀ ତଥ୍ୟ ପରିଚାଳକ ସଞ୍ଜୀବ ମେହେରଙ୍କ ସମେତ ବ୍ଲକର ସମସ୍ତ ସ୍ୱାସ୍ଥ୍ୟ ପରିଦର୍ଶିକା, ପରିଦର୍ଶକ, ଆଇସିଡିଏସ୍ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଡ. ପୁଞ୍ଜି ଟିକାକରଣ ଉପରେ ତାଲିମ ପ୍ରଦାନ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷକୁମାର ଚନ୍ଦ୍ରାକର ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ମଞ୍ଚାସୀନ ବିଭାଗୀୟ ଅଧିକାରୀ।

# ଚାଷୀର ହକ୍ ପାଇଁ ଆନ୍ଦୋଳନ ଆହ୍ୱାନ



ପାଣିମୋରାରେ ଅନୁଷ୍ଠିତ ସମ୍ମିଳନୀରେ ମଞ୍ଚାସୀନ ଚାଷୀନେତାବୃନ୍ଦ।



ସମ୍ମିଳନୀରେ ଉପସ୍ଥିତ ଚାଷୀବୃନ୍ଦ।

**ସୋହେଲା, ୨୯।୮ (ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ସୋମବାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଧାନବିକ୍ରି, ବିଜୁଳି ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଧାନବିକ୍ରି ବ୍ୟବସ୍ଥାକୁ ନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମତପ୍ରକାଶ ପାଇଥିଲା। ସେହିପରି ଧାନବିକ୍ରି ଏବଂ ବିଜୁଳି ସମସ୍ୟା ନେଇ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାମୀନାଥନ କମିଶନ ସୁପାରିଶକ୍ରମେ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ପ୍ରଦାନ, ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ପ୍ରଦାନ, ବିଜୁଳି କ୍ଷେତ୍ରରେ ଘରୋଇକରଣ ବନ୍ଦ, ପ୍ରିପେଡ୍ ସ୍ମାର୍ଟ ମିଟରକୁ ବିରୋଧ, ରଣଛାଡ଼ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୩ତାରିଖରେ ବିଜୁଳି କ୍ଷେତ୍ରକୁ ଘରୋଇକରଣ ପ୍ରତିବାଦରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ଏବଂ ୯ତାରିଖରେ ପୁରୀ ଜିଲାରେ ହେବାକୁ ଥିବା ବିଜୟ ଉତ୍ସବରେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। ସମ୍ମିଳନୀରେ ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆ, ଚଞ୍ଚଳ ପ୍ରଧାନ, ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସରୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




## ଆଜି କ'ଣ କେଉଁଠି

ରାଉରକେଲା
- ଶିଶୁ କିଶୋର ମେଳା, ଛେଣ୍ଡ ସୁନାଫୁଲ ସାହିତ୍ୟ ସଂସଦ, ସକାଳ ୮ଟା।
- ରଘୁନାଥପାଲି ବିଜେଡି ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସେକ୍ଟର-୫ ଭଞ୍ଜ ଭବନ, ସକାଳ ୮ଟା।

## ସଂକ୍ଷେପରେ

### ସମ୍ପର୍କ ସୂତ୍ରକୁ ମଜଭୁତ କରୁଛି ରାଖୀ

**ରାଉରକେଲା, ୨୯।୮ (ବିପ୍ଳବରଞ୍ଜନଦାଶ):** ରାଉରକେଲାର ସାମାଜିକ ଅନୁଷ୍ଠାନ ଦି ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଭାଇଭଉଣୀଙ୍କ ସମ୍ପର୍କ ସୂତ୍ରକୁ ମଜବୁତ କରିବା ଉଦ୍ଦେଶ୍ୟରେ ରକ୍ଷାବନ୍ଧନ ପାଳନ କରାଯାଇଛି। ସଭାପତି ବିଶ୍ୱଜିତ ରାଉତଙ୍କ ନେତୃତ୍ୱ ଏବଂ ଉପସଭାପତି କାର୍ତ୍ତିକ ରାଉତଙ୍କ ସହଯୋଗରେ ବହୁ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ଆଶାର ଆଲୋକ, ଶ୍ରଦ୍ଧା ଅନୁଷ୍ଠାନ, ଆଶାଦୀପ ଆଶ୍ରମ, ମାନବ ସେବା ପ୍ରତିଷ୍ଠାନ, ସର୍ବଭୌତିକ ଆଶ୍ରମ, ବ୍ଲାଇଣ୍ଡ ସ୍କୁଲ ଲାଠିକଟା, ସେକ୍ଟର-୧୫ ଥାନା, ସେକ୍ଟର-୧୯ ଥାନା, କୋଏଲ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେକ୍ଟର-୨୦ରେ ଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ଆଶ୍ରମ ଓ ସ୍କୁଲର ଛାତ୍ରୀଛାତ୍ରଙ୍କ ହାତରେ ରାଖୀ ବାନ୍ଧି ରକ୍ଷାବନ୍ଧନର ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ଣ୍ଣିମା ମହାନ୍ତି, କାମିନୀ ମହାନ୍ତି, ଅନୀତା ଦେବୀ, କବିତା ଦଳାଇ, ସୁରେଶ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### ସ୍ନେହ, ପବିତ୍ରତା ରକ୍ଷା ହିଁ ରକ୍ଷାବନ୍ଧନର ଉଦ୍ଦେଶ୍ୟ

**ରାଉରକେଲା, ୨୯।୮ (ଦିନେଶ ମିଶ୍ର):** ସେକ୍ଟର-୨୦ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ବର୍ଷ ରକ୍ଷାବନ୍ଧନ ପାଳନ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜିଲା ମୁଖ୍ୟ ପରିଚାଳିକା ବି. କେ. ବିମଳା ଦିଦି ଓ ସେକ୍ଟର-୨୦ର କେନ୍ଦ୍ର ସଞ୍ଚାଳିକା ବି. କେ. ଅଞ୍ଜଳି ଦିଦି ଯୋଗ ଦେଇ ରକ୍ଷାବନ୍ଧନର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ମତପ୍ରକାଶ କରିଥିଲେ। ସ୍ନେହ ଓ ପବିତ୍ରତାକୁ ରକ୍ଷା କରିବା ହିଁ ରକ୍ଷାବନ୍ଧନର ଉଦ୍ଦେଶ୍ୟ ବୋଲି ଜିଲା ମୁଖ୍ୟ ପରିଚାଳିକା ବିମଳା ଦିଦି କହିଥିଲେ। ଆତ୍ମିକ ଦୃଷ୍ଟିକୋଣରୁ ଆମେ ସମସ୍ତେ ଭାଇ ଓ ଭଉଣୀ। ତେଣୁ ଆତ୍ମାର ସ୍ୱଧର୍ମ ପ୍ରେମ, ପବିତ୍ର ଓ ଶାନ୍ତି ହୋଇଥିବାରୁ ରାଖୀ ହେଉଛି ପବିତ୍ର ବନ୍ଧନର ପ୍ରତୀକ। ସେହିପରି ଆମ ଭିତରେ ଥିବା ପାଞ୍ଚ ବିକାରକୁ ତ୍ୟାଗ କରି ପବିତ୍ର ବନ୍ଧନ ବଜାଇ ରଖିବା ପାଇଁ ପ୍ରତିବର୍ଷ ରକ୍ଷାବନ୍ଧନ ପାଳନ କରାଯାଉଥିବା ଅଞ୍ଜଳି ଦିଦି କହିଥିଲେ। ଏହି ଅବସରରେ ସେକ୍ଟର-୨୦ ଶାଖା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତାଙ୍କୁ ରାଖୀ ବନ୍ଧାଯାଇଥିଲା।

### ମୁକ୍ତ ମହିଳା ବେଞ୍ଚ ପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ):** ପାନପୋଷ କ୍ରୀଡା ସଙ୍ଗଠନ ଏବଂ ପାନପୋଷ ରୋଡ ସ୍ଥିତ ଗୋଲ୍ଡ ଜିମ୍‌ର ମିଳିତ ସହଯୋଗରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏ ନେଇ ୧୦ଟି ବର୍ଗ ମହିଳା ଭାର ଉତ୍ତୋଳନକାରୀଙ୍କୁ ନେଇ ମୁକ୍ତ ମହିଳା ବେଞ୍ଚ ପ୍ରେସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡ଼ା ବିଭାଗ ଉପନିର୍ଦ୍ଦେଶକ ତଥା ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ ମହାନ୍ତ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡ଼ାବିତ୍ ସୁନୀଲ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ପାନପୋଷ କ୍ରୀଡା ସଙ୍ଗଠନ ସଭାପତି ରଶ୍ମିତ କୁମାର ସାହାଣୀ, କ୍ରୀଡ଼ାବିତ୍ ସୁନୀଲ ପାତ୍ର ଏବଂ ଡ୍ରିମ ଟିମ୍ ଫାଉଣ୍ଡେଶନ ଅଧ୍ୟକ୍ଷା ତଥା ବିଶିଷ୍ଟ ନୃତ୍ୟ ଶିଳ୍ପୀ ପଦ୍ମିନୀ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ ଭୂୟାଁ, ବିକ୍ରମ ସ୍ୱାଇଁ ଓ ବିକ୍ରମ ନାୟକ ଦାୟିତ୍ୱ ବିଚାରକ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୪୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପାନପୋଷ କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ଉପସଭାପତି ମହେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଠିକା କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଦରମା ଦାବିରେ ମଙ୍ଗଳାବାର ରାଉରକେଲା ଆଞ୍ଚଳିକ ଶ୍ରମ କମିଶନରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଠିକା କର୍ମଚାରୀଙ୍କୁ ଦରମା ଦାବିରେ ବିକ୍ଷୋଭ

**ରାଉରକେଲା, ୨୯।୮ (ଦିନେଶ ମିଶ୍ର)**

ଏନ୍‌ଏସ୍‌ପିସିଏଲ୍ କମ୍ପାନୀରେ ୭୨ ଜଣ ଠିକା କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ ଦାବିରେ ମଙ୍ଗଳାବାର ସେକ୍ଟର-୫ ସ୍ଥିତ ଆଞ୍ଚଳିକ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ଇସ୍ପାତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀ ଏକତିତ୍ର ହୋଇ ନିଜର ହକ୍ ଦାବି କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଆର୍‌ଏସ୍‌ପି ଅଧୀନରେ ଏନ୍‌ଏସ୍‌ପିସିଏଲ କମ୍ପାନୀର ଭିଜନ ଗ୍ରୁପ୍‌ରେ ୭୨ ଜଣ ଠିକା ଶ୍ରମିକ କାମ କରୁଥିଲେ। ଠିକା ଶ୍ରମିକମାନଙ୍କୁ କୌଣସି ଇଏସ୍‌ଆଇ, ପିଏଫ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇ ନ ଥିଲା। ଏ ନେଇ ସେମାନେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଶ୍ରମିକମାନେ ନିରୁତ୍ସାହିତ ହୋଇ ଏହି କମ୍ପାନିରେ କାମ ଛାଡି ଦେଇଥିଲେ। ଶ୍ରମିକମାନେ ୬ ମାସ ହେଲା କାମ ଛାଡିବା ପରେ ମଧ କମ୍ପାନୀ ପକ୍ଷରୁ କୌଣସି କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ମିଳି ପାରିନାହିଁ। ଏହାକୁ ନେଇ ସେମାନେ ମଙ୍ଗଳବାର ଆଞ୍ଚଳିକ ଶ୍ରମ କମିଶନର ସନ୍ତୋଷ କୁମାର ସେଠୀଙ୍କୁ ଭେଟି ଦାବି ଜଣାଇଥିଲେ। ଏ ନେଇ ସନ୍ତୋଷ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ୮ ଦିନ ଭିତରେ ଠିକା ଶ୍ରମିକମାନଙ୍କୁ କିଭଳି ସେମାନଙ୍କ ହକ୍ ମିଳିପାରିବ ସେ ନେଇ କମ୍ପାନୀକୁ ଅବଗତ କରାଇ ସମସ୍ୟାର ତୁରନ୍ତ ସମାଧାନ କରିବେ ବୋଲି କହିଥିଲେ। ଆଗାମୀ ଦିନରେ ଠିକା ଶ୍ରମିକମାନଙ୍କୁ ଉଚିତ ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲାଲମୋହନ ଲାଗୁରୀ, ମଙ୍ଗଲ ଲାଗୁରୀ, ଲିଲି ଡୁଙ୍ଗଡୁଙ୍ଗ, ଗୁଡି ସିଂ, ସୁରୁଆ ଓରାମ, ଯୁଧିଷ୍ଠିର ସିଂ, ବାନା ଭୂମିଜ, କାର୍ତ୍ତିକ କୁମ୍ଭାର, ସଞ୍ଜୟ ସୋନି, ପ୍ରଫୁଲ ଡୁଙ୍ଗଡୁଙ୍ଗ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ନିରପେକ୍ଷ ତଦନ୍ତ ଦାବିକଲା ସଂଘ

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ)**

ଲହୁଣୀପଡା ଥାନା ଅଞ୍ଚଳରେ ୨ଜଣ ଟ୍ରାନ୍ସଜେଣ୍ଡରଙ୍କ ମୃତ୍ୟୁ ମାମଲାରେ ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି। ଏହି କ୍ରମରେ ଜିଲା ଟ୍ରାନ୍ସଜେଣ୍ଡର ଆସୋସିଏଶନର ସଦସ୍ୟମାନେ ମଙ୍ଗଳବାର ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ରବିବାର ଭୋର୍ ୪ଟାରେ ଲହୁଣୀପଡା ଥାନା ରାଜାମୁଣ୍ଡା ବାଇପାସ ଏନ୍‌ଏଚ-୧୪୩ରେ ହାଇୱା ଧକ୍କା ଦେବାରୁ ୨ଜଣ ଟ୍ରାନ୍ସଜେଣ୍ଡରଙ୍କ ମୃତ୍ୟୁ ହୋଇଥିଲା। ତେବେ ଉକ୍ତ ୨ଜଣଙ୍କ ମୃତ୍ୟୁ ଉଦ୍ଦେଶ୍ୟମୂଳକ ଥିଲା ବୋଲି ସଂଘ ଅଭିଯୋଗ କରିଛି। ଏଣୁ ଏହି ଘଟଣାରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ପାଇଁ ଜିଲା ଟ୍ରାନ୍ସଜେଣ୍ଡର ଆସୋସିଏଶନର ସଭାପତି ଜୋୟା ତ୍ରିପାଠୀ, ପ୍ରିନ୍ସେସ, ସନ୍ଧ୍ୟା କିନ୍ନର, ଟିନା ଶତପଥି ଓ କିନ୍ନର କାଜଲ ପ୍ରମୁଖ ଦାବି କରିଥିଲେ। ତେବେ ଏସ୍‌ପି ମହାପାତ୍ର ଲହୁଣୀପଡା ଆଇଆଇସିଙ୍କୁ ଫୋନ କରି ଅଭିଯୋଗ ଉପରେ ବିହିତ ପଦକ୍ଷେପ ନେବାକୁ କହିବା ସହ ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି କହିଥିଲେ।



କିନ୍ନର ସଂଘ ପ୍ରତିନିଧି ଏସ୍‌ପିଙ୍କୁ ଭେଟୁଛନ୍ତି।

**୨ ଟ୍ରାନ୍ସଜେଣ୍ଡରଙ୍କ ମୃତ୍ୟୁ ମାମଲା**

ସୂଚନାଯୋଗ୍ୟ, ସବୁଦିନ ପରି ରଥ, ରାଜା ଓ ଉମାଶଙ୍କର ନାୟକ ରାଜାମୁଣ୍ଡା ବାଇପାସ୍‌ର ବିଭିନ୍ନ ଛକରେ ଗାଡ଼ି ଡ୍ରାଇଭରମାନଙ୍କଠାରୁ ଟଙ୍କା ଆଦାୟ କରି ଶନିବାର ବିଳମ୍ବିତ ରାତିରେ ଏକ ସ୍କୁଟି (ନଂ. ଓଡି୧୪ୱାଇ/୭୫୪୮) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ହାଇୱା (ନଂ.ଓଡି୧୪ଟି/୩୦୨୫) ପଛପଟୁ ଦ୍ରୁତଗତିରେ ଆସୁଥିଲା। ଏହା ଜାଣିପାରି ସ୍କୁଟି ପଛରେ ବସିଥିବା କିନ୍ନର ଉମାଶଙ୍କର ଡେଇଁ ପଡ଼ିଥିଲେ। ଫଳରେ ଅନ୍ୟ ୨ଜଣ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯିବାରୁ ତାଙ୍କ ଉପରେ ହାଇୱା ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ କିନ୍ନର ରଥ ଓ ରାଜାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ଲହୁଣୀପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତ କରିଥିଲା।

### ଆଇନକୁ ସମାଜର ମଙ୍ଗଳ ପାଇଁ ବ୍ୟବହାର କର

**ରାଉରକେଲା, ୨୯।୮ (ଦିନେଶ ମିଶ୍ର)**

ରାଉରକେଲା ଆଇନ ମହାବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୁମିନି ଆସୋସିଏଶନର ସଭାପତି ଡ. ସୁମନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନକୁ ସମାଜର ମଙ୍ଗଳ ପାଇଁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ତ୍ରୈଲୋକ୍ୟ ନାଥ ପାଣ୍ଡେ ଓ ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ସମ୍ପାଦିକା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ତନ୍ମୟରାଜ ପାଢ଼ୀ ଛାତ୍ରୀଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅକ୍ଷୟ କୁମାର ଦାସ, ସୁଜାତା ନାୟକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଡ. ଦିବ୍ୟେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ବ୍ରୋଞ୍ଜ ପଦକ ହାସଲ

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ)**

**ପେଞ୍ଚକ ସିଲଟ ପ୍ରତିଯୋଗିତାରେ ରାଉରକେଲାକୁ ସଫଳତା**

୬ଷ୍ଠ ରାଜ୍ୟ ପେଞ୍ଚକ ସିଲଟ ଚାମ୍ପିୟନଶିପ୍ ୨୦୨୩ ପ୍ରତିଯୋଗିତାରେ ରାଉରକେଲା ସହର କ୍ରୀଡାବିତ୍‌ମାନଙ୍କୁ ସଫଳତା ମିଳିଛି। ଖୋର୍ଦ୍ଧା ଜିଲା ପେଞ୍ଚକ ସିଲଟ ସଂଘ ବାଲୁଗାଁ ଅଶୋକ ନଗର ସ୍ଥିତ ଉମା ମହେଶ୍ୱର ବଣିକ ସଂଘ ପରିସରରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲାର ଖେଳାଳି ଦଳଗତ ସଫଳତା ଅର୍ଜନ କରି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆଦିତ୍ୟ ଜ୍ୟୋତି ଶର୍ମା, ଅର୍ପିତା ମହାନ୍ତି, ଆଦିତ୍ୟ ଜେନା, ସମିର ହାଡିପା, ଆୟୁଷ କୁମାର ପାଢୀ, ଚନ୍ଦ୍ରଶେଖର ପାଢୀ, ଚିନ୍ମୟ ମହାନନ୍ଦ, ଅଂଶୁପ୍ରିୟା ସଂଗ୍ରାମ ସିଂ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସୁହାନି ଗୁରୁଙ୍ଗ, କୁଶଳ ଦାସ, ଅମନ ଦୀପ ଚାନ୍ଦ ଓ ମୁକେଶ ସାହୁ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଦେବ ତ୍ୟାଗୀ, ଶୁଭମଶ୍ରୀ କୁମ୍ଭାର, ଆଦିତ୍ୟ ହାଡିପା ଏବଂ ଅଂଶୁପ୍ରିୟା ସଂଗ୍ରାମ ସିଂ ପ୍ରମୁଖ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉକ୍ତ ରାଜ୍ୟସ୍ତରୀୟ ପେଞ୍ଚକ ସିଲଟ ଚାମ୍ପିୟନଶିପ୍ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ରାଜ୍ୟର ୧୫ ଜିଲାରୁ ମଧ୍ୟମ ଓ କନିଷ୍ଠ ବର୍ଗର ୨୫୦ଜଣ ଖେଳାଳି ସାମିଲ ହୋଇଥିଲେ। ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସମ୍ପାଦକ ସୁଶାନ୍ତ କୁମାର ଷଡଙ୍ଗୀ କୃତୀ ଖେଳାଳିମାନଙ୍କ ପ୍ରଶଂସା କରିଛନ୍ତି।



ପଦକ ହାସଲ କରିଥିବା ଖେଳାଳି ଏବଂ କୋଚ୍।

# କ୍ରୀଡ଼ା ଶିକ୍ଷାର ଏକ ଅଙ୍ଗ

**ରାଉରକେଲା, ୨୯।୮ (ଦିନେଶ ମିଶ୍ର)**

ରାଉରକେଲା ନୀଳଶୈଳ ମହାବିଦ୍ୟାଳର ଅଡିଟୋରିୟମ କକ୍ଷରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ଅବସରରେ ଓଡିଶା ମହିଳା କବାଡି ଦଳର କୋଚ୍ ଶୁକ୍ରୁ ତନ୍ତୀ ଅତିଥି ଭାବେ ଯୋଗ ଦେଇ ଜାତୀୟ କ୍ରୀଡ଼ା ଦିବସର ମହତ୍ତ୍ୱ ଉପରେ ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଅନୁପମା ପ୍ରଧାନ ଭାରତରେ ଇତିହାସ ରଚିଥିବା ପୂର୍ବତନ ଖେଳାଳିମାନଙ୍କୁ ମନେ ପକାଇବା ସହ କ୍ରୀଡା ଶିକ୍ଷାର ଏକ ଅଙ୍ଗ ବୋଲି କହିଥିଲେ। ଏହି ଅବସରରେ କ୍ରୀଡ଼ା ତଥା ଯୋଗଗୁରୁ ଶୁଶାନ୍ତ ସତପଥୀ ଯୋଗ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ। ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ଉଦ୍ୟାନ, ପ୍ରାଚୀର ନବୀକରଣର ଭୂମିପୂଜନ



ଭୂମିପୂଜନରେ ଉପସ୍ଥିତ ଅତିଥି ଓ ଛାତ୍ରୀ।

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉତ୍କଳମଣି ସରକାରୀ ଉଚ୍ଚବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଉଦ୍ୟାନ ଏବଂ ପ୍ରାଚୀର ନବୀକରଣ ପାଇଁ ଭୂମିପୂଜନ ଉତ୍ସବ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋ ସ୍କୁଲ ଅଭିଯାନର ପୁରାତନ ଛାତ୍ରୀ ସୂର୍ଯ୍ୟକାନ୍ତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୁରାତନ ଛାତ୍ରୀ ହରିଚନ୍ଦନଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ସଭାପତି ସୁରେନ୍ଦ୍ର କୁମାର ଶତପଥୀ, ରମେଶ ହରିଚନ୍ଦନ ଓ ରବିନ୍ଦ୍ର କୁମାର ସାବତଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସମସ୍ତ ସଭ୍ୟ, ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟି ସଭାପତି ମମତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ପ୍ରତି ଅନୁରାଗୀ ହେବା ଜରୁରୀ

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ):** କ୍ରୀଡା ମୂଲ୍ୟବୋଧ ଆପଣାଇ କ୍ରୀଡ଼ା ପ୍ରତି ଅନୁରାଗୀ ହେବା ଜରୁରୀ। ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ମଙ୍ଗଳବାର ଆୟୋଜିତ ପ୍ରଦର୍ଶନୀ ହକି ମ୍ୟାଚ୍‌ରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମତ ଦେଇଛନ୍ତି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ଶର୍ମା, ଇଡି ମାଇନ୍ସ, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କ୍ରୀଡା ଦିବସ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ସେଲ ହକି ଏକାଡେମୀ ଓ ଓଡିଶା ପୋଲିସ ମଧ୍ୟେ ମୁକାବିଲା ହୋଇଥିଲା। ମ୍ୟାଚ ୨-୨ରେ ଅମୀମାଂସିତ ରହିଥିଲା। ଏହି ଅବସରରେ ସମସ୍ତଙ୍କୁ ଫିଟ୍ ଇଣ୍ଡିଆ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଗୋଲ ପୋଷ୍ଟକୁ ବଲ୍ ମାରିବା ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରତ୍ୟେକ ସଫଳ ଷ୍ଟ୍ରାଇକରଙ୍କୁ ଟୋକନ ଉପହାର ପ୍ରଦାନ କରାଯାଇଥିଲା। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପିଏଚ୍, ସମାଜ କଲ୍ୟାଣ, କ୍ରୀଡ଼ା ଓ ବିମାନବନ୍ଦର ବିଭାଗର ଜିଏମ୍ ଇନଚାର୍ଜ ଆର. କେ. ବର୍ମା ଓ କ୍ରୀଡ଼ା ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରଏମ ବିଭାଗର ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କ୍ରୀଡ଼ା ଦିବସରେ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ




ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ା ପ୍ରତିଭା।

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୬ ବସ୍ତିଆ ଭବନ ପରିସରରେ ମଙ୍ଗଳବାର ରାଉରକେଲା କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ସେୟାର ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କ୍ରୀଡ଼ାକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କ୍ରୀଡାବିତ୍‌ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲ ସିଓଓ କର୍ଣ୍ଣେଲ ଡାକ୍ତର ସଜଲ ସେମ ମୁଖ୍ୟଅତିଥି ଭାବେ ଯୋଗଦେଇ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଯାଦୁକାରୀ ଖେଳ ଓ ହକି ଷ୍ଟିକ ଉପରେ ଆଲୋଚନା କରିଥିଲେ। ରାଉରକେଲା ଭୂତପୂର୍ବ ସୈନିକ ସଂଘ ସାଧାରଣ ସମ୍ପାଦକ ସୁବେଦାର ଧନେଶ୍ୱର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଥଲେଟିକରେ ମାଷ୍ଟର ଶୁଭ୍ରାଂଶୁ ମହାରଣା, କ୍ରିକେଟରେ ଅଲେଖ ଚନ୍ଦ୍ର ବାରିକ ଏବଂ ଜୟା ନମ୍ୱେୟର, ଭଲିବଲ ପାଇଁ ଆନ୍ନା କେରକେଟା, ଫୁଟବଲରେ ପି. କେ. ମହାନ୍ତି ଏବଂ ସାଇକେଲ ରେସିଂରେ ସୁଶୀଲ କୁମାର ଦାସ ସମ୍ବର୍ଦ୍ଧିତ ହୋଇଥିଲେ। ଅଧ୍ୟକ୍ଷ ସରୋଜ ମହାନ୍ତି, ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପରିଡା, ଦିଲୀପ ପରିଡା ସହଯୋଗ କରିଥିଲେ। ମମତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

**ରାଉରକେଲା, ୨୯।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ପାନପୋଷ ସ୍ଥିତ ଭାଗଲପୁର ବସ୍ତିରେ ମୌଳିକ ସମସ୍ୟା ସମାଧାନ କରାଯାଉନାହିଁ। ଏ ନେଇ ବସ୍ତିବାସିନ୍ଦା ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ବସ୍ତି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସେମାନେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଭାଗଲପୁର ବସ୍ତିର ଜନସଂଖ୍ୟା ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ହେବ। ଏଠାକାର ଜଗନ୍ନାଥ ମନ୍ଦିରରୁ ଭାଗଲବସ୍ତି ମଙ୍ଗଳା ମନ୍ଦିର ନଦୀ ଘାଟ ଯାଏ ୧୦୦ମିଟର ରାସ୍ତା ମରାମତି ପାଇଁ ବର୍ଷ ବର୍ଷ ଧରି ଦାବି ହେଉଥିଲେ ମଧ୍ୟ କରାଯାଉନାହିଁ। ଏଥିସହ ଜଗନ୍ନାଥ ମନ୍ଦିର ସାମ୍ନା ପୂଜା ମଣ୍ଡପ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ଦୀର୍ଘବର୍ଷ ହେଲା ପଡିରହିଛି। ବସ୍ତିରେ ୪ଟି ଷ୍ଟ୍ରିଟ୍ ଲାଇଟରୁ ୨ଟି ଅଚଳ ହୋଇ ପଡିଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗକୁ କହିଲେ ଆର୍‌ଏମ୍‌ସିକୁ କୁହ ଏବଂ ଆର୍‌ଏମ୍‌ସିକୁ କହିଲେ ତୁରନ୍ତ ମରାମତି ହେବ କହି ମରାମତି କରୁନାହାନ୍ତି। ଏଥିସହ ମଙ୍ଗଳା ମନ୍ଦିର ତଟବର୍ତ୍ତୀ ନଦୀଘାଟ ପାହାଚ ଏବଂ ସ୍ନାନଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବରୁ କୌଣସି ଉତ୍ସବ ଲାଗି ଭାଗଲବସ୍ତି ମଙ୍ଗଳା ମନ୍ଦିର ଘାଟରୁ ଜଗନ୍ନାଥ ମନ୍ଦିର ଯାଏ ରାସ୍ତାରେ କଳସ ଯାତ୍ରା ହେଉଥିଲା। ଏଥିସହ ମୃଣ୍ମୟ ମୂର୍ତ୍ତି ବିସର୍ଜନ ହେଉଥିଲା। ମାତ୍ର ବର୍ତ୍ତମାନ ରାସ୍ତା ଓ ନଦୀଘାଟ ଅବସ୍ଥା ଶୋଚନୀୟ ହୋଇ ପଡିଛି। ଫଳରେ ବସ୍ତି ଲୋକମାନେ ସମସ୍ୟା ଭୋଗୁଛନ୍ତ। ଘାଟକୁ ଯାଇଥିବା ରାସ୍ତାରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି।



ଭାଗଲପୁର ବସ୍ତି ବାସିନ୍ଦା।

**ଭାଗଲପୁର ବସ୍ତି**

୫ବର୍ଷ ହେଲା ଏ ନେଇ ରାଉରକେଲା ମହାନିଗର ନିଗମ ଅଫିସରେ ଅଭିଯୋଗ ହୋଇଆସୁଥିଲେ ସୁଦ୍ଧା ବସ୍ତିରେ ଉନ୍ନୟନମୂଳକ କାର୍ଯ୍ୟ ହେଉନି। ବସ୍ତି ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟବର୍ଜନ କରାଯିବ ବୋଲି ଭାଗଲବସ୍ତିର ସତ୍ୟ ରଞ୍ଜନ ଦାଶ, ଅଶ୍ୱିନୀ ପଧାନ, ମନୋଜ ମଲ୍ଲିକ, ରତ୍ନାକର ନାୟକ, ଶ୍ୟାମ ତମାଙ୍ଗ, ନନ୍ଦ କୁମାର, ପ୍ରକାଶ ଚନ୍ଦ୍ର ମହାନ୍ତି, ସାବିତ୍ରୀ ଦାଶ, ସରସ୍ୱତୀ ସାହୁ ଏବଂ ତିଲୋତ୍ତମା ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ତେବେ ବସ୍ତିରେ ଲାଇଟ ସମସ୍ୟା ବିଷୟରେ ରାଉରକେଲାର ଷ୍ଟ୍ରିଟ୍ ଲାଇଟ୍ ପ୍ରୋଜେକ୍ଟ ଇଞ୍ଜିନିୟର ଦେବାନନ୍ଦ ରଣାଙ୍କୁ ପଚାରିବାରୁ ତୁରନ୍ତ ଭାଗଲପୁର ବସ୍ତିର ଷ୍ଟ୍ରିଟ୍ ଲାଇଟ୍ ମରାମତି ହେବ। ଅଚଳ ଲାଇଟ ବ୍ୟବସ୍ଥିତ କରାଯିବ ବୋଲି ସେ କହିଥିଲେ।

### କେଶାପାଲି ଉନ୍ନୀତ ସ୍କୁଲରେ ବାର୍ଷିକ କ୍ରୀଡ଼ା

ସମ୍ବଲପୁର,(ଶୁଭାଶିଷ ପାଢ଼ୀ): ଯୁଯୁମୁରା ବ୍ଲକ କେଶାପାଲି ଉନ୍ନୀତ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ପୁଚି, ଚକୋଲେଟ ରେସ୍, ଗଣିତ ଦୌଡ଼, ମ୍ୟୁଜିକ ଚେୟାର, ସ୍କିପିଙ୍ଗ, କବାଡି ଆଦି ପ୍ରତିଯୋଗିତା ହୋଇଥିଲା। ପରେ ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ତାଣ୍ଡିଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ପୁଥଲ ଝାଙ୍କର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସୌକିଲାଲ ଜଗତ ସଭା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଆଶାମଣି ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୯ରୁ ନୂଆଖାଇ ଉପଲକ୍ଷେ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୨୯।୮(ବି.ଶଙ୍କର): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇକୁ ଦୃଷ୍ଟିରେ ରଖି ସମ୍ବଲପୁରସ୍ଥିତ ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ବିବିଧ ପ୍ରତିଯୋଗିତା କରାଯିବାକୁ ସ୍ଥିର କରିଛନ୍ତି। ସେପ୍ଟେମ୍ବର ୯ ଓ ୧୦ ଚେସ୍ ଓ ଚିତ୍ରାଙ୍କନ, ୧୭ରେ ସମ୍ବଲପୁରୀ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀ ନିଜର ସ୍କୁଲ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ସଂଘ କର୍ମକର୍ତ୍ତାଙ୍କଠାରେ ନାମ ପଞ୍ଜୀକୃତ କରାଇବାକୁ ଅନୁରୋଧ କରାଯାଇଛି। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

### ବକ୍ସମା ପଞ୍ଚାୟତରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

କୁଚିଣ୍ଡା,୨୯।୮(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବକ୍ସମା ପଞ୍ଚାୟତର ଚାରଭାଟି, ଲାଡ, ଜମନକିରା(ବି) ଓ ଶ୍ରଦ୍ଧାପାଲିଠାରେ ଆୟୋଜିତ ସଭାରେ ଓଡ଼ିଶା ଜୀବିକା ମିଶନର କୁଚିଣ୍ଡା ବ୍ଲକ ବିପିଏମ୍ ଟିପେନ୍‌ସନ୍ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବକ୍ସମା ଜିପିଏଲ୍ଏଫ୍ ଏମ୍‌ବିକେ ହୁମାସିନୀ ଠାକୁର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଜାତୀୟ ଆର୍ଥିକ ଶିକ୍ଷାକେନ୍ଦ୍ରର ବିଜୟ କେତନ ବିଶାଳ ଉପସ୍ଥିତ ଏସ୍ଏଚ୍‌ଜି ଗ୍ରୁପର ସଦସ୍ୟାମାନଙ୍କୁ ବିଭିନ୍ନ ବ୍ୟାଙ୍କରେ ଥିବା ଜମା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରି ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଜିପିଏଲ୍ଏଫ୍ ସଭାପତି ପଙ୍କଜିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଟୁରାଚୁଆଁ କଲେଜରେ ଗଙ୍ଗାଧର ଜୟନ୍ତୀ

କୁଚିଣ୍ଡା,୨୯।୮(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶାନ୍ତନୁ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ହିମାଂଶୁ ମହାପାତ୍ର ଓ ମନୋରଞ୍ଜନ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ସ୍ୱଭାବ କବିଙ୍କ ଜୀବନୀ ଓ ତାଙ୍କର ଆଧାତ୍ମିକ କବିତା ଉପରେ ଆଲୋଚନା କରିଥିଲେ। ଅଧାପକ ସତ୍ୟନାରାରଣ ପଟେଲ ଅତିଥି ପରିଚୟ ଓ ଅଧାପିକା ଭାବନା ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜଛାତ୍ରୀ ସୀମା ପୂଜାରୀ, ରୋଜି ପ୍ରଧାନ, ଗୁଡି କଲେତ ଓ ଆରତି କିଷାନ ପ୍ରମୁଖ କବି ମେହେରଙ୍କ କବିତା ଆବୃତି କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧାପକ ସୁଧିର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିମ୍‌ସାରରେ ଶୀଘ୍ର କାର୍ଯ୍ୟକ୍ଷମ ହେବ ବିଏସ୍ଏଲ୍- ୩ ଲାବ୍

## ପରିଦର୍ଶନ କରି ନିର୍ଦ୍ଦେଶ ଦେଲେ ନୋଡାଲ ଅଧୀକ୍ଷକ

ସମ୍ବଲପୁର,୨୯।୮(ଶୁଭାଶିଷ ପାଢ଼ୀ)


ଭିମ୍‌ସାରରେ ଟାସ୍କଫୋର୍ସ ଅଧୀକ୍ଷକ ।

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ଥିବା ବାୟୋ ସେଫ୍ଟି ଲେବଲ (ବିଏସ୍ଏଲ୍) ଲାବ୍-୩ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ରାଜ୍ୟ ଯକ୍ଷ୍ମାରୋଗ ଟାସ୍କଫୋର୍ସ ଅଧୀକ୍ଷକ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ ମଙ୍ଗଳବାର ଗସ୍ତରେ ଆସି ଏହାକୁ ଶୀଘ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ସେ ଆଲୋଚନା କରି ଜଣେ ମାଇକ୍ରୋ ବାୟୋଲୋଜିଷ୍ଟ ନିଯୁକ୍ତି କରି ପରୀକ୍ଷା ଆରମ୍ଭ କରିବାକୁ କହିଥିଲେ। ଏହି ସମୟରେ ଭିମ୍‌ସାର ଅଧୀକ୍ଷକ ଡା. ଜୟଶ୍ରୀ ଡୋରା, ପ୍ରଫେସର ସୁନୀଲ ବେହେରା, ଡା. ସୁବ୍ରତ ପ୍ରଧାନ, ଡା. ଅରବିନ୍ଦ ବେହେରା, ଡା. ଦୀପଙ୍କର ପଟ୍ଟନାୟକ, ଡା. ଗୌରହରି ପ୍ରଧାନ, ଡା. ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ପ୍ରଫେସର ପଟ୍ଟନାୟକ ଲାବ୍ ପରିଦର୍ଶନ କରିବା ପରେ ପ୍ରାୟ ୩ବର୍ଷ ହେବ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଲାବ୍ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେଠାରେ ଆନୁଷଙ୍ଗିକ କିଛି ସମସ୍ୟା ରହିଥିଲା, ଯାହାର ସମାଧାନ ସପ୍ତାହକ ମଧ୍ୟରେ ହୋଇଯିବ ବୋଲି କହିଥିଲେ। ଡାକ୍ତର ମିଶ୍ର କହିଥିଲେ, ରାଷ୍ଟ୍ରୀୟ ଯକ୍ଷ୍ମାରୋଗ ନିରାକରଣ ଯୋଜନାରେ ଦେଶର କେତେକ ମେଡିକାଲ କଲେଜରେ ଏହି ଅତ୍ୟାଧୁନିକ ଲାବ୍ ବାୟୋ ସେଫ୍ଟିଲେବଲ-୩ ହୋଇଥିଲା। ସେଥିମଧ୍ୟରୁ ଭିମ୍‌ସାର ଅନ୍ୟତମ। ଯକ୍ଷ୍ମାରୋଗ ଚିହ୍ନଟ ପାଇଁ ଲିକ୍ୟୁଡ କଲଚର ପରୀକ୍ଷା କରିହେବ। ଫଳରେ ସନ୍ଦେହରେ ପରୀକ୍ଷା କରାଯାଉଥିବା ରୋଗୀଙ୍କ କ୍ଷେତ୍ରରେ ଯକ୍ଷ୍ମାରୋଗ ରହିଛି କି ନାହିଁ ଶତପ୍ରତିଶତ ଜଣାପଡିବ। ଏଥିପାଇଁ କର୍ମଚାରୀ ନିଯୁକ୍ତ ଅଛନ୍ତି। କେବଳ ବାୟୋଲୋଜିଷ୍ଟ ପଦବୀ ଖାଲି ରହିଛି। ତାହା ପୂରଣ ହୋଇଗଲେ ଭିମ୍‌ସାର ପାଇଁ ସୁବିଧା ହୋଇଯିବ।

# ଶ୍ରୀଅରବିନ୍ଦ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

ସମ୍ବଲପୁର,୨୯।୮(ବି.ଶଙ୍କର)


ଆର୍ଟ ପ୍ରଦର୍ଶନୀକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

ବିଜ୍ଞାନ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ-୨୦୨୩ ମଙ୍ଗଳବାର ସମ୍ବଲପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଯୁଗ୍ମସମ୍ପାଦକ ଉଦିତ ଚନ୍ଦ୍ର ବାବୁ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ବିଜ୍ଞାନ ବିଭାଗରେ ୯୫ ଏବଂ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦିତଚନ୍ଦ୍ର ପାଇଯୋଷୀ, ଅନ୍ନପୂର୍ଣ୍ଣା ପଣ୍ଡା, ଡ. ସୁନିଲ କୁମାର ଗୁରୁ, ଚିତ୍ରଶିଳ୍ପୀ ପ୍ରାନ୍ତ କୁମାର ମାଝି ଥିଲେ । କଳା ପ୍ରଦର୍ଶନୀରେ ଆଶୁତୋଷ ବହିଦାର, ରିଶିତା ପାଣିଗ୍ରାହୀ, ଶ୍ରଦ୍ଧା ସୁମନ, ଶ୍ରାବଣୀ ମହାକୁର, ଶ୍ରଦ୍ଧା ଓ ସୃଷ୍ଟି, ରୁଦ୍ରନାରାୟଣ ବାରିକ, ଶୁଭମ ବାରିକ, ଐଶ୍ୱର୍ଯ୍ୟା ବାରିକ, ଶୁଭଶ୍ରୀ ପାଣ୍ଡେ, ଶାଳିନୀ ସାହୁ ଏବଂ ବର୍ଷାରାଣୀଙ୍କ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଛି। ସେହିପରି ବିଜ୍ଞାନ ବିଭାଗରେ ଶଙ୍କର ସାହୁ, ସାଇ ସାର୍ଥକ ସ୍ୱାଇଁ, କିଡିକା ବାରିକ, ଭାଗ୍ୟଶ୍ରୀ ରାଉତ, କ୍ରିତିକାରାଣୀ ପରିଚ୍ଛା, ଅପରାଜିତା ଜେନା, ପ୍ରତ୍ୟାଷା ପଣ୍ଡା, ଅର୍ପିତା ସାହୁ, ବି. ପଟେଲ, ଏମ୍ କଠା, ଶ୍ରେୟା ମେହେର, ବି. ସାହୁ, ଏଲ ଘୋଷ, ପି. ଇଲିୟାନି, ଆର କେ କୁଅଁର, ଏସ ଷଡଙ୍ଗୀଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଛି।

### ଏମ୍‌ସିଏଲ୍ ଆନନ୍ଦ ବିହାର ଲେଡିଜ୍ କ୍ଲବରେ ସାୱାନ ପର୍ବ

ସମ୍ବଲପୁର,୨୯।୮(ବି.ଶଙ୍କର): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଆନନ୍ଦ ବିହାର ଲେଡିଜ କ୍ଲବ ପକ୍ଷରୁ ସାୱାନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ପଦ୍ମଜା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉତ୍ସବ ମାଧ୍ୟମରେ ସଦସ୍ୟାମାନେ ପରସ୍ପର ସହ ଜଡିତ ହୋଇପାରିବେ ବୋଲି କହିଥିଲେ। ମଣ୍ଡଳର ଉପାଧ୍ୟକ୍ଷା ଆଲପାନା ଶୁକ୍ଲା ରାଓ, ସରିତା ପଟେଲ, ରଶ୍ମି ବେହୁରା ଓ ଅଞ୍ଜଳି ବାପାଟ ସମ୍ମାନିତ ଅତିଥି ଥିଲେ। ଲେଡିଜ କ୍ଲବର ସଦସ୍ୟାମାନେ ଗୀତ, ନୃତ୍ୟ ସହ ମହୋତ୍ସବକୁ ଉପଭୋଗ କରିଥିଲେ।

# କମ୍ୟୁନିଟି ରେଡିଓ ହୀରାଖଣ୍ଡକୁ ଜାତୀୟ ସମ୍ମାନ



କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର,୨୯।୮ (ଶୁଭାଶିଷ ପାଢୀ)

୨୦୧୮ ମସିହାରୁ ସମ୍ବଲପୁର ସହରରେ କାର୍ଯ୍ୟ କରିଆସୁଛି କମ୍ୟୁନିଟି ରେଡ଼ିଓ ହୀରାଖଣ୍ଡ ୯୦.୮ ଏଫ୍ଏମ୍। ଭାରତ ସରକାରଙ୍କ ଅଧୀନ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ୨ଟି ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ହୀରାଖଣ୍ଡ ସୁପ୍ରତିଭାର ଅଧକ୍ଷ ରାଜକିଶୋର ପଣ୍ଡାଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଓ ଚାଷୀ ନେତା ଅଶୋକ ପ୍ରଧାନ, ସାମାଜିକ କର୍ମୀ ଶାଲୁ ଷାଣ୍ଡିଲ୍ୟ ରାଜପୁତ, ରେଡ଼ିଓ ହୀରାଖଣ୍ଡ ନିର୍ଦ୍ଦେଶକ ବିକାଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। କବି ବବଲୁ ବାଗଙ୍କ ସଂଯୋଜନାରେ ଏକ କବି ସମ୍ମିଳନୀ କରାଯାଇଥିଲା। ଜୟକୃଷ୍ଣ ବେହେରା, ସୂର୍ଯ୍ୟ କୁମାର ପାଣିଗ୍ରାହୀ, କମଳଲୋଚନ ପଣ୍ଡା, ଲଳିତ ମୋହନ ବେବର୍ତ୍ତା, ଯୋଗେଶ ନନ୍ଦ ପ୍ରମୁଖ କବିତା ପାଠ କରିଥିଲେ।

# ଖବରଦାତାଙ୍କୁ ଧମକ, ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର


ସମ୍ବଲପୁର ଓଜେୟୁ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସମ୍ବଲପୁର,୨୯।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାର କାର୍ଯ୍ୟରତ ଖବରଦାତା ମନୋଜ ସାହୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଧମକ ଦେବା ନେଇ ଓଡ଼ିଶା ସାମ୍ବାଦିକ ସଂଘ (ଓୟୁଜେ) ପ୍ରତିନିଧି ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେଶ କୁମାର ପାଣ୍ଡେ, ଜିଲା ଗୋଇନ୍ଦା ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ଜେମେସ୍ ସାମଦଙ୍କ ଉପସ୍ଥିତିରେ ଏହି ଦାବିପତ୍ର ଦିଆଯାଇଥିଲା। ଏଥିରେ ଉଲ୍ଲେଖ ରହିଛି, ଗତମାସ ୨୬ ତାରିଖରେ ଏକ ଠକେଇ ଅଭିଯୋଗରେ ସମ୍ବଲପୁରର ଲୋକନାଥ ମହାନ୍ତିଙ୍କଠାରୁ ଖବରଦାତାଙ୍କ ପରିଚୟପତ୍ର ଜବତ ହୋଇଥିଲା। ଏଥିରେ ଖବରଦାତା ସାହୁଙ୍କ ପରିଚୟ ପତ୍ର କୋଡ୍ ନମ୍ବର ରହିଥିଲା। ଏହାକୁ ନେଇ ସାହୁ ଥାନାରେ ଅଭିଯୋଗ କରିଥିଲେ। ହେଲେ ଜଣେ ମହିଳା ଲୋକନାଥଙ୍କ ନାମରେ କାହିଁକି ଅଭିଯୋଗ କଲେ କହି ଧମକ ଦେଉଛନ୍ତି ବୋଲି ସାହୁ ଅଭିଯୋଗ କରିଛନ୍ତି। ଦାବିପତ୍ର ଦେବା ସମୟରେ ସଂଘର ଜିଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ମନୋଜ ସାହୁ, ଅଜୟ କୁମାର ନାଥ, ଜ୍ଞାନ ବ୍ରତ ଭୋଇ, ବିରାଜ ମିଶ୍ର, ନିମାଇଁ ସାହୁ, ତଫିଜୁଲ ହୋସେନ୍, ଦେବେନ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡ଼ା ଦିବସ

ରେଢ଼ାଖୋଲ,୨୯।୮(ଅଚ୍ୟୁତାନନ୍ଦ ପୁରୋହିତ)


ରେଢାଖୋଲ ବାରବାଙ୍କ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ କ୍ରୀଡ଼ା ଦିବସ ବାରବାଙ୍କ ଉଚ୍ଚ ବିଦ୍ୟାଳୟ ଓ ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚବିଦ୍ୟାଳୟ ଖେଳପଡିଆଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଆଶିଷ କୁମାର ସାହୁ, ସତ୍ୟନାରାୟଣ ପୋଢ଼, ଦୟାନିଧି ସାହୁ, ରେଣୁକା ବେରିହା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଖେଳ ପରିଚାଳନା କରିଥିଲେ। ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସରେ ବରିଷ୍ଠ ବିଭାଗରେ ଶୁଭଶ୍ରୀ ୱାରିୟର ଓ କନିଷ୍ଠ ବିଭାଗରେ କାଜଲ ୱାରିୟର ଚାମ୍ପିୟନ ହୋଇଥିଲେ। ଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖେଳ ଶିକ୍ଷକ ମୋହିନି ପ୍ରଧାନ ଖେଳ ପରିଚାଳନା କରିଥିଲେ। ସେହିପରି ଭତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀଙ୍କ ପରିଚାଳନାରେ କ୍ରୀଡ଼ାଦିବସ ପାଳିତ ହୋଇଯାଇଛି।

କୁଚିଣ୍ଡା,୨୯।୮(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିରେନ୍ଦ୍ର ନାଏକ, ଖେଳ ଶିକ୍ଷକ ଚନ୍ଦନ ମାକର, ବିକାଶ ବିଜୟ ନାୟକ, ଦୀପିକା ନାୟକ, ରଞ୍ଜନ ସାହୁ, ତରୁଲତା ସୁନାନୀ, ସୁଷମା ପାଣି, ରାଜେନ୍ଦ୍ର ସାହୁ,ମ୍ୟଟ୍ରନ ଧରିତ୍ରୀ ବେହେରା, ଏଏନଏମ ଲଳିତା କୁସୁମ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ନେଇ ଖୋଖୋ, ବ୍ୟାଡ୍‌ମିଣ୍ଟନ, କ୍ୟାରମ, ପୁଚିଖେଳ, ସ୍କିପିଙ୍ଗ, ତର୍କ, ଡ୍ରଇଂ, ଗୀତ, ଭଲିବଲ ଆଦି ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜମନକିରା,୨୯।୮(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ ଟିଙ୍କିବା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମିଳିତ ଉଦ୍ୟମରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କବାଡି, ଖୋଖୋ, ପୁଚି, ମ୍ୟୁଜିକ ଚେୟାର, ଶଟପୁଟ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟିଙ୍କିବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସୁନାର ମୁଖ୍ୟଅତିଥି ଓ ସରପଞ୍ଚ ମମତା ଭେଂରା, ପୂର୍ବତନ ଶିକ୍ଷକ କୈଳାଶ ଚନ୍ଦ୍ର ପଟେଲ ସମ୍ମାନିତ ଅଥିତି ଭାବେ ଯୋଗଦେଇଥିଲେ। ଶିବ ନାରାୟଣ ବେହେରା ଖେଳ ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

ରେଙ୍ଗାଲି,୨୯।୮(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ମନୋଜ କୁମାର ପଣ୍ଡା ଅଧକ୍ଷତା କରି କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରୀଡା ପରିଷଦ ସଦସ୍ୟ ଅଧାପକ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ପ୍ରଶାନ୍ତ କୁମାର ମାହାଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଜାତୀୟ କ୍ରୀଡା କ୍ଷେତ୍ରରେ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କ୍ରୀଡ଼ା ପରିଷଦର ଉପଦେଷ୍ଟା ଅଧାପକ ଭବାନୀଶଙ୍କର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି କର୍ମଶାଳା

ସମ୍ବଲପୁର, ୨୯।୮(ଶୁଭାଶିଷ ପାଢ଼ୀ)

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ୍) ଜିଲା ସଂଯୋଜକ ସଞ୍ଜୀବ ସାହୁ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସିଡିଏଓ ଗୌରୀ ଶଙ୍କର ସିଂ ମୁଖ୍ୟଅତିଥି, ଏଡିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଏଡିଓ ଉମା ଶଙ୍କର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଦକ୍ଷତା ବିକାଶ ଦାୟିତ୍ୱରେ ଥିବା କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣ ମୋହନ ମିଶ୍ର କୃଷି ଓ କୃଷକର ଆତ୍ମନିର୍ଭରଶୀଳତା ଉପରେ ଆଲୋଚନା କରିଥିଲେ। ଯୁଯୁମୁରାର ଲିନାରାଣୀ ସାହୁ, ରେଙ୍ଗାଲିର ବୈଜନ୍ତି ସାହୁ, କୁଚିଣ୍ଡାର ଲମ୍ବୋଦର କୁମୁରା ଓ ରେଢାଖୋଲର ତାଲିମଦାତା ଅକ୍ଷୟ କୁମାର ଶତପଥୀଙ୍କ ସହିତ ଆଇଟିଡିଏ ସ୍ୱତନ୍ତ୍ର ଅଧିକାରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଓଟିଇଏଲ୍‌ପି ସଂଯୋଜକ ମାନସ ରଞ୍ଜନ ସାହୁ, ଜିଲାର ୬ ବ୍ଲକର ବିପିଏମ୍, କୃଷିମିତ୍ର, ଜିଆର୍ଏସ୍ ଯୋଗଦେଇ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କର୍ମଶାଳାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ଜୀବିକା ମିଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହଯୋଗରେ କୃଷି କାର୍ଯ୍ୟକୁ ସମୃଦ୍ଧ କରାଯାଇପାରିବ ବୋଲି କୁହାଯାଇଥିଲା। ଶେଷରେ ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିଗ୍ରସ୍ତ ପରିବାରକୁ ଥଇଥାନ ଦାବି

## ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର

କୁଚିଣ୍ଡା,୨୯।୮(ବିରଞ୍ଚି ଦର୍କା)


ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ଭାଜପା କର୍ମକର୍ତ୍ତା।

କୁଚିଣ୍ଡା ସହରର ଷ୍ଟେଟବ୍ୟାଙ୍କ ଗଳି ଓ ତହସିଲ ନିକଟରେ ରବିବାର ପ୍ରଶାସନ ପକ୍ଷରୁ ୧୦ଟି ଛୋଟବଡ ଦୋକାନ ଏବଂ ୬ଟି ବେଆଇନ ଘରକୁ ଜେସିବି ଦ୍ୱାରା ଭାଙ୍ଗି ଦିଆଯାଇଥିଲା। ତହସିଲ ନିକଟରେ ଜବରଦଖଲ ଉଚ୍ଛେଦ ସମୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ଥଇଥାନ ନିମନ୍ତେ ମଙ୍ଗଳବାର ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ବିବେକ ରାୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ଷତିଗ୍ରସ୍ତ ପରିବାର ଛୋଟବଡ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ପ୍ରଶାସନ ଥଇଥାନ କଥା ଚିନ୍ତା ନ କରି ଦୋକାନ ଉଚ୍ଛେଦ ଦ୍ୱାରା ସେମାନେ ଅସହାୟକ ହୋଇପଡିଛନ୍ତି। ଏହାଛଡା ତହସିଲ ନିକଟରେ ଜବରଦଖଲ ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟଙ୍କ ସାମନାରେ ଗୋଟିଏ ପରିବାରର ୩ଜଣଙ୍କୁ ଯେଭଳି ଭାବେ ଅତ୍ୟାଚାର କରାଗଲା ଭାଜପା ତା'ର ତୀବ୍ର ନିନ୍ଦା କରି ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦାବି କରିଛି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଦାବିପତ୍ର ଗ୍ରହଣ କରି ୫ଦିନ ମଧ୍ୟରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୫-ଟି ସଚିବଙ୍କୁ ଦାବି ପରେ ଆଗେଇପାରୁନାହିଁ

## ନୀଳଡୁଙ୍ଗୁରୀ ବୃହତ୍ ମାର୍କେଟ ଟର୍ମିନାଲ ପ୍ରସଙ୍ଗ

ସମ୍ବଲପୁର,୨୯।୮(ଶୁଭାଶିଷ ପାଢୀ)



ନୀଳଡୁଙ୍ଗୁରିରେ ମାର୍କେଟ ପାଇଁ ହୋଇଥିବା ଶିଳାନ୍ୟାସ ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ନୀଳଡୁଙ୍ଗରୀଠାରେ ପ୍ରସ୍ତାବିତ ବୃହତ୍ ମାର୍କେଟ ଟର୍ମିନାଲ ୫-ଟି ସଚିବଙ୍କୁ ଦାବି ପରେ ବି ଆଗେଇପାରୁ ନାହିଁ। ଅଗଷ୍ଟ ୧୫ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ସ୍ଥାନୀୟ ବୁଦ୍ଧିଜୀବୀ ଏ ନେଇ ତାଙ୍କଠାରେ ଦାବି କରିଥିଲେ। ଲୋକଙ୍କ ସମସ୍ତ ଦାବି ପର୍ଯ୍ୟାୟକ୍ରମେ ପୂରଣ ହେବ ବୋଲି ସଭାରେ ସଚିବ କହିଥିଲେ। ଏହା ଶୁଣିବା ପରେ ସମ୍ବଲପୁରବାସୀ ଖୁସି ବ୍ୟକ୍ତ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୂଚନା ଆସି ନ ଥିବାରୁ ମନରେ ସଂଶୟ ସୃଷ୍ଟି ହେଉଛି ବୋଲି ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ କହିଛନ୍ତି।

ସେ ଆହୁରି କହିଛନ୍ତି, କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିବା ନୀଳଡୁଙ୍ଗରୀ ବୃହତ୍ ମାର୍କେଟ ଟର୍ମିନାଲକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ବଲପୁର-କଲିକତା ଜାତୀୟ ରାଜପଥର ଯୁଯୁମୁରା ବ୍ଲକ୍ କବରାପାଲି ପଞ୍ଚାୟତର ନୀଳଡୁଙ୍ଗରୀଠାରେ ପ୍ରାୟ ୬୦ ଏକର ପରିମିତ ଜମିରେ ମାର୍କେଟ ଟର୍ମିନାଲ ପିପିପି ମୋଡ୍‌ରେ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ କେନ୍ଦ୍ର ସରକାର ଅନୁମତି ଦେବା ସହିତ ଏହାର କାର୍ଯ୍ୟକାରୀ ପାଇଁ ବଡ ଅଂଶଧନ ଦେବାକୁ ସେତେବେଳେ ସ୍ୱୀକୃତି ପ୍ରଦାନ କରିଥିଲେ। ଏହା ନିର୍ମାଣ ହେଲେ କୃଷି ଉତ୍ପାଦିତ ଦ୍ରବ୍ୟର ରପ୍ତାନି, ବଜାରକରଣ ସହଜ ହେବ। ପଶ୍ଚିମ ଓଡ଼ିଶାର ୧୦ ଜିଲା ଏହା ଦ୍ୱାରା ଉପକୃତ ହେବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବୃହତ୍ ଯୋଜନା ପାଇଁ ସେତେବେଳେ ୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ୨୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷିମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖଙ୍କ ଉପସ୍ଥିତିରେ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହା ନିର୍ମାଣ ହୋଇ ପାରିଲା ନାହିଁ। ପଶ୍ଚିମାଞ୍ଚଳରେ କୃଷି ଓ ଉଦ୍ୟାନକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ପାଇଁ ଏହି ପରିକଳ୍ପିତ ବୃହତ ମାର୍କେଟ୍ ଟର୍ମିନାଲ୍ ଏକମାତ୍ର ବିକଳ୍ପ ଓ ପଶ୍ଚିମ ଓଡିଶାର କୃଷକ ସମାଜ ପାଇଁ ଅମୂଲ୍ୟ ଦାନ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଥିବା ସେ କହିଥିଲେ।

## ଚାନ୍ଦା ମାଗି ୨ହୋମଗାର୍ଡଙ୍କ ସମେତ ୫ ଗିରଫ

ବୌଦ୍ଧ,( ଅଜିତ କୁମାର ବାରିକ): ଗଞ୍ଜେଇ ପେକାରୀଙ୍କଠାରୁ ଚାନ୍ଦାମାଗି ୨ଜଣ ହୋମଗାର୍ଡ ଓ ଅନ୍ୟ ୩ଜଣ ଗିରଫ ହୋଇଛନ୍ତି। ରେଢ଼ାଖୋଲ ଅଞ୍ଚଳର ଜନୈକ ବ୍ୟକ୍ତି ଗଞ୍ଜେଇ କିଣିବାକୁ ବଘିଆପଡା ଆସିଥିଲେ । ତାଙ୍କୁ ଦୁଇ ହୋମଗାର୍ଡ ଓ ସ୍ଥାନୀୟ କେତେକ ଯୁବକ ଏକ ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ । ଏ ନେଇ ସମ୍ପୃକ୍ତ ବ୍ୟକ୍ତି ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ହୋମଗାର୍ଡ ଶିଶିର ଭଞ୍ଜ ଓ ରଶ୍ମି ସ୍ୱାଇଁ, ନକୁଆନାଳିର ବାବୁଲା ଦେହୁରୀ, ଓଲଣ୍ଡାର ସୁଜିତ ସ୍ୱାଇଁ ଓ ତୁରକେଲାର ଭୀମସେନ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ମଙ୍ଗଳବାର ସେମାନେ କୋର୍ଟରୁ ଜାମିନ ପାଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ



ରାଲିରେ ଅଧିକାରୀ ଓ ଛାତ୍ରୀଛାତ୍ର।

**ବୌଦ୍ଧ, ୨୯।୮ ( ଅଜିତ କୁମାର ବାରିକ )** ବୌଦ୍ଧ ଜିଲା କ୍ରୀଡା ବିଭାଗ ପକ୍ଷରୁ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାର୍କିଟ ହାଉସଠାରୁ ଏକ ସଚେତନତା ରାଲି ବାହାରି ଆଦର୍ଶ କୃଷି ବଜାରଠାରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାରିଦ୍ର ଭଞ୍ଜନ ମଦନ ମୋହନ ପାତ୍ର ରାଲିକୁ ଉଦ୍ଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସଂସଦ ସମ୍ପାଦକ ରବିନ୍ଦ୍ର କୁମାର ରାଉତ, ବରିଷ୍ଠ କ୍ରୀଡାବିତ ରଞ୍ଜିତ ରାଉତ, କ୍ରୀଡା ନିରୀକ୍ଷକ ଆନନ୍ଦ ବେହେରା, ସେକସନ ଅଫିସର ମାନସ ରଞ୍ଜନ ସେଠୀ, ରାଜେନ୍ଦ୍ର ମହାପାତ୍ର, କ୍ରୀଡା ଶିକ୍ଷକ ସୁରେନ ସାହୁ, ମମତା ଦାସଙ୍କ ସମେତ ଛାତ୍ରୀଛାତ୍ର ସାମିଲ ଥିଲେ ।

# ସ୍ଥିତି ନିରୀକ୍ଷଣ କଲା ରାଜ୍ୟ ରାପିଡ୍ ରେସ୍ପନ୍ସ ଟିମ୍

■ସିନ୍ଧେକେଲାରେ ଝାଡ଼ାବାନ୍ତି
■ନଦୀ ପାଣିରୁ ସଂକ୍ରମଣ ଆଶଙ୍କା

**ବଲାଙ୍ଗୀର ଅଫିସ(ବୀରେନ୍ଦ୍ର କୁମାର ଝାଙ୍କର)/ଟିଟିଲାଗଡ଼ (ଶରତ ମିଶ୍ର)୨୯।୮**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଝାଡ଼ାବାନ୍ତିରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ରାଜ୍ୟ ରାପିଡ୍ ରେସପନ୍ସ ଟିମ୍‌ର ଦୁଇଜଣିଆ ସଦସ୍ୟ ଏବଂ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ମଙ୍ଗଳବାର ସିନ୍ଧେକେଲାରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି। ପରୀକ୍ଷା ପାଇଁ ଏହି ଟିମ୍ ସ୍ଥାନୀୟ ନଦୀରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହି ନଦୀ ପାଣିରୁ ଝାଡ଼ାବାନ୍ତି ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି।

ଟିମ୍‌ର ସଦସ୍ୟମାନେ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଟିମ୍‌ରେ ସାମିଲ ଥିବା ଡାକ୍ତର ସୁରଜିତ ଗରବଡା, ଏପିଡେମିଓ ଡା. ସୁନିତା ଜେନା, ବଲାଙ୍ଗୀର ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟକିଶୋର ପତି, ଏଡିପିଏଚ୍‌ଓ ନମିତା ମିଶ୍ର, ଭୀମଭୋଇ ମେଡ଼ିକାଲ କଲେଜ ମେଡିକାଲ ଅଫିସର ସିନ୍ଧେକେଲା ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ଏମ୍‌ଓଆଇସି ଡାକ୍ତର ବିଶ୍ୱରଞ୍ଜନ ଖୁଣ୍ଟିଆ, ବିପିଏମ୍ ତପନ ବିହାରୀ ପଟ୍ଟନାୟକ, ଭାରପ୍ରାପ୍ତ ପିଏଚ୍‌ଓ ଜେମାକାନ୍ତ ବାଗ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଆକ୍ରାନ୍ତ ରୋଗୀମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ସିନ୍ଧେକେଲାରେ ଦୁଇଟି ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ଶିବିର ପରିଦର୍ଶନ କରିଥିଲେ। ଏଥିସହ ଲୋକଙ୍କୁ ସଚେତନ କରିଥିଲେ। ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିବା ରୋଗୀମାନଙ୍କ ଘରକୁ ଯାଇ ସ୍ଥିତି ପରଖିଥିଲେ। ୬୦ଜଣ ଆକ୍ରାନ୍ତ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମାତ୍ର ୫ ଆକ୍ରାନ୍ତ ହସ୍ପିଟାଲରେ ଏବେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଝାଡ଼ାବାନ୍ତି ବ୍ୟାପିବାର କାରଣ ଜାଣିବା ପାଇଁ ନିକଟସ୍ଥ ବିଭିନ୍ନ ଉତ୍ସରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ଝାଡ଼ା ନମୁନା ମଧ ପରୀକ୍ଷା କରାଯାଉଛି। ନଦୀପାଣିରୁ ଝାଡ଼ାବାନ୍ତି ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ଗାଁରେ ବର୍ତ୍ତମାନ ୨ଟି ମୋବାଇଲ ଡାକ୍ତରୀ ଟିମ୍ ନିୟୋଜନ ଅଛନ୍ତି। ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍‌ରୁ ୩ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ସେହିପରି ଭୁବନେଶ୍ୱରରୁ ୨ଜଣିଆ ଟିମ୍ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବୋଲି ଡା. ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଝାଡ଼ାବାନ୍ତି ବ୍ୟାପୁଥିବା ଖବର ପାଇ ସୋମବାର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସିନ୍ଧେକେଲା ଯାଇଥିଲେ। ସେ ରୋଗୀ ଓ ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।


ସିନ୍ଧେକେଲାଠାରେ ଭୁବନେଶ୍ୱରର ରାଜ୍ୟସ୍ତରୀୟ ଏବଂ ବଲାଙ୍ଗୀର ଜିଲାସ୍ତରୀୟ ଡାକ୍ତରୀ ଦଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଇଓଙ୍କୁ ଭେଟିଲା ଅଟୋରିକ୍ସା ମାଲିକ ସଂଘ

**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଟୋରିକ୍ସା ମାଲିକ ସଂଘ ପୌର ପ୍ରଶାସନ ପକ୍ଷରୁ ସହରରେ ଚାଲୁଥିବା ଇ-ରିକ୍ସା ବିରୋଧରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇଛି । ଏ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଇଓ ନାରାୟଣ ଦଣ୍ଡସେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରୋଗୀସେବା ପାଇଁ ଇ-ରିକ୍ସା ଚଳାଚଳ କରିବ ବୋଲି ପୌର ପ୍ରଶାସନ କହିଥିବାବେଳେ ତାହା ସହରରେ ଯାତ୍ରୀ ଏବଂ ମାଲ ପରିବହନ କରୁଥିବା ଅଟୋ ମାଲିକ ସଂଘ ଅଭିଯୋଗ କରିଛି। ଏଭଳି ପରିବହନ କରି ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସଂଘ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦ କଲେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି ବୋଲି ସଂଘ ସଭାପତି ପ୍ରୀତମ ସିଂ କହିଛନ୍ତି । ଅନ୍ୟପଟେ ଇ-ରିକ୍ସା ଯାତ୍ରୀ ଏବଂ ମାଲ ପରିବହନ କରୁଥିବାବେଳେ ଅଟୋ ରିକ୍ସା ମାଲିକ ସଂଘ ଉପରେ ତାର ପ୍ରଭାବ ପଡୁଛି ଏବଂ କ୍ଷତି ସହିବାକୁ ପଡୁଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ୩ ଦିନ ମଧ୍ୟରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେପ୍ଟେମ୍ବର ୧ତାରିଖରେ ପୌର ପରିଷଦ କାର୍ଯ୍ୟାଳୟରେ ସମସ୍ତ ଅଟୋ ରିକ୍ସା ପୂରାଇ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଛଟେଇ ପ୍ରତିବାଦରେ ଅନଶନ


ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ।

**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସିମେଣ୍ଟ କାରଖାନାରେ ଛଟେଇ ପ୍ରତିବାଦରେ ଜଣେ କର୍ମଚାରୀ ପ୍ରଶାନ୍ତ କୁମାର ତାଣ୍ଡି ସପରିବାର ମଙ୍ଗଳବାର ଜିଲା ଶ୍ରମ ଅଧିକାରୀଙ୍କ ସମ୍ମୁଖରେ ଅନଶନରେ ବସିଥିଲେ। ତେବେ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟକୁ ଆସି ନ ଥିବାରୁ ଅପରାହ୍ନ ସାଢ଼େ ୪ଟାରେ ଅନଶନରୁ ଉଠି ପ୍ରଶାନ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୩ଦିନ ମଧ୍ୟରେ ତାଙ୍କୁ ଉକ୍ତ କାରଖାନାରେ ପୁଣି ଥଇଥାନ କରା ନ ଗଲେ ସେ ସପରିବାର ଜିଲାପାଳଙ୍କ ଅଫିସରେ ଅନଶନରେ ବସିବେ ବୋଲି କହିଛନ୍ତି । ପ୍ରକାଶ ଯେ, ବରଗଡ଼ ବ୍ଲକ ଖଲିଆପାଲି ଗ୍ରାମର ପ୍ରଶାନ୍ତ ଜଣେ ଠିକାଦାରଙ୍କ ଅଧୀନରେ ସିମେଣ୍ଟ କାରଖାନାରେ କାର୍ଯ୍ୟ କରୁଥିଲେ। ମାତ୍ର ଗତପ୍ରାୟ ୫ମାସ ହେଲା ତାଙ୍କୁ ବିନା କାରଣରେ କାମରୁ ଛଟେଇ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ କାରଖାନା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସେ ପରିବାର ଧରି ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ଅନଶନରେ ବସିଥିଲେ ଏବଂ କାରଖାନାରେ ପୁନଃ ଥଇଥାନ ଦାବି କରିଥିଲେ।

# ଜେଲରେ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଦେଲେ ପୁଞ୍ଜିଲାଲ

**ବଲାଙ୍ଗୀର ଅଫିସ,୨୯।୮**

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବଲାଙ୍ଗୀର ଜିଲା କାରାଗାରରେ ମଙ୍ଗଳବାର ଗଣମାଧ୍ୟମ ଓ ଗଣ ଯୋଗାଯୋଗ ବିଷୟରେ ସ୍ନାତକୋତ୍ତର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଦେଇଛନ୍ତି। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଜଣେ ପରୀକ୍ଷକ ଜେଲକୁ ଆସି ଏହି ପରୀକ୍ଷା ପରିଚାଳନା କରିଥିବା ଜେଲ ସୂତ୍ରରୁ ଜଣାପଡିଛି। ୨୦୧୮ ମସିହା ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ପୁଞ୍ଜିଲାଲ ଗିରଫ ହୋଇଥିଲେ। ପ୍ରଥମେ ପାଟଣାଗଡ ଉପକାରାଗାରରେ ତାଙ୍କୁ ରଖାଯାଇଥିଲା। ତେବେ ସେଠାରୁ କଏଦୀଙ୍କୁ ଚମ୍ପଟ କରିବା ଉଦ୍ୟମ ଅଭିଯୋଗ ଆସିବା ପରେ ପାଟଣାଗଡ ଜେଲରୁ ବଲାଙ୍ଗୀର ଜେଲ କାରାଗାରକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଦିନରୁ ସେ ବଲାଙ୍ଗୀର ଜେଲରେ ଅଛନ୍ତି। ଜେଲରେ ସେ ସମ୍ବଲପୁର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଗଣମାଧ୍ୟମ ଏବଂ ଗଣ ଯୋଗାଯୋଗ କୋର୍ସରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁଙ୍କୁ ପଚାରିବାରୁ ପୁଞ୍ଜିଲାଲ ମେହେର ଗଣମାଧ୍ୟମ ଏବଂ ଗଣ ଯୋଗାଯୋଗ ବିଷୟରେ ଏମ୍‌ଏ ପାଠ୍ୟକ୍ରମ ପାଇଁ ପରୀକ୍ଷା ଦେଇଛନ୍ତି ବୋଲି ସୂଚନା ଦେଇଥିଲେ। ପୁଞ୍ଜିଲାଲଙ୍କ ସମେତ ଏହି ଜେଲର ଅନ୍ୟ ୪ ଅନ୍ତେବାସୀ ସ୍ନାତକ ଡିଗ୍ରୀ ପରୀକ୍ଷା ଦେଉଛନ୍ତି। ପାଟଣାଗଡ ବ୍ଲକ୍ ଛକ ନିବାସୀ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିଲା। ସାହୁଙ୍କ ନବବିବାହିତ ପୁତ୍ର ସୌମ୍ୟଶେଖର, ଜେଜେମା' ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମାରାଣୀ ଆହତ ହୋଇଥିଲେ। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଭଇଁଷା କଲେଜ ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା।


## ପୂର୍ବ ତଟ ରେଳପଥ

**ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ଷ୍ଟଲ**

ସଂ.G.129/Catg.Stalls/E-auction/2023 ତା.21.08.2023ରିଖ

| କ୍ରମ ସଂ. | ଷ୍ଟେସନର ନାମ | ୟୁନିଟ୍ ର ସ୍ଥାନ | ଲଟ୍ ନମ୍ବର |
|---|---|---|---|
| 1 | କାଠଯୋଡ଼ି (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KTJI-GMU-77-23-1 |
| 2 | ଗଙ୍ଗାଧରପୁର | ପ୍ଲାଟଫର୍ମ ନଂ.1 | Catg-KUR-GNGD-GMU-94-23-1 |
| 3 | ବେଗୁନିଆ | ପ୍ଲାଟଫର୍ମ ନଂ.1 | Catg-KUR-BYZA-GMU-101-23-1 |
| 4 | କାଳିଜାଇ (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KLJI-97-23-1 |
| 5 | ଭୁବନେଶ୍ୱର ନ୍ୟୁ | ପ୍ଲାଟଫର୍ମ ନଂ.1(କଟକ ସୀମା) | Catg-KUR-BBSN-GMU-74-23-1 |
| 6 | ଯାଜପୁର କେନ୍ଦୁଝର ରୋଡ୍ | ପ୍ଲାଟଫର୍ମ ନଂ.1 ଭଦ୍ରକ ସୀମା, ଖମ୍ବ ନଂ.2&3 ମଧ୍ୟରେ | Catg-KUR-JJKR-SMU-131-23-1 |
| 7 | ଝାରସୁଗୁଡ଼ି | ପ୍ଲାଟଫର୍ମ ନଂ.1 | Catg-KUR-JPI-SMU-108-23-1 |
| 8 | ବ୍ରହ୍ମପୁର | ଖମ୍ବ ନଂ.3&4 ମଧ୍ୟରେ ପ୍ଲାଟଫର୍ମ ନଂ.2&3 ବିଶାଖାପାଟଣା ସୀମା ଆଡ଼କୁ | Catg-KUR-BAM-SMU-129-23-1 |
| 9 | ଖୋର୍ଦ୍ଧା ରୋଡ୍ | ଖମ୍ବ ନଂ.5&6 ମଧ୍ୟରେ ପ୍ଲାଟଫର୍ମ ନଂ.4&5 ପୁରୀ ସୀମା । | Catg-KUR-KUR-SMU-130-23-1 |
| 10 | ନୀଳକଣ୍ଠେଶ୍ୱର | ପ୍ଲାଟଫର୍ମ ନଂ.1 | Catg-KUR-NKW-SMU-118-23-1 |

ଷ୍ଟେସନର ବର୍ଗ : F(HG-2) (କ୍ରମ ସଂ.1 ଏବଂ 4 ପାଇଁ), E(NSG-6) (କ୍ରମ ସଂ.2, 5, 7 ଏବଂ 10 ପାଇଁ), A(NSG-3) (କ୍ରମ ସଂ.3, 6, 8 ଏବଂ 9 ପାଇଁ) । ୟୁନିଟର ପ୍ରକାର : ଖାଦ୍ୟ ସରବରାହ ଷ୍ଟଲ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଷ୍ଟଲ ବର୍ଗ (GMU/SMU) : ଜେନେରାଲ ମାଇନର ୟୁନିଟ୍ (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ ସ୍ପେଶାଲ ମାଇନର ୟୁନିଟ୍ (କ୍ରମ ସଂ.6 ରୁ 10 ପର୍ଯ୍ୟନ୍ତ), ୟୁନିଟର ଆକାର : 8"X6" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ବିସ୍ତୃତ ବିବରଣୀ ନିମନ୍ତେ ୱେବସାଇଟ୍ www.ireps.gov.in ଅବଲୋକନ କରନ୍ତୁ । ନିଲାମ ତାରିଖ ଓ ସମୟ : ତା.05.09.2023ରିଖ (1100-1300 ଘଟିକା ପର୍ଯ୍ୟନ୍ତ) ।

PR-505/O/23-24 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍


# ବଂଶଲ ଟ୍ରେଡର୍ସ ଉପରେ ଜିଏସ୍‌ଟି ଚଢ଼ାଉ

**ବୌଦ୍ଧ,୨୯।୮(ଅଜିତ କୁମାର ବାରିକ):** ବୌଦ୍ଧ ସହର ବାଘଗୁଡା ଛକରେ ଥିବା ବଂଶଲ ଟ୍ରେଡର୍ସ ଉପରେ ମଙ୍ଗଳବାର ଜିଏସଟି ଟିମ ପକ୍ଷରୁ ଚଢାଉ କରାଯାଇଛି । ଏହା ସହିତ ଘର ଓ ଦୁଇଟି ଗୋଦାମ ଉପରେ ମଧ ଚଢାଉ କରାଯାଇଛି। ଏଥିରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି । ମିଳିଥିବା ସୂଚନା ମୁତାବକ ବୌଦ୍ଧ ସହର ବାଘଗୁଡା ଛକଠାରେ ବଂଶଲ ଟ୍ରେଡର୍ସ ନାମକ ଏକ ଲୁହା, ଛଡ ଓ ସିମେଣ୍ଟ ଦୋକାନ ରହିଛି। ଏହି ସଂସ୍ଥା ଜିଏସଟି ଫାଙ୍କୁ ଥିବା ନେଇ ଅଭିଯୋଗ ହେବା ପରେ ସମ୍ବଲପୁର ଏନଫୋର୍ସମେଣ୍ଟ ୟୁନିଟର ଏକ ୨୦ ଜଣିଆ ଦଳ ଡେପୁଟି କମିଶନର ଟେକଚାନ୍ଦ ମେହେରଙ୍କ ନେତୃତ୍ୱରେ ଏକକାଳୀନ ୪ଟି ସ୍ଥାନରେ ଚଢାଉ କରିଥିଲେ। ଚଢାଉ ଟିମ ବାଘଗୁଡା ଛକଠାରେ ଥିବା ଦୋକାନ, ଶହୀଦ ଛକ ନିକଟରେ ଥିବା ଘର, ବୁଢୁପାଲିଠାରେ ଥିବା ଗୋଦାମ ଓ ଆରଟିଓ ଅଫିସ ପାଖରେ ଥିବା ଗୋଦାମ ଉପରେ ଚଢାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। କେତେ ଷ୍ଟକ ଖାତା, ସେଲ ଖାତା ଯାଞ୍ଚ ପାଇଁ ନିଆଯାଇଛି। ଯାଞ୍ଚ ପାଇଁ ନିଆଯାଇ ଥିବା ସମସ୍ତ କାଗଜପତ୍ରକୁ ଅନ୍ୟ ଅଧିକାରୀ ଏହାକୁ ଯାଞ୍ଚ କରିବେ ବୋଲି ଜଣାପଡିଛି ।

# ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼,୨୯।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ମାଲିପାଲି ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ମାଁ ମାଉଲି ଫୁଟବଲ କପ୍-୨୦୨୩ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଗାଇସିମା ସରପଞ୍ଚ ଧୀରେନ ମହାପାତ୍ର, ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚରେ ବଲାଙ୍ଗୀର ପ୍ରତିପକ୍ଷ ତାଳଶ୍ରୀଗିଡ଼ା ଦଳକୁ ଟାଇବ୍ରେକର ଜରିଆରେ ହରାଇ ଚାମ୍ପିୟନ ହୋଇଥିଲା। ଅତିଥିମାନେ ଚାମ୍ପିୟନ ଏବଂ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ମାଲିପାଲି ଆଥଲେଟିକ୍, ଆସୋସିଏଶନର କର୍ମକର୍ତ୍ତା, ସଭ୍ୟମାନେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**No.CAD-1872: TENDER CALL NOTICE**

**Tender Notice No.4222/RE/OSIC Dt.28.08.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. "Execution of Retro Reflective Signage Gate (Aarch Type) size of 94 ft X 6 ft at the boarder of Barbil Municipality in Ward No. 13", "Supply and installation of Semi- integrated Solar Street light, Solar Dual Pump Water Supply System & LED Street light in existing pole projects under MLALAD fund 2023-24 of Chitrakonda A/C in the District of Malkangiri" and "Supply & Installation of LED Street Light & Solar All In One Integrated Light Projects MLA Chitrakonda A/C under MLALAD for the year 2023-24". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only

Sd/-
GENERAL MANAGER(O)
OIPR-14073/11/0048/2324



## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-1888: **TENDER ALERT**

1)**E-Tender Call Notice No.08/23-24:** Tenders are Invited from eligible bidders through e-tender for Sl no 01 to 04 under Civil Works Circle, BBSR.
2)**Tender Call Notice No.05/2023-24:** Supply of 01 no DCDB including supply & fittings of all accessories in complete shape required at 220/132/33kV Grid S/S, Bhanjanagar under EHT (O&M) Division, Bhanjanagar.
3)**Tender Call Notice No.07/2023-24:** Supply of stainless steel retro reflective radium ACP Bay identification board with steel pipe stand for Grid S/S, Mendhasal under EHT (O&M) Division, Mendhasal.
4)**Tender Call Notice No.08/2023-24:** Construction of 8 nos. of multi Fire Extinguisher shed with both side stand for 400kV, 220kV, 132kV, 33kV switchyard for Grid S/S,Mendhasal under EHT(O&M) Division, Mendhasal.
5)**Tender Call Notice No.09/2023-24:** Construction of open stock yard for material stacking of 400kV Line Sub-Division, Mendhasal under EHT (O&M) Division, Mendhasal.
6)**Tender Call Notice No.04/2023-24:** Grass Cleaning & Anti-weed Treatment of Metal and Non-metal area of 220kV,132kV & 33kV S/Y area of 220/132/33kV Grid S/S Bhadrak and also Metal area of 132kV S/Y area & Non-Metal area inside Grid Premises of 132/33kV Grid S/S Agarpada under EHT(O&M) Division, Bhadrak.
7)**Tender Call Notice No.04/2023-24:** Construction of vehicle shed at 132/33kV Grid S/S, Chikiti under EHT(O&M) Division, Berhampur.
8)**Tender Call Notice No.RKL-09/2023-24:** Procurement and Supply of Enamel Paints at different GSS under EHT(O&M) Division, Rourkela.
9)**Tender Call Notice No.02/2023-24:** Supply, Installation & Commissioning of 07 Nos. of 2 Ton 3 Star Split Air Conditioner with 07 Nos. of 5KVA stabilizer for different sections under Telecom Division, Sambalpur.
10)**Tender Call Notice No.03/2023-24:** Painting of 62 Nos. Towers of 132kV Choudwar-Meramundali Circuit No. I from location No. 148 to location No. 210 under EHT(O&M) Division, Choudwar.
11)**Tender Call Notice No.09/CTC/23-24:** Supply of different types of Aluminium Clamps and Connectors for different Grid Substations under EHT(O&M) Division, Paradeep under EHT O&M Circle, Cuttack.
12)**Tender Call Notice No.09/BBS/23-24:** Dismentaling of old panels,removal of old cable along with repairing of old cable trench, supply of chequered plates and other related works at 132/33kV Grid S/S, Khurdha under EHT(O&M) Circle, Bhubaneswar.

For more details please visit OPTCL's website: www.optcl.co.in. OIPR-04011/11/0082/2324 FIPR-34/2023-24

/optcl.odisha /optcl_odisha



## DIRECTORATE OF HANDICRAFTS BHUBANESWAR, ODISHA

No.PP-33:- Applications are invited from the retired field executives/ ministerial Officers for re-engagement of OSD on contractual basis against the vacant post of **Handicraft Promotion Officer/ Junior Assistant / Senior Assistant/ Junior Assistant** in Directorate of Handicrafts, Odisha and its field offices of the Assistant Director (Handicrafts) for a period of 01 (One) year or till the vacancies are filled up by regular process whichever is earlier.

1. The re-engagement will be as per terms and condition laid down in the Guidelines issued vide G.A. Department Resolution No. 23750 dated 27.08.2014.
2. The performance of the OSD/ Consultants will be reviewed periodically at an interval of six months.
3. The monthly consolidated remuneration of the OSDs will be fixed as per FDOM No. 24533 dated 29.09.2022.
4. Interested retired Government employees may apply in the given application format by Registered post/ Speed post which should reach to the Director of Handicrafts, Odisha, 1st Floor, HoD Building, Unit-V, Bhubaneswar-751001 on or before 31.08.2023.
5. The application form and details of re-engagement are available in Directorate of Handicrafts, Odisha website http://crafts.odisha.gov.in

OIPR-31042/11/0009/2324 **Director**



## MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ (ଇପିବିଏକ୍ସ): ୦୬୬୩-୨୫୪୨୪୬୧ରୁ ୪୬୯ ୱେବସାଇଟ୍: www.mahanadicoal.in

**ବିଜ୍ଞପ୍ତି**

**ବିଷୟ: ସିପିଆର୍‌ଏମ୍‌ଏସ୍‌ଇ-ଏନ୍‌ଇ (ସଂଶୋଧିତ)ର ସଦସ୍ୟତା ନିମନ୍ତେ ସୁଯୋଗର ସମୟସୀମା ବୃଦ୍ଧି**

କୋଲ୍ ଇଣ୍ଡିଆ ଲିଃ (ମୁଖ୍ୟାଳୟ), କୋଲକାତା ଠାରେ ତା୦୪।୦୮।୨୦୨୩ରିଖ ଦିନ ଅନୁଷ୍ଠିତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ) ଟ୍ରଷ୍ଟର ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ୪ର୍ଥ ବୈଠକରେ ହୋଇଥିବା ବିଚାରବିମର୍ଶ ପରେ ସ୍ୱାକ୍ଷରିତ ହୋଇଥିବା ସଂକଳ୍ପ ଅନୁଯାୟୀ, ସିଆଇଏଲ୍/ସହାୟକ କମ୍ପାନୀର ସମସ୍ତ ଯୋଗ୍ୟ ପୃଥକୀକୃତ ଅଣ-ଅଧିକାରୀ ପାହ୍ୟାର କର୍ମଚାରୀଙ୍କ ସମେତ "ସିଆଇଏଲ୍ ଏବଂ ଏସ୍‌ସିସିଏଲ୍ ପାଇଁ ୧୦ମ ବେତନ ରାଜିନାମା" ଅବଧିରେ ପୃଥକୀକୃତ ହୋଇଥିବା ଏବଂ କୌଣସି କାରଣରୁ ଯୋଜନାର ସଦସ୍ୟ ହୋଇପାରି ନ ଥିବା ଅଣ-ଅଧିକାରୀ କର୍ମଚାରୀମାନଙ୍କ ନିମନ୍ତେ **ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)**ର ସଦସ୍ୟ ହେବାର ତାରିଖକୁ **ଶେଷ ସୁଯୋଗ ଭାବେ ତା୩୧।୧୨।୨୦୨୩ରିଖ** ପର୍ଯ୍ୟନ୍ତ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି । ଆର୍ଥିକ ଚିନ୍ତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ମଧ ଗ୍ରହଣ କରାଯାଇଛି ଯେ ଉକ୍ତ ତାରିଖ ଆଉ ଅଧିକ ବୃଦ୍ଧି କରାଯିବ ନାହିଁ ।
ସମସ୍ତ ଯୋଗ୍ୟ ସେବାନିବୃତ୍ତ ଅଣ-ଅଧିକାରୀ କର୍ମୀମାନେ ଏହି ସୁଯୋଗର ଲାଭ ନିଅନ୍ତୁ ।

R-5165 ମହାପ୍ରବନ୍ଧକ (ପି ଆଣ୍ଡ ଆଇଆର୍)



## कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग

**मुख्यमंत्री ग्राम सड़क योजना अन्तर्गत**
**ई–निविदा आमंत्रण सूचना**

ई–निविदा सं0 :– 03/2023-24/RWD/EE/HAZARIBAG दिनांक :– 28.08.2023
कार्य की विवरणी :–

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/HAZ/MM GSY/09/2023-24 | बड़कागाँव प्रखण्ड के ग्राम लकुरा में भगवानबागी से लकुरा गाँव होते हुए बचवरिया तक पथ निर्माण कार्य (लं0–2.700 कि0मी0) | 3,27,33,200/- | तीन करोड़ सताईस लाख तेतीस हजार दो सौ मात्र | 9 (नौ) माह |
| 2 | RWD/HAZ/MM GSY/10/2023-24 | बड़कागाँव प्रखण्ड के ग्राम चन्दौल में उत्क्रमित मध्य विद्यालय से मुरकटी मुख्य पथ तक पथ निर्माण कार्य (लं0–2.200 कि0मी0) | 2,65,81,800/- | दो करोड़ पैसठ लाख एकासी हजार आठ सौ मात्र | 9 (नौ) माह |
| 3 | RWD/HAZ/MM GSY/11/2023-24 | कटकमसांडी प्रखण्ड के पंचायत+ग्राम ढ़ोठवा में भोला रविदास के घर से मुख्य पथ ढ़ोठवा नरेश शर्मा के दुकान तक पथ निर्माण कार्य (लं0–1.170 कि0मी0) | 92,87,800/- | बेरान्वे लाख सतासी हजार आठ सौ मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 02.09.2023 ।
3. ई–निविदा प्राप्ति की अंतिम तिथि एवं समय :–11.09.2023 अपराह्न 5.00 बजे तक ।
4. (क) जिला नियंत्रण कक्ष, राँची (ख) मुख्य अभियंता का कार्यालय, ग्रामीण कार्य विभाग, झारखण्ड, राँची (ग) जिला नियंत्रण कक्ष, हजारीबाग में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय–12.09.2023 अपराह्न 3.30 बजे तक ।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग, इन्द्रपुरी चौक, हजारीबाग के नजदीक, हजारीबाग, झारखण्ड, पिन–825301 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (12.09.2023 अपराह्न 3.30 बजे तक) से पूर्व प्राप्त हो जाय । अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा ।
6. निविदा खोलने की, तिथि, समय एवं स्थान–13.09.2023 पूर्वाह्न 3.30 बजे, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग ।
7. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
7. ई–निविदा प्रकोष्ठ का दूरभाष सं0–06546–265286 ।
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक / अन्य राष्ट्रीयकृत बैंक / अनुसूचित बैंक द्वारा निविदाकार के नाम / अकाउंट से ही निर्गत बैंक ड्राफ्ट के रुप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग के पक्ष में एवं हजारीबाग में भुगतेय होगा जो लौटाया नहीं जायेगा ।
9. यदि किसी कारणवश उपरोक्त अंकित तिथियों में अवकाश घोषित होता है तो अगले कार्यदिवस में अंकित कंडिकाओं का कार्य किया जायेगा एवं सभी शर्तें पूर्ववत रहेगी ।
10. परिमाण विपत्र की राशि घट या बढ़ सकती है।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, हजारीबाग

PR 305825 Rural Work Department(23-24)#D



## कार्यालय, जिला परिषद, राँची

**शुद्धि-पत्र**

**PR No. 305527**

इस कार्यालय के द्वारा प्रकाशित अति अल्पकालीन ई–निविदा आमंत्रण सूचना टेन्डर रिफ्रेन्स नम्बर– DOPR/DE/Ranchi/14/2023-24 के ग्रुप संख्या 04 (खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण) को अपरिहार्य कारणों से अगले आदेश तक के लिए स्थगित किया जाता है। निविदा की शेष शर्त्ते यथावत रहेगी।

जिला अभियंता
PR 305764 Panchayati Raj (23-24)_D जिला परिषद राँची



## WELFARE SCHEMES FOR EX-SERVICEMEN/WIDOWS

Welfare schemes sponsored out of the Amalgamated Fund, Rajya Sainik Board, Odisha for Ex-Servicemen, Widows and their dependent children belonging to State of Odisha:-

- Merit Scholarships for children of ESM/Widows (PBOR only). **Courses eligible** - +2 level, Diploma, Degree level professional courses, MCA & MBA. **Rate of Scholarship:** For 10+2 and Diploma level courses @ Rs 12,000/- per year and @ Rs 18,000/-per year for Degree level courses, MCA/MBA.
- Education Grant to handicapped children of ESM/Widows (minimum disability 40%) starting from Class-I to PG level courses @ Rs 12,000/- per year irrespective of class.
- Financial assistance @ Rs 3,000/-pm for life to totally Blind/Paraplegic ESM (PBOR only). Spouse and children of ESM suffering with similar disabilities are also eligible.
- Financial assistance @ Rs 3,000/-pm to spouse of deceased ESM for maintenance of mentally retarded children for life.
- Financial assistance @ Rs 2,000/-pm for life to non-pensioner ESM (PBOR only) who are above 60 years of age and for Widows no age restriction.
- Financial assistance @ Rs 3,000/-pm to the orphan children of ESM till they start getting pension in their bank account.
- Financial assistance @ Rs 1.00 lakh for daughter's marriage of Widows of JCOs for maximum two daughters only.
- One time grant of Rs 50,000/- to wards of ESM/Widows for getting commission in Army, Navy and Air Force.
- Financial assistance @ Rs 20,000/- per case for repair of house damaged in fire and other natural calamities (PBOR only).

To avail the benefits, eligible Ex-servicemen/Widows to contact/visit concerned Zilla Sainik Board.

**Sd./- Secretary**
**Rajya Sainik Board, Odisha**

## ସଂକ୍ଷେପରେ

### ଗଣେଶ ପୂଜା ନେଇ ଗଣ୍ଡଗୋଳ, ଛୁରା ମାଡ଼ରେ ଯୁବକ ଗୁରୁତର

କୋକସରା,୨୯।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଟେମରା ପଞ୍ଚାୟତ ସିର୍ଲିଗୁଡା ଗାଁରେ ଗଣେଶ ପୂଜା କରିବାକୁନେଇ ମଙ୍ଗଳବାର ଗଣ୍ଡଗୋଳ ହୋଇଛି। ଛୁରାମାଡ଼ରେ ତରୁଣ ମାଝି (୪୫) ଗୁରୁତର ହୋଇଛନ୍ତି। ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ଜଟିଳ ହେବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମତେ ସିର୍ଲିଗୁଡା ଗ୍ରାମର ଯୁବକମାନେ ଗଣେଶ ପୂଜା ପାଇଁ ବୈଠକରେ ନିଷ୍ପତ୍ତି ନେଇ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗ୍ରାମର ଅନ୍ୟ ଜଣେ ଯୁବକ ନବ ଚନ୍ଦନ ଏହାକୁ ବିରୋଧ କରି ଆସୁଥିଲେ। କୌଣସିମତେ ଗାଁରେ ପୂଜା କରିବାକୁ ଦେବେନାହିଁ ବୋଲି କହିଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର ଗ୍ରାମର ଗଣେଷ ପୂଜା କମିଟି ପକ୍ଷରୁ ସମ୍ପୃକ୍ତ ଯୁବକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ଫେରିବା ବେଳେ ତେତେଲପଡା ରାସ୍ତା ନିକଟରେ ନବ ଚନ୍ଦନ ହାତରେ ଏକ ଛୁରା ଧରି ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ତରୁଣଙ୍କ ଦେହର ବିଭିନ୍ନ ସ୍ଥାନରେ ମାଡ଼ ହୋଇଛି। ଗୁରୁତର ହେବା ପରେ ତାଙ୍କୁ ସାଙ୍ଗରେ ଥିବା ଯୁବକମାନେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଗୁରୁତର ଯୁବକଙ୍କ ଭାଇ ଘନଶ୍ୟାମ ମାଝି କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୨/୨୩) ରୁଜୁ ହୋଇଛି।

### ରେଙ୍ଗାଲପାଲି ପଞ୍ଚାୟତରେ ଭାଜପା କର୍ମୀଙ୍କ ଆନ୍ଦୋଳନ

କୋକସରା,୨୯।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମଙ୍ଗଳବାର କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ସମ୍ମୁଖରେ ଭାଜପା କର୍ମକର୍ତ୍ତାମାନେ ଗଣ ଧାରଣା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଶାସନ ବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଛନ୍ତି। ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ଆବାସ ବଣ୍ଟନରେ ଦୁର୍ନୀତି, ପିଡିଏସ ସାମଗ୍ରୀ ବଣ୍ଟନରେ ଅନିୟମିତତା, ବିନା ପିସିରେ କୌଣସି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ହେଉ ନ ଥିବା ନେଇ ଅଭିଯୋଗ କରିଛନ୍ତି। କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁଙ୍କ ନେତୃତ୍ୱରେ କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ମୁକୁନ୍ଦ ପଟ୍ଟନାୟକ, ବିପିନ ମହାରଣାଙ୍କ ସମେତ କର୍ମୀମାନେ ଧାରଣାରେ ସାମିଲ ରହିଥିଲେ।

### ଲୋୟର ଇନ୍ଦ୍ର ଜଳସେଚନ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ

ଖଡ଼ିଆଳ,୨୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଓ କୋମନା ବ୍ଲକରେ ଥିବା ଲୋୟର ଇନ୍ଦ୍ର ଜନ ସଚେତନ ମଞ୍ଚ ପକ୍ଷରୁ କଟଅଫ ଡେଟ ଘୁଞ୍ଚାଇବା ଓ ୧।୧।୨୦୨୩ ଉଭୟ ବୁଡି ଓ ଆଂଶିକ ଗ୍ରାମ ପାଇଁ ଲାଗୁ କରିବାକୁ ଦାବି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୬ରେ ଦାବି ପୂରଣ ନ ହେଲେ ୮ ତାରିଖରୁ ଅନିର୍ଦ୍ଦିଷ୍ଟକଳା ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଲୋୟଇ ଇନ୍ଦ୍ର ଜନ ସଚେତନ ମଞ୍ଚ କୋନାବୀରାର ସମର୍ଥନ କ୍ରମେ ଉଭୟ ଆଂଶିକ ଓ ସମ୍ପୂର୍ଣ୍ଣ ୩୦ ଖଣ୍ଡ ଗ୍ରାମ ବିସ୍ଥାପିତ ଲୋକମାନଙ୍କ ମିଳିତ ସହଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦।୩।୨୦୨୧ରେ ଡିଖୋଲି ଡ୍ୟାମ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ୩୮,୮୭୦ ହେକ୍ଟର ଜମିରେ ଜଳ ସେଚିତ ହେବ। ନୂଆପଡା ଓ ବଲାଙ୍ଗୀର ଜିଲାର ଚାଷୀଚାଷ କରି ଉପକୃତ ହୋଇପାରିବେ। ଗୋଟିଏପଟେ ବିକାଶର ଦ୍ୱାର ଖୋଲିଲା ବେଳକୁ ଅନ୍ୟପଟେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ଦୁର୍ଦଶା ବଢିବାରେ ଲାଗିଛି। ଏହି ପରିବାରମାନଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି। ଆସନ୍ତା ୬ ତାରିଖ ମଧ୍ୟରେ ଦାବି ପୂରଣ କରା ନ ଗଲେ ୮ ତାରିଖରେ ସମସ୍ତ ବିସ୍ଥାପିତ ଅଞ୍ଚଳବାସୀ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ କରିବେ ବୋଲି ଲୋୟର ଇନ୍ଦ୍ର ସଚେତନ ମଞ୍ଚ କୋନାବିରା ସଭାପତି ନୀଳକଣ୍ଠ ପ୍ରଧାନ ଓ ସମ୍ପାଦକ କିଶୋର ଚନ୍ଦ୍ର କଠାର ଲିଖିତ ଭାବେ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ପଚାରିବାରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଆମର କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ।

# ମାଓବାଦୀ ଗତିବିଧିର ସମୀକ୍ଷା

ନୂଆପଡ଼ା,୨୯।୮(ମକାରୁ ବେମାଲ)

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ ବଂଶଲ ମଙ୍ଗଳବାର ନୂଆପଡା ଜିଲା ଗସ୍ତରେ ଆସି ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରି ଫେରି ଯାଇଛନ୍ତି। ଛତିଶଗଡ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ବଂଶଲ ହେଲିକପ୍ଟର ଯୋଗେ ପ୍ରଥମେ ରାୟପୁର ଯାଇ ସେଠାରେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହିତ ଏକ ବୈଠକ କରିଥିଲେ। ପରେ ନୂଆପଡା ଜିଲା ଗସ୍ତ କରିଥିଲେ। ମାଓବାଦୀ ପ୍ରବଣ ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ପଞ୍ଚାୟତ ଦାଥୁନାମାଠାରେ ନୂତନ ଭାବେ ହୋଇଥିବା ପୋଲିସ କ୍ୟାମ୍ପ ପରିଦର୍ଶନ କରିଥିଲେ। ସେଠାରେ କୋବ୍ରା ଓ ସିଆର୍‌ପିଏଫ୍ ଯବାନ କମାଣ୍ଡାଣ୍ଟଙ୍କ ସହ ଆଲୋଚନା କରିଥିଲେ। ପରେ ନୂଆପଡା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ଆସି ଜିଲାସ୍ତରୀୟ ପୋଲିସ ଅଧିକାରୀମାନଙ୍କ ସହିତ ମାଓବାଦୀ ଗତିବିଧି ଉପରେ ଆଲୋଚନା କରିଥିଲେ। ଜିଲାରେ ମାଓବାଦୀମାନଙ୍କ ଗତିବିଧି ରହୁଥିବା ବେଳେ ଏବେ ନିୟନ୍ତ୍ରଣାଧୀନ ଅଛି। ମାଓବାଦୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଛତିଶଗଡ ଓ ଓଡିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ କରାଯିବ। ଆଗକୁ ସାଧାରଣ ନିର୍ବାଚନ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ଓ ଛତିଶଗଡ ସୀମାରେ ଆଉ ୪ଟି ପୋଲିସ କ୍ୟାମ୍ପ କରାଯିବ। ମାଓବାଦୀମାନଙ୍କ ଗତିବିଧି ଜାଣିବା ସହ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି ବଂଶଲ ସୂଚନା ଦେଇଥିଲେ। ଏହି ସମୟରେ ନୂଆପଡା ଏସ୍‌ପି ଜିଆର ରାଘବେନ୍ଦ୍ର, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।


ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ପୋଲିସ କ୍ୟାମ୍ପ ପରିଦର୍ଶନ କରୁଛନ୍ତି।

**ନୂଆପଡ଼ା ଗସ୍ତରେ ଡିଜିପି**

# ୧୪ ଦିନ ପରେ ଆନ୍ଦୋଳନ ପ୍ରତ୍ୟାହାର

ବେହେରା,୨୯।୮(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଜୟନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଚାଲିଥିବା ଆନ୍ଦୋଳନ ୧୪ ଦିନ ପରେ ମଙ୍ଗଳବାର ପ୍ରତ୍ୟାହାର ହୋଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପାଦର ଆନ୍ଦୋଳନସ୍ଥଳରେ ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ନୂତନ ନିଯୁକ୍ତି ପରେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ ଗ୍ରାମବାସୀ। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ସ୍ୱାଭାବିକ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଖୋଲିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୨୨ଜଣ ଛାତ୍ରୀଛାତ୍ର ଥିବା ବେଳେ ୩ଜଣ ଶିକ୍ଷକ ରହିଛନ୍ତି। ଆନ୍ଦୋଳନର ପ୍ରଥମ ଦିନରେ ବିଭାଗ ୨ଜଣ ଶିକ୍ଷକ ନିଯୁକ୍ତି କରିଥିଲେ ସୁଦ୍ଧା ଆନ୍ଦୋଳନ ଅବ୍ୟାହତ ରଖିଥିଲେ ଗ୍ରାମବାସୀ। ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀ ପହଞ୍ଚି ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି କରିଥିବା ଜଣାପଡିଛି। ଛାତ୍ରୀଛାତ୍ର ଅନୁପାତରେ କମ ଶିକ୍ଷକ ଥିବା ନେଇ ୫ଜଣ ଶିକ୍ଷକ ନିଯୁକ୍ତ କରିବା ଦାବିରେ ଗତ ୧୬ତାରିଖଠାରୁ ବିଦ୍ୟାଳୟରେ ତାଲାବନ୍ଦ କରି ଆନ୍ଦୋଳନ କରିଥିଲେ ଗ୍ରାମବାସୀ। ଫଳରେ ଦୀର୍ଘ ୧୪ଦିନ ବିଦ୍ୟାଳୟରେ ପାଠପଢ଼ା ଠପ୍ ହୋଇଥିଲା। ଆଗାମୀ ଦିନରେ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କଲେ ପୁଣି ଆନ୍ଦୋଳନ କୁ ଓହ୍ଲାଇବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।


ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

**ଜୟନ୍ତପୁର ପ୍ରାଥମିକ ବିଦ୍ୟାଳୟ**
- ଶିକ୍ଷକ ନିଯୁକ୍ତି ଦାବି ନେଇ ଚାଲିଥିବା ଆନ୍ଦୋଳନ

### ବୁଡାପଡା ଛାତ୍ର ମୃତ୍ୟୁ ଘଟଣା, ଏନ୍‌ଏଚ୍‌ଆର୍‌ସିରେ ଦାବି

ଖଡ଼ିଆଳ,୨୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବୁଡାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର କେଶବ ଜଗତ (୯) ଗତ ୨୧ ତାରିଖରେ ସ୍କୁଲ ନିକଟସ୍ଥ ନାଳ ପାଣିରେ ବୁଡି ଯାଇ ମୃତ୍ୟୁ ଘଟିଥିଲା। ଏ ନେଇ ଓଡିଶା ବହୁଜନ ଯୁବ ସାମ୍ମୁଖ୍ୟର ସଭାପତି ଅନୀଲ ମଲ୍ଲିକ ଭୁବନେଶ୍ୱର ଜାତୀୟ ମାନବାଧିକାର କମିଶନର(ଏନ୍‌ଏଚ୍‌ଆର୍‌ସି) ପାଖରେ ଦାବି କରିଛନ୍ତି। କେଶବ ଆନୁଷ୍ଠାନିକ ହତ୍ୟା କରାଇଥିବା ବୁଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଯୋଶୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରି ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ଆନୁଷ୍ଠାନ ହତ୍ୟାରେ ସମ୍ପୃକ୍ତ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ବିରୋଧରେ ଆଇନ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୀଡିତ ପରିବାରକୁ ୫୦ ଲକ୍ଷର କ୍ଷତିପୂରଣ ସହ ପରିବାରରୁ ଜଣକୁ ସରକାରୀ ଚାକିରି ଦିଆଯାଉ। ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଦାୟର କରିଥିବା ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ସୂଚନା ଦେଇଛନ୍ତି।

# ବେଦାନ୍ତ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ


ଜାତୀୟ କ୍ରୀଡ଼ା ଦିବସରେ ଆୟୋଜିତ ସଚେତନତା ସାଇକେଲ ଶୋଭାଯାତ୍ରା।

ଭୁବନେଶ୍ୱର,୨୯।୮

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ଲାଞ୍ଜିଗଡ଼ ଏବଂ ଝାରସୁଗୁଡା ୟୁନିଟ୍ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାରେ କମ୍ପାନୀ ବିଭିନ୍ନ ପ୍ରକାର କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରି ସ୍ଥାନୀୟ ଯୁବକ ଓ କର୍ମଚାରୀଙ୍କୁ ତୃଣମୂଳସ୍ତରୀୟ କ୍ରୀଡ଼ା ପାଇଁ ଉତ୍ସାହିତ କରୁଛି। ଏପରିକି ସାମଗ୍ରିକ ଯୁବ ବିକାଶରେ କ୍ରୀଡ଼ାର ମୌଳିକ ଅବଦାନକୁ ସ୍ୱୀକୃତି ଦେଇ କମ୍ପାନୀ ଏକ ଇକୋ ସିଷ୍ଟମ ତଥା ତାଲିମପ୍ରାପ୍ତ ଭିତ୍ତିଭୂମିକୁ ଜାତୀୟ ମାନ୍ୟତା ହାସଲ ଲାଗି ପ୍ରୋତ୍ସାହିତ କରୁଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ ବ୍ୟବସାୟ)ର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସକରୁ ଯେ କ୍ରୀଡ଼ାର ପରିବର୍ତ୍ତନ ଶକ୍ତି କେବଳ ଆମର ଯୁବକମାନଙ୍କ କ୍ୟାରିୟରକୁ ରୂପାନ୍ତରିତ କରେ ନାହିଁ ବରଂ ସେମାନଙ୍କର ଉଲ୍ଲେଖନୀୟ ସଫଳତାକୁ ମଧ୍ୟ ପ୍ରତିପାଦିତ କରିଥାଏ। ବିଶେଷକରି ଯୁବକମାନଙ୍କ ଭିତରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ଆମ ପକ୍ଷରୁ ଆବଶ୍ୟକ ଉଦ୍ୟମ ଜାରି ରହିଛି। ଅପରପକ୍ଷରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବେଦାନ୍ତ ଝାରସୁଗୁଡ଼ା ଓ ଯୁବମଞ୍ଚ ପକ୍ଷରୁ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକା ଦୀପାଳି ଦାସଙ୍କ ସମେତ ବେଦାନ୍ତ ଲିମିଟେଡ୍‌ର ସିଇଓ (ପାୱାର) ସୁନୀଲ କୁମାର ସତ୍ୟ ଓ ଅନ୍ୟମାନେ ଯୋଗ ଦେଇଥିଲେ।

# ୧୨ ଦିନରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଧାରଣା


ଧାରଣାରତ ନିର୍ବାହୀ ଅଧିକାରୀମାନେ।

ନୂଆପଡ଼ା,୨୯।୮(ମକାରୁ ବେମାଲ)

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘଙ୍କ ଆହ୍ୱାନକ୍ରମେ ନୂଆପଡା ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୧୨ ଦିନରେ ପହଞ୍ଚିଛି। ଦାବି ପୁରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ଭାନୁ ପ୍ରତାପ ଦଣ୍ଡସେନା କହିଛନ୍ତି। ୨ ଦଫା ଦାବି ନେଇ ପିଇଓମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜିଲାର ୧୩୧ ପଞ୍ଚାୟତର ମୋଟ ୮୦ଜଣ ପିଇଓ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଏଫସି, ଏସଏଫସି ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ ସାମଗ୍ରୀ ଓ ଭତ୍ତା ବଣ୍ଟନ ଓ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀରେ ବାଧା ସୃଷ୍ଟି ହୋଇଛି। ପିଇଓ ପଦବୀ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ଓ ଯୁକ୍ତ ୩ କରିବା ସହିତ ଦରମା ହାର ଲେବୁଲ ୫ରୁ ଲେବୁଲ ୯କୁ ଧାର୍ଯ୍ୟ କରିବା, ନୂତନ ପଦବୀ ସୃଷ୍ଟି କରି ୧୦ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓମାନଙ୍କୁ ପଦୋନ୍ନତି ପ୍ରଦାନ ସହିତ ଜିପିଡିଓ ପଦବୀ ଶତ ପ୍ରତିଶତ ପଦୋନ୍ନତି ପ୍ରଦାନ କରିବା ଓ ଓପିଆରଏସ କ୍ୟାଡର ରୁଲରେ ଅନ୍ତର୍ଭୁକ୍ତ କରିବା ଭଳି ୨ ଦଫା ଦାବି ନେଇ ସଂଘ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ଆନ୍ଦୋଳନକୁ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ଖଡିଅଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ପ୍ରମୁଖ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନରେ ଜିଲା ସଂଘ ସଭାପତି ଦଣ୍ଡସେନାଙ୍କ ସମେତ ସମ୍ପାଦକ ନରେଶ କୁମାର ସାହୁ, ମୋହନ ଚନ୍ଦନ, ମନଧର ବଗର୍ତ୍ତି, ତାପସ ଅଗସ୍ତି, ନନ୍ଦୀ କିଶୋର ପାଢୀ, ସୁଶାନ୍ତ କୁମାର ବେହେରା, ଗିରିଧାରି ତାଣ୍ଡି, ଭୁସଣ ମାଝି ପ୍ରମୁଖ ଓ ସମସ୍ତ ପିଇଓମାନେ ଉପସ୍ଥିତ ରହିଛନ୍ତି।

# କରାଟେ ବ୍ଲାକ ବେଲଟ ପରୀକ୍ଷାରେ କଳାହାଣ୍ଡିର ୩ ଛାତ୍ର ଉତ୍ତୀର୍ଣ୍ଣ

ଲାଞ୍ଜିଗଡ଼,୨୯।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୩ଜଣ ଛାତ୍ର କରାଟେ ବ୍ଲାକ ବେଲଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଲୋକେଶ କୁମାର ମହାଖୁଡ, ହିତେଶ କୁମାର ମହାଖୁଡ ଓ କିରଣ ବେମାଲ । ଭୁବନେଶର ଉତ୍କଳ କରାଟେ ସ୍କୁଲ ମୁଖ୍ୟ କାର୍ଯ୍ୟାଳୟରେ ଦୁଇ ଦିନ ଧରି ଆୟୋଜିତ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଛି। ଶିବିରରେ ବ୍ଲାକ ବେଲଟ ପରୀକ୍ଷା ଦେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କରାଟେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୩ଜଣ କରାଟେ ଛାତ୍ର ଭାଗ ନେଇ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ସିହାନ ଡ଼ଃ ହରିପ୍ରସାଦ ପଟ୍ଟନାୟକ କାରାଟେକାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ତିନିଜଣ କରାଟେ ପରୀକ୍ଷାର୍ଥୀ ଲାଞ୍ଜିଗଡ କରାଟେ କୋଚ କ୍ଷମାନିଧି ମହାଖୁଡ ଓ ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ଜାଲ ନେତୃତ୍ୱରେ ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ। କୋଚ କ୍ଷମାନିଧି ଲାଞ୍ଜିଗଡ ଏସଏସଡି ସ୍କୁଲରେ ବେଦାନ୍ତ ଆଲୁମିନା ଦ୍ୱାରା ପରିଚାଳିତ କରାଟେ ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବେ କାର୍ଯ୍ୟ କରୁଛନ୍ତି। ଏହି ୩ଜଣ ଡିଏଭି ସ୍କୁଲର କରାଟେ ଛାତ୍ର ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବର୍ତ୍ତମାନ ବ୍ଲାକ ବେଲଟ ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣକୁ ନେଇ ଜିଲା ପାଇଁ ଗୌରବ ଆଣିଛନ୍ତି।



# ନୂଆପଡ଼ାରେ ଜାତୀୟ କ୍ରୀଡ଼ା ଦିବସ

ନୂଆପଡ଼ା,୨୯।୮(ମକାରୁ ବେମାଲ)

ନୂଆପଡା ଜିଲା ସଦର ମହକୁମାଠାରେ ମହାନ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ତଥା ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡାବିତ, ଯୁବକ ସଂଘ, କ୍ରୀଡାପ୍ରେମୀ ଯୋଗ ଦେଇ ୧୮ବର୍ଷରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକମାନେ ହକି ତାଲିକାରେ ନାମ ପଞ୍ଜୀକରଣ ପାଇଁ ସ୍ଲୋଗାନ ଦେଇ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ନୂଆପଡା ଉପଜିଲାପାଳ ସୁବାହ ଚନ୍ଦ୍ର ରଏତା ମୁଖ୍ୟଅତିଥି ଭାବେ ଯୋଗଦେଇ ହକି ତାରକା ମେଜର ଧାନଚାନ୍ଦ ବିଷୟରେ ଆଲୋକପାତ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ପ୍ରକାଶ ସାହୁ, ରାଜେନ୍ଦ୍ର ବଢେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ସିନିୟର ଓ ଜୁନିୟର ଗ୍ରୁପ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା କ୍ରୀଡା ଅଧିକାରୀ ପରିଚାଳନା କରିଥିବା ବେଳେ ବରିଷ୍ଠ କିରାଣୀ ବିଭୁଦତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ କ୍ରୀଡ଼ା ଦିବସରେ ଆୟୋଜିତ ଶୋଭାଯାତ୍ରା।

# ୩୧୦ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

ଭବାନୀପାଟଣା,୨୯।୮ (ଉତ୍ତମ କୁମାର ଦାଶ)

ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ରାଜ୍ୟ ସଂଘର ଆହ୍ୱାନକ୍ରମେ ୨ଦଫା ଦାବି ନେଇ ଗତ ୧୮ ତାରିଖଠୁ କଳାହାଣ୍ଡି ଜିଲାର ୧୩ ବ୍ଲକର ୩୧୦ ପଞ୍ଚାୟତ ୧୮୧ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ପ୍ରତିବାଦରେ ପିଇଓମାନେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ମଙ୍ଗଳବାର ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଅଦ୍ୟାବଧି ସରକାର ସେମାନଙ୍କ ଦାବି ପ୍ରତି କୌଣସି ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରିନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରିସ୍ଥଳେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଶୁକ୍ରବାର ଧାରଣାସ୍ଥଳକୁ ଯାଇ ପିଇଓଙ୍କ ଦାବିକୁ ସମର୍ଥନ ଜଣାଇବା ସହ ଏହା ଉପରେ ଆଲୋଚନା କରିଥିଲେ।

ପିଇଓଙ୍କ ଆନ୍ଦୋଳନ ଫଳରେ ପଞ୍ଚାୟତରେ ଏମ୍‌ଜିଏନ୍‌ଏଆରଇଜିଏସ୍, କେନ୍ଦ୍ର ଅର୍ଥ କମିଶନ (ସିଏଫ୍‌ସି) ଓ ରାଜ୍ୟ ଅର୍ଥ କମିଶନ(ଏସଏଫ୍‌ସି) ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇପଡିଛି।ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଡିଏସ୍ ସାମଗ୍ରୀ ବଣ୍ଟନ ଓ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀରେ ବାଧା ସୃଷ୍ଟି ହୋଇଛି। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ ୩ କୁ ବୃଦ୍ଧି କରିବା ଓ ଲେବେଲ ୫ରୁ ଲେବେଲ ୯କୁ ଦରମା ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି କରି ୧୦ବର୍ଷ ଚାକିରି ପୂରଣ କରିଥିବା ପିଇଓମାନଙ୍କୁ ଜିପିଡିଓ ଭାବେ ଶତ ପ୍ରତିଶତ ପଦୋନ୍ନତି ଓ ଓପିଆରଏସ କ୍ୟାଡର ରୁଲରେ ପିଇଓ ମାନଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି ଦାବି ନେଇଁ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପ୍ରର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଅଦ୍ୟାବଧି କାର୍ଯ୍ୟବନ୍ଦ ଆନ୍ଦୋଳନର ୧୨ ଦିନ ବିତିଯାଇଥିଲେ ମଧ୍ୟ ସରକାର ପିଇଓଙ୍କ ଦାବିକୁ ଶୁଣୁ ନ ଥିବାରୁ ତିବ୍ର ଅସନ୍ତୋଷ ଦେଖାଦେଇଛି। ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ସଂଘ ଜିଲା ଉପସଭାପତି ନରେନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଉଗ୍ରସେନ ଗଉଡ, ଯୁଗ୍ମ ସମ୍ପାଦକ ଲମ୍ବୁ ଶିଖା, କୋଷାଧ୍ୟକ୍ଷ ସନ୍ୟାସୀ ନାୟକ, ସଙ୍ଗଠନ ସମ୍ପାଦକ ପ୍ରଦୀପ ସାହୁ, ରାଜ୍ୟ କାଉନସିଲ ସଦସ୍ୟ ଖିରସିନ୍ଧୁ ରଣା, ଭୀଷ୍ମ ମେହେର, ରମାକାନ୍ତ ସାହୁ, ଉପଦେଷ୍ଟା ସଦସ୍ୟ ବସନ୍ତ କୁମାର ମିଶ୍ର, ବାନାମ୍ବର ଦାଶ, କିରଣ ଚନ୍ଦ୍ର ସାହୁ, ପଦ୍ମନାଭ ସିଂ, ପ୍ରଶନ୍ନ କୁମାର ଦାଶଙ୍କ ସହ ଜିଲାର ୧୩ ବ୍ଲକରେ କାର୍ଯ୍ୟରତ ଶତାଧିକ ପିଇଓମାନେ ସାମିଲ ହୋଇଛନ୍ତି।


ପିଇଓଙ୍କ ସହ କଳାହାଣ୍ଡି ଏମ୍‌ପି ଧାରଣାରେ ବସିଛନ୍ତି।

- ୧୨ଦିନରେ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
- ସମର୍ଥନ ଜଣାଇ ଧାରଣାରେ ବସିଲେ କଳାହାଣ୍ଡି ଏମ୍‌ପି

## ସଂକ୍ଷେପରେ

### ଅଷ୍ଟମ ମାଳେଶ୍ରୀ ଲୋକ ମହୋତ୍ସବର ସମୀକ୍ଷା ବୈଠକ

ଅମରପାଲି,୨୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଅଷ୍ଟମ ମାଳେଶ୍ରୀ ଲୋକ ମହୋତ୍ସବ-୨୦୨୩ର ସମୀକ୍ଷା ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମୀକ୍ଷା ବୈଠକରେ ମହୋତ୍ସବ କମିଟିର ସଭାପତି ତଥା ଉପଜିଲାପାଳ ଅଶୋକ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ଅଷ୍ଟମ ମାଳେଶ୍ରୀ ମହୋତ୍ସବ ପାଇଁ ସଂଗୃହୀତ ପାଣ୍ଠି ଓ ସପ୍ତମ ମାଳେଶ୍ରୀ ମହୋତ୍ସବର ବଳକା ଅର୍ଥରାଶିକୁ ମିଶାଇ ମୋଟ ୧୩ ଲକ୍ଷ ୯୮ ହଜାର ୭୬୧ ଟଙ୍କା ସଂଗୃହୀତ ହୋଇଥିଲା। ଏହି ଅର୍ଥ ରାଶିରୁ ଅଷ୍ଟମ ମାଳେଶ୍ରୀ ମହୋତ୍ସବ ପାଇଁ ୧୦ ଲକ୍ଷ ୮୪ହଜାର ୪୧୫ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ନବମ ମାଳେଶ୍ରୀ ମହୋତ୍ସବ ପାଇଁ ବଳକା ୩ ଲକ୍ଷ୧୪ ହଜାର ୩୪୬ ଟଙ୍କା କମିଟି ପାଖରେ ଥିବା ବୈଠକରେ ସୂଚନା ଦିଆଯାଇ ଥିଲା। ଏହିସବୁ ଅର୍ଥରାଶି ଟେଣ୍ଟ , ବିଭିନ୍ନ ସାଂସ୍କୃତିକ ଦଳର ପାଉଣା ଏବଂ ସେମାନଙ୍କ ଗସ୍ତ ଖର୍ଚ୍ଚ, ଟ୍ରଫି, ଖାଦ୍ୟ, ଆଲୋକ, ସାଉଣ୍ଡ ଓ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥିବା ଜଣାଯାଇଛି। ବଳକା ଟଙ୍କା ନବମ ମାଳେଶ୍ରୀ ମହୋତ୍ସବରେ ଖର୍ଚ୍ଚ ପାଇଁ ବୈଠକରେ ସୂଚନା ଦିଆଯାଇ ଥିଲା। ଏହାସହିତ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନବମ ଲୋକ ମହୋତ୍ସବ ଶୀଘ୍ର କରାଯିବାକୁ ମତ ପ୍ରକାଶ ପାଇଥିଲା। ନବମ ମାଳେଶ୍ରୀ ମହୋତ୍ସବ ପାଇଁ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ପାଇଁ ଲେଖା ଆହ୍ୱାନ କରାଯାଇଛି । ଏହି ବୈଠକରେ ମହୋତ୍ସବ କମିଟି ର ସମ୍ପାଦକ ତଥା ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧା, ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ, ଉଲୁଣ୍ଡା ବିଡିଓ କରିଷ୍ମା ଭେସରା, ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ପ୍ରଭାତ କୁମାର ଦାସ,ଅବିନାଶ ହୋତା, ରାମକୃଷ୍ଣ ହୋତା, ଅକ୍ଷୟ କୁମାର ମିଶ୍ର , ଅକ୍ଷୟ କୁମାର ରାୟ, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ। ଲକ୍ଷ୍ମୀନାରାୟଣ ସାହୁ ବୈଠକ ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ଅଜିତ କୁମାର ମିର୍ଦ୍ଧା ଧନ୍ୟବାଦ ଅର୍ପଣ ଥିଲେ।

### ଜାତୀୟ କ୍ରୀଡା ଦିବସରେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାଉଁଶୁଣୀ, ୨୯।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ମନୁପାଲି ଖେଳ ପଡିଆରେ ମଙ୍ଗଳବାର ଜାତୀୟ କ୍ରୀଡା ଦିବସ ଅବସରରେ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ଜିଲା ଫୁଟବଲ ଓ କ୍ରିକେଟ ଆଶୋସିଏଶନ ସମ୍ପାଦକ ଯୁଗଳ ସାମଲ, ସୁଶାନ୍ତ ବାଘ, ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଠ ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ମନୁପାଲି ଓ ଗିରସିଙ୍ଗା ମଧ୍ୟରେ ହୋଇଥିଲା। ସେଥିଲେ ୫-୪ ଗୋଲରେ ମନୁପାଲି ଦଳ ବିଜୟୀ ହୋଇଥିଲେ। ଏହି ଅବସରରେ ମନୁପାଲି ପଞ୍ଚାୟତର ବରିଷ୍ଠ କ୍ରୀଡାବିତ୍ ମାନଙ୍କୁ ସମ୍ମାନୀତ କରାଯାଇଥିଲା।

# ଜିଲାପାଳ, ଏସ୍‌ପି, ପ୍ରଦୂଷଣ ବୋର୍ଡର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସୋନପୁର,୨୯।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଟା ଗାଁ ନିକଟରେ ସରସ୍ୱତୀ ପେଡି ପ୍ରୋସେସିଂ ପ୍ଲାଣ୍ଟ ନାମରେ ଏକ ରାଇସ ମିଲ୍ ନିର୍ମାଣ ଚାଲିଛି। ରାଇସ ମିଲ୍‌ଠାରୁ ମାତ୍ର ୧୦୦ ମିଟର ଦୂର ରାସ୍ତାର ଅପର ପାର୍ଶ୍ୱରେ ବେହେରାମାଳ ସ୍ୱାସ୍ଥ୍ୟକେନ୍ଦ୍ର(ନ୍ୟୁ ପିଏଚସି) କୋଠା ନିର୍ମାଣାଧୀନ ରହିଛି । ସେହିପରି ମିଲ୍‌ର ୫୦୦ମିଟର ଦୂରରେ ଜନବସତି ଅଛି। ରାଇସ୍ ମିଲ୍ କାର୍ଯ୍ୟକ୍ଷମ ହେଲେ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ପାଇବ । ତେଣୁ ଗ୍ରାମବାସୀ ରାଇସ୍ ମିଲ୍ ପ୍ରତିଷ୍ଠାକୁ ବିରୋଧ କରୁଛନ୍ତି। ୪ଟି ୱାର୍ଡକୁ ନେଇ ଗଠିତ ଲଙ୍ଗଳକଟା ଗାଁର ମୋଟ ଜନସଂଖ୍ୟା ପ୍ରାୟ ୩ ହଜାର। ଗତ ୨୬ ତାରିଖରେ ଗ୍ରାମରେ ଅନୁଷ୍ଠିତ ସାଧାରଣ ସଭାରେ ଗ୍ରାମବାସୀ ଏକତ୍ରିତ ହୋଇ ରାଇସ ମିଲ୍ ପ୍ରତିଷ୍ଠାକୁ ବିରୋଧ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ସାକ୍ଷାତ କରି ଲିଖିତ ଭାବେ ଅଭିଯୋଗ କରିଥିଲେ । ତେବେ ରାଇସ ମିଲ୍ ନିର୍ମାଣ କାମ ଜାରି ରହି ଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ମଙ୍ଗଳବାର ସକାଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର


ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଟା ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ରାଇସ୍ ମିଲ ନିର୍ମାଣକୁ ବିରୋଧ**

ବଲାଙ୍ଗୀର ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଅପରାହ୍ନରେ ସୁବର୍ଣ୍ଣପୁର ଜିଲାପାଳ ରାୟ ଓ ଏସ୍‌ପି ଅମରେଶ ପଣ୍ଡାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମିଲ୍ ପ୍ରତିଷ୍ଠା ପାଇଁ ଅନୁମତି ନ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ବେହେରାମାଳ ପଞ୍ଚାୟତ ପକ୍ଷରୁ ଗ୍ରାମସଭା ଜରିଆରେ ସରପଞ୍ଚ ନରେଶ ପୂଜାରୀ ଓ ସଂଖ୍ୟାଧିକ ୱାର୍ଡ ସଭ୍ୟ ରାଇସ ମିଲ୍ ପ୍ରତିଷ୍ଠା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ ପୂର୍ବକ ଏନଓସି ପ୍ରଦାନ କରିଥିବା ଜଣାପଡିଛି। ସେହିଭଳି ମିଲ ପ୍ରତିଷ୍ଠା ସମ୍ପର୍କିତ ଅନୁମତି ପାଇଁ ମିଲ ମାଲିକ ଦଶରଥ ମେହେର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ତେବେ ଗ୍ରାମରେ ପଲ୍ଲୀସଭା କରି ଏନଓସି ପ୍ରଦାନ କରିବାକୁ ଲଙ୍ଗଳକଟା ଗ୍ରାମର ଅଧିବାସୀ ଦାବି କରୁଛନ୍ତି। ସେମାନଙ୍କ ଦାବି ପ୍ରତି ପ୍ରଶାସନ ଅଣଦେଖା କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ ରାୟ ଘଟଣାର ଅନୁଧ୍ୟାନ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀରକୁ ନିର୍ଦ୍ଦେଶ ଦେଇଛନ୍ତି। ଲଙ୍ଗଳକଟା ଗ୍ରାମର ୱାର୍ଡ ସଭ୍ୟ ଘନଶ୍ୟାମ ପଧାନ, ରତ୍ନାକର ସେଠ୍, ସୁରେନ୍ଦ୍ର ବାରିକ୍, ଗ୍ରାମବାସୀ ମାଧବ ତ୍ରିପାଠୀ, ଶ୍ୟାମସୁନ୍ଦର ଭୋଇ, ଆକାଶ ଗଡତିଆ, ରାକେଶ ଭୋଇ, ସୁଧୀର ରଥ, ସୁଶାନ୍ତ ମିଶ୍ର, ବୁଦ୍ଧଦେବ ପଧାନ ଓ ରବି ପଧାନ ପ୍ରମୁଖ ଜିଲାପାଳ ଓ ଏସ୍‌ପିଙ୍କୁ ମଙ୍ଗଳବାର ସାକ୍ଷାତ କରିଥିଲେ। ଏ ସମ୍ପର୍କରେ ମିଲ ମାଲିକ ଦଶରଥ କୁହନ୍ତି ଗାଁ ଠାରୁ ୧ କିଲୋମିଟର ଦୂର ରାମପୁର-ଡୁଙ୍ଗୁରିପାଲି ରାସ୍ତା ପାର୍ଶ୍ୱରେ ରାଇସ୍ ମିଲ୍ ନିର୍ମାଣ କରାଯାଉଛି। ନୂତନ ଜ୍ଞାନ କୌଶଳରେ ମିଲ୍ ନିର୍ମାଣ ହେଉଛି, ତେଣୁ ପ୍ରଦୂଷଣ ମାତ୍ରା କମ୍ ରହିବ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ କୃଷକ ପରାମର୍ଶଦାତା କମିଟି

ଡୁଙ୍ଗୁରିପାଲି,୨୯।୮(ଦୀନବନ୍ଧୁ ସୁନା)

- **ପୁରୁଣା କମିଟିକୁ ୪ ବର୍ଷ ହେବ**
- **ଚାଷୀ ମହଲରେ ବଢୁଛି ଅସନ୍ତୋଷ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଗଠନ କରାଯାଇଥିବା ଏଫଏସି ବା କୃଷକ ପରାମର୍ଶଦାତା କମିଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । କୃଷି କାର୍ଯ୍ୟାଳୟ ପକ୍ଷରୁ ଗତ ୨୦୧୯ରେ ଏହି କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିର କାର୍ଯ୍ୟକାଳ ଅବଧି ୨ ବର୍ଷ। କିନ୍ତୁ ୨୦୨୩ ପର୍ଯ୍ୟନ୍ତ କାହିଁକି ନୂତନ କମିଟି ଗଠନ କରାଯାଇ ନାହିଁ ତାହା ତଦନ୍ତସାପେକ୍ଷ

ପ୍ରକାଶ ଯେ, ଗତ ସେପ୍ଟେମ୍ବର ୨୦୧୯ରେ ତତ୍କାଳୀନ ବ୍ଲକ ଅଧିକାରୀ ତଥା କମିଟିର ଆବାହକ ଡିଲ ରଞ୍ଜନ ମହାଳିକଙ୍କ ତତ୍ତ୍ୱାବଧାନରେ ଡୁଙ୍ଗୁରିପାଲି ବ୍ଲକର ଅଗ୍ରଣୀ ୫ ଜଣ ଚାଷୀ ପ୍ରଶାନ୍ତ ପଧାନ, ସଞ୍ଜୀବ କୁମାର ସାହୁ, ଏକାଦସିଆ ସାମଲ, ସତ୍ୟନାରାୟଣ ବଗର୍ତ୍ତୀ, ଝରଣା ବରିହା, ଉଦ୍ୟାନ ସମ୍ବନ୍ଧୀୟ ଜ୍ଞାନ ଥିବା ୫ ଜଣ ଚାଷୀ କ୍ଷିତୀଶ ପଧାନ, ରାଣିବାନାଥ ଯୋଗୀ, ସରୋଜ ଭୁଏ, ସିଏଚ ଉମାବତୀ, କଂଜାରୁ ଘିବିଲା, ପଶୁଧନ ସମ୍ବନ୍ଧରେ ଜ୍ଞାନ ଥିବା ୫ ଜଣ ଚାଷୀ ତୋଫାନ ପଧାନ, ଗମନ ଠେଲା, ସୂର୍ଯ୍ୟକାନ୍ତି ବାରିକ, ତୀର୍ଥ ଶିକା, ଶ୍ରୀରାମ କ୍ରିଷ୍ଣା, ୫ ଜଣ ମତ୍ସ୍ୟ ଚାଷୀ ବିରଞ୍ଚି ଭୋଇ, ସଚ୍ଚିତାନନ୍ଦ ପଧାନ, ମାଳତୀ କାଳସେ, ଆସାମୀ କୁଅଁର, ଗୋପାଳ ପାଣ୍ଡେ, ମହିଳା ମଣ୍ଡଳରୁ ୨ ଜଣ ମହିଳା ଜ୍ୟୋସ୍ନା ପଧାନ, ରାଇବାରୀ ସାହୁ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ ଓ ୩ ଜିଲା ପରିଷଦ ସଦସ୍ୟ ରାମପୁର ଜୋନ ମମତା ମଟାରୀ, ଡୁଙ୍ଗୁରିପାଲି ଜୋନ ପୂର୍ଣ୍ଣିମା ବାରିକ ଓ ଶୁଖା ଜୋନର ରୁଦ୍ରକିଶୋର ମହଲାଙ୍କୁ ମିଶାଇ ମୋଟ ୨୬ ଜଣଙ୍କୁ ନେଇ କୃଷକ ପରାମର୍ଶଦାତା କମିଟି ଗଠନ ହୋଇଥିଲା।

ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ଥିବା ଏହି କମିଟିର ଜଣେ ସଦସ୍ୟ ତଥା ତତ୍କାଳୀନ ଜିଲାପରିଷଦ ଉପାଧ୍ୟକ୍ଷ ରୁଦ୍ରକିଶୋର ମହଲା କହିଛନ୍ତି ଯେ, କୃଷକ ପରାମର୍ଶଦାତା କମିଟି କାମରେ ଆସୁନାହିଁ। ନିୟମିତ ବୈଠକ ଡକା ଯାଇନାହିଁ। ଚାଷୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରି ବିଭିନ୍ନ ପ୍ରଣାଳୀରେ ତାଲିମ ଦେବା ନିୟମିତ କରାଯାଉ ନାହିଁ। ସରକାର ଦେଉଥିବା ଅନୁଦାନ କେଉଁଠି ଚାଷୀଙ୍କ ବାବଦରେ ଖର୍ଚ୍ଚ ହୋଇଛି ତାହା ସୂଚନା ଦିଆଯାଉ ନ ଥିବା ମହଲା ପ୍ରକାଶ କରିଛନ୍ତି।

ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ ହେଁ ପରବର୍ତ୍ତୀ ବୈଠକଗୁଡିକରେ ତାଙ୍କୁ ଡକା ଯାଇ ନ ଥିବା ସେ ପ୍ରକାଶ କରିଛନ୍ତି । ଏହି କୃଷକ ପରାମର୍ଶଦାତା କମିଟିର ସଭାପତି ପ୍ରଶାନ୍ତ ପଧାନ ରହିଛନ୍ତି। ୨ ବର୍ଷ କମିଟିର କାର୍ଯ୍ୟକାଳ ଥିବା ବେଳେ ତାହା ୪ ବର୍ଷ ହେବ ପରିବର୍ତ୍ତନ କରାଯାଇ ନାହିଁ। ପ୍ରଶାସନ ନୂତନ କମିଟି ଗଠନ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଚାଷୀ ମହଲରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଚଣ୍ଡୀପ୍ରସାଦ ମହାଳିକଙ୍କୁ ନୂତନ କୃଷି ପରାମର୍ଶଦାତା କମିଟି ଗଠନ ବିଷୟରେ ପଚାରିବାରେ ସେ କହିଛନ୍ତି, କମିଟିର ସମସ୍ତ ସଦସ୍ୟଙ୍କୁ ବୈଠକ କରିବା ପାଇଁ ଚିଠି କରାଯାଇଛି। ବୈଠକରେ ନୂତନ କମିଟି ପାଇଁ ପ୍ରସ୍ତାବ ଦିଆଯିବା ପରେ ନୂତନ କମିଟି ଗଠନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ନୂଆଁଖାଇ ଆମ ସଂସ୍କୃତିର ପରିଚୟ



ଅଂଶଗ୍ରହଣ କରିଥିବା ଏକ ନୃତ୍ୟ ଦଳ ।

ଅମରପାଲି,୨୯।୮(ପୀତାମ୍ବର ସାହୁ)

**ଜଗନ୍ନାଥପାଲିରେ ନୂଆଁଖାଇ ଭେଟଘାଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କଳାପଥର ଗ୍ରାମ ପଞ୍ଚାୟତର ଜଗନ୍ନାଥପାଲି ଗ୍ରାମରେ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଅଗ୍ରୀମ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ଆୟୋଜକ କ୍ଲବର ସଭାପତି ମକୁନ୍ଦ ମେହେରଙ୍କ ପୌରୋହିତ୍ୟାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ରଘୁନାଥ ଜଗଦଲା, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତୀ ମେହେର, ବୀରମହାରାଜପୁର ବ୍ଲକ ଏ.ପି.ଓ ସମ୍ବିତ ମହାକୁର, ସୁବର୍ଣ୍ଣପୁର ଜିଲା ଆପ୍ ସଭାପତି ସୁରେଶ କଲତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଅଭିନନ୍ଦନ ଜଣାଇବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂଆଁଖାଇ ଆମର ଏକ ମହାନ ପର୍ବ। ଏହି ପର୍ବ ଆମ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖୁଛି। ଏହା ଆମ ସଂସ୍କୃତିର ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଦଳଗତ ନୃତ୍ୟ ଓ ସୋଲୋ ନୃତ୍ୟ ପରିବେଷଣ ହୋଇଥିଲା। ସୁବର୍ଣ୍ଣପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ,ହୀରାକୁଦ, ଟିଟିଲାଗଡ଼ ଆଦି ଅଞ୍ଚଳରୁ ନୃତ୍ୟ ଦଳ ଅଂଶଗ୍ରହଣ କରିଥଲେ। ସୁବଳ ମହକୁର, ମନୋରଞ୍ଜନ ପଟେଲ, ଶୁଭଦର୍ଶନୀ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ନୃତ୍ୟର ମୂଲ୍ୟାୟନ କରିଥିଲେ। ଏକକ ନୃତ୍ୟର ଜୁନିୟର ବିଭାଗରେ ବଲାଙ୍ଗୀରର ସତ୍ୟ ଭାରତୀ ପ୍ରଥମ, ହୀରାକୁଦର ସ୍ୱୟଂପ୍ରଭା ମିଶ୍ର ଦ୍ୱିତୀୟ ଓ ବଲାଙ୍ଗୀରର ଆଦ୍ୟାଶା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବିଭାଗରେ ପ୍ରହ୍ଲାଦ ଭୋଇ ପ୍ରଥମ, ହୀରାକୁଦର ଭାଗ୍ୟଶ୍ରୀ ମାଝୀ ଦ୍ୱିତୀୟ ଏବଂ ମଧୁସ୍ମିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳଗତ ନୃତ୍ୟରେ ବଲାଙ୍ଗୀରର ରକ ଷ୍ଟାର ନୃତ୍ୟଦଳ ପ୍ରଥମ, ସମ୍ବଲପୁରର ଦି ଗ୍ୟାଙ୍ଗ ଷ୍ଟାର ଦଳ ଦ୍ୱିତୀୟ ଓ ଝାରସୁଗୁଡ଼ାର କ୍ରାଜି ଡ୍ୟାନ୍‌ସ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଆଶୀର୍ବାଦ ଯୋଜନା ତାଲିମ ଶିବିର

ଅମରପାଲି,୨୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁରସ୍ଥିତ ମିଶନ ଶକ୍ତି ଗୃହଠାରେ ଜିଲା ଶିଶୁ ସୁରକ୍ଷା ବିଭାଗର ଆୟୋଜନରେ ଆର୍ଶୀବାଦ ଯୋଜନା ହିତାଧିକାରୀଙ୍କ ପାଇଁ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଶିଶୁ ସୁରକ୍ଷା ବିଭାଗର ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଜିଲାର କିଶୋର ନ୍ୟାୟ ବୋର୍ଡର ସଦସ୍ୟ ରାଧାକାନ୍ତ ବାଘ, ବୀରମହାରାଜପୁର ଶିଶୁ ବିକାଶ ଅଧିକାରୀ ଶ୍ରଦ୍ଧାଞ୍ଜଳି ପଣ୍ଡା, ମିଶନଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଶାନ୍ତନୁ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରେ ଶିଶୁ ସୁରକ୍ଷା ବିଭାଗ ଶିଶୁଙ୍କ ପାଇଁ ଆସୁଥିବା ସୁବିଧା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝାଇଥିଲେ। ତାଲିମଦାତା ଭାବେ ସଖିର ପରାମର୍ଶଦାତା ସୌମ୍ୟାଲିପସା ରାଉତ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରୁଦ୍ର ପ୍ରସନ୍ନ ମିଶ୍ର ବିଜୁ ଶିଶୁ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ଶେଷରେ ପ୍ରଶାନ୍ତ କୁମାର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ କ୍ରୀଡା ଦିବସ ପାଳନ


ବୀରମହାରାଜପୁରରେ କ୍ରୀଡା ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ ।

ଅମରପାଲି,୨୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସର ରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଆମେଚର ବକ୍ସିଂ ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଶିକ୍ଷାବିତ ଗିରିଜା ଶଙ୍କର ପଣ୍ଡା, ଖବରଦାତା ସତ୍ୟବାନ ପୁରୋହିତ, ବକ୍ସିଂ କୋଚ ବ୍ରଜଗୋପାଳ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଧ୍ୟାନଚାନ୍ଦଙ୍କ ଖେଳ ଜୀବନ ତଥା ଖେଳ ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହାସହିତ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ କ୍ରୀଡା ଦିବସ ଭାବେ ପାଳନ କରାଯାଉଥିବା ତଥା କ୍ରୀଡା ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ କ୍ରୀଡା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ବକ୍ସିଂ କୋଚ ବ୍ରଜ ଗୋପାଳ ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କୃତ୍ତିବାସ ଶତପଥୀ , ଚାପଧାରୀ ସିଙ୍ଗ, କୃଷ୍ଣଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ଅପରାହ୍ନରେ ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି । ଏହି ଅବସରରେ ଛାତ୍ରମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହାତରେ ବିଭିନ୍ନ କ୍ରୀଡା ସାମଗ୍ରୀ ଧରି ସହର ପରିକ୍ରମା କରିଥିଲେ।

# ଖଇରମାଳ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ

ସୋନପୁର,୨୯।୮(ମୃତ୍ୟୁଞ୍ଜୟ ଶତପଥୀ)



**ଇପିସି ମୋଡରେ ଟେଣ୍ଡର କଲେ ରାଜ୍ୟ ସରକାର**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଖଇରମାଳଠାରେ ମହାନଦୀରେ ନିର୍ମାଣ ହେବାକୁ ଥିବା ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର(ଆଇଏସଏସ) ନିର୍ମାଣ ପାଇଁ ଆଶା ଉଜ୍ୱଳ ହୋଇଛି। ପ୍ରକଳ୍ପ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଗତ ୧୮ ତାରିଖରେ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨୯ ତାରିଖ ମଙ୍ଗଳବାର ଇପିସି ମୋଡରେ ଟେଣ୍ଡର ଆହ୍ୱାନ କରାଯାଇଛି। ଭବାନୀପାଟଣା ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ତେଲ ବେସିନର ବେସିନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପକ୍ଷରୁ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସରେ ଟେଣ୍ଡର ଆହ୍ୱାନ ହୋଇଛି। ସେପ୍ଟେମ୍ବର ୪ ତାରିଖ ପୂର୍ବାହ୍ନ ୧୦ଟାରୁ ଅକ୍ଟୋବର ୩ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସୁପର କ୍ଲାସ କଣ୍ଟ୍ରାକ୍ଟରମାନେ ହିଁ ଅନ୍‌ଲାଇନରେ ଆବେଦନ କରିପାରିବେ। ଅକ୍ଟୋବର ୩ ତାରିଖରେ ଟେଣ୍ଡର ଖୋଲାଯିବ। ୮୩୦ କୋଟି ୩୬ ଲକ୍ଷ ୪୪ ହଜାର ୬୮ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ୩୬ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ସୋନପୁର ସହର ଠାରୁ ପ୍ରାୟ ସାଢେ ୩ କିଲୋମିଟର ଦୂର ଖଇରମାଳ ଓ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଭଜବଲପୁର ମଝିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ମହାନଦୀର ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱରଠାରେ ନିର୍ମାଣ ହେବାକୁ ଥିବା ଆଇଏସଏସ ପ୍ରକଳ୍ପ ପାଇଁ ଗତ ୨୪ ତାରିଖରେ ଟେଣ୍ଡର ଆହ୍ୱାନ ହୋଇଥିଲା। ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ୨ ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବ। ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ ଜଳାଶୟ ସୃଷ୍ଟି ହେବ। ତେଣୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ, ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟ ଚାଷ, ବତକ ଚାଷ, ଗୋପାଳନ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନ କୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ଖଇରମାଳ ପ୍ରକଳ୍ପ ଦ୍ୱାରା ସୁବର୍ଣ୍ଣପୁର ସହର, ଉଲୁଣ୍ଡା ବ୍ଲକ ଓ କଣ୍ଟାମଳ ବ୍ଲକର ଲକ୍ଷାଧିକ ଅଧିବାସୀ ଉପକୃତ ହେବେ। ପାନୀୟ ଜଳର ଚାହିଦା ପୂରଣ ସହିତ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକ ରବି ଋତୁରେ ଜମିକୁ ଜଳସେଚିତ କରିପାରିବ। ମହାନଦୀ ଗର୍ଭରେ ବୃହତ ଜଳାଶୟ ସୃଷ୍ଟି ହେଲେ ଗ୍ରୀଷ୍ମ ଋତୁରେ ସୁବର୍ଣ୍ଣପୁର ସହର ତାପମାତ୍ରା ଅପେକ୍ଷାକୃତ କମ ରହିବ।

# ତାଲା ପକାଇ ଧାରଣା ଦେଲେ ଅଭିଭାବକ, ଛାତ୍ରୀଛାତ୍ର

କଣ୍ଟାମାଳ/ଘଣ୍ଟାପଡା, ୨୯।୮
(ଆଦିତେଶ୍ୱର ମିଶ୍ର/ ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବଜନିତ ସମସ୍ୟା ଦେଖାଦେଇଛି। ବାରମ୍ବାର ଜଣାଇଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏହାର ପ୍ରତିବାଦ କରି ସୋମବାର ଅଭିଭାବକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଛାତ୍ରୀଛାତ୍ର ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି।

ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ୧ମରୁ ଅଷ୍ଟମ ଶ୍ରେଣୀ ଯାଏ ୫୦ଜଣ ଛାତ୍ରୀଛାତ୍ର ଥିବା ବେଳେ ୩ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ମଧ୍ୟ ନାହାନ୍ତି। ଯାହା ଫଳରେ ଶିକ୍ଷାଦାନ ସହ ବିଦ୍ୟାଳୟର ପରିଚାଳନା ସହ ଅନ୍ୟାନ୍ୟ କାର୍ଯ୍ୟ ଠିକ୍‌ଭାବେ ହୋଇ ପାରୁନାହିଁ। ଯାହା ଫଳରେ ଆଗକୁ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ସହ କୋର୍ସ ସରିବା ନେଇ ଆଶଙ୍କା ଦେଖା


ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦିଆଯାଇଛି ।

**ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ**

ଦେଇଛି। ବିଗତ ଦିନରେ ଶିକ୍ଷକ ଅଭାବ ପ୍ରତିବାଦରେ ବିଦ୍ୟାଳୟରେ ଅଭିଭାବକ ସହ ଛାତ୍ରୀଛାତ୍ରମାନେ ତାଲା ପକାଇ ପ୍ରତିବାଦ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ବିଭାଗୀୟ ଅଧିକାରୀ ଆସି ଲୋକଙ୍କ ସହ ଆଲୋଚନା କରି ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ଧାର୍ଯ୍ୟ ସମୟ ଅତିକ୍ରମ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କୌଣସି ଶିକ୍ଷକ ନିଯୁକ୍ତି ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ତାଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ମିଳୁଥିବା ପ୍ରକାଶ କରିଛନ୍ତି। ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ ଦେଲେ ଏଭଳି ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତ। ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ପଚାରିବାରୁ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ଥିବାରୁ ଅଧିକ ଶିକ୍ଷକ ଦେବା ସମ୍ଭବପର ନୁହେଁ ବୋଲି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଉକ୍ତ ଘଟଣାକୁ ଗମ୍ଭୀରତାର ସହ ନେଇ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଛାତରୁ ପଡ଼ି ଯୁବକ ମୃତ

**ଲହୁଣୀପଡ଼ା,୨୯।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଭୋଗରା ଗ୍ରାମରେ ଛାତରୁ ଖସି ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ଉକ୍ତ ଗ୍ରାମର ଅନାଦି କିଷାନ (୩୫) ନିଜ ଘର କାମ କରୁଥିବା ବେଳେ ଛାତ ଉପରୁ ଖସି ପଡି ଗୁରୁତର ଆହତ ହୋଇଥିଲା । ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

### ଯୁବକଙ୍କୁ କୋର୍ଟ ଚାଲାଣ

**ଲହୁଣୀପଡ଼ା,୨୯।୮(ଦାଶରଥି ପଣ୍ଡା):** ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅନୈତିକ ସମ୍ପର୍କ ରଖିବା ଅଭିଯୋଗରେ ସୁନ୍ଦରଗଡ ଜିଲା କେ ବଲାଙ୍ଗ ଥାନା ଅଞ୍ଚଳର ଦିନ ମୁଣ୍ଡାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଯୁବକ ଜଣକ ନାବାଳିକାଙ୍କ ସହ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ତାଙ୍କୁ ନେଇ ଫେରାର ହୋଇ ଯାଇଥିଲେ । ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ଲୋକ କେ ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲା ।

### ଜାତୀୟ କ୍ରୀଡ଼ା ଦିବସ ପାଳିତ

**ବ୍ରଜରାଜନଗର,୨୯।୮(ବିଜୟ ବରାଡ଼):** ଝାରସୁଗୁଡା ଡ଼ିଏଭି ପବ୍ଲିକ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଭାରତୀୟ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପ୍ରତିଚିତ୍ର ଫଳକରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଶାରୀରିକ ଓ ମାନସିକ ଦକ୍ଷତା ପାଇଁ ପ୍ରତ୍ୟହ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରିବା ଜରୁରୀ ବୋଲି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ କହିଥିଲେ । ବିଦ୍ୟାଳୟର ପିଇଟି ବିଜୟ କୁମାର ଦାଶ ଦିବସ ପାଳନର ଉଦ୍ଦେଶ୍ୟ, ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଜୀବନୀ ସମ୍ପର୍କରେ ଭାବବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର 'ଫିଟନେସ କା ଡୋଜ, ଅଧାଘଣ୍ଟା ରୋଜ' ନାରା ଦେଇ ଶୋଭାଯାତ୍ରା କରିଥିଲେ । ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା । ସ୍କେଟିଂରେ ରାଷ୍ଟ୍ରୀୟ ସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିଣିଥିବା ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନୁଶ୍ରୁତି ପାଣିଗ୍ରାହୀଙ୍କୁ ଅଧକ୍ଷ ପଣ୍ଡା ପୁରସ୍କୃତ କରିଥିଲେ । ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଆଗୁଆ ପରସ୍ପରକୁ ରାଖି ବାନ୍ଧି ସମାଜକୁ ରକ୍ଷାବନ୍ଧନର ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ ।

### ନିଷ୍ଠା, ଶୃଙ୍ଖଳା ସଫଳ କ୍ରୀଡାବିତ୍‌ଙ୍କ ଆଧାର

#### ସୁନ୍ଦରଗଡ ସରକାରୀ କଲେଜରେ ଜାତୀୟ କ୍ରୀଡା ଦିବସ

**ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏହି ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସେ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହିତ କ୍ରୀଡା କ୍ଷେତ୍ରରେ ମନୋନିବେଶ କରି ନିଜର କ୍ୟାରିୟର ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗଦେଇ ଶିକ୍ଷା ସହିତ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା କ୍ରୀଡା ସଂସଦର ଅନ୍ୟତମ ସଭ୍ୟ ବିଶ୍ୱ ରଞ୍ଜନ ହୋତା ସମ୍ମାନିତ ଅତିଥି ରୂପେ ଯୋଗଦେଇ ହକି କିମ୍ବଦନ୍ତୀ ପୁରୁଷ ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରି ନିଷ୍ଠା, ଉତ୍ସର୍ଗୀକୃତ ମନୋଭାବ ଓ ଶୃଙ୍ଖଳା ସଫଳ କ୍ରୀଡାବିତଙ୍କ ଆଧାର ବୋଲି କହିଥିଲେ । ସହକାରୀ ପ୍ରଫେସର ନୂତନ ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କ୍ରୀଡା ପ୍ରଶିକ୍ଷକ ପ୍ରସନ୍ନ ଠାକୁର,ରାଜା ପଟ୍ଟନାୟକ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ର ଅନମୋଲ କେରକେଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧାପକ ରତ୍ନେଶ ରଞ୍ଜନ ଧନ୍ୟବାଦ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପିକା ଆଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ଧ୍ୟାନଚାନ୍ଦଙ୍କ ଅବଦାନ ଅବିସ୍ମରଣୀୟ

**ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଟୁଲି)**



ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ସୁନ୍ଦରଗଡ କ୍ରୀଡା ସଂସଦ ସଦସ୍ୟ ।

ସୁନ୍ଦରଗଡ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ନେତୃତ୍ୱରେ ଜିଲା କ୍ରୀଡ଼ା ସଂସଦର ସଦସ୍ୟ ଓ କ୍ରୀଡ଼ାପ୍ରେମୀ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରି ତାଙ୍କର ଅବଦାନକୁ ମନେ ପକାଇଥିଲେ । ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଭୋଳ ତାଙ୍କ ବକ୍ତବ୍ୟରେ ମେଜର ଧ୍ୟାନଚାନ୍ଦ କିପରି ୧୯୨୮,୧୯୩୨ ଓ ୧୯୩୬ ମସିହାରେ ସ୍ୱର୍ଣ୍ଣପଦକ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ତାହା ବର୍ଣ୍ଣନା କରିବା ସହିତ ବ୍ୟକ୍ତିଗତ ଜୀବନରେ କ୍ରୀଡାର ମହତ୍ୱ ବିଷୟରେ ଅବଗତ କରାଇଥିଲେ । କ୍ରୀଡ଼ା କିଭଳି ମଣିଷକୁ ଶୃଙ୍ଖଳିତ କରେ ଓ କ୍ରୀଡା କ୍ଷେତ୍ରରେ ଧ୍ୟାନଚାନ୍ଦଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ସଦସ୍ୟମାନେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିଜର ସମ୍ମାନ ପ୍ରଦର୍ଶନ କରିଥିଲେ । ଏହାଛଡା ସୁନ୍ଦରଗଡ କ୍ରିକେଟ ଜଗତର ଭୀଷ୍ମ ପିତାମହ ବିଭୂତି ଭୂଷଣ ବହିଦାର (ଗୁଣ୍ଟୁ ଦାଦା)ଙ୍କ ପରଲୋକରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ ଆୟୋଜିତ ହୋଇଥିଲା । ପ୍ରକାଶଯୋଗ୍ୟ, ସ୍ୱର୍ଗତ ବହିଦାରଙ୍କ ବଳିଷ୍ଠ ନେତୃତ୍ୱରେ ସୁନ୍ଦରଗଡରୁ ଅନେକ ପ୍ରତିଭାବାନ୍ ଖେଳାଳି ଜିଲା ପାଇଁ ସୁନାମ ଆଣି ଦେଇଥିଲେ । ତେବେ ପରବର୍ତ୍ତୀ ସମୟରେ ସେ ଆଧ୍ୟାତ୍ମିକ ପଥ ଅନୁସରଣ କରି ସ୍ୱାମୀ ଆତ୍ମବିଦ୍ୟାନନ୍ଦ ନାମରେ ଋଷିକେଶଠାରେ ଏକ ଆଶ୍ରମ କରି ରହିଥିଲେ । ଆଶ୍ରମରେ ଥିବା ବେଳେ ସୋମବାର ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା । ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଭୋଳ ତାଙ୍କ ବକ୍ତବ୍ୟରେ

#### ଜାତୀୟ କ୍ରୀଡ଼ା ଦିବସ ପାଳନ

ସ୍ୱର୍ଗତ ବହିଦାରଙ୍କ ଅବଦାନ ସୁନ୍ଦରଗଡ କେବେ ଭୁଲି ପାରିବ ନାହିଁ ବୋଲି ପ୍ରକାଶ କରିଥିଲେ । ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ କ୍ରୀଡ଼ା ସଂସଦର ସହସଂପାଦକ ଜୟଦେବ ପାତ୍ର, ସଦସ୍ୟ ନିତ୍ୟ କୁମାର ବଳ, ଶିଶିର କୁମାର ପଟେଲ, ରୋମାଞ୍ଚ ଭାଇଁସାଲ, ଅଶ୍ୱିନୀ କୁମାର ଭୋଳ, ଆଶିଷ ଦେ, ବିମଳ ବୋଷ, ଅନିଲ ବହିଦାର, ପ୍ରସାଦ ନାଏକ, ବିଶ୍ୱରଞ୍ଜନ ହୋତା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମ ନନ୍ଦନ ସହାୟ, ଜଗମୋହନ ରାଉତ, ସୁଶିଲ ପଟେଲ ତଥା କ୍ରୀଡ଼ାପ୍ରେମୀ ରାକେଶ ଗୁରୁ, ଅଜିତ ଦ୍ୱିବେଦୀ, ବିଶ୍ୱରଞ୍ଜନ ଦାସ, ସୁନିଲ ଦଲୱାନି, ପ୍ରସନ୍ନ ଠାକୁର, ଚନ୍ଦ୍ରମଣି ମିଶ୍ର ଏବଂ ସଂସଦର ପୂର୍ବତନ ଉପସଭାପତି ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ବୁଡାପଡା ଛାତ୍ର ମୃତ୍ୟୁ ଘଟଣା, ଏନ୍‌ଏଚ୍‌ଆର୍‌ସିରେ ଦାବି

**ଖଡ଼ିଆଳ,୨୯।୮(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବୁଡାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର କେଶବ ଜଗତ (୯) ଗତ ୨୧ ତାରିଖରେ ସ୍କୁଲ ନିକଟସ୍ଥ ନାଳ ପାଣିରେ ବୁଡି ଯାଇ ମୃତ୍ୟୁ ଘଟିଥିଲା । ଏ ନେଇ ଓଡିଶା ବହୁଜନ ଯୁବ ସାମ୍ମୁଖ୍ୟର ସଭାପତି ଅନୀଲ ମଲ୍ଲିକ ଭୁବନେଶ୍ୱର ଜାତୀୟ ମାନବାଧିକାର କମିଶନର(ଏନ୍‌ଏଚ୍‌ଆର୍‌ସି) ପାଖରେ ଦାବି କରିଛନ୍ତି । କେଶବ ଆନୁଷ୍ଠାନିକ ହତ୍ୟା କରାଇଥିବା ବୁଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଯୋଶୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରି ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି । ଏହି ଆନୁଷ୍ଠାନ ହତ୍ୟାରେ ସମ୍ପୃକ୍ତ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ବିରୋଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଦାୟର କରିଥିବା ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ସୂଚନା ଦେଇଛନ୍ତି ।

## ଜିଲା ହକି ଆସୋସିଏଶନ ପକ୍ଷରୁ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳିତ



ସୁନ୍ଦରଗଡ ହକି ଛକରେ ଆୟୋଜିତ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା ।

**ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଟୁଲି)**

ଜିଲା ହକି ଆସୋସିଏଶନ ଏବଂ ଭବାନୀପୁର କ୍ରୀଡା ଛାତ୍ରାବାସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହକି ଛକରେ ହକି ତାରକା ଧ୍ୟାନଚାନ୍ଦ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସୁନ୍ଦରଗଡର ଏହି ହକି ଛକ ଉଦୀୟମାନ କ୍ରୀଡା ପ୍ରତିଭାମାନଙ୍କୁ ଅଲମ୍ପିକରେ ଖେଳିବା ପାଇଁ ପ୍ରେରଣା ଯୋଗାଇବ । ଏହି ଅବସରରେ ଜିଲା ହକି ଆସୋସିଏଶନର ଉପସଭାପତି ରାମେଶ୍ୱର ଟପୋ, ସମ୍ପାଦକ ସିଲଭେଷ୍ଟର ତିର୍କୀ, କୋଷାଧ୍ୟକ୍ଷ ଫ୍ରାନସିସ କୁଜୁର, ବରିଷ୍ଠ ହକି କୋଚ ତେଜ କୁମାର ଖେସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ କ୍ରୀଡା ଛାତ୍ରାବାସର ଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

### ମେଡିକାଲ କଲେଜକୁ ସୁନ୍ଦରଗଡ଼ର ପ୍ରଥମ ବିଧାୟକଙ୍କ ନାମରେ ନାମିତ କରିବାକୁ ଦାବି

**ବଡ଼ଗାଁ,୨୯।୮(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ୱାଧୀନତା ସଂଗ୍ରାମୀ ତଥା ସୁନ୍ଦରଗଡର ପ୍ରଥମ ବିଧାୟକ ସ୍ୱର୍ଗତ ଦ୍ୱାରିକା କୁସୁମଙ୍କ ନାମରେ ନାମିତ କରିବା ପାଇଁ ଦାବି ହେଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲକ୍ଷେ ଘର ସମାଜ ସଂଘ ପକ୍ଷରୁ ବଡଗାଁ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମାଜର ସଭାପତି ଅରୁଣ କୁମାର ତାଜନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମହାନନ୍ଦ, ରମେଶ ମହାନନ୍ଦିଆ, ଦୟାନନ୍ଦ ମଗର, ନିରଞ୍ଜନ ବାଗ, ରବୀନ୍ଦ୍ର କରିଆଲି, ପୁରୁଷୋତ୍ତମ ପାତ୍ର ପ୍ରମୁଖ କର୍ମକର୍ତ୍ତାମାନେ ବଡ଼ଗାଁ ଡାକବଙ୍ଗଳାଠାରେ ଆଲୋଚନା କଲା ପରେ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ । ଦାବିପତ୍ରରେ ଦର୍ଶାଯାଇଛି, ଗତ ୨୦।୨।୧୯୫୨ରୁ ୪।୩।୧୯୫୭ ପର୍ଯ୍ୟନ୍ତ ସୁନ୍ଦରଗଡର ପ୍ରଥମ ବିଧାୟକ ଦାୟିତ୍ୱ ତୁଲାଇଥିଲେ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇଥିବାରୁ ତାଙ୍କ ନାମରେ ମେଡିକାଲ କଲେଜକୁ ନାମିତ କରିବାକୁ ଦାବି ହୋଇଛି ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ


ଅତିଥିଙ୍କ ସହ ଖେଳାଳିମାନେ ।

**ଲହୁଣୀପଡ଼ା,୨୯।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ ପୁରୁଣାପାଣିସ୍ଥିତ ହକି ଷ୍ଟାଡିୟମଠାରେ ମେଜର ଧ୍ୟାନଚାନ୍ଦ ମେମୋରିଆଲ ଟ୍ରଷ୍ଟ ତରଫରୁ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି । ଏଥିରେ ଟ୍ରଷ୍ଟ ସମ୍ପାଦକ ସୁଧୀର କୁମାର ଜେନା ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଅଶ୍ୱିନ କୁମାର ଗୋପାଳ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଲହୁଣୀପଡ଼ା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଧ୍ୟାନଚାନ୍ଦଙ୍କ କ୍ରୀଡା ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବରସୁଆଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡା. ସଞ୍ଜୟ କୁମାର ଓ ସମ୍ମାନିତ ଅତିଥି ଭାବେ ରାଜେଶ କୁମାର ବେହେରା ଯୋଗଦେଇ ଜାତୀୟ କ୍ରୀଡା ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଟୁଲି)**


ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ରଙ୍କୁ ପୌରାଧକ୍ଷା ତନୟା ମିଶ୍ର ଅବସରକାଳୀନ ସମ୍ବର୍ଦ୍ଧନା ଜଣାଉଛନ୍ତି ।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର ଆସନ୍ତା ୩୧ ତାରିଖ ଦିନ ଚାକିରୀ ଜୀବନରୁ ଅବସର ଗ୍ରହଣ କରିବାକୁ ଯାଉଛନ୍ତି । ଏହି ଅବସରରେ ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର ମଙ୍ଗଳବାର ତାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି । ପୌରାଧକ୍ଷା ମିଶ୍ର କହିଛନ୍ତି ଯେ, ସେ ଜଣେ ଶ୍ରେଷ୍ଠ ଅଫିସର । ମହାମାରୀ କରୋନା ସମୟରେ ଡା. ମିଶ୍ର ଯେଉଁ ପରିଶ୍ରମ କରିଛନ୍ତି ଓ ତାଙ୍କର ସେବା ସୁନ୍ଦରଗଡ଼ବାସୀ କେବେ ଭୁଲି ପାରିବେନି କହି ଭାବବିହ୍ୱଳ ହୋଇପଡ଼ିଥିଲେ । ଆଜିର ସମାଜରେ ନିଜ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ତାଙ୍କର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଡା. ମିଶ୍ର କହିଥିଲେ, ଅବସର ପରେ ସେ ନିଜ ଗାଁ ବ୍ରହ୍ମପୁର ଯିବେ । ସେଠାରେ ଥିବା ଦୁର୍ଗମ ଅଞ୍ଚଳକୁ ଯାଇ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ରହିଛି । ସୁନ୍ଦରଗଡବାସୀଙ୍କ ସହଯୋଗ, ସ୍ନେହ ଓ ଶ୍ରଦ୍ଧା କେବେ ବି ଭୁଲି ପାରିବେ ନାହିଁ ବୋଲି ସେ କହିଥିଲେ । ଆସନ୍ତା ୩୧ତାରିଖ ଦିନ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସରେ ପୌର ପରିଷଦ ସୁନ୍ଦରଗଡ ତରଫରୁ ତାଙ୍କୁ ସମ୍ମାନିତ କରିବା ପାଇଁ ଏହି ଅବସରରେ ପୌରାଧକ୍ଷା ନିମନ୍ତ୍ରଣ କରିଥିଲେ ।

### ରେଙ୍ଗାଲପାଲି ପଞ୍ଚାୟତରେ ଭାଜପା କର୍ମୀଙ୍କ ଆନ୍ଦୋଳନ

**କୋକସରା,୨୯।୮ (ଦୁଷ୍ମନ୍ତ କୁମାର ପାଟଯୋଶୀ)**

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମଙ୍ଗଳବାର କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ସମ୍ମୁଖରେ ଭାଜପା କର୍ମକର୍ତ୍ତାମାନେ ଗଣ ଧାରଣା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଅପାରଗତା ଶାସନ ବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଛନ୍ତି । ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ଆବାସ ବଣ୍ଟନରେ ଦୁର୍ନୀତି, ପିଡିଏସ ସାମଗ୍ରୀ ବଣ୍ଟନରେ ଅନିୟମିତତା, ବିନା ପିସିରେ କୌଣସି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ହେଉ ନ ଥିବା ନେଇ ଅଭିଯୋଗ କରିଛନ୍ତି । କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁଙ୍କ ନେତୃତ୍ୱରେ କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ମୁକୁନ୍ଦ ପଟ୍ଟନାୟକ, ବିପିନ ମହାରଣାଙ୍କ ସମେତ କର୍ମୀମାନେ ଧାରଣାରେ ସାମିଲ ରହିଥିଲେ ।

## ବେଦାନ୍ତ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ




**ନୂଆଦିଲ୍ଲୀ,୨୯।୮**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ଲାଞ୍ଜିଗଡ଼ ଏବଂ ଝାରସୁଗୁଡା ୟୁନିଟ୍ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଶେଷକରି ଓଡ଼ିଶାରେ କମ୍ପାନୀ ବିଭିନ୍ନ ପ୍ରକାର କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରି ସ୍ଥାନୀୟ ଯୁବକ ଓ କର୍ମଚାରୀଙ୍କୁ ତୃଣମୂଳସ୍ତରୀୟ କ୍ରୀଡ଼ା ପାଇଁ ଉତ୍ସାହିତ କରୁଛି । ଏପରିକି ସାମଗ୍ରିକ ଯୁବ ବିକାଶରେ କ୍ରୀଡ଼ାର ମୌଳିକ ଅବଦାନକୁ ସ୍ୱୀକୃତି ଦେଇ କମ୍ପାନୀ ଏକ ଇକୋ ସିଷ୍ଟମ ତଥା ତାଲିମପ୍ରାପ୍ତ ଭିତ୍ତିଭୂମିକୁ ଜାତୀୟ ମାନ୍ୟତା ହାସଲ ଲାଗି ପ୍ରୋତ୍ସାହିତ କରୁଛି । ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ ବ୍ୟବସାୟ)ର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସକରୁ ଯେ କ୍ରୀଡ଼ାର ପରିବର୍ତ୍ତନ ଶକ୍ତି କେବଳ ଆମର ଯୁବକମାନଙ୍କ କ୍ୟାରିୟରକୁ ରୂପାନ୍ତରିତ କରେ ନାହିଁ ବରଂ ସେମାନଙ୍କର ଉଲ୍ଲେଖନୀୟ ସଫଳତାକୁ ମଧ ପ୍ରତିପାଦିତ କରିଥାଏ । ବିଶେଷକରି ଯୁବକମାନଙ୍କ ଭିତରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ଆମ ପକ୍ଷରୁ ଆବଶ୍ୟକ ଉଦ୍ୟମ ଜାରି ରହିଛି । ଅପରପକ୍ଷରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବେଦାନ୍ତ ଝାରସୁଗୁଡ଼ା ଓ ଯୁବମଞ୍ଚ ପକ୍ଷରୁ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକା ଦୀପାଳି ଦାସଙ୍କ ସମେତ ବେଦାନ୍ତ ଲିମିଟେଡ୍‌ର ସିଇଓ (ପାୱାର) ସୁନୀଲ କୁମାର ସତ୍ୟ ଓ ଅନ୍ୟମାନେ ଯୋଗ ଦେଇଥିଲେ ।

### ପୋଲିସ ଏଏସ୍‌ଆଇ ରଞ୍ଜନ ନାଏକଙ୍କ ମହାନତା

**କୁତ୍ରା,୨୯।୮(ଦେବାଶିଷ ସାହୁ)**


ଏଏସ୍‌ଆଇ ରଞ୍ଜନ ନାଏକ ପାଇଥିବା ଟଙ୍କା ଓ ମନିପର୍ସ ଫେରାଉଛନ୍ତି ।

ସୁନ୍ଦରଗଡ ଜିଲା କୁତ୍ରା ଥାନାରେ କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ରଞ୍ଜନ ନାଏକ ଜଣେ ବ୍ୟକ୍ତିଙ୍କ ମନିପର୍ସ ଓ ଜରୁରୀ କାଗଜପତ୍ର ବାଟରୁ ପାଇ ପରେ ଫେରସ୍ତ କରି ଦେଇଛନ୍ତି । ତାଙ୍କର ଏହି ମହନତା ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି । ମଙ୍ଗଳବାର ପ୍ରତିଦିନ ଭଳି ବରିଷ୍ଠ ଏଏସ୍‌ଆଇ ରଞ୍ଜନ ଜେଏସଡବ୍ଲୁ ଶିବା ସିମେଣ୍ଟ କାରଖାନା ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଇଥିଲେ । ଯିବା ରାସ୍ତାରେ ଗୋଟିଏ ମନି ପର୍ସ ପାଇଥିଲେ । ସେଥିରେ ୨୯୨୫ ଟଙ୍କା ସହିତ ଆଧାର କାର୍ଡ, ଏଟିଏମ କାର୍ଡ ,ଡ୍ରାଇଭିଙ୍ଗ ଲାଇସେନ୍ସ ଥିବା ଦେଖିବାକୁ ପାଇଥିଲେ । ଜରୁରୀ କାଗଜପତ୍ର ଯାଞ୍ଚ କରି ମନିପର୍ସଟି କନ୍ଦେଇମୁଣ୍ଡା ଗ୍ରାମର ସନ୍ତୋଷ ତରୁଆଙ୍କର ବୋଲି ଜାଣିବାକୁ ପାଇଥିଲେ । ପରେ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ତାଙ୍କୁ ଡାକି ସବୁ ଜିନିଷ ଫେରସ୍ତ କରିଛନ୍ତି । ପୋଲିସ ଏଏସ୍‌ଆଇଙ୍କ ସଚ୍ଚୋଟ ପଣିଆ ଓ ମାନବିକତା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । କେବଳ ଏତିକି ନୁହେଁ ବିଭିନ୍ନ କାମରେ ଥାନାକୁ ଆସୁଥିବା ଲୋକଙ୍କୁ ସେ ନିଃସ୍ୱାର୍ଥପର ଭାବରେ ସେବା ଯୋଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

## ଗ୍ରାମ୍ୟ ଜଙ୍ଗଲରେ ଦନ୍ତାହାତୀ : ଗ୍ରାମବାସୀ ଆତଙ୍କିତ

**ଲହୁଣୀପଡ଼ା,୨୯।୮(ଦାଶରଥି ପଣ୍ଡା)**


ଜଣେ ବ୍ୟକ୍ତିଙ୍କ ଘର ହାତୀ ଭାଙ୍ଗି ଦେଇଛି ।

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ବାନ୍ଧଣନାଳୀ ଗ୍ରାମ୍ୟ ଜଙ୍ଗଲରେ ଦୁଇଟି ଦନ୍ତାହାତୀ ରହିଛନ୍ତି । ବନ ବିଭାଗ, ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ମିଳିତ ଭାବେ ଘଉଡ଼ାଇବା ପାଇଁ ବାଜା ବଜାଇ,ବାଣ ଫୁଟାଇ ଉଦ୍ୟମ କଲେ ମଧ ଦନ୍ତା ଦୁଇଟି ଜଙ୍ଗଲ ଭିତରୁ ପଦାକୁ ବାହାରିବାର ନାଁ ଧରୁ ନ ଥିବା ଜଣାପଡିଛି । ଫଳରେ ଉକ୍ତ ଅଞ୍ଚଳର ଜନସାଧାରଣ ଏବେ ଆତଙ୍କିତ ହୋଇ ଦିନ କାଟୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ଗତ ୨୫ ତାରିଖ ଦିନ ଉକ୍ତ ଦନ୍ତା ହାତୀ ଦୁଇଟି କୁଳିପୋଷ ରେଞ୍ଜ ଅଧୀନସ୍ଥ କୁଡେଇକଳା ଓ କଳେଇପୋଷ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉପଦ୍ରବ କରିଥିଲେ । ହାତୀ ୭ -୮ ଜଣ ଲୋକଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି କରିଥିଲା । ୨୬ ତାରିଖ ଦିନ ସେହି ଅଞ୍ଚଳରୁ ଆସି ଲହୁଣୀପଡ଼ା ରାଜାମୁଣ୍ଡା ବାଇପାସ୍ ରାଜରାସ୍ତାରେ ବୁଲିଥିଲା । ବାଙ୍କୀ ବନ ବିଭାଗ ତରଫରୁ ବ୍ରାହ୍ମଣୀ ନଦୀ ପାର କରି ଗୁରୁଣ୍ଡିଆ ଜଙ୍ଗଲ ଅଞ୍ଚଳକୁ ଘଉଡ଼ାଇ ଦିଆଯାଇଥିଲେ ମଧ ସୋମବାର ବିଳମ୍ବିତ ରାତିରେ ଦନ୍ତାହାତୀ ଦୁଇଟି ନଦୀ ପାର ହୋଇ ଆସିଥିଲେ । ବଡ ପୁରୁଣାପାଣି ପଞ୍ଚାୟତ ଜୀବିକାପୋଷ ଗ୍ରାମର ଦେବୀ କିଷାନ ଓ ଦିନୁ କିଷାନଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇ ଦେବା ସହିତ ଧାନ ଫସଲକୁ ଦଳି ନଷ୍ଟ କରି ଦେଇଛନ୍ତି । ସ୍ଥାନୀୟ ଲୋକେ ମିଳିତ ଭାବେ ହାତୀକୁ ଘଉଡ଼ାଇ ଥିଲେ ମଧ ମଙ୍ଗଳବାର ସକାଳୁ ବାନ୍ଧଣନାଳୀ ଜଙ୍ଗଲକୁ ଚାଲି ଆସିଛନ୍ତି । ହାତୀ ଦୁଇଟିକୁ ଘଉଡ଼ାଇବା ପାଇଁ ବନ ବିଭାଗ, ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ପ୍ରୟାସ ଜାରି ରଖିଥିବା ଜଣାପଡିଛି ।

**ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଭାଗନେବେନି ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର: ବୁଧବାର ପବିତ୍ର ରକ୍ଷାବନ୍ଧନ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଜରୁରୀ କାର୍ଯ୍ୟ ବ୍ୟସ୍ତତା ଯୋଗୁ ମୁଖ୍ୟମନ୍ତ୍ରୀ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଭାଗନେବେ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁର୍ଘଟଣା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ଜାରି ହେଲା ଏସ୍ଓପି

ଭୁବନେଶ୍ୱର, ୨୯।୮ (ସୁନିତ୍ ମିଶ୍ର)

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ଲାଗି ନୂଆ ଏସ୍ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରାଯାଇଛି। ଏସ୍ଓପି ସମ୍ପର୍କରେ ବାଣିଜ୍ୟ ଓ ପରିବହନ ବିଭାଗର ସଚିବ ଉଷା ପାଢ଼ୀ ସବୁ ଜିଲାପାଳ, ଏସ୍ଟିଏ, ଡିଜି ପୋଲିସ, ଡିଜି ଅଗ୍ନିଶମ, ଏନ୍ଏଚ, ଏନ୍ଏଚ୍ଏଆଇ ଏବଂ ୫ଟି ବିଭାଗର ସଚିବଙ୍କୁ ମଙ୍ଗଳବାର ଚିଠି ଲେଖି ଅବଗତ କରାଇଛନ୍ତି। ତୃଣମୂଳସ୍ତରରେ ଦୁର୍ଘଟଣା ଘଟିଲେ କିଭଳି ତୁରନ୍ତ ଆହତଙ୍କୁ ସହାୟତା ମିଳିବ ସେନେଇ ଏସ୍ଓପି ପ୍ରସ୍ତୁତ ହୋଇଥିବା ଉଲ୍ଲେଖ କରାଯାଇଛି।

ଉଷା ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସଡ଼କ ସୁରକ୍ଷା ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇ ଉଭା ହୋଇଛି। ଗତ ୧୦ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୫ ହଜାର ଲୋକଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ପ୍ରତି ୧୦୦ଟି ଦୁର୍ଘଟଣାରେ ୪୮.୫ ପ୍ରତିଶତ ମୃତ୍ୟୁ ହେଉଛି। ଜାତୀୟ ସ୍ତର ସହିତ ତୁଳନା କଲେ ଏହା ୩୬.୫ ପ୍ରତିଶତ ହେବ। ୨୦୨୨ରେ ଘଟିଥିବା ସଡ଼କ ଦୁର୍ଘଟଣାର ୬୫ପ୍ରତିଶତ ଗ୍ରାମାଞ୍ଚଳରେ ଘଟିଛି। ଦୁର୍ଘଟଣାର ଶିକାର ହେଉଥିବା ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ବା ତାଙ୍କୁ ସହାୟତା ଦେବା କ୍ଷେତ୍ରରେ ତୃଣମୂଳସ୍ତରରେ ଆର୍ଟିଏ, ପୋଲିସ, ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିଭାଗୀୟ ସଡକ ନିର୍ମାଣକାରୀ ବିଭାଗର ଅଧିକାରୀଙ୍କୁ ଧ୍ୟାନ ଦେବାକୁ ପଡିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏସ୍ଓପି ପ୍ରସ୍ତୁତ କରାଯାଇଛି। ଏହାକୁ ଅନୁପାଳନ କରିବା ଦ୍ୱାରା ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବା ଲାଗି ଆଉ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଯୋଗାଇବା କାର୍ଯ୍ୟରେ ସୁବିଧା ହେବ। ଏସ୍ଓପି ପାଳନ ଠିକ୍ ଭାବେ କରାଗଲେ ଯାହାର ଯେଉଁ ଦାୟିତ୍ୱ ସେଥିରେ କେହି ହେଲେ ଅବହେଳା କରିପାରିବେ ନାହିଁ। ଜିଲାସ୍ତରରେ ଘଟୁଥିବା ଦୁର୍ଘଟଣାର ଯେଉଁମାନେ ଶିକାର ହେଉଛନ୍ତି ସେମାନଙ୍କୁ ଉଦ୍ଧାର କରିବା ଲାଗି ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହା ଆର୍ଟିଓରେ ରଖାଯାଇଛି। ଏହି ଅର୍ଥ ବିଭିନ୍ନ ଉପାୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହାର ହୋଇପାରିବ। ତେଣୁ ଏସ୍ଓପି ପାଳନ ଲାଗି ତୃଣମୂଳସ୍ତର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଦୁର୍ଘଟଣା ପରବର୍ତ୍ତୀ ସମସ୍ୟାରୁ ବର୍ତ୍ତିହେବ ବୋଲି ପାଢ଼ୀ କହିଛନ୍ତି।

**ଗତ ୧୦ ବର୍ଷରେ ରାଜ୍ୟରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୪୫ ହଜାର**

# ମିଲେଟ୍ ଶକ୍ତି ଦ୍ରବ୍ୟର ପ୍ୟାକେଜିଂ ପାଇଁ ରାଜିନାମା ସ୍ୱାକ୍ଷରିତ



ଭୁବନେଶ୍ୱର,୨୯।୮
(ଅନିଲ ଦାସ)

**■ ଉଚ୍ଚ ମୂଲ୍ୟଯୁକ୍ତ ବଜାରରେ ପହଞ୍ଚିବା ଲକ୍ଷ୍ୟ**
**■ ଭାଗୀଦାରିତାରେ ବଢ଼ିବ ପ୍ୟାକେଜିଂର ଗୁଣାତ୍ମକ ମାନ**

ମିଲେଟ୍ ଶକ୍ତି ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପ୍ୟାକେଜିଂ ପାଇଁ ମଙ୍ଗଳବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ମିଶନ ଶକ୍ତି ବିଭାଗ ଏବଂ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ (ଆଇଆଇପି) ମଧ୍ୟରେ ଏକ ତ୍ରିପାକ୍ଷିକ ରାଜିନାମା କୃଷି ଭବନଠାରେ ସ୍ୱାକ୍ଷରିତ ହୋଇଛି। ଏହି ଭାଗୀଦାରିତାର ଅବଧି ୨୦୨୩ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

ରାଜିନାମା ଅନୁଯାୟୀ, ମିଶନ ଶକ୍ତି ଏବଂ ଆଇଆଇପି ସହଯୋଗରେ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ। ବିଭାଗ ବିଭିନ୍ନ ପ୍ୟାକେଜିଂ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ ସହିତ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ମେଳା-ମହୋତ୍ସବ, କ୍ରେତା-ବିକ୍ରେତା ବୈଠକ ଆଦିରେ ଯୋଗଦେବା ଦିଗରେ ବ୍ୟବସ୍ଥା କରିବ। କାର୍ଯ୍ୟକ୍ରମର ତଦାରଖ ନିମନ୍ତେ ତ୍ରୈମାସିକ ସମୀକ୍ଷା କରାଯିବ। ବିଭିନ୍ନ ବିଭାଗ, ନାବାର୍ଡ, ବ୍ୟାଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସଂଯୋଜନ ବୈଠକ, ଆଲୋଚନାଚକ୍ର ଓ କର୍ମଶାଳାର ଆୟୋଜନ କରିବ। ଏଥିସହିତ ସ୍ୱତନ୍ତ୍ର ଅଭିନବ ପାଇଲଟ୍ ପ୍ରକଳ୍ପ ଓ ଗବେଷଣା ପ୍ରସ୍ତାବକୁ ମଧ ଆବଶ୍ୟକ ଅନୁମୋଦନ ପ୍ରଦାନ କରାଯିବ। ରାଜ୍ୟ, ଜିଲା ଏବଂ ବ୍ଲକସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚିହ୍ନଟ କରି ଆଇଆଇପି ଯେପରି ସେମାନଙ୍କୁ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେବେ ସେଥିପାଇଁ ଆବଶ୍ୟକ ପାଣ୍ଠି ପ୍ରଦାନ କରାଯିବ। ଏଥିସହିତ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଆଦିର ମଧ ଆୟୋଜନ କରାଯିବ। ଆଇଆଇପି ପକ୍ଷରୁ ମହିଳା ଏସ୍ଏଚ୍ଜିର ମାଷ୍ଟର ଟ୍ରେନରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟରେ ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ ଜେନା ଏବଂ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ପ୍ୟାକେଜିଂର ଯୁଗ୍ମ ନିର୍ଦ୍ଦେଶକ ବାବୁରାଓ ଗୁଡୁରି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ କୃଷି ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ମିଲେଟ୍ର ପ୍ରସାର ଦିଗରେ ଓଡ଼ିଶା ମିଲେଟ୍ ମିଶନ ଏବଂ ମିଶନ ଶକ୍ତି ବିଭାଗ ଘନିଷ୍ଠ ସହଯୋଗୀ ଭାବରେ କାର୍ଯ୍ୟ କରୁଛି। ମିଲେଟ୍ ଶକ୍ତି ଏହି ଦୁଇ ବିଭାଗର ଏକ ଯୌଥ ଉଦ୍ୟୋଗ। ରାଜ୍ୟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବିଭିନ୍ନ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି। ମାତ୍ର ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ଉପଯୁକ୍ତ ପ୍ୟାକେଜିଂର ସମସ୍ୟା ରହିଛି। ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ପ୍ୟାକେଜିଂ ସହ ସହଭାଗିତା ଦ୍ୱାରା ପ୍ୟାକେଜିଂରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ଆଇଆଇପିର ଯୁଗ୍ମ ନିର୍ଦ୍ଦେଶକ ବାବୁରାଓ ଗୁଡୁରି କହିଛନ୍ତି, ଅନୁଷ୍ଠାନ ୧୯୬୬ରୁ ଭାରତରେ ଦକ୍ଷତାର ସହ କାର୍ଯ୍ୟକରି ଆସୁଛି। ଅନ୍ୟରାଜ୍ୟଗୁଡ଼ିକ ସହିତ ପ୍ୟାକେଜିଂର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛି। ଏହି ରାଜିନାମାର ଅଂଶୀଦାର ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓ ମିଶନ ଶକ୍ତି ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନ୍ଦିପ ମହାନ୍ତି (ଟୁନଟୁନ)**
(ଭୁବନେଶ୍ୱର)
ଆବିର୍ଭାବ : ୨୬/୧୧/୧୯୮୪ | ତିରୋଧାନ : ୩୦/୦୮/୨୦୦୭

ଚାହିଁ ଚାହିଁ ୧୬ବର୍ଷ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଈ, ଭାଈ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୫୭୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀମତୀ ଶାନ୍ତିଲତା ପ୍ରଧାନ**
ଖାସମାହଲ କଲୋନୀ, ଜଟଣୀ, ଖୋର୍ଦ୍ଧା

ବୋଉ, ବରଗଛର ଡାଳ ମାଟିକୁ ହାତ ପାଇଗଲେ ବି ସିଏ ତଥାପି ଚେରକୁ ଖୋଜିହୁଏ। ବୋଉ, ପ୍ରତି ମୁହୂର୍ତ୍ତରେ ଆମେ ତତେ ଖୋଜି ହେଉଛୁ । ବେଳେ ବେଳେ ଲାଗେ ତୁ ପବନ ହେଇ ଆସି ଆମକୁ ଛୁଇଁ ଦେଇ ଯାଉଛୁ। ସବୁଥର ତୁ ମୋ ବାଟକୁ ଜଗି ବସୁଥିଲୁ। ଆଜି ମୁଁ ତତେ ଅନେଇବସିଛି ତୋ କୋଳରେ ଆଉ ଥରେ ମୁଣ୍ଡ ରଖି ଶୋଇବା ଲାଗି। ଶ୍ରୀଜଗନ୍ନାଥ ଏଇ ସ୍ମୃତିକୁ ସତ କରିଦିଅନ୍ତୁ।

ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୨୨୬୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଡକ୍ଟର ରବିନାରାୟଣ ମିଶ୍ର**
ତିରୋଧାନ - ରାକ୍ଷୀ ପୂର୍ଣ୍ଣିମା

ନାନା, ... ଆଜିକୁ ୫ ବର୍ଷ ବିତିଗଲା, ତୁମ ପଥକୁ ଚାହିଁ ଚାହିଁ । ତୁମେ ଜଗନ୍ନାଥଙ୍କ ପାଖରେ ଭଲରେ ଥିବ ନିଶ୍ଚୟ । କିନ୍ତୁ ଆମ ଆଖିରୁ ଲୁହ ଝରି ଚାଲିଛି, ଆମର ଅତୀତର ଦିନ ଗୁଡିକ ସ୍ମରଣ କରି ।

**ଆଶୀର୍ବାଦ ଦେବ**
**ସୋନି - ମୁନୀ**
ଧ-୭୪୫୭୬

# Classified Everyday
**0674-2580101, 2549949**


**MATRIMONIAL**

**BRIDE WANTED**

Wanted Bengali Kayastha bride (40-55yrs) for unmarried Bengali groom working as Insurance Advisor (Health & life) at Bhubaneswar. Direct Contact: 8249449661. D-73397


**REAL ESTATE**

**SALE**

କେନ୍ଦ୍ରାପଡ଼ା ଗରାପୁରସ୍ଥ ହନୁମାନ ମନ୍ଦିର ପାଖରେ 2.5 ଗୁଣ୍ଠ ଏକ SC ପ୍ଲଟ୍ ବିକ୍ରି ହେବ। ଯୋଗାଯୋଗ। 9437013139. D-1176

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

ଭୁବନେଶ୍ୱର ପାହାଳ NH ପାଖରେ **developed yellowzone plot boundary, road,** ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। **6370354458.** D-75207

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

Prime Commercial Property [1 Acre] with uninterrupted sea view in Visakhapatnam city on outright sale. Brokers Excuse: 9160352199. D-1139

**A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452.** D-75029

Duplex sale at-Bhubaneswar, @ 57Lakhs only. Contact-9777433701. D-75206

2BHK, 3BHK Flat for immediate sale at Bomikhal, Bhubaneswar, contact 9337892385. D-1163

Chakeisihani Yellow Zone 1200sqft. @2300/- and 1700sqft. @1300/-, 7008711445, 6372801963. D-1169

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Spa Kerala body Massage only best Therapist @699/- Bhubaneswar. 9337672475. D-1132

**LOST**

I, Sanskara, D/o Sunil Dwari & Sandhya Dwari, Qr. No. V-22, HAL, Sunabeda, Koraput-763002, hereby declared that I have lost my original CBSE 10th Certificate, passed out from Vyomayana Samstha Vidyalaya, Sunabeda-2 in 2021. Roll No. 12131219. If anybody find, please return to above mentioned address. D-75031

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

I, Mamata Rani Dash (40 yrs) W/o-Mayadhara Dash, At- Bhagabanpur, PS- Dhamnagar, Dist.- Bhadrak, PIN-756117, Odisha, declare by this affidavit No.-4681 Dated 28-08-23 that now onwards I shall be known as Mamata Rani Dash as per land record bearing Khata No.-267/109. Further declared that Mamata Das, W/o Mayadhara Dash and Mamata Rani Dash, W/o- Mayadhara Dash as same and one person for all future purposes. D-1175

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ନୋଟିସ୍

No.- 2227 Dt. 28.08.23

ମାନନୀୟ

ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ଡିଭିଜିନାଲ କୋର୍ଟ ନଂ ୪, ସ୍ଥାନ ସରକାରି ଅଫିସ୍, ୟୁନିଟ- ୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜି- ଖୋର୍ଦ୍ଧା।

ଓ. ଏସ୍. ଏସ୍ କେସ୍ ନଂ- ୧୪୨୬/୨୦୨୨

ଶ୍ରୀ ଚକ୍ରଧର ପଣ୍ଡା, ବ୫୩ର୍ଷ, ପି-୰ହରିହର ପଣ୍ଡା, ସା-ମିଟୁଆଣି, ପୋ-ବାରବାଟି, ଥା-ଫତେଗଡ,ଜି-ନୟାଗଡ .....ବାଦୀ

ବନାମ

ବନ୍ଦୋବସ୍ତ ଅଧିକାରୀ,ମେଜର ସେଟେଲମେଣ୍ଟ, ସା ଯୋବ୍ରାରୋଡ୍, ପୋ-କଲେଜ ଛକ, ଜି- କଟକ, ଓଗେର .....ପ୍ରତିବାଦୀ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ-୩ ଉତ୍ତମା ପ୍ରହରାଜ, ସ୍ୱା- ବ୍ରହ୍ମାନନ୍ଦ ପ୍ରହରାଜ, ସା- ପ୍ଲଟ ନଂ. ୨୫୯, ଶାସ୍ତ୍ରୀ ନଗର, ଥା- ଖାରବେଳ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପ୍ରତିବାଦୀ ନଂ.୪ ସୁବାସ ଚନ୍ଦ୍ର ସାମନ୍ତରାୟ, ପି-୰ମୁରଲୀଧର ସାମନ୍ତରାୟ, ପ୍ରତିବାଦୀ ନଂ. ୫- ହାରାମଣି ବେଓ୍ୱା, ସ୍ୱା-୰ମୁରଲୀଧର ସାମନ୍ତରାୟ, ପ୍ରତିବାଦୀ ନଂ. ୬ ଦୁର୍ଗାଚରଣ ସାମନ୍ତରାୟ, ପ୍ରତିବାଦୀ ନଂ. ୭ ଶ୍ରୀମତୀ ପ୍ରେମଲତା ବଳିଆରସିଂ, ଉଭୟଙ୍କ ପି-୰ ଦେବରାଜ ସାମନ୍ତରାୟ, ପ୍ରତିବାଦୀ ନଂ.୮, ବାଉରୀ ବେଓ୍ୱା, ସ୍ୱା-୰ଧରଣୀଧର ହରିଚନ୍ଦନ, ପ୍ରତିବାଦୀ ନଂ.୯ ଲିଙ୍ଗରାଜ ହରିଚନ୍ଦନ, ପ୍ରତିବାଦୀ ନଂ. ୧୦ ସନାତନ ହରିଚନ୍ଦନ, ଉଭୟଙ୍କ ପି-୰ଧରଣୀଧର ହରିଚନ୍ଦନ, ପ୍ରତିବାଦୀ ନଂ.୧୧ ପ୍ରମୋଦ କୁମାର ଲେଙ୍କା, ପି- ବାବାଜି ଚରଣ ଲେଙ୍କା, ପ୍ରତିବାଦୀ କ୍ରମିକ ନଂ ୪ ରୁ ୧୧ ମାନଙ୍କ ସା/ପୋ-ଅନ୍ଧାରୁଆ, ଥା-ଚନ୍ଦକା,ଜି-ଖୋର୍ଦ୍ଧା ।

ନୋଟସ୍ ସି.ପି.ସି. ଅର୍ଡର ୫,ରୁଲ-୨୦ ମୁତାବକ

ଏହିକି ଉପରୋକ୍ତ ମକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ୍ ପ୍ରେରଣ କରିଥିଲେ ମଧ ଆପଣମାନେ ସେଠାରେ ନଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇପାରୁନାହିଁ। ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଏଣୁ ଏ ଓଡିଆ ଖବର କାଗଜ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆସନ୍ତା ତା ୧୮।୦୯।୨୦୨୩ରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣୀରେ ଅଂଶ ଗ୍ରହଣ କରିବେ। ଏଥକୁ ହେଳା କଲେ ଉକ୍ତ ମକଦ୍ଦମାଟି ଏକ ତରଫ ବିଚାର କରାଯିବ।

ବାଦୀଙ୍କ ତଫସିଲ ବୃତ୍ତି

ସାବିକ ମୌଜା- ଅନ୍ଧାରୁଆ, ଥା-ଚନ୍ଦକା, ଜି-ପୁରୀ, ବର୍ତ୍ତମାନ ଖୋର୍ଦ୍ଧା ଖାତା ନଂ. ୨୫୮, ପ୍ଲଟ ନଂ.୨୧୩୩, ରକବା ଏ୦.୦୪୦ଡି.,ଏ୦.୧୫୦ଡି. ସ୍ଥ ଏ୧୧. ୩୭୦ଡି. ସ୍ଥ ଯାହାକି ଦାଖଲ ଖାରଜ ଖାତା ନଂ-୬୨୧/୩୭୪, ପ୍ଲଟ ନଂ.୨୧୩୩/୩୫୧୧, ରକବା ଏ୦.୧୫୦ଡି. ସ୍ଥ ଅଟେ। ଯାହାକି ହାଲ୍ ବନ୍ଦୋବସ୍ତ ରେକର୍ଡ ଅନୁଯାୟୀ ମୌଜା-ଅନ୍ଧାରୁଆ, ତହସିଲ-ଭୁବନେଶ୍ୱର, ଥା-ଚନ୍ଦକା, ଜି: ଖୋର୍ଦ୍ଧା, ଖାତା ନଂ. ୮୩୯, ପ୍ଲଟ ନଂ. ୬୫୪୬ର ରକବା ଏ୦.୧୫୦ଡି. ଅଟେ। ଏଥି ମଧ୍ୟରୁ କ୍ରୟ ହୋଇଥିବା ବୃତ୍ତି ରକବା ଏ୦.୪୦ଡି.(ଦକ୍ଷିଣ ପୂର୍ବ ତରଫରୁ)ଏ୦.୧୫୦ଡି. ସ୍ଥ ଅଟେ, ସତ୍ୱ ସ୍ଥିତିବାନ।

ତା

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତ ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା- କୋର୍ଟ ଅଫିସର
ଧ-୧୧୭୧

ନୋଟିସ୍

No.- 2228 Dt. 28.08.23

ମାନନୀୟ

ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ଡିଭିଜିନାଲ କୋର୍ଟ ନଂ ୪, ସ୍ଥାନ ସରକାରି ଅଫିସ୍, ୟୁନିଟ- ୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜି- ଖୋର୍ଦ୍ଧା।

ଓ. ଏସ୍. ଏସ୍ କେସ୍ ନଂ- ୧୪୨୫/୨୦୨୨

ଶ୍ରୀ ବେଣୁଧର ପଣ୍ଡା, ବ୫୮ର୍ଷ, ପି-୰ହରିହର ପଣ୍ଡା, ସା-ମିଟୁଆଣି, ପୋ-ବାରବାଟି, ଥା-ଫତେଗଡ,ଜି-ନୟାଗଡ .....ବାଦୀ

ବନାମ

ବନ୍ଦୋବସ୍ତ ଅଧିକାରୀ,ମେଜର ସେଟେଲମେଣ୍ଟ, ସା ଯୋବ୍ରାରୋଡ୍, ପୋ-କଲେଜ ଛକ, ଜି- କଟକ, ଓଗେର .....ପ୍ରତିବାଦୀ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ-୩ ଉତ୍ତମା ପ୍ରହରାଜ, ସ୍ୱା- ବ୍ରହ୍ମାନନ୍ଦ ପ୍ରହରାଜ, ସା- ପ୍ଲଟ ନଂ. ୨୫୯, ଶାସ୍ତ୍ରୀ ନଗର, ଥା- ଖାରବେଳ ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପ୍ରତିବାଦୀ ନଂ.୪ ସୁବାସ ଚନ୍ଦ୍ର ସାମନ୍ତରାୟ, ପି-୰ମୁରଲୀଧର ସାମନ୍ତରାୟ, ପ୍ରତିବାଦୀ ନଂ. ୫- ହାରାମଣି ବେଓ୍ୱା, ସ୍ୱା-୰ମୁରଲୀଧର ସାମନ୍ତରାୟ, ପ୍ରତିବାଦୀ ନଂ. ୬ ଦୁର୍ଗାଚରଣ ସାମନ୍ତରାୟ, ପ୍ରତିବାଦୀ ନଂ. ୭ ଶ୍ରୀମତୀ ପ୍ରେମଲତା ବଳିଆରସିଂ, ଉଭୟଙ୍କ ପି-୰ ଦେବରାଜ ସାମନ୍ତରାୟ, ପ୍ରତିବାଦୀ ନଂ.୮, ବାଉରୀ ବେଓ୍ୱା, ସ୍ୱା-୰ଧରଣୀଧର ହରିଚନ୍ଦନ, ପ୍ରତିବାଦୀ ନଂ.୯ ଲିଙ୍ଗରାଜ ହରିଚନ୍ଦନ, ପ୍ରତିବାଦୀ ନଂ. ୧୦ ସନାତନ ହରିଚନ୍ଦନ, ଉଭୟଙ୍କ ପି-୰ଧରଣୀଧର ହରିଚନ୍ଦନ, ପ୍ରତିବାଦୀ ନଂ.୧୧ ପ୍ରମୋଦ କୁମାର ଲେଙ୍କା, ପି- ବାବାଜି ଚରଣ ଲେଙ୍କା, ପ୍ରତିବାଦୀ କ୍ରମିକ ନଂ ୪ ରୁ ୧୧ ମାନଙ୍କ ସା/ପୋ-ଅନ୍ଧାରୁଆ, ଥା-ଚନ୍ଦକା,ଜି-ଖୋର୍ଦ୍ଧା ।

ନୋଟସ୍ ସି.ପି.ସି. ଅର୍ଡର ୫,ରୁଲ-୨୦ ମୁତାବକ

ଏହିକି ଉପରୋକ୍ତ ମକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ୍ ପ୍ରେରଣ କରିଥିଲେ ମଧ ଆପଣମାନେ ସେଠାରେ ନଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇପାରୁନାହିଁ। ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଏଣୁ ଏ ଓଡିଆ ଖବର କାଗଜ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆସନ୍ତା ତା ୧୮।୦୯।୨୦୨୩ରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣୀରେ ଅଂଶ ଗ୍ରହଣ କରିବେ। ଏଥକୁ ହେଳା କଲେ ଉକ୍ତ ମକଦ୍ଦମାଟି ଏକ ତରଫ ବିଚାର କରାଯିବ।

ବାଦୀଙ୍କ ତଫସିଲ ବୃତ୍ତି

ସାବିକ ମୌଜା- ଅନ୍ଧାରୁଆ, ଥା-ଚନ୍ଦକା, ଜି-ପୁରୀ, ବର୍ତ୍ତମାନ ଖୋର୍ଦ୍ଧା ଖାତା ନଂ. ୨୫୮, ପ୍ଲଟ ନଂ.୨୧୩୩, ରକବା ଏ୦.୦୪୦ଡି.,ଏ୦.୧୫୦ଡି. ସ୍ଥ ଏ୧୧. ୩୭୦ଡି. ସ୍ଥ ଯାହାକି ଦାଖଲ ଖାରଜ ଖାତା ନଂ-୬୨୧/୩୭୪, ପ୍ଲଟ ନଂ.୨୧୩୩/୩୫୧୧, ରକବା ଏ୦.୧୫୦ଡି. ସ୍ଥ ଅଟେ। ଯାହାକି ହାଲ୍ ବନ୍ଦୋବସ୍ତ ରେକର୍ଡ ଅନୁଯାୟୀ ମୌଜା-ଅନ୍ଧାରୁଆ, ତହସିଲ-ଭୁବନେଶ୍ୱର, ଥା-ଚନ୍ଦକା, ଜି: ଖୋର୍ଦ୍ଧା, ଖାତା ନଂ. ୮୩୯, ପ୍ଲଟ ନଂ. ୬୫୪୬ର ରକବା ଏ୦.୧୫୦ଡି. ଅଟେ। ଏଥି ମଧ୍ୟରୁ କ୍ରୟ ହୋଇଥିବା ବୃତ୍ତି ରକବା ଏ୦.୪୦ଡି.(ଉତ୍ତର ପୂର୍ବ ତରଫରୁ)ଏ୦.୧୫୦ଡି. ସ୍ଥ ଅଟେ, ସତ୍ୱ ସ୍ଥିତିବାନ।

ତା

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତ ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା- କୋର୍ଟ ଅଫିସର
ଧ-୧୧୭୨

# ଗହ୍ମାପୂର୍ଣ୍ଣିମା ଓ ଶ୍ରୀବଳରାମ



ରାଖୀ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଆମ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସାରା ଦେଶରେ ଏହିଦିନ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥାଏ। ରାଖୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ସାକ୍ଷୀ। ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷାବନ୍ଧନ ଉତ୍ସବ। ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମଙ୍କ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ। ଗହ୍ମାପୂର୍ଣ୍ଣିମାରେ ଗୋରୁ ଏବଂ ଗୃହପାଳିତ ପ୍ରାଣୀଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି। ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ।

ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବଳରାମ ପିଲାଦିନେ ଗୋପାଳକ ଭାବେ ଜୀବନ ଅତିବାହିତ କରିଥିଲେ। ଆଉ ଯଦୁବଂଶର ଦାୟାଦ ହୋଇଥିଲେ ବି ନନ୍ଦ ରାଜାଙ୍କ ଘରେ ଜନ୍ମ ହୋଇଥିବାରୁ ଦୁଇଟି ପରିବାରର ଅଂଶ ଥିଲେ ବଳରାମ। ଜଣେ ମାତାଙ୍କ ଗର୍ଭରେ ରହିବା ପରେ ଅନ୍ୟ ଜଣେ ମାତାଙ୍କ ଗର୍ଭ ଦେଇ ସଂସାରକୁ ଆସିଥିବାରୁ ସେ ଶଙ୍କର୍ଷଣ ନାମରେ ପରିଚିତ ହୋଇଥିଲେ। ତେବେ ତାଙ୍କର ପିଲାଦିନର ନାମ ଥିଲା ରାମ। ମହାଶକ୍ତିଶାଳୀ ହୋଇଥିବାରୁ ତାଙ୍କ ନାମ ପୂର୍ବରୁ ବଳ ଯୋଡ଼ାଯାଇଥିଲା। ଫଳରେ ସେ ବଳରାମ ନାମରେ ପରିଚିତ ହେଲେ। ନନ୍ଦ ରାଜାଙ୍କ ଆମନ୍ତ୍ରଣ କ୍ରମେ ମୁନି ଗର୍ଗ ନନ୍ଦଗ୍ରାମକୁ ଆସି ଶ୍ରୀକୃଷ୍ଣ ତଥା ବଳରାମଙ୍କ ନାମକରଣ କରିଥିଲେ।

ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କୃଷ୍ଣ ବା କଳା ରଙ୍ଗର ହୋଇଥିବା ବେଳେ ବଳଭଦ୍ର ଥିଲେ ଗୌରବର୍ଣ୍ଣ। ସେଥିପାଇଁ ସର୍ବତ୍ର ବଳରାମଙ୍କ ଗୌରବର୍ଣ୍ଣର ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ବଳରାମ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ସେ ହାତରେ ହଳ ଏବଂ ଗଦା ଧାରଣ କରୁଥିଲେ। ତାଙ୍କ ହଳ ଲଙ୍ଗଳର ନାମ ଥିଲା ବାଲଚିତ୍ର।

ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବଜୀଉ ମନ୍ଦିର। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଏଠାରେ ଶ୍ରୀବଳଦେବଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏଠାରେ ଦେବୀ ତୁଳସୀଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ଶ୍ରୀବଳଦେବଜୀଉ ମନ୍ଦିର ବ୍ୟତୀତ ରାଜଧାନୀ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ପୁରୀ ଶ୍ରୀକ୍ଷେତ୍ରରେ ମଧ୍ୟ ଶ୍ରୀବଳଭଦ୍ରଙ୍କୁ ପୂଜା କରାଯାଇଥାଏ। ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ୍ୟ ବଳଭଦ୍ରଙ୍କୁ ସମର୍ପିତ ମନ୍ଦିର ଦେଖିବାକୁ ମିଳିଥାଏ।

—ଡ.ଅରୁନ୍ଧତୀ ଦେବୀ
ମୋ : ୯୯୩୭୧୭୨୮୧୦

# ଡୋରିରେ ବନ୍ଧା ସମ୍ପର୍କ

**'ରାଖୀ' ଭଉଣୀ-ଭାଇ ସମ୍ପର୍କର ଏକ ନିଆରା ନିଦର୍ଶନ। ଭାଇ ହାତରେ ଭଉଣୀ ସ୍ନେହ ମମତାର ରାଖୀ ବାନ୍ଧୁ ଥିବାବେଳେ ଭାଇ ମଧ୍ୟ ଭଉଣୀ ପ୍ରତି ଥିବା କର୍ତ୍ତବ୍ୟ, ସ୍ନେହ ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ। ଏହି ସୂତାର ଖିଅରେ ଭରି ରହିଥାଏ ପରସ୍ପର ପାଇଁ ଭଲ ପାଇବା ଏବଂ ସ୍ନେହ ସଦିଚ୍ଛା। ଉଭୟଙ୍କ ମଧ୍ୟରେ ଯେତେ ମାନ ଅଭିମାନ ରହିଥିଲେ ସୁଦ୍ଧା ଏହି ଦିନ ସବୁ କିଛି ଭୁଲି ଭାଇ ପାଖକୁ ଭଉଣୀ ଚାଲିଆସେ ରାଖୀ ବାନ୍ଧିବାକୁ। ଏପରି କି ଦୂରରେ ରହୁଥିବା ଭାଇ ପାଖକୁ ରାଖୀ ପଠାଇ ଭଉଣୀ ସମ୍ପର୍କର ଡୋରକୁ ଆହୁରି ମଜଭୁତ କରିଥାଏ ...**

## ମୁଁ ହେଲି ତା'ର ସେକେଣ୍ଡ ମଦର



ମୋ ଭାଇ ସାନ। ଆଉ ମୁଁ ହେଲି ତା'ର ସେକେଣ୍ଡ ମଦର। ତେଣୁ ରାଖୀ ବାନ୍ଧି ମୁଁ କିଛି ଡିମାଣ୍ଡ କରିପାରେନି। ଏଥର ରାଖୀ ବାନ୍ଧିବାକୁ ନେଇ ବିଭିନ୍ନ ଦ୍ୱନ୍ଦ୍ୱ ରହିଛି। ଘରେ ମା' କହିଛନ୍ତି ବୁଧବାର ରାଖୀ ବାନ୍ଧି ହେବନି। ତେଣୁ ମୁଁ ଗୁରୁବାର ସକାଳ ୭ଟା ପୂର୍ବରୁ ଭାଇ ହାତରେ ରାଖୀ ବାନ୍ଧି ଦେବି। ଭଉଣୀ-ଭାଇର ସମ୍ପର୍କ ସବୁବେଳେ ନିଆରା। ଏଥିପାଇଁ କୌଣସି ଦିନକୁ ମୁଁ ବିଶ୍ୱାସ କରେନି। କିନ୍ତୁ ଏହି ପର୍ବରେ ନୂଆ ଡ୍ରେସ୍, ପିଠାପଣା, ଘରେ ଯେଉଁ ମାହୋଲ ସୃଷ୍ଟି ହୁଏ, ତାହା ବହୁତ ଭଲ ଲାଗେ।

—ପ୍ରିୟଙ୍କା ମହାପାତ୍ର, ଅଭିନେତ୍ରୀ

## ସେ ଆସିଲେ ଘରର ମାହୋଲ ବଦଳିଯାଏ



ବାପା, ମା'ଙ୍କ ପରେ ଯଦି କେଉଁ ସମ୍ପର୍କକୁ ଗୁରୁତ୍ୱ ଦିଆଯାଏ ତାହା ହେଲା ଭଉଣୀ, ଭାଇର ସମ୍ପର୍କ। ଏହି ସମ୍ପର୍କକୁ ସବୁବେଳେ ସମ୍ମାନ ଦେବା ଆବଶ୍ୟକ। ବୁଧବାର ରାଖୀ ବନ୍ଧା ହେବନି, ମୋ ଭଉଣୀ ଗୁରୁବାର ଆସି ପହଞ୍ଚିବ, ମୋ ହାତରେ ରାଖୀ ବାନ୍ଧିବାକୁ। ସେ ଆସିଲେ ଘରର ମାହୋଲ ବଦଳିଯାଏ। ସମସ୍ତେ ଖୁବ୍ ମଜାମସ୍ତି କରୁ। ତା'ର ପିଲାଙ୍କ ସହ ସମୟ କାଟିବାକୁ ବି ଭଲ ଲାଗେ। ରାଖୀ ପାଉଣା ସେ ତ ସେମିତି କିଛି ମାଗେନି, ମୁଁ ମୋ ହିସାବରେ କିଛି ଦେଇଦିଏ।

—ପାର୍ଥ ସାରଥି ରାୟ, ଅଭିନେତା

## ଏବେ ମୋ ଭଉଣୀ ରାଖୀ ବାନ୍ଧିବାକୁ ଆସିପାରୁନାହିଁ



ମୋ ଭଉଣୀ ମୋ ହାତରେ ରାଖୀ ବାନ୍ଧିବ, ଏଇ ଦିନଟାକୁ ମୁଁ ଯେମିତି ଅନେଇ ବସିଥାଏ। ଛୋଟ ଥିଲୁ ଘରେ ରହିଲା ବେଳେ ଖୁବ୍ ଜମୁଥିଲା। ସେଦିନ ପାଠପଢ଼ା ବନ୍ଦ। ନୂଆ ଡ୍ରେସ୍ ପିନ୍ଧି, ବଢ଼ିଆ ବଢ଼ିଆ ଖାଇବା ଖାଇ ଆମେ ଦିନଟାକୁ ଖୁବ୍ ଉପଭୋଗ କରୁଥିଲୁ। କିନ୍ତୁ ସମୟ ସହ ସେ ଦିନଗୁଡ଼ାକ ଯେମିତି କୁଆଡ଼େ ପଳାଇଲା। ଦୂରରେ ଥିବାରୁ ଏବେ ମୋ ଭଉଣୀ ରାଖୀ ବାନ୍ଧିବାକୁ ଆସିପାରୁ ନାହିଁ। ପୋଷ୍ଟାଲରେ ପଠାଇ ଦେଉଛି। ମୁଁ ତାକୁ ବହୁତ ମିସ୍ କରେ। ଏଥର ବି କରିବି। ସବୁଥର ରାଖୀରେ ସେ ମୋ ପାଖକୁ ଆସି ପହଞ୍ଚିଲେ ଭଲ ଲାଗନ୍ତା। କିନ୍ତୁ କ'ଣ କରିବା, କାମ ପାଇଁ ମୁଁ ବି ମନକୁ ବୁଝେଇଦିଏ। କିନ୍ତୁ ମୋ ଭଉଣୀକୁ ମୁଁ ବହୁତ ମନେପକାଏ।

—ଚନ୍ଦନ ପତି, ଛାତ୍ର

## ଭାଇକୁ ଚିଡ଼ାଇବାକୁ ଏହିଦିନ ବେଷ୍ଟ



ମୋ ଭାଇକୁ ଚିଡ଼ାଇବାକୁ ରାଖୀ ପୂର୍ଣ୍ଣିମା ଠୁ ଭଲ ଦିନ କିଛି ନାହିଁ। ମୋ ଭାଇ କଞ୍ଜୁସ୍ ମୋତେ କିଛି ଦେଉନି, ଆଉ ସମସ୍ତଙ୍କ ଭାଇଙ୍କୁ ଦେଖି ଭଉଣୀମାନଙ୍କୁ କେତେ କ'ଣ ଦେଉଛନ୍ତି। ମୁଁ ଏମିତି କହି ଭାଇକୁ ବେଳେବେଳେ ଚିଡ଼ାଏ। ହେଲେ ସେ ଛୋଟ ଚକ୍‌ଲେଟ୍ ଦେଲେ ବି ସେଥିରେ ମୋର କାହିଁରେ କେତେ ଖୁସି। ସେ ଏବେ ଚାକିରି କରିନି କେଉଁଠୁ ବା ଆଣିବ। ସେଥିପାଇଁ ମୁଁ ବି ବେଶୀ କିଛି ମାଗେନି। ସେ କିନ୍ତୁ ମୋତେ ବହୁତ ଭଲ ପାଏ। ଆମେ ବହୁତ ଝଗଡ଼ା ଲାଗୁ, ମୁଁ ତାକୁ ସବୁବେଳେ ଗାଳି ଶୁଣାଏ କିନ୍ତୁ ସେ କେବେ ହେଲେ ମୋ ଉପରେ ରାଗେନି କି ଚିଡ଼ିଚିଡ଼୍ ହୁଏନି। ଭଗବାନ୍ ମୋ ଭାଇକୁ ସବୁବେଳେ ଭଲରେ ରଖନ୍ତୁ।

—ପାୟଲ ଭଞ୍ଜ,ଛାତ୍ରୀ

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

ଫୁର୍‌ସତ୍

# ମିସ୍ ଦିଭା ୟୁନିଭର୍ସ ଚଣ୍ଡିଗଡ଼ର 'ଶ୍ୱେତା'



**ମୁମ୍ବାଇ:** ଚଣ୍ଡିଗଡ଼ର ଝିଅ ୨୨ ବର୍ଷୀୟା ଶ୍ୱେତା ଶ୍ରଦ୍ଧା ମିସ୍ ଦିଭା ୟୁନିଭର୍ସ ୨୦୨୩ ବ୍ୟୁଟି ପିଜାଣ୍ଟର ବିଜେତା ହୋଇଛନ୍ତି। ରବିବାର ମୁମ୍ବାଇସ୍ଥିତ ଆୟୋଜିତ ଇଭେଣ୍ଟରେ ଶ୍ୱେତା ଏହି ମୁକୁଟ ଜିତିଛନ୍ତି। ଏହି ପ୍ରତିଯୋଗିତା ଗତବର୍ଷ ନଭେମ୍ବରରେ ଏଲ୍ ସାଲଭାଡରରେ ଆୟୋଜିତ ହୋଇଥିଲା। ଶ୍ୱେତା ଏଥିରେ ୭୨ତମ ମିସ୍ ଦିଭା ୟୁନିଭର୍ସ ଭାବେ ଇଣ୍ଡିଆରୁ ପ୍ରତିନିଧିତ୍ୱ କରୁଥିଲେ। ମିସ୍ ଦିଭା ୟୁନିଭର୍ସ ୨୦୨୨ ମୁକୁଟ ଅଧିକାରୀ ଦିଭିତା ରାଏ ଶ୍ୱେତାଙ୍କୁ ମୁକୁଟ ପିନ୍ଧାଇଥିଲେ। ଇଭେଣ୍ଟରେ ଦିଲ୍ଲୀର ସୋନଲ କୁକକେଜା ମିସ୍ ଦିଭା ସୁପରନ୍ୟାଶନାଲ ୨୦୨୩ ଟାଇଟଲ ଜିତିଥିଲେ। ସୋନଲ ୧୨ତମ ମିସ୍ ଦିଭା ସୁପରନ୍ୟାଶନାଲ ୨୦୨୩ ଭାବେ ଇଣ୍ଡିଆରୁ ପ୍ରତିନିଧିତ୍ୱ କରୁଥିଲେ। ମିସ୍ ଦିଭା ୨୦୨୩ ରନର୍ସ ଅପ୍ ଭାବେ କର୍ଣାଟକର ତ୍ରିଶା ସେଟ୍ଟୀ ମୁକୁଟ ପିନ୍ଧିଥିଲେ। ମା' ଓ ନିଜ ସ୍ୱପ୍ନ ପୂରଣ କରିବାକୁ ଶ୍ୱେତା ୧୬ ବର୍ଷ ବୟସରେ ମୁମ୍ବାଇକୁ ଯାଇଥିଲେ। ସେ ଡିଆଡ଼ି, ଡ୍ୟାନ୍ସ ଦିୱାନେ, ଝଲକ ଦିଖ ଲାଜା ଏବଂ ଡ୍ୟାନ୍ସ ପ୍ଲସ୍ ଭଳି ଶୋ'ରେ ନିଜ ନୃତ୍ୟ ପରିବେଷଣ କରିବା ସହ ଝଲକ ଦିଖ ଲାଜାରେ କୋରିଓଗ୍ରାଫର ଭୂମିକା ତୁଲାଇଥିଲେ। ଶ୍ୱେତାଙ୍କ ମା' ଏକାକୀ ହୋଇଥିବାବେଳେ ସେ ତାଙ୍କ ପାଇଁ ପ୍ରେରଣାଦାୟୀ ଥିଲେ। ଶ୍ୱେତା ଇଭେଣ୍ଟରେ ନିକିତା ମାହିସଲକରଙ୍କ ପ୍ରସ୍ତୁତ ଏକ ସୁନେଲି ରଙ୍ଗର ଗାଉନ ପିନ୍ଧିଥିଲେ।

# ଦେଶର ବିକାଶରେ କ୍ଷୁଦ୍ରଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଦେଶର ବିକାଶରେ କ୍ଷୁଦ୍ରଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଜିଡିପିରେ ଏହାର ଯୋଗଦାନ ମଧ୍ୟ ରହିଥାଏ। ଭାରତରେ କ୍ଷୁଦ୍ରଶିଳ୍ପଗୁଡ଼ିକର ମହତ୍ତ୍ୱ ଏବଂ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୩୦ରେ ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନ କରାଯାଇଥାଏ। ଭାରତର ଅର୍ଥନୀତିର ମୋଟ ଶିଳ୍ପ ମୂଲ୍ୟରେ ୪୦ ପ୍ରତିଶତ ଯୋଗଦାନ କ୍ଷୁଦ୍ରଶିଳ୍ପ ଦେଇଥାଏ। ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନର ଆରମ୍ଭ ୩୦ ଅଗଷ୍ଟ ୨୦୦୦ ଆରମ୍ଭ ହୋଇଥିଲା। ସେତେବେଳେ ଭାରତ ସରକାର ଦେଶର କ୍ଷୁଦ୍ରଶିଳ୍ପ ପାଇଁ ଏକ ବିସ୍ତୃତ ନୀତି ପ୍ୟାକେଜ ପ୍ରସ୍ତୁତ କରିଥିଲେ। କ୍ଷୁଦ୍ର ସ୍କେଲ ଇଣ୍ଡଷ୍ଟ୍ରିଜ ହେଉଛି ସେହି ଶିଳ୍ପ; ଯେଉଁଥିରେ ନିର୍ମାଣ, ଉତ୍ପାଦନ, ପ୍ରଦର୍ଶନ ଏବଂ ସେବା ଏକ କ୍ଷୁଦ୍ର କିମ୍ବା ମାଇକ୍ରୋ ସ୍କେଲରେ

### ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ

କରାଯାଇଥାଏ। କ୍ଷୁଦ୍ରଶିଳ୍ପ ଯନ୍ତ୍ରପାତି, ଉଦ୍ଭିଦ ଏବଂ ଯନ୍ତ୍ରପାତିରେ ଥରେ ବିନିଯୋଗ କରାଯାଇଥାଏ। ଏଥିରେ ୧୦ କୋଟିରୁ କମ୍ ନିବେଶ କରାଯାଇଥାଏ। ଏସବୁ ଶିଳ୍ପର ବାର୍ଷିକ କାରବାର ୫୦ କୋଟିରୁ କମ୍ ରହିଥାଏ।

ଭାରତ ସରକାର କ୍ଷୁଦ୍ରଶିଳ୍ପ ପାଇଁ ଏକ ବିସ୍ତୃତ ନୀତି ପ୍ୟାକେଜ ଘୋଷଣା କରିବା ପରେ କ୍ଷୁଦ୍ରଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା ପ୍ରତିବର୍ଷ ଅଗଷ୍ଟ ୩୦ରେ ଭାରତରେ ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନ କରାଯିବ। ୩୦ ଅଗଷ୍ଟ ୨୦୦୧ରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ପ୍ରଥମ ଥର ପାଇଁ ନୂଆଦିଲ୍ଲୀରେ କ୍ଷୁଦ୍ର ଶିଳ୍ପରେ ଉଦ୍ୟୋଗୀମାନଙ୍କ ପାଇଁ ଏକ ସମ୍ମିଳନୀ ଆୟୋଜନ କରିଥିଲା ଏବଂ ଏହା ସହିତ ଜାତୀୟ ପୁରସ୍କାର ପ୍ରଦାନ ପାଇଁ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

# ଜନ୍ମର ୪୨ ବର୍ଷ ପରେ ମା'-ପୁଅଙ୍କ ଭେଟ

ସାଣ୍ଟିଆଗୋ



ଜଣେ ମହିଳାଙ୍କ ପିଲା ଜନ୍ମ ହେବାର ୪୨ ବର୍ଷ ପରେ ସେ ଯଦି ତାଙ୍କୁ ପାଆନ୍ତି, ତେବେ ତା'ର ଖୁସି କିଛି ଅଲଗା ପ୍ରକାର ହୋଇଥାଏ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଚିଲିର ଭାଲ୍ଡିଭିଆରେ। ମାରିୟା ନାମକ ମହିଳା ଯେତେବେଳେ ତାଙ୍କ ପିଲାଙ୍କୁ ଜନ୍ମ ଦେଇଥିଲେ, ସେତେବେଳେ ସେଠାରେ ଉପସ୍ଥିତ ହସ୍ପିଟାଲ କର୍ମଚାରୀ ପିଲାଟିକୁ ନେଇଗଲେ। ପରେ ସେମାନେ ମହିଳାଙ୍କ ଛୁଆ ମରିଯାଇଥିବା ମିଛ କହିଥିଲେ। ଏବେ ୪ ଦଶକ ପରେ ମା' ପୁଅ ସାମ୍ନାସାମ୍ନି ଭେଟ ହୋଇଛନ୍ତି। ଜିମି ଲେପର୍ଟଥେର୍ଡନ ତାଙ୍କ ମା' ମାରିୟାଙ୍କୁ କୁଣ୍ଢେଇ ୪୨ ବର୍ଷର ଦୁଃଖ ସୁଖରେ ପରିଣତ ହୋଇଥିବା କହିଛନ୍ତି। ଜିମି ତାଙ୍କ ପରିବାରକୁ ଖୋଜିବାକୁ ଏପ୍ରିଲରୁ ଚେଷ୍ଟା କରୁଥିଲେ। ସେ ଏକ ଏନ୍‌ଜିଓର ଖବର ପଢିଲେ, ଯିଏ ପାଳିତ ଶିଶୁମାନଙ୍କୁ ତାଙ୍କ ପରିବାର ସହ ଭେଟ କରିବାରେ ସାହାଯ୍ୟ କରେ। ସେହି ସଂସ୍ଥା ଜାଣିବାକୁ ପାଇଲା ଯେ ଜିମି ଚିଲିର ରାଜଧାନୀ ସାଣ୍ଟିଆଗୋରେ ପ୍ରିମାଚ୍ୟୁୟର ଭାବେ ଜନ୍ମ ହୋଇଥିଲେ। ତାଙ୍କୁ ଇନ୍‌କ୍ୟୁବେଶନରେ ରଖାଯାଇଥିଲା। ହେଲେ ପରେ ମାରିୟାଙ୍କୁ ତାଙ୍କ ପିଲା ମରିଯାଇଥିବା କୁହାଯାଇଥିଲା। ଜିମି ଆମେରିକାରୁ ଏକ ସାକ୍ଷାତ୍କାରରେ କହିଛନ୍ତି, ତାଙ୍କୁ କୁହାଯାଇଥିଲା ଯେ ତାଙ୍କ ପରିବାର ସଦସ୍ୟ ମରି ଯାଇଛନ୍ତି। ହେଲେ କିଛି ମାସ ପୂର୍ବରୁ ସେ ତାଙ୍କ ପରିବାରରେ ମା' ଓ ୪ ଭାଇ ଭଉଣୀ ଥିବା ଜାଣିବାକୁ ପାଇଲେ। ଜିମି ଜଣେ ଓକିଲ ହୋଇଥିବାବେଳେ ସେ ନିଜ ଭଳି ଅନ୍ୟ ଶିଶୁଙ୍କୁ ସାହାଯ୍ୟ କରନ୍ତି। ଏନ୍‌ଜିଓ ମୁତାବକ, ସେ ୧୯୭୦-୮୦ ଦଶକରେ ନିଜ ପରିବାରଠାରୁ ଅଲଗା ହୋଇଥିଲେ। ପୋଲିସ କହିବା ମୁତାବକ, ସେତେବେଳେ ଗରିବ ପରିବାରଙ୍କଠାରୁ ପିଲା ଚୋରି କରିନେଉଥିଲେ। ଯେତେବେଳେ ଜିମିଙ୍କ ଡିଏନ୍‌ଏ ଟେଷ୍ଟ କରାଗଲା, ସେତେବେଳେ ଜଣାପଡିଲା ଯେ ତାଙ୍କ ପରିବାର ଚିଲିରେ ରହୁଛନ୍ତି। ତାଙ୍କୁ ପାଳିତ ଭାବେ ରଖିଥିବା ପରିବାରଙ୍କ ପାଖରେ ମାରିୟାଙ୍କ ଠିକଣା ଥିଲା। ଏହାପରେ ଜିମି ସ୍ତ୍ରୀ ଏବଂ ୨ ଝିଅ ସହିତ ତାଙ୍କ ନିଜ ଘରେ ପହଞ୍ଚିଥିଲେ।

# ଅଭିନୟକୁ ଫେରିଲେ ଆମିର



**ମୁମ୍ବାଇ:** କିଛିଦିନର ବିରତି ପରେ ଅଭିନେତା ଆମିର ଖାନ୍ ତାଙ୍କ ପରବର୍ତ୍ତୀ ଫିଲ୍ମ ପାଇଁ କାମ କରିବାକୁ ଆରମ୍ଭ କରିଛନ୍ତି। ଆମିରଙ୍କ ଫିଲ୍ମ 'ଲାଲ ସିଂ ଚଡ଼ା' ଫ୍ଲପ ପରେ ସେ ଅଭିନୟରୁ ବିରତି ନେଇଥିଲେ। ସେ ଏହି ଅବକାଶ ସମୟରେ ପରିବାର ସହ ସମୟ ବିତାଉଥିଲେ। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି। ଅଭିନେତାଙ୍କ ଆଗାମୀ ଚଳଚ୍ଚିତ୍ର ତାଙ୍କ ହୋମ୍ ପ୍ରଡକ୍ସନରେ ନିର୍ମିତ ହେବ। ଫିଲ୍ମର ଟାଇଟଲ ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିଲେ ମଧ୍ୟ ସେ ଆସନ୍ତା ୨୦୨୪ ଖ୍ରୀଷ୍ଟମାସ ଅର୍ଥାତ୍ ଡିସେମ୍ବର ୨୦ରେ ବଡ଼ ପରଦାକୁ ଫେରିବେ ବୋଲି କହିଛନ୍ତି। ଏ ବାବଦରେ ଆସନ୍ତା ଜାନୁୟାରୀ ୨୦ରେ ଆଉ କିଛି ସୂଚନା ଦେବେ। ଆମିରଙ୍କ ଏହି ଘୋଷଣା ପ୍ରଶଂସକଙ୍କ ମୁହଁରେ ଖୁସି ଆଣିଦେଇଛି। ବର୍ତ୍ତମାନ ସେମାନେ ଅଭିନେତାଙ୍କ ଫିଲ୍ମ ଘୋଷଣାକୁ ନେଇ ଅପେକ୍ଷାରେ ଅଛନ୍ତି। ଫିଲ୍ମ 'ଲାଲ ସିଂ ଚଡ଼ା' ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରି ନ ଥିବାବେଳେ ଆମିର ଓଟିଟିରେ ବହୁତ ପ୍ରଶଂସିତ ହୋଇଥିଲା।


GOVERNMENT OF ODISHA No. O-786

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR

At/P.O.: Nayabazar, Cuttack - 753004, Tel No. 0671-2444488, Email: serw_kpd@yahoo.com

No. Tender Online RCK-31/23 Letter No. 2985 Date: 25.08.2023

e-Procurement NOTICE

1. Name of the work : Tender for the Road works under SACI during 2023-24 in the Dist. of Kendrapara & Jajpur
2. Class of Contractor : As specified in the Column-6 of the Annexure.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-31/23 | 31.08.2023 at 11.30 A.M. | 11.09.2023 to 05.00 P.M. | 11.09.2023 upto 02.00 P.M. | 12.09.2023 at 11.30 A.M. | 15.09.2023 at 11.30 A.M. |

Further details can be seen from the website www.tendersorissa.gov.in.

OIPR-25129/11/0033/2324 Sd./- D.P. Karan, Chief Construction Engineer, Rural Works Circle, Kendrapara-Jajpur



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA

E-mail Id:serwcbaripada@gmail.com, Ph.No.06792-261343/261344, Gangraj, Baripada

Office Order No.3859/Dt.14.08.2023

1st Corrigendum to National Competitive Bidding
e_Procurement Notice No.3731/Road Work Dt.09.08.2023 (NCB No.-299).

**No.O-800:-** Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender online for bidding | | | | Last date & time of seeking tender clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer, Rural Works Circle, Baripada | Road Online N.C.B. No.299 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 14.08.2023 at 10.00 AM | 28.08.2023 At 10.00 AM | 28.08.2023 upto 5.30 PM | 07.09.2023 upto 5.30 PM | 25.08.2023 upto 5.30 PM | 05.09.2023 upto 5.30 PM | 29.08.2023 upto 10.00 AM | 08.09.2023 upto 10.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er. S.K. Raut
Chief Construction Engineer, R.W. CIRCLE, BARIPADA

OIPR-25130/11/0035/2324



GOVERNMENT OF ODISHA No. O-785

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR

At/P.O.: Nayabazar, Cuttack - 753004, Tel No. 0671-2444488, Email: serw_kpd@yahoo.com

No. Tender Online RCK-30/23 Letter No. 2970 Date: 25.08.2023

e-Procurement NOTICE

1. Name of the work : Tender for the building work during 2022-23 in the Dist. of Jajpur
2. Class of Contractor : As specified in the Column-6 of the Annexure.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-29/23 | 01.09.2023 at 11.30 A.M. | 15.09.2023 to 05.00 P.M. | 14.09.2023 upto 04.00 P.M. | 16.09.2023 at 11.30 A.M. | To be Intimated Later |

Further details can be seen from the website www.tendersorissa.gov.in.

OIPR-25129/11/0032/2324 Sd./- D.P. Karan, Chief Construction Engineer, Rural Works Circle, Kendrapara-Jajpur



GOVT. OF ODISHA No. A-487

DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER

DRAINAGE CIRCLE, UNIT - 8, BHUBANESWAR - 751012

E-PROCUREMENT NOTICE No. ACEDC-BBSR-01/2023-24

email Id: sedrainagebbsr12@gmail.com

| | | | |
|---|---|---|---|
| 1. | Name of Works | : | Dredging of Luna River from RD 34.30 Km. to 27.50 Km. under DIP (Excavation from RD 34.30 Km. to 33.30 Km.), Doab - VII |
| 2. | Nature of Work | : | Dredging and Excavation Work |
| 3. | Total Number of Pacakges | : | 1 No. Package |
| 4. | Estimated Cost | : | Rs.7,27,59,744.00 |
| 5. | Bid Identification No. | : | ACEDC-BBSR/DD-PURI-01/2023-24 |
| 6. | Period of Completion | : | 11 (Eleven) Calendar Months |
| 7. | Availability of Tender Online | : | 01.09.2023, 11.00 hours to 22.09.2023, 17.00 hours |
| 8. | Date of Opening of Technical Bid | : | 25.09.2023 at 11.30 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar |
| 9. | Class of Contractor | : | A and Special Class |
| 10. | Bid Security | : | Rs.7,27,598.00 |
| 11. | Cost of Tender Paper | : | Rs.10,000/- |
| 12. | Procurement Officer | : | Additional Chief Engineer, Drainage Circle, Unit - 8, Bhubaneswar - 751012 |

Further details can be seen from the Govt. website **www.tendersorissa.gov.in**. Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in**.

Sd./- Additional Chief Engineer
Drainage Circle, Bhubaneswar

OIPR-32375/11/0001/2324



OFFICE OF THE DISTRICT COLLECTOR, NAYAGARH
(EXCISE SECTION)

NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT

No.1460/Ex., Dated 25.08.2023

**No.F-117:**Applications are invited for settlement of 01 (One) number of Country Liquor Shops of Nayagarh District for the year 2023-24 onwards by way of lottery. The persons interested to participate may apply online in "Form-B" through the portal http://stateexcise.odisha.gov.in from 25.08.2023 to 07.09.2023 (05.00 P.M.). Lottery will be held on 15.09.2023 at Conference Hall of Collectorate, Nayagarh from 11.00 A.M. onwards.

The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.

Sd./- Collector, Nayagarh

OIPR-24009/11/0005/2324



ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ମଙ୍ଗଳବାର ଅନୁଷ୍ଠିତ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ କ୍ରୀଡ଼ାବିତ୍ ଓ ଅନ୍ୟମାନେ।

## ଜେଏମ୍ ସ୍ପୋର୍ଟ୍ସରେ କ୍ରୀଡ଼ା ଦିବସ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ସମେଇଗାଡିଆ ସ୍ଥିତ ଜେମ୍ ସ୍ପୋର୍ଟସ ଏକାଡେମୀ ରେ ପାଳିତ ହୋଇଯାଇଛି ଜାତୀୟ କ୍ରୀଡା ଦିବସ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ସମ୍ମାନୀୟ ଅତିଥି ଭାବେ ଅନୁପ କୁମାର ଖୁଣ୍ଟିଆ ଯୋଗ ଦେଇ ଥିଲେ। ଏକାଡ଼େମୀର ଅଧକ୍ଷା ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇ ଥିଲା। ଏଥିରେ ଏକାଡେମୀର ପିଲାମାନଙ୍କ ସହିତ ଅନ୍ୟାନ୍ୟ ଉପସ୍ଥିତ ସଦସ୍ୟ ମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଯଶୋବନ୍ତ ଦାସ, ପୃଷ୍ଠପୋଷକ ଅତିସ କୁମାର ରାଉତ, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ଆଦି ଉପସ୍ଥିତ ରହି କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିଥିବା ବେଳେ ଆଇନ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପିଲାମାନଙ୍କ ଗହଣରେ ଅତିଥି ଓ କର୍ମକର୍ତ୍ତା।

# ସ୍ୱସ୍ତି ସିଂଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

- ସାହସିକତା ପାଇଁ ସରୋଜ କୁମାର ଦାସ, ସୁଦର୍ଶନ ସ୍ୱାଇଁ ପୁରସ୍କୃତ
- ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ଓଡ଼ିଶା ପୋଲିସ ସମ୍ମାନିତ
- ୩୮୮ ଆଥଲେଟ୍‌ଙ୍କୁ ୨, ୦୨, ୩୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର

ଭୁବନେଶ୍ୱର, ୨୯।୮
(ତପନ ସ୍ୱାଇଁ)

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ତାରକା ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚଳିତ ବର୍ଷର ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ହକି କୋଚ୍ ପିଟର ତିର୍କୀ ଓ ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ତଥା କୋଚ୍ ରାଜେନ୍ଦ୍ର ପ୍ରସାଦ ସିଂ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଶ୍ରେଷ୍ଠ କୋଚ୍ ଏବଂ କ୍ରୀଡ଼ା ଖବରଦାତା ଭାବେ ଯଥାକ୍ରମେ ପ୍ରଦୀପ କୁମାର ଷଡ଼ଙ୍ଗୀ ଓ ଅଜୟ ଦାସ ପୁରସ୍କୃତ ହୋଇଛନ୍ତି। ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ଓଡ଼ିଶା ପୋଲିସକୁ ପୁରସ୍କୃତ କରାଯାଇଛି। ପୋଲିସ ଡିଜି ସୁନୀଲ ବଂଶଲ ଓ ଏଡିଜି ଆର.କେ. ଶର୍ମା ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା ମାନଚିତ୍ରରେ ରାଜ୍ୟକୁ ଆଗେଇ ନେଉଥିବା ଆଥ୍‌ଲେଟ, କୋଚ୍ ଓ ବ୍ୟକ୍ତି ବିଶେଷଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ପାରା ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ସବିତା ଟପ୍ପୋ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ। ସମସ୍ତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସ୍ପୋର୍ଟିଂ ଇକୋ ସିଷ୍ଟମ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ବ୍ରିଗେଡିୟର ବିଭୁ ଭୂଷଣ ନାୟକଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସାହସିକତା ପାଇଁ ସ୍ୱର୍ଗତ ସରୋଜ କୁମାର ଦାସ ଓ ସୁଦର୍ଶନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ପରିବାରବର୍ଗ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୩୮୮ ଆଥ୍‌ଲେଟଙ୍କୁ ୨,୦୨,୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉତ୍ସବରେ ଅନେକ କ୍ରୀଡ଼ାବିତ୍, କ୍ରୀଡ଼ା ଖବରଦାତା, ଯୁବ ଖେଳାଳି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀଉପସ୍ଥିତ ଥିଲେ।



ସ୍ୱସ୍ତି ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## 'ସମସ୍ତଙ୍କ ପାଇଁ କ୍ରୀଡ଼ା' କାର୍ଯ୍ୟକ୍ରମ ଆରମ୍ଭ

### ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୮
(ତପନ ସ୍ୱାଇଁ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର କିଟ୍ ଓ କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ କ୍ରୀଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲ୍ଲୀପ ତିର୍କୀ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ପାରାଲିମ୍ପିଆନ ତଥା ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍ ପ୍ରମୋଦ ଭଗତ, କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଭାରତର କ୍ରୀଡ଼ା ଗୌରବ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରି ଭଗତ କହିଲେ, ପରିଶ୍ରମ ଓ ନିଷ୍ଠା ହିଁ ଧ୍ୟାନଚାନ୍ଦଙ୍କୁ ପରିଚୟ ଦେଇଥିଲା। ସେ କ୍ରୀଡ଼ା ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେବା ଓ ଉତ୍ସାହ ପ୍ରଦାନ କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଚ୍ୟୁତ କହିଥିଲେ ଯେ, ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତର ସହ ଖେଳ ଜାରି ରଖିଲେ ଦିନେ ନା ଦିନେ ସଫଳତା ମିଳିବ। କିଟ୍ ଓ କିସରେ ଥିବା ବ୍ୟାପକ କ୍ରୀଡ଼ା ଭିତ୍ତିଭୂମିର ସୁବିନିଯୋଗ କରି ବିଭିନ୍ନ କ୍ରୀଡ଼ାରେ ଦେଶ ଓ ରାଜ୍ୟକୁ ଗୌରବ ଆଣିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍‌ରୁ ୧୦ରୁ ୧୨ କ୍ରୀଡ଼ାବିତ୍ କିପରି ୨୦୨୮ ଅଲିମ୍ପିକ୍ସରେ ଭାଗନେବେ ସେଥିପାଇଁ ତାଙ୍କର ସ୍ୱପ୍ନ ରହିଛି। ଏହି ଅବସରରେ କିଟ୍ ଓ କିସ୍ କ୍ରୀଡା ଏକାଡେମୀ ଓ ପ୍ରମୋଦ ଭଗତଙ୍କ ନାମରେ ନାମିତ ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟିତ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାପକ ପଦକ୍ଷେପ ହାତକୁ ନେଉଥିବାରୁ ସେଥିରେ ଅନୁପ୍ରାଣିତ ହୋଇ ଉପଯୁକ୍ତ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅଚ୍ୟୁତ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଦେଶରେ ଅନେକ କ୍ରୀଡ଼ା ପ୍ରତିଭା ଥିଲେ ମଧ୍ୟ ସେମାନଙ୍କୁ ସୁଯୋଗର ଅଭାବ ରହିଛି। କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମାନର କ୍ରୀଡ଼ା ଭିତ୍ତିଭୂମି ଥିବାରୁ ସେଠାରେ ସେହି ପ୍ରତିଭାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧୩ଟି ବିଭାଗରେ ପିଲାଙ୍କୁ ନିଆଯିବ ଓ ପ୍ରତି ବିଭାଗରେ ୧୦୦ ଲେଖାଏ ପିଲା ଚୟନ ହେବେ। ପ୍ରତିଭାଧାରୀ ପିଲାଙ୍କୁ ଶିକ୍ଷା ସହ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ଆଣିବା ଲାଗି ତାଲିମ ଓ ଅନ୍ୟାନ୍ୟ ସୁଯୋଗ ଦିଆଯିବ। ମୋଟ ୧୭ଟି ବିଭିନ୍ନ ବିଭାଗରେ ପିଲାଙ୍କୁ ନିଆଯିବାର ଯୋଜନା ରହିଛି।



ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।



କଟକ ଡ୍ରିମ୍ସରେ ଜାତୀୟ କ୍ରୀଡ଼ା ଦିବସ।


କଟକ ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମ।

## କ୍ରୀଡ଼ାବିତ୍, ଖବରଦାତା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯।୮
(ବିଜୟ ରଣା)


ଅତିଥିଙ୍କ ସହ ପୁରସ୍କୃତ ଖବରଦାତା ଓ କ୍ରୀଡ଼ାବିତ୍।

### ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ

ସାମରିକ କଳା ଓ ଶକ୍ତି ଭିତ୍ତିକ ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ କରାଟେ ସ୍କୁଲର ୪୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅନ୍ତର୍ଜାତୀୟସ୍ତରରେ ପଦକ ହାସଲ କରିଥିବା ସ୍କୁଲର ୧୪ଜଣ କ୍ରୀଡ଼ାବିତ୍ ଏବଂ ପ୍ରତିବର୍ଷ ଭଳି ୫ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଦୁର୍ଗାଶିଷ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡ଼ାବିତ୍ ଭାଲେନା ଭାଲେଣ୍ଟିନା, ରାନୁ ମହାନ୍ତି, ପ୍ରଦୀପ କୁମାର ପାତ୍ର, ଦିଲୀପ କୁମାର ଜେନା, ପାୟଲ ବରାଳ, ସମରେନ୍ଦ୍ର ରାଉତରାୟ, ଅନୁପମା ସ୍ୱାଇଁ, ଅଭିଷେକ ପଟ୍ଟନାୟକ, ଉଦିତ ଉଦ୍ୟମ, ସ୍ୱାଗତିକା ସାହୁ, ପ୍ରିୟଦର୍ଶିନୀ ଘଟୁଆରୀ, ମଧୁପ୍ରିୟା ବାଇ, ବ୍ରତତି ବିଶ୍ୱରୂପା ପତି ଓ ଚିନ୍ମୟୀ ଭୂୟାଁ ଏବଂ କ୍ରୀଡ଼ା ଖବରଦାତା ମଳୟ ନାୟକ, ହରିପ୍ରସାଦ ଭାରତୀ, ତନ୍ମୟ ଦାସ, ମହମ୍ମଦ ଅବ୍‌ଦୁଲ ଅଜିଜ ଓ ଅସିତ କୁମାର ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ କରାଟେ, ବେଞ୍ଚପ୍ରେସ୍, ଓ କମ୍ବାଟ ଶୁଟିଂ ଅନୁଷ୍ଠିତ ହୋଇଥିଲା। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ସଦସ୍ୟ, ହିମାଂଶୁ ଦାସ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଜୟଦେବ ପଟ୍ଟନାୟକ, ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ପୀୟୂଷ ମହାନ୍ତି, ରାଜୀବ ସିଂ, ଦୀପକ ସାମନ୍ତରାୟ, କାଳିପ୍ରସାଦ ନନ୍ଦ ସନତ୍ ନାୟକ, ରାକେଶ ମହାନ୍ତି, ବିଜୟ ସାମଲ, ସଞ୍ଜୟ ଦାସ ଏବଂ ମହେଶ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଆରମ୍ଭ

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୨ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ, ୟୁନିଟ-୬ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ସେନାପତି, ୟୁନିଟ-୬ ଆଲୁମିନି ଟ୍ରଷ୍ଟର ସଭାପତି ସୂର୍ଯ୍ୟ ନାରାୟଣ ଦାସ, ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ, ଉପସଭାପତି ଅକ୍ଷୟ କୁମାର ଦାସ, ହୃଦୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ମୋଟ ୨୧ଟି ସ୍କୁଲ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ୟୁନିଟ-୬ ସରକାରୀ ବାଳକ ବିଦ୍ୟାଳୟ ୫-୦ ଗୋଲରେ ସେଣ୍ଟ ଜାଭିଅର କେଦାରଗୌରୀକୁ ପରାସ୍ତ କରିଥିଲା। ବିଜୟୀ ଦଳର ଅଭିଷେକ ଦିଗଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ସେଣ୍ଟ ଜାଭିଅରର ସିଦ୍ଧି ନାରାୟଣ ପାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରେଫରି ଚନ୍ଦ୍ରକାନ୍ତ ବାରିକ, ଶେଖାଓ୍ୱତ ଖାଁ, ଅମିତ ନାୟକ, ଶିବ ଦେହୁରୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପ୍ରତିଯୋଗିତାକୁ ଭଣ୍ଡୁର କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ୟମ କରୁଛନ୍ତି ବୋଲି ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଏହା ଏକ ହୀନ ଚକ୍ରାନ୍ତ ବୋଲି ସେ କହିଛନ୍ତି।


ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

## ଅଧିକ ଅମଳକ୍ଷମ ଟମାଟୋ ବିହନ

**ଏ**ବେଠାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ଟମାଟୋ ଲଗାଇ ପାରିବେ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର, ମାଧୁରୀ,ମହାରଥି,ମର୍ଣ୍ଣସନ୍,ରଶ୍ମି,ନବୀନ



ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବପିଡିଆ ବ୍ୟବହାର କରନ୍ତୁ।

## ଡାଲିଜାତୀୟ ବିହନ ବିଶୋଧନ

**ଏ**କ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦



ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଙ୍ଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

# ଢିପ ଜମିରେ ଧାନ ଅମଳ

**ସେପ୍ଟେମ୍ବର ମାସ କୃଷି ସୂଚନା**



**ଢି**ପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡ଼ା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାବ୍ୟତୀତ ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍.ସି. ୦.୫ ମି.ଲି./ଲିଟର ପାଣିରେ ଗୋଳାଇ ପ୍ରୟୋଗ କରନ୍ତୁ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଏଥିରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ତୈଳବୀଜ :** ଉପକୂଳବର୍ତ୍ତୀ ଜିଲାମାନଙ୍କରେ ତୋରିଆ ଜାତୀୟ ସୋରିଷ ଚାଷପାଇଁ ସେପ୍ଟେମ୍ବର ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

**ଫଳଚାଷ :** ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡ଼ୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡାକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁସବୁ କାଟି ଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ପ୍ରାଣୀଙ୍କୁ ପ୍ରତିଷେଧକ ଟିକା



ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଏମାନଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁଁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

## ପନିପରିବା ଚାଷ



**ଶୀ**ତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ। (ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ । ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ । ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମ ଗୁଡ଼ିକ ହେଲା -

**ମୂଳା :** ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ।

**ଫୁଲକୋବି:** ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍।

**ବନ୍ଧାକୋବି :** ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା।

**ଟମାଟୋ :** ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ।

**ବିନ୍ :** ଆର୍କାକୋମଲ, ଆର୍କାସୁବିଧା। ବଜାରରେ ମିଳୁଥିବା ସଙ୍କର କିସମ ବିହନ ମଧ୍ୟ ଚାଷ କରାଯାଇପାରିବ। ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ । ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ। କାଣ୍ଡ ଓ ଫଳପଚା ରୋଗ ଲାଗିଥିଲେ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ବା କପର ହାଇଡ୍ରୋକ୍ସାଇଡ୍ କିମ୍ବା ୦.୫% ବୋର୍ଡ଼ାକ୍ସ ମିକ୍ସଚର (୫:୫:୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୨ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ ।

## ସେବତୀ ଫୁଲଚାରା ଲଗାଉଥିଲେ...



**ବ**ର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

## ଆଖୁ ଚାଷରେ ପୋକ ନିୟନ୍ତ୍ରଣ

**ଆଖୁ** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଗୋ-ପୂଜନ



ଡାଃ. ବୀର କିଶୋର ପରିଡ଼ା

**ଗ**ହ୍ମାପୂର୍ଣ୍ଣିମା ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଏକ ମହାନ୍ ତଥା ପବିତ୍ର କୃଷିଭିତ୍ତିକ ପର୍ବ। ଚଳିତ ବର୍ଷ ଅଗଷ୍ଟ ୩୦ ତାରିଖ ଅର୍ଥାତ୍ ଆଜି ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଅଛି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ । ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ । ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହା ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା - ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମ ତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି। ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୂନେଇଁ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ । କୃଷକ ପରିବାର ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ମହାନ କୃଷିଭିତ୍ତିକ ପର୍ବ। ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦମାନଙ୍କୁ ରଙ୍ଗିନ ବେଶରେ ସୁସଜ୍ଜିତ କରାଯାଇ 'ଗୋ-ଲକ୍ଷ୍ମୀ' ଭାବେ ପୂଜା କରାଯିବାର ବିଧି ରହି ଆସିଛି । ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦକୁ ବିଶ୍ରାମ ଦିଆଯାଇଥାଏ ।

ଗହ୍ମା ପୂର୍ଣ୍ଣିମାରେ ମଧ୍ୟ ଗୋ-ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ । ଗୋମାତା ହେଉଛି ଆମର ମା' । ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ । ଆମ ଭାରତ ଭଳି ଦେଶରେ କୃଷକମାନଙ୍କ ମେରୁଦଣ୍ଡ ସଦୃଶ ହେଉଛି ବଳଦ । ବଳଦ କୃଷକ ପରିବାରର ସକଳ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ବଳଦକୁ ଅତି ସମ୍ମାନର ସହିତ ପୂଜା କରାଯାଏ । ଗୋମାତା ବା ବଳଦ ସହିତ କୃଷିର ସ୍ରଷ୍ଟା ବଳଦେବଙ୍କୁ ପୂଜା କରିବାର ବିଧାନ ରହିଆସିଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳରାମ ହେଉଛନ୍ତି ହଳ ଲଙ୍ଗଳର ସ୍ରଷ୍ଟା ଏବଂ ଲୋକମାନଙ୍କୁ ଲଙ୍ଗଳ ଦ୍ୱାରା ଚାଷ ପ୍ରଣାଳୀ ଦେଖାଇଥିଲେ । ତେଣୁ ବଳଦ ହେଉଛି ତାଙ୍କର ଚଳନ୍ତିଯାନ ଏବଂ ଲଙ୍ଗଳ ହେଉଛି ତାଙ୍କର ମୁଖ୍ୟ ଆୟୁଧ ବା ଅସ୍ତ୍ର । ଏହି କାରଣରୁ ଏହି ପର୍ବର ଅନ୍ୟନାମ ହେଉଛି ବଳଦେବ ପୂଜା ବା ବଳଦେବ ଜୟନ୍ତୀ ।



ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ। କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମହି, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅଭିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି । ଗୋରୁଙ୍କ ଶିଙ୍ଗରେ ତେଲ ମରାଯାଏ । ଏଥିସହିତ ଗୋମାତା ବା ବଳଦଙ୍କୁ ରାଖୀ ପିନ୍ଧା ଯାଇଥାଏ । ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋ-ପୂଜନ କରିଥାନ୍ତି, ଯେଉଁଥିପାଇଁ ବ୍ରାହ୍ମଣଙ୍କର ଆବଶ୍ୟକତା ନ ଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା - ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି। ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କର ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି ।

-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସଂପଦ ବିକାଶ ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୦/୨୦୨୩ Bhubaneswar, Wednesday, August 30/ 2023

# ଭାରତ, ପାକିସ୍ତାନ ମ୍ୟାଚ୍‌କୁ ନେଇ ଉତ୍କଣ୍ଠା

କଲମ୍ବୋ,୨୯।୮(ପି.ଟି.)

ବହୁ ପ୍ରତୀକ୍ଷିତ ଏସିଆ କପ୍ କ୍ରିକେଟ୍ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ଏହାକୁ ପ୍ରସ୍ତୁତିର ସିରିଜ୍ ଭାବରେ ବିବେଚନା କରାଯାଉଛି। ତେବେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଫ୍ୟାନଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଅତିକମ୍‌ରେ ୩ଟି ଭାରତ ପାକିସ୍ତାନ ମ୍ୟାଚ୍ ଦେଖିବାକୁ ମିଳିବ। ମୁଲତାନରେ ବୁଧବାର ଠାରୁ ଷଡରାଷ୍ଟ୍ରୀୟ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଖେଳାଯିବ। ନେପାଳ ବିପକ୍ଷରେ ଆୟୋଜକ ପାକିସ୍ତାନ ପ୍ରଥମ ମ୍ୟାଚ୍ ଖେଳିବ। ବିଗତ କିଛି ବର୍ଷ ଧରି ଏସିଆ କପକୁ ଏତେଟା ଗୁରୁତ୍ୱ ପ୍ରଦାନ କରା ଯାଉ ନ ଥିଲା। ତେବେ ଦିନିକିଆ ବିଶ୍ୱକପକୁ ମାସେରୁ କମ ସମୟ ରହିଥିବା ବେଳେ ଏହି ଟୁର୍ନାମେଣ୍ଟର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି। କେବଳ ନେପାଳକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କ ପାଇଁ ଏହି ଟୁର୍ନାମେଣ୍ଟ ଉନ୍ମୁକ୍ତ। ଭାରତ ଓ ପାକିସ୍ତାନ ସହିତ ନେପାଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଅନ୍ୟ ଗ୍ରୁପ୍‌ରେ ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ରହିଛନ୍ତି।

୭ ଥର ଚାମ୍ପିୟନ ଭାରତ ଅଷ୍ଟମ ଥର ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଗ୍ରୁପ୍ ଏରେ ଦଳ ସ୍ଥାନ ପାଇଥିବା ବେଳେ ଏହାର ସୁପର-୪ ପ୍ରବେଶ ନିଶ୍ଚିତ। ଗ୍ରୁପ୍ ଷ୍ଟେଜରେ ଦଳ ପାକିସ୍ତାନ ସହିତ ଥରୁଟିଏ ଖେଳିବା ସ୍ପଷ୍ଟ ହୋଇଥିବା ବେଳେ ସୁପର୍-୪ରେ ମଧ୍ୟ ଖେଳିବାର ସମ୍ଭାବନା ଅଧିକ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଯଦି ଫାଇନଲରେ ପ୍ରବେଶ କରନ୍ତି ଆଉଥରେ ଏକ ରୋଚକ ମ୍ୟାଚ ଦେଖିବାକୁ ମିଳିବ। ପ୍ରଥମ ମ୍ୟାଚରେ ପାକିସ୍ତାନ ଫେଭରିଟ୍ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ସେପ୍ଟେମ୍ବର ୨ ତାରିଖରେ ଖେଳାଯିବ। ଭାରତୀୟ ଦଳ ପାକିସ୍ତାନ ଯିବାକୁ ରାଜି ନ ହେବାରୁ ଟୁର୍ନାମେଣ୍ଟଟି ହାଇବ୍ରିଡ୍ ମୋଡରେ ଖେଳା ଯାଉଛି। ପାକିସ୍ତାନରେ ୪ ମ୍ୟାଚ ଖେଳଯିବାକୁ ଥିବା ବେଳେ ଫାଇନାଲକୁ ମିଶାଇ ୯ଟି ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ। ସେହିପରି ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଟାଇଟଲ ଜିତି ନଥିବା ଭାରତୀୟ ଦଳ ଏହାର ଟାଇଟଲ ମରୁଡି ଶେଷ କରିବାକୁ ପ୍ରୟାସ କରିବ। ଲୋକେଶ ରାହୁଲ ଅନଫିଟ୍ ଥିବା ବେଳେ ପାକିସ୍ତାନ ବିପକ୍ଷ ମ୍ୟାଚରେ ଶ୍ରେୟସ୍ ଆୟର ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।


ବେଙ୍ଗାଲୁରୁରେ ଏସିଆ କପ୍ ପାଇଁ ଅଭ୍ୟାସ ଅବସରରେ ଭାରତୀୟ କ୍ରିକେଟ ଦଳ।

**ଆଜିଠୁ ଏସିଆ କପ୍ କ୍ରିକେଟ୍**

ପାକିସ୍ତାନ ବନାମ ନେପାଳ
ମ୍ୟାଚ୍ ସ୍ଥାନ: ମୁଲତାନ,
ସମୟ: ଅପରାହ୍ଣ ୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ରଣୟଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ

ନୂଆଦିଲ୍ଲୀ, ୨୯।୮ (ପି.ଟି.)




ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇବା ପରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ମଙ୍ଗଳବାର ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ ତାଲିକାରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ୩୧ ବର୍ଷୀୟ କେରଳର ଏହି ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ପ୍ରଥମ ବ୍ରୋଞ୍ଜ ପଦକ ହାସଲ ପଥରେ ବିଶ୍ୱର ନମ୍ବର ୱାନ ଓ ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନଙ୍କୁ ହରାଇ ଦେଇଥିଲେ। ଫଳରେ ସେ ୭୨୪୩୭ ପଏଣ୍ଟ ସହ ୩ ସ୍ଥାନ ଉପରକୁ ଉଠିପାରିଛନ୍ତି। ଗତବର୍ଷ ଡିସେମ୍ବରଠାରୁ ସେ କେବଳ ଏକମାତ୍ର ଭାରତୀୟ ଭାବେ ଟପ୍ ୧୦ରେ ତାଙ୍କ ସ୍ଥାନ ବଜାୟ ରଖିପାରିଛନ୍ତି। ଏହି ସମୟ ମଧ୍ୟରେ ସେ ସୁପର-୫୦୦ ମାଲେସିଆ ମାଷ୍ଟର୍ସ ଜିତିଥିବା ବେଳେ ନିକଟରେ ଅଷ୍ଟ୍ରେଲିଆନ ଓପନରେ ରନରଅପ୍ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଲକ୍ଷ୍ୟ ସେନ୍ ଗୋଟିଏ ସ୍ଥାନ ତଳକୁ ଖସି ଆସିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୧୨ ନମ୍ବର ଖେଳାଳି ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ମଧ୍ୟ କିଦାମ୍ବି ଶ୍ରୀକାନ୍ତ ୨୦ତମ ସ୍ଥାନ ବଜାୟ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ଅଛନ୍ତି। ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ବିଶ୍ୱର ନମ୍ବର ୨ ର୍‍ୟାଙ୍କିଙ୍ଗ ବଜାୟ ରଖିପାରିଛନ୍ତି। ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ବିଶ୍ୱ ର୍‍ୟାଙ୍କିଙ୍ଗରେ ଦୁଇସ୍ଥାନ ପଦୋନ୍ନତି ସହ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଯୋଡ଼ି ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ। ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେମାନେ ଚାଇନାର ଚେନ୍ କ୍ୱିନ୍ ଚେନ୍ ଓ ଜିଆ ୟି ଫାନ୍‌ଙ୍କଠାରୁ ହାରିଯାଇଥିଲେ, ଯେଉଁ ଯୋଡ଼ି ଶେଷରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା।

# ପ୍ରଥମ ଦୁଇ ମ୍ୟାଚ୍‌ରୁ ରାହୁଲ ବାଦ୍

ବେଙ୍ଗାଲୁରୁ,୨୯।୮(ପି.ଟି.)

ଏସିଆ କପ୍ କ୍ରିକେଟ ୨୦୨୩ର ପ୍ରଥମ ଦୁଇ ମ୍ୟାଚ୍‌ରୁ ବାଦ ପଡିଛନ୍ତି ଲୋକେଶ ରାହୁଲ। ମଙ୍ଗଳବାର ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାହୁଲଙ୍କ ନିଗଲ ସମସ୍ୟା କାରଣରୁ ପ୍ରଥମ ଦୁଇ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରୁ ବାଦ ପଡିବେ। ପାକିସ୍ତାନ ଓ ନେପାଳ ବିପକ୍ଷରେ ଭାରତ ଏହାର ପ୍ରଥମ ଦୁଇ ମ୍ୟାଚ୍ ଖେଳିବ। ଚଳିତ ସପ୍ତାହରେ ଭାରତୀୟ ଦଳର ଏକ କ୍ୟାମ୍ପ ବେଙ୍ଗାଲୁରୁରେ ଆୟୋଜିତ ହୋଇ ଯାଇଛି। ଲୋକେଶ ରାହୁଲ ଏହି କ୍ୟାମ୍ପର ସଦସ୍ୟ ରହିଥିବା ବେଳେ ଭାରତୀୟ ଦଳ ସହିତ ଅଭ୍ୟାସ ମଧ୍ୟ କରିଥିଲେ। ତେବେ କାଣ୍ଡିରେ ଖେଳାଯିବାକୁ ଥିବା ଗ୍ରୁପ୍ ପର୍ଯ୍ୟାୟ ପାଇଁ ସେ ଫିଟ୍ ନ ଥିବାରୁ ତାଙ୍କୁ ପ୍ରଥମ ଦୁଇ ମ୍ୟାଚରୁ ବାଦ ଦିଆଯାଇଛି। ତେବେ ରାହୁଲ ଭାରତୀୟ ଦଳ ସହିତ ଶ୍ରୀଲଙ୍କା ଗସ୍ତ କରିବେ ନାହିଁ। ଏନ୍‌ସିଏରେ ତାଙ୍କର ରିହାବ୍ ଜାରି ରହିବ। ସେପ୍ଟେମ୍ବର ୪ ତାରିଖରେ ପୁନଃ ପରୀକ୍ଷଣ ପରେ ରାହୁଲ ଶ୍ରୀଲଙ୍କା ଯିବେ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ଦ୍ରାବିଡ୍ ସୂଚନା ଦେଇଛନ୍ତି।

**ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ସ୍ଥଗିତ ମାମଲା**

# ହସ୍ତକ୍ଷେପ ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୮(ପି.ଟି.)

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ସ୍ଥଗିତ ମାମଲାରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ କୋର୍ଟ ମନା କରି ଦେଇଛନ୍ତି। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ବନ୍ଦ ରଖିବା ପାଇଁ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ କୌଣସି ନିଷ୍ପତ୍ତି ନେବାକୁ କୋର୍ଟ ମଙ୍ଗଳବାର ମନା କରି ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ଆମେଚର ରେସଲିଂ ଆସୋସିଏଶନ ଏକ ଯାଚିକା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଏହି ମାମଲାରେ ଯାହାବି ଅଭିଯୋଗ ରହିଛି ପ୍ରଥମେ ହାଇକୋର୍ଟଙ୍କ ନିକଟରେ ଦାଖଲ କରନ୍ତୁ। ଏପରି ଯାଚିକାର ଶୁଣାଣି କରିବାକୁ ନେଇ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଥିଲେ। ନିର୍ବାଚନ ବନ୍ଦ ରଖିବା ନିଷ୍ପତ୍ତି ଉପରେ ରୋକ ଲଗାଇବା ପାଇଁ ଆପଣଙ୍କୁ ପ୍ରଥମେ ହାଇକୋର୍ଟରେ ଏକ ପକ୍ଷ ହୋଇ ମାମଲା ଲଢିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଯଦି ମାମଲା ଦାଏର କରାଯାଏ ତେବେ ଆନ୍ଧ୍ରପ୍ରଦେଶ ସଂଘକୁ ଏକ ପକ୍ଷ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଖଣ୍ଡପୀଠ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ ଆର. ଭେଙ୍କଟରମଣୀ ଏହି ମାମଲାରେ ହାଜର ହୋଇଥିଲେ। ଅଭିଯୋଗକାରୀ ପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହୋଇ ସିଧାସଳଖ ଭାବରେ ସୁପ୍ରିମକୋର୍ଟଙ୍କ ପାଖକୁ ଆସିଛନ୍ତି ବୋଲି ଆର୍ଟର୍ନି ଜେନେରାଲ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଠିକଣା ସମୟରେ ନିର୍ବାଚନ ନ କରିପାରିଥିବାରୁ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ପକ୍ଷରୁ ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରାଯାଇଥିଲା। ନିର୍ବାଚନ ପାଇଁ ଭାରତୀୟ ଅଲିମ୍ପିକ୍ସ ମହାସଂଘ ପକ୍ଷରୁ ଏକ ଆଡହକ୍ ପ୍ୟାନେଲ ଗଠନ କରାଯାଇଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱାଧୀନ ଆଡ୍‌ହକ ପ୍ୟାନେଲକୁ ୪୫ ଦିନ ମଧ୍ୟରେ ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଥିଲା। ମାତ୍ର ତାହା କାର୍ଯ୍ୟକାରୀ ନ ହେବା କାରଣରୁ ଡବ୍ଲ୍ୟୁଏଫ୍ଆଇକୁ ବାସନ୍ଦ ହେବାକୁ ପଡିଥିଲା। ପ୍ରାରମ୍ଭିକ ଭାବରେ ଏହି ନିର୍ବାଚନ ଜୁଲାଇ ୬ ତାରିଖରେ ହେବାର ଥିଲା। ତେବେ ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ବକ୍ସିଂ ସଂଘ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସଂଘମାନଙ୍କୁ ନିର୍ବାଚନ ଅଧିକାର ମିଳିବା ପରେ ଜୁଲାଇ ୧୧ରେ ନିର୍ବାଚନ ହେବା ନେଇ ଘୋଷଣା କରାଯାଇଥିଲା। ତେବେ ଗୁଆହାଟୀ ହାଇକୋର୍ଟଙ୍କ ପକ୍ଷରୁ ରୋକ୍ ଲାଗିବା ଫଳରେ ଆଉ ଥରେ ନିର୍ବାଚନ ରୋକାଯାଇଥିଲା। ଫଳତଃ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ କୁସ୍ତିଯୋଦ୍ଧାଙ୍କୁ ଭାରତୀୟ ପତାକା ଅଧୀନରେ ଖେଳିବାକୁ ଅନୁମତି ମିଳିବ ନାହିଁ। ସେମାନେ ଅଲିମ୍ପିକ କ୍ୱାଲିଫାଇଂ ବିଶ୍ୱ ଚାମ୍ପିୟନଶିପ୍‌ରେ ନିରପେକ୍ଷ ଆଥ୍‌ଲେଟ ଭାବେ ଅଂଶଗ୍ରହଣ କରିବେ।




Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY *Conditions apply

WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY

i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22) ~Finance scheme is at the sole discretion of financiers & subject to its respective terms & conditions. Offer is for limited period or till stock lasts. Offers amount & combination of offers may vary for model/variant & states. #HIPL stands for High Intensity Position Lamp. *Ex showroom price of Super Splendor in Odhisa.

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ASK FOR XTEC

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph-6372753989.

WT.5624.2023ORI

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ